ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୯/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, March 29/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






ଧରିତ୍ରୀ
DHARITRI
ମଙ୍ଗଳବାର, ୨୯ ମାର୍ଚ୍ଚ, ୨୦୨୨

## ଦାଢ଼ି ନ ଥିଲେ ଅଫିସ ମନା

ଆଫଗାନିସ୍ତାନର ସରକାରୀ କର୍ମଚାରୀ ଦାଢ଼ି ରଖି ନ ଥିଲେ ସେମାନଙ୍କୁ ଅଫିସରେ ପ୍ରବେଶ ଅନୁମତି ମିଳିବ ନାହିଁ। ସେହିପରି ସେମାନେ ଡ୍ରେସ୍ କୋଡ୍ ନିୟମ ପାଳନ କରୁ ନ ଥିଲେ ଚାକିରିରୁ ବିଦା ହେବେ। ତାଲିବାନ ପ୍ରଶାସନର ସାଧାରଣ ନୈତିକତା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ସରକାରୀ ଅଫିସ ପ୍ରବେଶ ପଥରେ ପାଟ୍ରୋଲିଂ କରାଯାଇ କର୍ମଚାରୀମାନଙ୍କୁ ଏନେଇ ସତର୍କ କରିଦିଆଯାଇଛି। ସବୁ କର୍ମଚାରୀ ଦାଢ଼ି ରଖିବା ସହ ସ୍ଥାନୀୟ ପୋଷାକ ଲମ୍ବା ଢିଲା କୁର୍ତ୍ତା ଓ ଟ୍ରାଉଜର ପିନ୍ଧିବେ ଏବଂ ମୁଣ୍ଡରେ ଟୋପି କିମ୍ବା ପଗଡ଼ି ପିନ୍ଧିବେ।



## ସଂକ୍ଷେପରେ

### ଗଣତନ୍ତ୍ର ପାଇଁ ସୁଦୃଢ଼ କଂଗ୍ରେସ ଆବଶ୍ୟକ: ଗଡକରୀ



**ମୁମ୍ବାଇ,୨୮।୩:** ଗଣତନ୍ତ୍ର ପାଇଁ କଂଗ୍ରେସ ଦଳ ଶକ୍ତିଶାଳୀ ହେବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି। ନିର୍ବାଚନରେ କ୍ରମାଗତ ଭାବେ ପରାଜିତ ହୋଇଆସୁଥିବା କଂଗ୍ରେସ ପାଇଁ ଏହା ତାଙ୍କର ନିଷ୍କପଟ କାମନା ଯେ କଂଗ୍ରେସ ସୁଦୃଢ଼ ହେଉ ଓ ଏହାର ନେତାମାନେ ଦଳବଦଳ ନ କରନ୍ତୁ। କଂଗ୍ରେସ ଦୁର୍ବଳ ହେବା ଅର୍ଥ ଆଞ୍ଚଳିକ ଦଳଗୁଡ଼ିକ ବିରୋଧୀ ଦଳ ଭୂମିକା ନେବା, ଯାହା ଭଲ ଲକ୍ଷଣ ନୁହେଁ ବୋଲି ଗଡକରୀ କହିଛନ୍ତି। ଗଣତନ୍ତ୍ର ଦୁଇଟି ଚକ ଶାସକ ଓ ବିରୋଧୀ ଦଳକୁ ନେଇ ଚାଲେ। ସେଥିପାଇଁ କଂଗ୍ରେସ ସୁଦୃଢ଼ ହେବା ଜରୁରୀ ବୋଲି ଭାଜପା ନେତା କହିଛନ୍ତି।

### ବୀରଭୂମ ହିଂସା ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି

**ରାମପୁରହାଟ,୨୮।୩(ପି.ଟି.):** ପଶ୍ଚିମବଙ୍ଗ ବୀରଭୂମ ଜିଲା ବୋଗଟୁଇ ଗ୍ରାମରେ ଘଟିଥିବା ହିଂସା ଘଟଣାରେ ପୋଡ଼ିଯାଇ ଗୁରୁତର ଥିବା ଜଣେ ମହିଳାଙ୍କର ସୋମବାର ହସ୍ପିଟାଲରେ ମୃତ୍ୟୁ ଘଟିଛି। ଫଳରେ ହିଂସାଜନିତ ମୃତ୍ୟୁସଂଖ୍ୟା ୯ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରୁ ୭ ମହିଳା ହୋଇଥିବାବେଳେ ୨ ଜଣ ଶିଶୁ ଅଛନ୍ତି। ଗତ ୨୧ ତାରିଖ ଗୃହଦାହ ବେଳେ ଶରୀରର ୬୫ ପ୍ରତିଶତ ପୋଡ଼ିଯାଇଥିବା ନାଜେମା ବିବିଙ୍କୁ ରାମପୁରହାଟ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଭେଣ୍ଟିଲେଟରରେ ରଖାଯାଇଥିଲା। ସୋମବାର ସକାଳେ ସେ ଆଖିବୁଜିଥିବା ପୋଲିସ କହିଛି। ଅନ୍ୟ ଜଣେ ଶିଶୁ ସମେତ ୩ ଜଣ ଏବେ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାର ତଦନ୍ତ କରୁଥିବା ସିବିଆଇ ନାଜେମାଙ୍କ ବୟାନ ରେକର୍ଡ କରିପାରି ନାହିଁ।

### ଚିତ୍ରା ରାମକ୍ରିଷ୍ଣାଙ୍କ ହାଜତ ମିଆଦ ବଢ଼ିଲା



**ନୂଆଦିଲ୍ଲୀ,୨୮।୩:** ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) କୋ-ଲୋକେଶନ ମାମଲାରେ ସମ୍ପୃକ୍ତ ଏହାର ପୂର୍ବତନ ପରିଚାଳନା ନିର୍ଦ୍ଦେଶିକା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ରା ରାମକ୍ରିଷ୍ଣାଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ଏପ୍ରିଲ ୧୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଷ୍ଟକ୍ ମାର୍କେଟ ଜାଲିଆତି ମାମଲାରେ ସିବିଆଇ ଚଳିତ ମାସ ଆରମ୍ଭରେ ଚିତ୍ରାଙ୍କୁ ଗିରଫ କରିବା ସହ ଜେରା କରିଥିଲା। ସେହିପରି ଏନ୍ଏସ୍ଇର ପୂର୍ବତନ ଗ୍ରୁପ୍ ଅପରେଟିଂ ଅଫିସର (ଜିଓଓ) ଆନନ୍ଦ ସୁବ୍ରମଣ୍ୟନଙ୍କ ଜାମିନ ଆବେଦନକୁ କୋର୍ଟ ପୂର୍ବରୁ ଅଗ୍ରାହ୍ୟ କରିଦେଇଥିଲେ।

### 'ଧର୍ମଘଟରେ ସାମିଲ ଅଧିକାର ସରକାରୀ କର୍ମଚାରୀଙ୍କର ନାହିଁ'

**ଥିରୁଭାନନ୍ତପୁରମ୍,୨୮।୩:** ଟ୍ରେଡ୍ ୟୁନିୟନଗୁଡ଼ିକ ଦ୍ୱାରା ଡାକରା ଦିଆଯାଇଥିବା ୪୮ ଘଣ୍ଟିଆ ଦେଶବ୍ୟାପୀ ବନ୍ଦ ଡାକରାରେ ସରକାରୀ କର୍ମଚାରୀ ଯୋଗ ଦେଇପାରିବେ ନାହିଁ ବୋଲି କେରଳ ହାଇକୋର୍ଟ ସୋମବାର କହିଛନ୍ତି। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ନିର୍ଦ୍ଦେଶନାମା ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ କର୍ମଚାରୀ ଶ୍ରମିକ ଶ୍ରେଣୀ ପରିସରଭୁକ୍ତ ନୁହନ୍ତି। ଧର୍ମଘଟରେ ସେମାନେ ସାମିଲ ହେବା ସେବା ନିୟମାବଳୀର ଉଲ୍ଲଂଘନ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମଣିକୁମାର ଏବଂ ଜଷ୍ଟିସ ଶାଜି ପି. ଚାଲିଙ୍କ ଖଣ୍ଡପୀଠ କହିଛନ୍ତି। ସରକାରୀ କର୍ମଚାରୀ ଧର୍ମଘଟରେ ସାମିଲ ହେବା ବେଆଇନ ବୋଲି ସାମାଜିକ କର୍ମୀ ଚନ୍ଦ୍ରାଚୂଡନ ନାୟାରଙ୍କ ପିଟିଶନର ଶୁଣାଣି ବେଳେ ଖଣ୍ଡପୀଠ ମତ ଦେଇଛନ୍ତି। କାର୍ଯ୍ୟରୁ ଦୂରେଇ ରହିଥିବାରୁ କର୍ମଚାରୀମାନେ ସେହି ଦିନ ପାଇଁ ବେତନ ପାଇବାକୁ ହକ୍‌ଦାର ନୁହନ୍ତି। ଏଥିପାଇଁ ସରକାର 'କାମ ନାହିଁ ତ ଦରମା ନାହିଁ' ଘୋଷଣା କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ନିରପେକ୍ଷ ରହିପାରେ ୟୁକ୍ରେନ୍

**କିଭ୍, ୨୮।୩**



ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ବିରୋଧରେ ଫିଲାଡେଲ୍‌ଫିଆରେ ବିକ୍ଷୋଭ।

- ଅବିଳମ୍ବେ ଶାନ୍ତି ଚାହୁଁଛନ୍ତି ଜେଲେନ୍‌ସ୍କି
- ସୁରକ୍ଷା ଗ୍ୟାରେଣ୍ଟି ମାଗିଲେ
- ଚତୁର୍ଥ ପର୍ଯ୍ୟାୟ ଶାନ୍ତି ଆଲୋଚନା ଉପରେ ନଜର
- ରୁଷିଆ ଟାର୍ଗେଟରେ ପୂର୍ବ ୟୁକ୍ରେନ୍

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ସୋମବାର ୩୩ଦିନରେ ପହଞ୍ଚିଥିବାବେଳେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଏହି ପୂର୍ବ ୟୁରୋପୀୟ ଦେଶ ଏବେ ଅବିଳମ୍ବେ ଶାନ୍ତି ଚାହୁଁଛି। ଦୁଇ ଦେଶ ମଧ୍ୟରେ ଚତୁର୍ଥ ପର୍ଯ୍ୟାୟ ଶାନ୍ତି ଆଲୋଚନା ଉପରେ ସମଗ୍ର ବିଶ୍ୱର ନଜର ଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନିଜ ଦେଶକୁ ନାଟୋରେ ସାମିଲ ନ କରି ନିରପେକ୍ଷ ଘୋଷଣା କରିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏଥିପାଇଁ ସେ ୟୁକ୍ରେନ୍‌ର ସୁରକ୍ଷା ଗ୍ୟାରେଣ୍ଟି ମାଗିପାରନ୍ତି। ମଙ୍ଗଳବାର ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ଆଲୋଚନା ହେବାକୁ ସ୍ଥିର ହୋଇଥିବା କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି।

ରୁଷିଆର ଏକ ଘରୋଇ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଜେଲେନ୍‌ସ୍କି କହିଛନ୍ତି, ୟୁକ୍ରେନ୍‌ର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ସୁରକ୍ଷା ଗ୍ୟାରେଣ୍ଟି, ନିରପେକ୍ଷତା, ଅଣ-ଆଣବିକ ଷ୍ଟାଟସ୍ ପାଇଁ ୟୁକ୍ରେନ୍ ପ୍ରସ୍ତୁତ ବୋଲି ସେ କହିଛନ୍ତି। ତୁର୍କୀରେ ହେବାକୁ ଥିବା ପରବର୍ତ୍ତୀ ଆଲୋଚନା ପୂର୍ବରୁ ଜେଲେନ୍‌ସ୍କିଙ୍କ ଏହି ମନ୍ତବ୍ୟ ଏବେ ବେଶ୍ ଗୁରୁତ୍ୱ ରଖୁଛି। ତେଣୁ ଆଗାମୀ ବୈଠକରେ କୌଣସି ନିଷ୍କର୍ଷ ବାହାରିବାର ସମ୍ଭାବନା ବଢ଼ିଛି। ତେବେ ରୁଷିଆ ନେତାଙ୍କ ସହ ସାମ୍ନାସାମ୍ନି କଥାବାର୍ତ୍ତା ଦ୍ୱାରା ଯୁଦ୍ଧ ରୋକା ଯାଇପାରିବ ବୋଲି ଦୋହରାଇଥିଲେ। ରୁଷିଆ ସହ ଚୁକ୍ତି ନିମନ୍ତେ ଆମକୁ ଆଗେଇବାକୁ ପଡ଼ିବ। ଏଥିପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କୁ ସାକ୍ଷାତ କରିବା ଆବଶ୍ୟକ ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। ସମସ୍ତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଉପରେ ସ୍ୱଚ୍ଛତା ଆସିବା ନିମନ୍ତେ ଆଲୋଚନା ଜରୁରୀ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ୍ କହିଛନ୍ତି। କିନ୍ତୁ ୟୁକ୍ରେନ୍ ଏଥିରେ ବାଧା ଉପୁଜାଉଥିବା ସେ ଅଭିଯୋଗ ଆଣିଛନ୍ତି।

ରୁଷିଆ ୟୁକ୍ରେନ୍‌କୁ ଦୁଇ ଭାଗ କରିବାକୁ ଯୋଜନା କରୁଥିବା କିଭ୍ ଗୋଇନ୍ଦା ଅଧିକାରୀଙ୍କ ସୂତ୍ରରୁ ରିପୋର୍ଟ ପ୍ରକାଶ ପାଇଛି। ପୂର୍ବ ୟୁକ୍ରେନ୍‌ର ଲୁହାନ୍‌ସ୍କ ଓ ଡୋନେସ୍କ ଅଞ୍ଚଳକୁ ରୁଷିଆ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେଇଛି। ଏପରିକି ଲୁହାନସ୍କ ରୁଷିଆରେ ମିଶିବା ପାଇଁ ଗଣଭୋଟ ଆୟୋଜନ କରିପାରେ ବୋଲି ସେଠାକାର ବିଚ୍ଛିନ୍ନତାବାଦୀ ନେତା ସୋମବାର କହିଥିଲେ। ଏହାପରେ ୟୁକ୍ରେନ୍‌କୁ ନିଜ ଅଖଣ୍ଡତା ବଜାୟ ରଖିବା ଚିନ୍ତା ଘାରିଛି। ଯୁଦ୍ଧରେ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ନାଟୋ ରୁଷିଆ ସହ ପ୍ରତ୍ୟକ୍ଷ ଲଢ଼େଇ ପାଇଁ ରାଜି ନ ହେବା ସହ ୟୁକ୍ରେନ୍ ଆକାଶକୁ ନୋ ଫ୍ଲାଏ ଜୋନ୍ ଘୋଷଣା ନେଇ ଜେଲେନ୍‌ସ୍କିଙ୍କ ନିବେଦନ ନ ରଖାଯିବା ପରେ ଜେଲେନ୍‌ସ୍କି ପୂର୍ବରୁ ମଧ୍ୟ ନିରାଶା ବ୍ୟକ୍ତ କରିଥିଲେ। ଅପରପକ୍ଷେ ୟୁକ୍ରେନ୍ ଯୁଦ୍ଧରେ ଯଥାଶୀଘ୍ର ବିଜୟ ହାସଲ ଲକ୍ଷ୍ୟରେ ଅଛନ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍। ତେଣୁ ସମ୍ପୂର୍ଣ୍ଣ ୟୁକ୍ରେନ୍‌କୁ ଛାଡ଼ି ଏହି ଦେଶର କେବଳ ପୂର୍ବ ଭାଗକୁ ମସ୍କୋ ଟାର୍ଗେଟ କରିଛି। କୌଣସି ଗୋଟିଏ ଭାଗକୁ ପୁରା କବ୍‌ଜା କରି କିଭ୍‌କୁ ଆତ୍ମସମର୍ପଣ ନିମନ୍ତେ ବାଧ୍ୟ କରାଇବାକୁ ମସ୍କୋ ଚାପ ପକାଇବାକୁ ଚାହୁଁଛି। ଡୋନ୍‌ବାସ୍ ଅଞ୍ଚଳକୁ ଅକ୍ତିଆର କରିବାରେ ରୁଷିଆ ସଫଳ ହୋଇଗଲେ ୟୁକ୍ରେନ୍ ଦୁଇଭାଗରେ ବିଭକ୍ତ ହେବାରେ ଆଶଙ୍କା ରହିଛି।

## ଆପରାଧିକ ପ୍ରକ୍ରିୟା (ପରିଚୟ) ବିଲ୍ ଆଗତ

**ନୂଆଦିଲ୍ଲୀ,୨୮।୩(ପି.ଟି.)**

ଅପରାଧୀ ଏବଂ ଅପରାଧ ମାମଲାରେ ଅଭିଯୁକ୍ତ ଥିବା ବ୍ୟକ୍ତିଙ୍କ ଶାରୀରିକ ଓ ଜୈବିକ ନମୁନା ସଂଗ୍ରହ ପାଇଁ ପୋଲିସକୁ ଆଇନଗତ ଅନୁମତି ପ୍ରଦାନ ଲାଗି କେନ୍ଦ୍ର ସରକାର ସୋମବାର ଲୋକସଭାରେ ଆପରାଧିକ ପ୍ରକ୍ରିୟା (ପରିଚୟ) ବିଲ୍ ଆଗତ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ଉକ୍ତ ବିଲ୍‌କୁ ବିରୋଧ କରିବା ସହ ଏହାକୁ ବେଆଇନ ଏବଂ ଅସାମ୍ବିଧାନିକ ବୋଲି କହିଛନ୍ତି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର 'ଟେନି' ଉକ୍ତ ବିଲ୍ ଉପସ୍ଥାପନ କରିଥିଲେ। ଅପରାଧୀମାନଙ୍କ ଉପଯୁକ୍ତ ଶାରୀରିକ ଆକୃତି ରେକର୍ଡ କରିବା ଲାଗି ଆଧୁନିକ ପ୍ରଯୁକ୍ତି ବ୍ୟବହାର ନିମନ୍ତେ ଏଭଳି ଆଇନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ୧୯୨୦ରୁ ଚଳିଆସୁଥିବା ବନ୍ଦୀ ପରିଚୟ ଆଇନରେ କେବଳ ସୀମିତ ସଂଖ୍ୟକ ଅପରାଧୀଙ୍କର ଅଙ୍ଗୁଳି ଓ ପାଦ ଛାପ ନେବା ବ୍ୟବସ୍ଥା ରହିଛି। ସରକାର ଆଣିଥିବା ବିଲ୍ ଅନୁଯାୟୀ ଅପରାଧୀ ଓ ଅଭିଯୁକ୍ତମାନଙ୍କ ଅଙ୍ଗୁଳି ଛାପ, ପାପୁଲିର ପ୍ରିଣ୍ଟ, ପାଦ ଛାପ, ଫଟୋ,ଆଖି ଓ ରେଟିନା ସ୍କାନ୍, ଶାରୀରିକ, ଜୈବିକ ନମୁନା ସଂଗ୍ରହ କରାଯିବା ସହ ଅନୁଶୀଳନ କରାଯିବ। ବିରୋଧୀ ସଦସ୍ୟ ମନୀଷ ତିୱାରୀ, ଅଧୀର ରଞ୍ଜନ ଚୌଧୁରୀ, ସୌଗତ ରାୟ ଏବଂ ଏନ୍.କେ. ପ୍ରେମଚନ୍ଦ୍ରନ ପ୍ରଥମେ ଉକ୍ତ ବିଲ୍ ଉପସ୍ଥାପନ ଲାଗି ଭୋଟ ଦାବି କରିଥିଲେ। ୧୨୦ ଜଣ ବିଲ୍ ସପକ୍ଷରେ ଓ ୫୮ ଜଣ ବିପକ୍ଷରେ ଭୋଟ ଦେବା ପରେ ଏହାକୁ ଆଗତ କରାଯାଇଥିଲା।

# ଇମ୍ରାନ୍‌ଙ୍କ ବିରୋଧରେ ଆସିଲା ଅନାସ୍ଥା ପ୍ରସ୍ତାବ

**ଇସ୍‌ଲାମାବାଦ,୨୮।୩(ପି.ଟି.)**



ପାକିସ୍ତାନ ବିରୋଧୀ ଦଳ ନେତା ତଥା ପିଏମ୍ଏଲ୍-ଏନ୍ ଅଧ୍ୟକ୍ଷ ଶେହବାଜ ଶରିଫ୍ ସୋମବାର ନ୍ୟାଶନାଲ ଆସେମ୍ବ୍ଲିରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ୨୦୧୮ରେ ଇମ୍ରାନ୍ କ୍ଷମତାକୁ ଆସିବା ପରେ ସବୁଠୁ କଠିନ ରାଜନୈତିକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ଦୁଇଦିନର ବିରତି ପରେ ସୋମବାର ପାର୍ଲାମେଣ୍ଟର ବହୁପ୍ରତୀକ୍ଷିତ ଅଧିବେଶନ ଆରମ୍ଭ ହୋଇଥିଲା। ପ୍ରସ୍ତାବ ସପକ୍ଷରେ କେଉଁମାନେ ଅଛନ୍ତି ଛିଡ଼ା ହେବାକୁ ଉପବାଚସ୍ପତି କାସିମ ଖାନ୍ ସୁରୀ କହିଥିଲେ।

ପ୍ରଥମେ ଶରିଫ୍ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ଅନୁମତି ଦେବାକୁ ଗୃହରେ ପ୍ରସ୍ତାବ ରଖିଥିଲେ। ଏହା ସପକ୍ଷରେ ୧୬୧ ଭୋଟ ମିଳିବା ପରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। ୩ରୁ ୭ ଦିନ ମଧ୍ୟରେ ପ୍ରସ୍ତାବ ଉପରେ ଭୋଟ ବ୍ୟବସ୍ଥା ରହିଥିବାରୁ ସୁରୀ ମାର୍ଚ୍ଚ ୩୧ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ପ୍ରୋରୋଗ ରଖିଥିଲେ। ୩୧ ଅପରାହ୍ନରେ ଗୃହରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଭୋଟ ନିଆଯିବ। ଇମ୍ରାନ୍ କ୍ଷମତାରେ ରହିବାକୁ ହେଲେ ୩୪୨ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ଅନାସ୍ଥା ପ୍ରସ୍ତାବ ବିରୋଧରେ ୧୭୨ ଭୋଟ ଆବଶ୍ୟକ। ତେବେ ତାଙ୍କ ସହଯୋଗୀ ଦଳଗୁଡ଼ିକର ୨୩ ସଦସ୍ୟ ସମର୍ଥନ ଦେବେ କି ନାହିଁ ସ୍ପଷ୍ଟ କରୁନାହାନ୍ତି। ଏତଦ୍‌ବ୍ୟତୀତ ଶାସକ ଦଳ ତେହରିକ୍-ଇ-ଇନ୍‌ସାଫ୍‌ର ଦୁଇ ଡଜନ ସଦସ୍ୟ ଇମ୍ରାନ୍‌ଙ୍କୁ ବିରୋଧ କରୁଥିବାରୁ ରାଜନୈତିକ ଅନିଶ୍ଚିତତା ଜାରି ରହିଛି।

### ପାକ୍ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା

ପାକିସ୍ତାନ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିବାବେଳେ ତାଙ୍କ ଦଳର ସଦସ୍ୟ ତଥା ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ଉସ୍‌ମାନ ବୁଜଦର ସୋମବାର ଇସ୍ତଫା ଦେଇଛନ୍ତି। କେବଳ ଉସ୍‌ମାନ ନୁହନ୍ତି, ହାଉସିଂ ମନ୍ତ୍ରୀ ତଥା ପିଏମ୍ଏଲ୍-କ୍ୟୁ ନେତା ତାରିକ ବଶିର ଚିମା ମଧ୍ୟ ସଂଘୀୟ କ୍ୟାବିନେଟରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ପିଏମ୍ଏଲ୍-କ୍ୟୁ ଉଭୟ କେନ୍ଦ୍ର ଓ ପଞ୍ଜାବରେ ଇମ୍ରାନ୍‌ଙ୍କ ଦଳର ମୁଖ୍ୟ ସହଯୋଗୀ ରହିଛି।

## ପାର୍ଲାମେଣ୍ଟରେ ତେଲ ଦର ତାତି

**ନୂଆଦିଲ୍ଲୀ,୨୮।୩(ପି.ଟି.)**

ବିରୋଧୀ ଦଳଗୁଡ଼ିକ ସୋମବାର ପାର୍ଲାମେଣ୍ଟରେ ତେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧିକୁ ନେଇ ହଟ୍ଟଗୋଳ କରିବା ସହ ବର୍ଦ୍ଧିତ ଦର ପ୍ରତ୍ୟାହାର ଦାବି କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗରେ ଗୃହରେ ବିବୃତି ରଖନ୍ତୁ ବୋଲି ସେମାନେ ଦାବି କରିଥିଲେ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ମୂଲ୍ୟ ବଢୁଥିବା ନେଇ ସରକାର ଦେଇଥିବା ସଫେଇକୁ ବିରୋଧୀ ଅଗ୍ରାହ୍ୟ କରିଦେଇଥିଲେ। ଲୋକସଭାରେ ଶୂନ୍ୟକାଳରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଥିଲେ, ଦରଦାମ୍ ବୃଦ୍ଧି ଯୋଗୁ ସାଧାରଣ ଜନତାଙ୍କ ପକେଟ ଲୁଟ୍ କରାଯାଉଛି। ରାଜ୍ୟ ସଭାରେ ମଧ୍ୟ ଦରଦାମ୍ ବୃଦ୍ଧି ପ୍ରସଙ୍ଗ ଉଠାଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିଥିଲେ। ସାଧାରଣ ଜନତାଙ୍କ ସ୍ୱାର୍ଥର ସୁରକ୍ଷା ଦୃଷ୍ଟିରୁ ସରକାର ଦର କମାଇବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିରୋଧୀ ସଦସ୍ୟମାନେ ଦାବି କରିଥିଲେ।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଲା ବିମାନ



**ନୂଆଦିଲ୍ଲୀ,୨୮।୩**

ସ୍ପାଇସ୍‌ଜେଟ୍‌ର ଏକ ବିମାନ ସୋମବାର ଦିଲ୍ଲୀ ବିମାନ ବନ୍ଦରରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଛି। ବିମାନଟି ପାସେଞ୍ଜର ଟର୍ମିନାଲରୁ ରନ୍‌ୱେକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଉଭୟ ଇଲେକ୍ଟ୍ରିକ୍ ପୋଲ୍ ଏବଂ ବିମାନ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ବିମାନ ଦିଲ୍ଲୀରୁ ଜମ୍ମୁ ଉଡ଼ାଣ କରିବାର ଥିଲା। ଯାତ୍ରୀମାନଙ୍କୁ ଅନ୍ୟ ଏକ ବିମାନରେ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବିମାନବନ୍ଦର ଅଧିକାରୀ କହିଛନ୍ତି। ସ୍ପାଇସ୍‌ଜେଟ୍‌ର ଏସ୍‌ଜି-୧୬୦ ବିମାନ ପଛକୁ ଗଡ଼ିବା ବେଳେ ଏହାର ଡାହାଣ ଡେଣା ବିଦ୍ୟୁତ୍ ଖୁଣ୍ଟରେ ମାଡ଼ ହୋଇଥିଲା। ଫଳରେ ଏହାର ଏଲେରନ କ୍ଷତିଗ୍ରସ୍ତ ହୋଇଥିବା ସ୍ପାଇସ୍‌ଜେଟ ମୁଖପାତ୍ର କହିଛନ୍ତି।

# ହିଜାବ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ଚେନ୍ନାଇ,୨୮।୩**

କର୍ନାଟକର ବହୁଚର୍ଚ୍ଚିତ ହିଜାବ ବିବାଦ ଉପରେ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ଅଲ୍ ଇଣ୍ଡିଆ ମୁସଲିମ ପର୍ସନାଲ ଲ' ବୋର୍ଡ ସୋମବାର ସୁପ୍ରିମକୋର୍ଟରେ ଏକ ପିଟିଶନ୍ ଦାଏର କରିଛି। ବୋର୍ଡର ସେକ୍ରେଟେରି ମହମ୍ମଦ ଫାଜଲୁରାହିମଙ୍କ ତତ୍ତ୍ୱାବଧାନରେ ବୋର୍ଡ ସର୍ବୋଚ୍ଚ ନ୍ୟାୟାଳୟରେ ପିଟିଶନ ଦାଏର କରିବା ସହ ମୁସଲମାନ ସମ୍ପ୍ରଦାୟର ଏକ ସଂଗଠନ ମଧ୍ୟ ହିଜାବ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହିଜାବ ଇସ୍‌ଲାମର ଜରୁରୀ ଧର୍ମୀୟ ପ୍ରଥା ନୁହେଁ ବୋଲି କର୍ନଟକ ହାଇକୋର୍ଟ ରାୟ ଦେଇଥିଲେ। ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୟୁନିଫର୍ମ ପିନ୍ଧିବା ଉଚିତ ବୋଲି କୋର୍ଟ କହିଥିଲେ। ତେବେ ହାଇକୋର୍ଟଙ୍କ ରାୟକୁ ମୁସଲମାନ ସମ୍ପ୍ରଦାୟ ଗ୍ରହଣ କରି ନାହାନ୍ତି। ହାଇକୋର୍ଟଙ୍କ ରାୟ ସମ୍ପ୍ରଦାୟ ଏବଂ କୋରାନ ବିରୋଧରେ ଯାଉଥିବା ମୁସଲମାନ ସଂଗଠନ କହିଥିଲେ। ପରୀକ୍ଷା ପାଖେଇ ଆସୁଥିବାବେଳେ ଜିହାବ ମାମଲା ନେଇ ସୁପ୍ରିମକୋର୍ଟରେ କୌଣସି ପ୍ରକାର ଶୁଣାଣି କରାଯାଇ ପାରିବ ନାହିଁ ବୋଲି ଗତ ସପ୍ତାହରେ ଦେଶର ପ୍ରଧାନ ବିଚାରପତି ଏନ୍.ଭି ରମନା କହିଥିଲେ।

### ଟିକାୟତଙ୍କୁ ହତ୍ୟା ଧମକ

**ମୁଜାଫରନଗର,୨୮।୩:** କୃଷକ ନେତା ରାକେଶ ଟିକାୟତଙ୍କୁ ହତ୍ୟା ଧମକ ମିଳିଛି। ଏ ନେଇ ଉତ୍ତର ପ୍ରଦେଶ ମୁଜାଫରନଗର ଥାନାରେ ରାକେଶଙ୍କ ଡ୍ରାଇଭର ପରଜଭାଲ ତ୍ୟାଗୀ ଅଭିଯୋଗ କରିଛନ୍ତି। କିଛିଦିନ ହେବ ରାକେଶଙ୍କ ଫୋନ୍‌କୁ ଅଜଣା ନମ୍ବରରୁ ହତ୍ୟା ଧମକ ଦିଆଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ସ୍ୱତନ୍ତ୍ର ଟିମ୍ ପକ୍ଷରୁ ମାମଲାର ତଦନ୍ତ କରାଯାଉଥିବା ଆଇଆଇସି ଅଭିଷେକ ଯାଦବ କହିଛନ୍ତି।

# ଅଭିନୟରେ ଜେସିକା ଚେଷ୍ଟେନ୍, ୱିଲ୍ ସ୍ମିଥ୍ ଶ୍ରେଷ୍ଠ



ଜେସିକା ଚେଷ୍ଟେନ୍



ୱିଲ୍ ସ୍ମିଥ୍

**ଲସ୍ ଏଞ୍ଜେଲ୍ସ, ୨୮।୩**

ଆମେରିକାର ଲସ୍ ଏଞ୍ଜେଲ୍ସ ସହରରେ ୯୪ତମ ଓସ୍କାର ଆୱାର୍ଡ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଦି ଆଇଜ୍ ଅଫ୍ ଟମି ଫାଏ' ଫିଲ୍ମ ପାଇଁ ଜେସିକା ଚେଷ୍ଟେନ୍ ଶ୍ରେଷ୍ଠ ଅଭିନେତ୍ରୀ ବର୍ଗରେ ଓସ୍କାର ହାସଲ କରିଥିବାବେଳେ 'କିଙ୍ଗ ରିଚାର୍ଡ' ପାଇଁ ୱିଲ୍ ସ୍ମିଥ୍ ଶ୍ରେଷ୍ଠ ଅଭିନେତା ହୋଇଛନ୍ତି। ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ 'କୋଡା' ଓସ୍କାର ହାତେଇଛି। ସମାରୋହରେ 'କୋଡା'ର ପୂରା କାଷ୍ଟକୁ ଷ୍ଟାଣ୍ଡିଂ ଓଭିଏସନ୍ ମିଳିଥିଲା। ଏକ ପରିବାରର ୪ ସଦସ୍ୟଙ୍କ ମଧ୍ୟରୁ ୩ ଜଣ ଶ୍ରୁତିବାଧିତ ହୋଇଥିବାବେଳେ ଅନ୍ୟଜଣଙ୍କ ସଂଘର୍ଷର କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ବେଷ୍ଟ ଡକ୍ୟୁମେଣ୍ଟାରି ଫିଚର ବର୍ଗରେ ଓସ୍କାର ପାଇଁ ନାମିତ ହୋଇଥିବା ଭାରତୀୟ ଫିଲ୍ମ 'ରାଇଟିଂ ୱିଥ୍ ଫାୟାର' ସିନେ ଜଗତର ସବୁଠୁ ବଡ଼ ଆୱାର୍ଡ ହାସଲ କରିପାରିନାହିଁ। ଏହି ବର୍ଗରେ 'ସମର ଅଫ୍ ସୋଲ୍' ଓସ୍କାର ପାଇଛି।

'ଦ ପାୱାର ଅଫ୍ ଦ ଡଗ୍' ପାଇଁ ଜେନ୍ କାମ୍ପିୟନ୍‌ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ବର୍ଗରେ ଓସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ସହକାରୀ ଅଭିନେତା ବର୍ଗରେ ଟ୍ରୋଏ କୋତ୍ସୁର (କୋଡା) ଏହି ଏକାଡେମୀ ପୁରସ୍କାର ହାସଲ କରିଛନ୍ତି। ସହକାରୀ ଅଭିନେତ୍ରୀ ଭାବେ 'ୱେଷ୍ଟ ସାଇଡ୍ ଷ୍ଟୋରି'ର ଏରିଆନା ଡିବାସ୍ ଓସ୍କାର ପାଇଛନ୍ତି। ଓସ୍କାର ଜିତିବାରେ ଏରିଆନା ପ୍ରଥମ ଅଶ୍ୱେତ ଏଲ୍‌ଜିବିଟିକ୍ୟୁ+ ଅଭିନେତ୍ରୀ ହୋଇପାରିଛନ୍ତି। ପୁରସ୍କାର ଗ୍ରହଣ ପରେ ସେ ଏହି ସମ୍ପ୍ରଦାୟ ପାଇଁ ଏକ ଭାବାବେଗପୂର୍ଣ୍ଣ ବକ୍ତବ୍ୟ ଦେଇଥିଲେ। ଓସ୍କାର ଗ୍ରହଣ କରିବାରେ ସେ ଦ୍ୱିତୀୟ ଆଫ୍ରୋ-ଲାଟିନ୍ ଅଭିନେତ୍ରୀ। ଫିଲ୍ମ ଏଡିଟିଂ, ସିନେମାଟୋଗ୍ରାଫି, ପ୍ରଡକ୍ସନ୍ ଡିଜାଇନ୍, ଭିଜୁଆଲ ବର୍ଗରେ 'ଡ୍ୟୁନ' ଶ୍ରେଷ୍ଠ ଚଳଚ୍ଚିତ୍ର ହୋଇଛି। ଶ୍ରେଷ୍ଠ ଆନିମେଟେଡ୍ ଫିଚର ବର୍ଗରେ 'ଏନ୍‌କାଣ୍ଟୋ', ଶ୍ରେଷ୍ଠ ଇଣ୍ଟରନ୍ୟାଶନାଲ ଫିଚର 'ଡ୍ରାଇଭ୍ ମାଇ କାର' ଓସ୍କାର ହାତେଇଛି। ସେହିପରି ବେଷ୍ଟ ଆନିମେଟେଡ୍ ଶର୍ଟ ଫିଲ୍ମ ବର୍ଗରେ 'ଦି ୱିଣ୍ଡସିଲ୍ଡ ୱିପର'କୁ ଏକାଡେମୀ ପୁରସ୍କାର ମିଳିଛି। କଷ୍ଟ୍ୟୁମ୍ ଡିଜାଇନ୍ କାଟାଗୋରିରେ 'ବେଲ୍‌ଫାଷ୍ଟ' ଫିଲ୍ମର କେନ୍ନେଥ ବ୍ରାନାଗ୍ ଶ୍ରେଷ୍ଠ ହୋଇଛନ୍ତି।

### ୯୪ତମ ଓସ୍କାର ଆୱାର୍ଡ

- ବାଦ୍ ପଡ଼ିଲା 'ରାଇଟିଂ ୱିଥ୍ ଫାୟାର'
- 'କୋଡା' ଶ୍ରେଷ୍ଠ ଚଳଚ୍ଚିତ୍ର
- ତୃତୀୟ ଲିଙ୍ଗୀ ଭାବେ ଏରିଆନାଙ୍କୁ ପ୍ରଥମ ଓସ୍କାର

## ହୋଷ୍ଟ କଲେ ୩ ମହିଳା



ଏମି ଶୁମର | ରେଜିନା ହଲ୍ | ୱାଣ୍ଡା ସାଇକ୍ସ

**ଲସ୍ ଏଞ୍ଜେଲ୍ସ:** ଚଳିତ ବର୍ଷ ଓସ୍କାର ସମାରୋହକୁ ପ୍ରଥମ ଥର ପାଇଁ ୩ ମହିଳା ହୋଷ୍ଟ କରିଛନ୍ତି। ରେଜିନା ହଲ, ଏମି ଶୁମର ଏବଂ ୱାଣ୍ଡା ସାଇକ୍ସ ୯୪ତମ ଓସ୍କାର କାର୍ଯ୍ୟକ୍ରମରେ ଅତିଥି ସତ୍କାରକ ସାଜିଥିଲେ। ଦୁଇ ବାନ୍ଧବୀଙ୍କ ସହ ଏହି ବଡ଼ କାର୍ଯ୍ୟକ୍ରମ ହୋଷ୍ଟ କରିବାର ସୁଯୋଗ ମିଳିଥିବାରୁ ଖୁସି ବୋଲି ଏମି ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ଶେୟାର କରିଛନ୍ତି। ୨୦୧୮ରେ ଆୟୋଜିତ ଓସ୍କାର ସମାରୋହରେ ପ୍ରଥମଥର ପାଇଁ ଅତିଥି ସତ୍କାରକ ରଖାଯାଇଥିବାବେଳେ ୩୫ ବର୍ଷରେ ପ୍ରଥମ ଥର ତିନି ଜଣ ମହିଳାଙ୍କୁ ହୋଷ୍ଟିଂ ଦାୟିତ୍ୱ ଦିଆଯାଇଥିଲା। ଏହାପୂର୍ବରୁ ୧୯୮୭ରେ ଅନୁଷ୍ଠିତ ସମାରୋହରେ ଗୋଲ୍ଡି ହଉନ, ଚେଭି ଚେଜ୍ ଏବଂ ପାଉଲ ହଗାନ କାର୍ଯ୍ୟକ୍ରମ ହୋଷ୍ଟ କରିଥିଲେ। ୨୦୧୪ରେ ଇଲେନ ଡିଜେନରସ୍ ପ୍ରଥମ ମହିଳା ଭାବେ କାର୍ଯ୍ୟକ୍ରମ ହୋଷ୍ଟ କରିଥିଲେ।

### ଲତା,ଦିଲୀପ କୁମାରଙ୍କୁ ଅଣଦେଖା

ଓସ୍କାର ସମାରୋହରେ ଭାରତର ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକର ଏବଂ ଅଭିନେତା ଦିଲୀପ କୁମାରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆ ନ ଯିବା କଥା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବଲଉଡ୍ ଇଣ୍ଡଷ୍ଟ୍ରିରେ ଏହି ଦୁଇ ଦିବଂଗତ କଳାକାରଙ୍କ ଅତୁଳନୀୟ ଅବଦାନ ସତ୍ତ୍ୱେ ଓସ୍କାରରେ ସେମାନଙ୍କୁ ଅଣଦେଖା କରାଯିବା ବହୁ କଳାକାରଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ମାର୍ଚ୍ଚ ୨୯/୨୦୨୨ (୧୬ ପୃଷ୍ଠା) | Tuesday, March 29/2022





## ଶାମିଙ୍କ ଆକର୍ଷଣୀୟ ବୋଲିଂ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସୋମବାର ମ୍ୟାଚରେ ଆକର୍ଷଣୀୟ ବୋଲିଂ କରି ୩ଟି ଉଇକେଟ ନେଇଛନ୍ତି ଗୁଜରାଟ ଟାଇଟାନ୍ସର ମହମ୍ମଦ ଶାମି।

୧୪

୧୦

## ଦୀପିକାଙ୍କୁ 'ଟାଇମ୍ ୧୦୦ ଇମ୍ପାକ୍ଟ ଆୱାର୍ଡ'

'ଟାଇମ ୧୦୦ ଇମ୍ପାକ୍ଟ ଆୱାର୍ଡ'ରେ ସମ୍ମାନିତ ହେଲେ ବଲିଉଡ୍ ନାୟିକା ଦୀପିକା ପାଦୁକୋନ।



## ଥମୁନି ତୈଳ ଦର ବୃଦ୍ଧି
### ପେଟ୍ରୋଲ ୩୨, ଡିଜେଲ ୩୭ ପଇସା ପୁଣି ବଢ଼ିଲା



ନୂଆଦିଲ୍ଲୀ,୨୮।୩: ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିର ପ୍ରଭାବ ସିଧା ଭାରତୀୟ ତୈଳ ବଜାରରେ ପଡୁଛି। ଫଳରେ କ୍ରମାଗତ ଭାବେ ୪ର୍ଥ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବଢ଼ିଛି। ଏପରିକି ଗତ ୭ ଦିନ ମଧ୍ୟରେ ୬ ଥର ଦର ପରିବର୍ତ୍ତନ ହୋଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ପଟ୍ରୋଲ ୩୨ ପଇସା ଓ ଡିଜେଲ୍ ୩୭ ପଇସା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୬.୦୮ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୫.୯୮ ଟଙ୍କାରେ କାରବାର ହେଉଛି। ଏହି ସମୟ ମଧ୍ୟରେ ଓଡ଼ିଶାରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ପ୍ରାୟ ୫ ଟଙ୍କା ବୃଦ୍ଧି ପାଇସାରିଲାଣି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ପଟ୍ରୋଲ୍ ୩୦ ପଇସା ଓ ଡିଜେଲ୍ ୩୫ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ଇଏ ଦୁର୍ବଳ, ସିଏ ସବଳ

# ଧରାପଡ଼ିଲେ ଶର୍ମିଷ୍ଠା

**ଭୁବନେଶ୍ୱର,(ବ୍ୟୁରୋ) ଚାନ୍ଦବାଲି (ଡି.ଏନ୍.ଏ.), ୨୮।୩**

### କ୍ୟାମେରାମ୍ୟାନ୍ ମାନସ ହତ୍ୟା ଘଟଣା

- କୋଲକାତାରୁ ଫେରୁଥିବାବେଳେ ଭଦ୍ରକ ନିକଟରେ ବସରୁ ଗିରଫ
- ୫ ଦିନିଆ ରିମାଣ୍ଡରେ ଆସିବେ ଶର୍ମିଷ୍ଠା, ନିରଞ୍ଜନଙ୍କ ସମେତ ୪ ଅଭିଯୁକ୍ତ



ଶର୍ମିଷ୍ଠା ରାଉତ



ଝୁନା ଭୋଇ

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଦେଢ଼ମାସ ଧରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ତଥା ସମ୍ପୂର୍ଣ୍ଣା ନ୍ୟୁଜ୍ ୱେବ୍ ପୋର୍ଟାଲର ମାଲିକାଣୀ ଶର୍ମିଷ୍ଠା ରାଉତ ଧରାପଡ଼ିଛନ୍ତି। କୋଲକାତାରୁ ବସ୍‌ରେ ଭୁବନେଶ୍ୱର ଅଭିମୁଖେ ଫେରୁଥିବାବେଳେ ଭଦ୍ରକ ଜିଲା ନଳାଙ୍ଗ ନିକଟରୁ ସୋମବାର ସକାଳେ କ୍ରାଇମବ୍ରାଞ୍ଚ ଓ ଭଦ୍ରକ ପୋଲିସର ମିଳିତ ଟିମ୍ ଶର୍ମିଷ୍ଠା ଓ ତାଙ୍କ ସହଯୋଗୀ ଝୁନା ଭୋଇଙ୍କୁ ଗିରଫ କରିଛି। କ୍ରାଇମବ୍ରାଞ୍ଚ ଉଭୟଙ୍କୁ ନିଜ ହେପାଜତକୁ ନେବା ପରେ ତିହିଡ଼ି ଥାନାକୁ ନେଇଥିଲା। ତିହିଡ଼ି ଡାକ୍ତରଖାନାରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋର୍ଟରେ ହାଜର ପାଇଁ ଚାନ୍ଦବାଲି ନିଆଯାଇଥିଲା। ସନ୍ଧ୍ୟାରେ କ୍ରାଇମବ୍ରାଞ୍ଚ ସେମାନଙ୍କୁ ଚାନ୍ଦବାଲି ଜେଏମ୍ଏଫ୍‌ସି କୋର୍ଟରେ ହାଜର କରିଥିଲା। ସେଠାରେ ଜାମିନ ଖାରଜ ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅବସରପ୍ରାପ୍ତ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ରାଜ୍ କମ୍ୟୁନିକେଶନ ମାଲିକ ରଞ୍ଜନ ନାୟକ, ଶର୍ମିଷ୍ଠାଙ୍କ ଭାଇ ପରମେଶ୍ୱର ରାଉତଙ୍କ ସମେତ ୬ଜଣ ଗିରଫ ହୋଇଥିବାବେଳେ ଶର୍ମିଷ୍ଠା ଓ ସହଯୋଗୀ ଝୁନାଙ୍କୁ ମିଶାଇଲେ ଏହି ସଂଖ୍ୟା ୮କୁ ବୃଦ୍ଧି ପାଇଛି। ହେଲେ ହତ୍ୟାର କାରଣ କ'ଣ ତାହା କ୍ରାଇମବ୍ରାଞ୍ଚ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ଗୋଟିଏ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା ପୂର୍ବରୁ ମାମଲାର ତଦନ୍ତ କରୁଥିବା ଚାନ୍ଦବାଲି ପୋଲିସ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। କିନ୍ତୁ ଉକ୍ତ ଚିପ୍‌ରେ କ'ଣ ରହିଥିଲା ☞ପୃଷ୍ଠା-୨

# ଓସ୍କାର ମଞ୍ଚରେ ଚାପୁଡ଼ା



ଓସ୍କାର ପାଇବା ପୂର୍ବରୁ ଅଭିନେତା ୱିଲ୍ ସ୍ମିଥ୍(ଡାହାଣ) ହୋଷ୍ଟ କ୍ରିଶ୍ ରକ୍‌ଙ୍କୁ ଚାପୁଡ଼ା ମାରୁଛନ୍ତି।

**ଲସ୍ ଏଞ୍ଜେଲ୍ସ, ୨୮।୩**

ଆମେରିକାର ଲସ୍ ଏଞ୍ଜେଲ୍ସରେ ୯୪ତମ ଓସ୍କାର ଆୱାର୍ଡ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମନୋରଞ୍ଜନ ଜଗତରେ ସର୍ବଶ୍ରେଷ୍ଠ ପୁରସ୍କାର ଭାବେ ଜଣା ଓସ୍କାର କାର୍ଯ୍ୟକ୍ରମରେ ଚଳିତ ବର୍ଷ ହାଇଡ୍ରାମା ଦେଖିବାକୁ ମିଳିଛି। ଶୋ ହୋଷ୍ଟ ତଥା କମେଡିଆନ କ୍ରିଶ୍ ରକ୍‌ଙ୍କୁ ଶ୍ରେଷ୍ଠ ଅଭିନେତା ବର୍ଗରେ ଓସ୍କାର ପାଇଥିବା ୱିଲ୍ ସ୍ମିଥ୍ ସମସ୍ତଙ୍କ ସାମ୍ନାରେ ଷ୍ଟେଜ୍ ଉପରେ ଚାପୁଡ଼ା ମାରିଛନ୍ତି। କ୍ରିଶ୍ ରକ୍ ଅଭିନେତା ସ୍ମିଥ୍‌ଙ୍କ ସ୍ତ୍ରୀ ଜାଡା ପିଙ୍କେଟ୍ ସ୍ମିଥ୍‌ଙ୍କୁ ଥଟ୍ଟା କରିବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ମିଥ୍ ମାଡ଼ ମାରିବା ସହ କେବେ ଜାଡାଙ୍କ ନାଁ ମୁହଁରେ ନ ଧରିବାକୁ ଶୋ ହୋଷ୍ଟଙ୍କୁ ଚେତାବନୀ ଦେଇଥିଲେ।

ଓସ୍କାର ବିଜେତାଙ୍କ ନାମ ଘୋଷଣା କରିବା ପାଇଁ କ୍ରିଶ୍ ଷ୍ଟେଜ୍‌ରେ ଉପସ୍ଥିତ ହୋଇଥିଲେ। ଏତିକିବେଳେ ସେ ଜାଡାଙ୍କ ଚନ୍ଦାପଣକୁ ନେଇ କମେଣ୍ଟ କରିଥିଲେ। ଉପସ୍ଥିତ ଅତିଥି ଏହା ଶୁଣି ହସିବାବେଳେ ସ୍ମିଥ୍ ମଞ୍ଚକୁ ଯାଇ କ୍ରିଶ୍‌ଙ୍କୁ ଏକ ଶକ୍ତ ଚାପୁଡ଼ା ମାରିଥିଲେ। ଏ ଦୃଶ୍ୟର ଲାଇଭ୍ ଟେଲିକାଷ୍ଟ ମଧ୍ୟ ଚାଲିଥିଲା। ଏହି ସମୟରେ ପୁରା ଅଡିଟୋରିୟମ୍ ନୀରବି ଯାଇଥିଲେ। ସମସ୍ତେ ଆଶ୍ଚର୍ଯ୍ୟର ସହ ପରସ୍ପରକୁ ଅନାଇଥିଲେ। ପରେ ଅଭିନେତା ଡାନିଏଲ କାଲୁୟା ସ୍ମିଥ୍‌ଙ୍କୁ ଷ୍ଟେଜ୍‌ର ଏକ କୋଣକୁ ନେଇ ଆଲିଙ୍ଗନ କରି ବୁଝାଇଥିଲେ। ଘଟଣାର ପ୍ରାୟ ଘଣ୍ଟାଏ ପରେ ସ୍ମିଥ୍ ଶ୍ରେଷ୍ଠ ଅଭିନେତା ଭାବେ ☞ପୃଷ୍ଠା-୨

# ଗୁଳିମାଡ଼ରେ ସମିତି ସଭ୍ୟାଙ୍କ ସ୍ୱାମୀ ମୃତ

**ବେଲପଡା, ୨୮।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ବାଗଡୋର ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ବନିତା ବିଶ୍ୱାଳଙ୍କ ସ୍ୱାମୀ ଲୋକନାଥ ବିଶ୍ୱାଳ(୪୫) ସୋମବାର ସନ୍ଧ୍ୟାରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଛନ୍ତି। ବନମାଳସ୍ଥିତ ବାସଭବନ ସମ୍ମୁଖରେ ସ୍ତ୍ରୀଙ୍କ ସହ ବସିଥିବା ବେଳେ ଏକ ବାଇକ୍‌ରେ ଆସି ୨ଜଣ ଦୁର୍ବୃତ୍ତ ଲୋକନାଥଙ୍କ ଉପରକୁ ଅତର୍କିତ ଗୁଳିମାଡ଼ କରିଥିଲେ। ପରେ ଅନ୍ଧାରର ସୁଯୋଗ ନେଇ ସେମାନେ ବାଇକ ସହ ସେଠାରୁ ଲାଠୋର ରାସ୍ତାରେ ଦ୍ରୁତଗତିରେ ଖସି ପଳାଇଥିଲେ। ଗୁରୁତର ଅବସ୍ଥାରେ ଲୋକନାଥଙ୍କୁ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଛାତିରେ ଗୁଳିମାଡ଼ ହୋଇଥିବା ଡାକ୍ତର ଅମର ମିଶ୍ର କହିଛନ୍ତି। ମୃତ୍ୟୁ ପୂର୍ବରୁ ଲୋକନାଥ ଗାଁର ଗିରିଧାରୀ ଓ ବସୁଙ୍କ ନାମ ନେଇଥିଲେ। ଏମାନଙ୍କ ସହ ଲୋକନାଥଙ୍କର ପୂର୍ବ ଶତ୍ରୁତା ଥିବା କୁହାଯାଉଛି। ମାଓବାଦୀ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ଖବର ଲେଖାହେବା ବେଳକୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିନାହିଁ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଲାଠୋରଠାରେ କାବୁ କରିଛି। ତେବେ କାବୁ କରିବା ପୂର୍ବରୁ ଅଭିଯୁକ୍ତମାନେ ଖସିଯିବା ପାଇଁ ଗୁଳିଚାଳନା କରିଥିବା ଜଣାପଡିଛି। ତଦନ୍ତରେ ବାଧା ଉପୁଜିବା ସମ୍ଭାବନା ଥିବାରୁ ଅଭିଯୁକ୍ତଙ୍କ ସମ୍ପର୍କରେ କିଛି କହିବାକୁ ବେଲପଡା ଥାନା ଆଇଆଇସି ବୁଲୁ ମୁଣ୍ଡା ମନା କରି ଦେଇଛନ୍ତି।







**ଆଜିର ମନ୍ତବ୍ୟ**

"ଗଣତନ୍ତ୍ର ପାଇଁ କଂଗ୍ରେସ ଶକ୍ତିଶାଳୀ ହେବା ଆବଶ୍ୟକ। ଏହି ଦଳ ଦୁର୍ବଳ ହେବା ଭଲ ଲକ୍ଷଣ ନୁହେଁ।
– ନୀତୀନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ କଥା କି କଥାରେ ଲେଖା
ଆଉ କଥା ଥିଲେ ଦାଣ୍ଡରେ ପକା।**

କଥାକୁ ଧରିବସିଲେ ତାହା ବଡ଼ ଆକାର ଧାରଣ କରିଥାଏ। ତେଣୁ ଛୋଟ ଛୋଟ କଥାକୁ ନେଇ ଅଧିକ ହୋହଲ୍ଲା କରିବା ଉଚିତ ହୋଇ ନଥାଏ। ସେହିପରି ସାମାନ୍ୟ କଥା ମଧ୍ୟ ବେଳେବେଳେ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ଛୋଟ କଥାକୁ ନେଇ ବଡ଼ ସଭା ବସାଇବା ମୋଟେ ଶୋଭନୀୟ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଏକାଦଶୀ ନିରାହାର,
ଭିତରେ ଭିତରେ ଚୁଡ଼ା ମାର।**

ନାଁକୁ ମାତ୍ର ଓଷାବ୍ରତ ପାଳନ ଅଥଚ ମନ ଯାଇ ସୁସ୍ୱାଦୁ ଖାଦ୍ୟ ପାଖରେ। ସାଧାରଣତଃ ଓଷାବାର ବ୍ରତରେ ଉପବାସ ରଖିବାକୁ ପଡ଼ିଥାଏ। ଏପରିସ୍ଥଳେ ଖାଦ୍ୟଠାରୁ ମନକୁ ଦୂରେଇ ରଖି ନ ପାରିବା ପରିତାପର ବିଷୟ ହୋଇଥିବା ବେଳେ ଉପବାସ ନାଁରେ ଲୁଚେଇ ଚୋରେଇ ଖାଉଥିବା ଖାଦ୍ୟଲୋଭୀ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ମୁଣ୍ଡପିଛା ଋଣ ୨୨,୮୨୭ ଟଙ୍କା

## ରାଜ୍ୟର ଋଣଭାର ୧,୦୪,୩୧୨ କୋଟି

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ରାଜ୍ୟରେ ଋଣଭାର ୧ ଲକ୍ଷ ୪ ହଜାର ୩୧୨ କୋଟି ରହିଛି। ୨୦୨୧-୨୨ରେ ମୁଣ୍ଡପିଛା ଋଣଭାର ୨୨ ହଜାର ୮୨୭ ଟଙ୍କା ୫୪ ପଇସା। ରାଜ୍ୟ ସରକାର ୨୦୧୦-୧୧ରେ ୩୪୯୦.୪୬ କୋଟି ଟଙ୍କା ଋଣ କରିଥିବାବେଳେ ୨୦୧୧-୧୨ରେ ୧୭୮୦.୨୩ କୋଟି, ୨୦୧୨-୧୩ରେ ୨୫୭୦.୬୨ କୋଟି, ୨୦୧୩-୧୪ରେ ୨୯୭୯.୩୨ କୋଟି, ୨୦୧୪-୧୫ରେ ୭୬୩୬.୫୩ କୋଟି, ୨୦୧୫-୧୬ରେ ୧୧,୬୨୫.୩୨ କୋଟି, ୨୦୧୬-୧୭ରେ ୧୩,୦୮୦.୧୭ କୋଟି, ୨୦୧୭-୧୮ରେ ୧୪,୪୧୯.୪୧ କୋଟି, ୨୦୧୮-୧୯ରେ ୧୧,୭୫୦.୩୫ କୋଟି, ୨୦୧୯-୨୦ରେ ୧୫,୫୯୩.୬୨ କୋଟି, ୨୦୨୦-୨୧ରେ ୨୧,୩୧୭.୬୪ କୋଟି ଏବଂ ୨୦୨୧-୨୨ ଜାନୁୟାରୀ ସୁଦ୍ଧା ରାଜ୍ୟ ସରକାର ୧୦,୮୩୪.୨୯ କୋଟି ଟଙ୍କା ଋଣ କରିଛନ୍ତି। କର୍ନାଟକ ପରେ ଓଡ଼ିଶା ଦେଶରେ କମ୍ ଋଣ କରିବାରେ ଦ୍ୱିତୀୟ ରାଜ୍ୟ। ଆସନ୍ତା ବର୍ଷ ଓଡ଼ିଶା ସବୁଠାରୁ କମ୍ ଋଣ କରିବା ରାଜ୍ୟରେ ପରିଣତ ହେବ ବୋଲି ସୋମବାର ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ରାଜ୍ୟରେ ବଢୁଥିବା ଋଣଭାରକୁ ନେଇ ବିଧାନସଭାରେ ବିରୋଧୀ ସଦସ୍ୟ ଉଦ୍‌ବେଗ ପ୍ରକାଶ

### କମ୍ ଋଣ କରିବାରେ ଓଡ଼ିଶା ଦ୍ୱିତୀୟ

କରିଛନ୍ତି। ସୋମବାର ପ୍ରଶ୍ନୋତ୍ତର ବେଳେ ୩୨ ନମ୍ବର ପ୍ରଶ୍ନରେ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଜାଣିବାକୁ ଚାହିଁଥିଲେ ଯେ, ୨୦୧୦ରୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କେଉଁ ଆର୍ଥିକ ବର୍ଷରେ କେତେ ଋଣ କରିଛନ୍ତି। କେତେ ଋଣ ଓ ସୁଧ ଶୁଝିଛନ୍ତି। ରାଜ୍ୟ ଦିନକୁଦିନ ଋଣଭାରରେ ବୁଡ଼ିବା କାରଣ କ'ଣ। ରାଜ୍ୟ ସରକାର ଋଣ କରି ସରକାରୀ କର୍ମଚାରୀଙ୍କୁ ଦରମା ଦେଉଛନ୍ତି। କାଳିଆ, ବଳିଆ, ଛତା, ଜୋତା ଭଳି କେତେ କ'ଣ ଯୋଜନା କରାଯାଉଛି। ରାଜ୍ୟ ଋଣଭାରରେ ବୁଡ଼ିଲାଣି। ରାଜ୍ୟ ସରକାର କେତେ ଋଣ ଶୁଝିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଋଣ କରି କର୍ମଚାରୀଙ୍କୁ ଦରମା ଦେଉନାହାନ୍ତି। ୨୦୨୧-୨୨ରେ ଅଣଟିକସ ଓ ନିଜସ୍ୱ ଟିକସ ୨% ବୃଦ୍ଧି ପାଇଛି। ୨୦୦୪-୫ରୁ ରାଜ୍ୟ ସରକାର ଯାହା ଋଣ କରିଥିଲେ, ତାହା ବିକାଶମୂଳକ କାର୍ଯ୍ୟରେ ଲାଗିଛି। ଘରୋଇ ଉତ୍ପାଦନର ୨୫% ଯାଏ ଋଣ କରିବାକୁ ଏଫ୍‌ଆରବିଏମ୍ ଅନୁମତି ଦେଇଛି। ରାଜ୍ୟରେ ଋଣହାର ଏହାଠାରୁ କମ୍ ରହିଛି। କର୍ନାଟକକୁ ଛାଡ଼ିଦେଲେ ଓଡ଼ିଶା ସମସ୍ତ ରାଜ୍ୟଠାରୁ କମ୍ ଋଣ କରିଛି। ଆଗାମୀ ଦିନରେ କମ୍ ଋଣ କରିବାରେ ଆମ ରାଜ୍ୟ ସମସ୍ତଙ୍କ ଆଗରେ ରହିବ।

ବିଜେଡି ସଭ୍ୟ ପ୍ରଦୀପ ଅମାତ ପଚାରିଥିଲେ ଯେ, ରାଜ୍ୟ ସରକାର କେଉଁ ବର୍ଷ କେତେ ଋଣ କରିଛନ୍ତି। ସେଥିରୁ କେତେ ଶୁଝିଛନ୍ତି। ଖୋଲା ବଜାରରୁ କେତେ ଋଣ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଚଳିତବର୍ଷ ଖୋଲା ବଜାରରୁ କୌଣସି ଋଣ କରିନାହାନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ରାଜ୍ୟ ସରକାର ସଞ୍ଜୀବ ହୋତା କମିଶନ ସୁପାରିସକୁ କାହିଁକି ଲାଗୁ କରିନାହାନ୍ତି। ମନ୍ତ୍ରୀ କହିଛନ୍ତି ଯେ, ସଞ୍ଜୀବ ହୋତା କମିଶନଙ୍କ ରିପୋର୍ଟକୁ ରାଜ୍ୟ ସରକାର ତର୍ଜମା କରୁଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ଅଣରାଜସ୍ୱ ଟିକସ ବାବଦରେ ୨୦ ହଜାର କୋଟି ଟଙ୍କା ରାଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ୨୦୨୨ ଜାନୁୟାରୀ ସୁଦ୍ଧା ୩୮,୭୭୨ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଏଥିସହିତ ନିଜସ୍ୱ ଟିକସ ଓ ଅଣଟିକସ ମଧ୍ୟ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ଅମର ଶତପଥୀ ରାଜ୍ୟ ସରକାର କେତେ ଋଣ ଶୁଝିଛନ୍ତି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ୧୯୯୯-୨୦୦୦ରୁ ୨୦୨୧-୨୨ ସୁଦ୍ଧା ରାଜ୍ୟର ଋଣଭାର କେତେ ଅଛି। କେତେ ସୁଧ ଓ ଋଣ ଶୁଝାଯାଇଛି। ମୁଣ୍ଡ ପିଛା ଋଣ କେତେ ବୋଲି ପଚାରିଥିଲେ। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମୋଟ ଋଣ ୧ ଲକ୍ଷ ୪ ହଜାର ୩୧୨ କୋଟି ଟଙ୍କା ରହିଛି। ଠିକ୍ ସମୟରେ ଋଣ ଶୁଝାଯାଉଥିବାରୁ ଇନ୍‌ସେନ୍‌ଟିଭ ମିଳୁଛି। ୨୦୧୧-୧୨ରୁ ୨୦୨୦-୨୧ ମଧ୍ୟରେ ୧୩୯.୨୫ କୋଟି ଟଙ୍କା ଇନ୍‌ସେନ୍‌ଟିଭ ମିଳିଛି ବୋଲି ମନ୍ତ୍ରୀ କହିଛନ୍ତି।

# ମାନସ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ଫଟୋ ଖବରଦାତା ମାନସ ସ୍ୱାଇଁ ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଛି। ମାନସଙ୍କ ମାଆ ଏହି ଅଭିଯୋଗ କରିଛନ୍ତି। କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ ଏହି ଘଟଣାର ସତ୍ୟକୁ ଉନ୍ମୋଚନ କରିପାରିବ ନାହିଁ। ଏହାର ସିବିଆଇ ତଦନ୍ତ ଆବଶ୍ୟକ ବୋଲି ସୋମବାର ବିଧାନସଭା ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି।

## ଧରାପଡ଼ିଲେ...

ପ୍ରଥମ ପୃଷ୍ଠାରୁ...

ତାହା କୁହାଯାଇ ନ ଥିଲା। ଏବେ ଶର୍ମିଷ୍ଠା ଧରାପଡ଼ିଥିଲେ ମଧ୍ୟ ତାଙ୍କଠାରୁ ସେହି ଚିପ୍ ଜବତ କରାଯାଇ ନାହିଁ। ହତ୍ୟାର କାରଣ, ଚିପ୍ ଠାବ ଏବଂ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ କ୍ରାଇମବ୍ରାଞ୍ଚ ଅନୁସନ୍ଧାନ ଜାରି ରଖିଥିବାବେଳେ ଶର୍ମିଷ୍ଠା ଓ ଝୁନାଙ୍କ ସମେତ ମୋଟ ୭ଜଣ ଅଭିଯୁକ୍ତଙ୍କୁ ୧୦ ଦିନ ପାଇଁ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ କୋର୍ଟରେ ଆବେଦନ କରିଥିଲା। ତେବେ କୋର୍ଟ ଶର୍ମିଷ୍ଠା, ଝୁନା, ନିରଞ୍ଜନ ଓ ରଞ୍ଜନଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ଏହି ୪ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ମଙ୍ଗଳବାରଠାରୁ ରିମାଣ୍ଡରେ ଆଣି ମାରାଥନ୍ ଜେରା କରିବା ସହ ମେମୋରି ଚିପ୍ ଠାବ ଓ ହତ୍ୟା ପଛର ରହସ୍ୟ ଉପରୁ ପରଦା ହଟାଇବାକୁ ଆଶା ରଖିଛି।

## କୋଲକାତା, ଗୁଆହାଟୀରେ ଲୁଚିଥିଲେ: ରେଳ ଷ୍ଟେଶନରେ ରହିଥିଲେ

ମାର୍ଚ୍ଚ ୯ରୁ ଶର୍ମିଷ୍ଠା ଫେରାର ଥିଲେ। ଗିରଫଦାରି ଭୟରେ ସେ ତାଙ୍କ ସହଯୋଗୀ ଝୁନାଙ୍କୁ ଧରି ଲୁଚିବା ପାଇଁ ରାଜ୍ୟରୁ ରାଜ୍ୟ ବୁଲିଥିଲେ। ପ୍ରଥମେ ଭୁବନେଶ୍ୱରରୁ କୋଲକାତା ଯାଇ ସେଠାରୁ ଗୁଆହାଟୀ ଚାଲିଯାଇଥିଲେ। ପୁଣି ସେଠାରୁ କୋଲକାତା ଫେରି ସେଠାରେ ଆତ୍ମଗୋପନ କରିଥିଲେ। ଏହି ସମୟରେ ସେମାନେ ପ୍ରାୟତଃ ରେଳ ଷ୍ଟେଶନରେ ସମୟ କାଟୁଥିଲେ। ପାଖରେ ଟଙ୍କା ସରିଯିବାରୁ ଉଭୟେ ଭୁବନେଶ୍ୱର ଆସିବାକୁ ଚେଷ୍ଟା କରିଥିଲେ ବୋଲି ପଚରାଉଚରାବେଳେ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି।

ମୃତ ମାନସଙ୍କ ଘର ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମରେ। ସେ ଶର୍ମିଷ୍ଠାଙ୍କ ପାଖରେ କ୍ୟାମେରାମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ବିବାଦ ହେବାରୁ ସେ ସଂସ୍ଥା ଛାଡ଼ି ଦେଇଥିଲେ। ହେଲେ ତାଙ୍କ ପାଖରେ ଶର୍ମିଷ୍ଠାଙ୍କର ଏକ ମେମୋରି ଚିପ୍ ରହିଯାଇଥିଲା। ମାନସ ଫେବୃୟାରୀ ୫ରେ ଭଦ୍ରକ ଯାଇ ୬ ତାରିଖରେ ଏକ ବାହାଘର ଉତ୍ସବ ଫଟୋ ଉଠାଇବାକୁ ଚାନ୍ଦବାଲି ପଳାଶପୁର ଯାଇଥିଲେ। ୭ ତାରିଖ ସକାଳେ ପଳାଶପୁର ଛକରୁ ଶର୍ମିଷ୍ଠା ଓ ତାଙ୍କ ସହଯୋଗୀ ଏକ କାର୍‌ରେ ମାନସଙ୍କୁ ଅପହରଣ କରିଥିଲେ। ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ଶର୍ମିଷ୍ଠା ଦୟାଳ ଆଶ୍ରମରେ ରଖି ଅକଥନୀୟ ନିର୍ଯାତନା ଦେବା ସହ ହତ୍ୟା କରି ମୃତଦେହକୁ କାରରେ ନେଇ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ବଧିପାଟଣା ନିକଟ ଜଙ୍ଗଲରେ ପୋତି ଦେଇଥିଲେ। ଫେବୃୟାରୀ ୧୪ ତାରିଖରେ ପରିବାର ପକ୍ଷରୁ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଥିଲା। ଚାନ୍ଦବାଲି ପୋଲିସ ମାମଲା ରୁଜୁ କରି ପ୍ରଥମେ ୩ଜଣଙ୍କୁ ଗିରଫ କରିବା ପରେ ସେମାନଙ୍କ ବୟାନ ଆଧାରରେ ମାର୍ଚ୍ଚ ୧୨ ତାରିଖରେ ରଣପୁରରୁ ମାଟି ତଳୁ ମୃତଦେହକୁ ଜବତ କରାଯାଇଥିଲା। ଏହି ମାମଲାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅବସରପ୍ରାପ୍ତ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଗିରଫ ହେବା ପରେ ଏକାଧିକ ନେତା ମନ୍ତ୍ରୀଙ୍କ ହାତ ଥିବା ଚର୍ଚ୍ଚା ଜୋର ଧରିଥିଲା। ଏହାପରେ ୨୩ ତାରିଖରେ ପୋଲିସ ଡିଜି କ୍ରାଇମବ୍ରାଞ୍ଚକୁ ମାମଲାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଆତ୍ମସମର୍ପଣ ଚର୍ଚ୍ଚା

ଭୁବନେଶ୍ୱର,(ବ୍ୟୁରୋ)/ଭଦ୍ରକ ଅଫିସ,୨୮।୩

ମାନସ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶର୍ମିଷ୍ଠା ରାଉତ ଓ ତାଙ୍କ ସହଯୋଗୀ ଝୁନା ଭୋଇଙ୍କୁ ବସ୍‌ରୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ କହୁଥିବାବେଳେ ସେମାନେ ଆତ୍ମ ସମର୍ପଣ କରିବାକୁ ଆସୁଥିବାବେଳେ ଧରାପଡିଥିବା ଚର୍ଚ୍ଚା ଚାଲିଛି। ଆତ୍ମ ସମ୍ମାନ ରକ୍ଷା ପାଇଁ ପୋଲିସ ଏପରି ଦର୍ଶାଉଥିବା ଆଲୋଚନା ହେଉଛି। ଗିରଫଦାରି ଭୟରେ ଶର୍ମିଷ୍ଠା ସହଯୋଗୀଙ୍କ ସହ ଦେଢ଼ ମାସ ହେଲା ଓଡ଼ିଶା ବାହାରେ ଲୁଚି ବୁଲୁଥିଲେ। ଚାନ୍ଦବାଲି ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହେବା ପରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଥିଲା। ଗୋଟିଏ ଟିମ୍ ୫ଦିନ ହେଲା ରାଜ୍ୟ ବାହାରେ ଉଭୟଙ୍କୁ ଖୋଜାଖୋଜି କରୁଥିଲେ ମଧ୍ୟ ସେମାନଙ୍କର ପତ୍ତା ପାଉ ନ ଥିଲା। ଶର୍ମିଷ୍ଠା କେଉଁଠି ଅଛନ୍ତି, ଜୀବିତ ନା ମୃତ, ତାହାକୁ ନେଇ ମଧ୍ୟ ଗଣମାଧ୍ୟମରେ ଭିନ୍ନ ଆଲୋଚନା ହେଉଥିଲା। ଶର୍ମିଷ୍ଠାଙ୍କୁ ଗିରଫ ସହ କଠୋର ଦଣ୍ଡ ମିଳୁ ବୋଲି ତାଙ୍କ ମା', ଶାଶୁ ଓ ମୃତ ମାନସଙ୍କ ମା'ଙ୍କ ସମେତ ସାରା ରାଜ୍ୟରୁ ଦାବି ଉଠୁଥିଲା। ଏଥିସହ କ୍ରାଇମବ୍ରାଞ୍ଚର କାର୍ଯ୍ୟଧାରାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଫଳରେ କ୍ରାଇମବ୍ରାଞ୍ଚ ଉପରେ ଚାପ ରହିଥିଲା। ଏପଟେ ଶର୍ମିଷ୍ଠା ଭାଇଙ୍କଠାରୁ ନେଇଥିବା ୧୦ହଜାର ଟଙ୍କା ସହ ପାଖରେ ଥିବା ସମସ୍ତ ଟଙ୍କା ବି ସରି ଆସୁଥିଲା। ଫେରାର ଭିତରେ ଶର୍ମିଷ୍ଠା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଜାମିନ ଖାରଜ ହେବା ପରେ ତାଙ୍କର ଲୁଚକାଳି ଖେଳ ବନ୍ଦ ହୋଇଥିଲା। ତଳ କୋର୍ଟରେ ୪ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ସେ ଗିରଫ ହେବା ନିଶ୍ଚିତ ବୋଲି ଧରିନେଇଥିଲେ। ତେଣୁ ଆତ୍ମସମର୍ପଣ ହିଁ ଗୋଟିଏ ବାଟ ଥିଲା। ଯଦି ସେମାନେ ରାଜ୍ୟ ବାହାରେ ଲୁଚିଥିଲେ, ତେବେ ପୁଣିଥରେ ଭୁବନେଶ୍ୱର କାହିଁକି ଫେରୁଥିଲେ? କ'ଣ ସେମାନେ କୋର୍ଟରେ ଆତ୍ମସମର୍ପଣ କରିବାକୁ ଆସିଥିଲେ କି? ସୋମବାର ନଳାଙ୍ଗସ୍ଥିତ କୋର୍ଟ କିମ୍ବା ଭୁବନେଶ୍ୱର କୋର୍ଟରେ ଶର୍ମିଷ୍ଠା ଆସି ଆତ୍ମସମର୍ପଣ କରିବାର ଯୋଜନା ଥିଲା ବୋଲି ଭଦ୍ରକର କେତେଜଣ ଆଇନଜୀବୀ କହିଛନ୍ତି। ଯଦି ଏହା ସତ୍ୟ ହୋଇଥିବ, ତାହା ହେଲେ କ୍ରାଇମବ୍ରାଞ୍ଚ ସାବାସି ନେବାକୁ ଉଭୟଙ୍କୁ ଅଧାବାଟରୁ ଗିରଫ କରିଥିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ତାଙ୍କୁ ୩ଦିନ ପୂର୍ବରୁ ଗିରଫ କରାଯାଇଥିବା ମଧ୍ୟ ଶୁଣିବାକୁ ମିଳୁଛି। ହେଲେ ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ କିମ୍ବା ପୋଲିସର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଓସ୍କାର ମଞ୍ଚରେ...

ତାଙ୍କର ପ୍ରଥମ ଓସ୍କାର ସମ୍ମାନ ଗ୍ରହଣ କରିବାକୁ ମଞ୍ଚକୁ ଯାଇଥିଲେ। 'କିଙ୍ଗ ରିଚାର୍ଡ' ପାଇଁ ୱିଲ୍ ସ୍ମିଥ୍ ଓସ୍କାର ଗ୍ରହଣ କରିବା ସହ ଧନ୍ୟବାଦ ଭାଷଣରେ ସେ ଚାପୁଡ଼ା ମାରିବାକୁ ନେଇ ଏକାଡେମୀ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ। ପରେ ଓସ୍କାର କାର୍ଯ୍ୟକ୍ରମ ସ୍ୱାଭାବିକ ଭାବେ ଚାଲିଥିଲା। ଏଥିରେ 'ଦି ଆଇଜ୍ ଅଫ୍ ଟମି ଫାଏ' ଫିଲ୍ମ ପାଇଁ ଜେସିକା ଚେଷ୍ଟେନ୍ ଶ୍ରେଷ୍ଠ ଅଭିନେତ୍ରୀ ବର୍ଗରେ ଓସ୍କାର ହାସଲ କରିଛନ୍ତି। ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ 'କୋଡା' ଓସ୍କାର ହାତେଇଛି। ବେଷ୍ଟ ଡକ୍ୟୁମେଣ୍ଟାରୀ ଫିଚର ବର୍ଗରେ ଓସ୍କାର ପାଇଁ ନାମିତ ହୋଇଥିବା ଭାରତୀୟ ଫିଲ୍ମ 'ରାଇଟିଂ ୱିଥ୍ ଫାୟାର' ସିନେ ଜଗତର ସବୁଠୁ ବଡ଼ ଆୱାର୍ଡ ହାସଲ କରିପାରିନାହିଁ। ଏହି ବର୍ଗରେ 'ସମର ଅଫ୍ ସୋଲ୍' ଓସ୍କାର ପାଇଛି।

ସ୍ମିଥଙ୍କ ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାସହ ଅନେକେ ଏଥିରେ ବିଭିନ୍ନ ପ୍ରକାର କମେଣ୍ଟ ଦେଉଛନ୍ତି। ସ୍ମିଥ୍‌ଙ୍କ ଏପରି କାମ ପାଇଁ ତାଙ୍କ ପୁଅ ଜାଡେନ୍ ସ୍ମିଥ୍ ବାପାଙ୍କୁ ସମର୍ଥନ ଜଣାଇଛନ୍ତି। ବଲିଉଡ୍ ଅଭିନେତା ବରୁଣ ଧୱନ୍ ସ୍ମିଥ୍‌ଙ୍କ ସମର୍ଥନରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଜାଡା ପିଙ୍କେଟ ସ୍ମିଥ୍ ଆଲୋପେସିଆ ରୋଗରେ ଆକ୍ରାନ୍ତ ଥିବାରୁ ତାଙ୍କ କେଶ ବହୁମାତ୍ରାରେ ଝଡ଼ିବାକୁ ଲାଗିଲା। ଏହାର ପ୍ରତିକାର ପାଇଁ ସେ ଲଣ୍ଡା ହୋଇଛନ୍ତି। ଏ ନେଇ ୨୦୧୮ରେ ଜାଡା ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ନିଜ ଫ୍ୟାନମାନଙ୍କୁ ଏ ବିଷୟରେ ଅବଗତ କରାଇଥିଲେ।

## ଥମୁନି ତୈଳ...

ଲିଟର ପିଛା ୯୯.୪୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୯୦.୭୭ ଟଙ୍କାରେ ପହଞ୍ଚିଛି। ଉପରୋକ୍ତ ସମୟ ମଧ୍ୟରେ ନୂଆଦିଲ୍ଲୀରେ ପଟ୍ରୋଲ୍ ଉପରେ ମୋଟ ୪ ଟଙ୍କା ଏବଂ ଡିଜେଲ୍ ଉପରେ ୪.୧୦ ଟଙ୍କା ମୂଲ୍ୟ ବୃଦ୍ଧି ଘଟିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୪.୧୯ ଟଙ୍କା, ୧୦୮.୮୫ ଟଙ୍କା ଏବଂ ୧୦୫.୧୮ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗରଗୁଡ଼ିକରେ ଡିଜେଲ ଲିଟର ପିଛା ୯୮.୫୦ ଟଙ୍କା, ୯୩.୯୨ ଟଙ୍କା ଏବଂ ୯୫.୩୩ ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ, କୋଭିଡ ପରଠାରୁ ଉଭୟ ସରକାର ଓ ସାଧାରଣ ଲୋକ ନାନା ସମସ୍ୟାରେ ଛନ୍ଦି ହୋଇ ରହିଛନ୍ତି। ଏପରିକି ଭାରତ ବଜାରରେ ଅନେକ ପ୍ରକାରର ସମସ୍ୟା ମଧ୍ୟ ରହିଛି। ଏଭଳି ସମୟରେ ତୈଳ ଦର ବୃଦ୍ଧି ସବୁବର୍ଗର ଖାଉଟିଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ବର୍ତ୍ତମାନ ସମୟରେ ଖାଉଟିଙ୍କୁ ତୈଳ ବାବଦକୁ ଅତିରିକ୍ତ ଖର୍ଚ୍ଚ ଭାର ବହନ କରିବାକୁ ପଡୁଛି। ସେହିପରି ତୈଳ ଦର ବୃଦ୍ଧିକୁ ନେଇ ବିଭିନ୍ନ ସଂସ୍ଥା ଓ ସର୍ଭେ ଟିମ୍ ମଧ୍ୟ ଭିନ୍ନ ଭିନ୍ନ ଆକଳନ କରିଛନ୍ତି। ହେଲେ ଖାଉଟିଙ୍କ ସ୍ୱାର୍ଥ ସମ୍ପର୍କରେ କେତେ ସର୍ଭେ କରାଯାଇଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ଗତି କରିବାକୁ ପଡ଼ିବ। ପ୍ରତିବନ୍ଧକ ଲାଗିରହିବା ହେତୁ ବିଳମ୍ବରେ ସମସ୍ୟା ଭିତରେ କାର୍ଯ୍ୟ ସମ୍ପନ୍ନ ହେବ। ଆଲୋଚନା ଓ ସମାଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରି ଆସିବ। ନିଜ ଲୋକ ଅସୁବିଧାରେ ପକାଇପାରନ୍ତି, ଏଣୁ ସତର୍କ ରହିବା ଭଲ।

**ବୃଷ** – ଘରୋଇ କଳହକୁ ନେଇ ବନ୍ଧୁ ଗହଣରେ ମଧ୍ୟ ଅଶାନ୍ତି ଲାଗିରହିବ। ପ୍ରକାଶନ,ପ୍ରଶାସନ, କଳା, କ୍ରୀଡ଼ା,ଚଳଚ୍ଚିତ୍ର ସାହିତ୍ୟ କ୍ଷେତ୍ର ବିଶେଷ ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ ,ସେମାନେ କହିବେ ବହୁତ କିନ୍ତୁ କାମ କଲା ବେଳକୁ ଜିରୋ। ଆଜିର ଯାତ୍ରା,ବାଣିଜ୍ୟ ଏବଂ ନୂତନ ସମ୍ପର୍କ ସ୍ଥାପନ ଦିଗରୁ ଲାଭବାନ୍ ହେବେ।

**ମିଥୁନ** – ପରିବାରରେ ଭୁଲ୍ ବୁଝାମଣା ହେତୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଟଙ୍କା ପଇସା ସମ୍ପର୍କିତ ଝମେଲାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ସନ୍ତାନହେତୁକ ମାନସିକ ଆଘାତ ପାଇ ପାରନ୍ତି। ପରିବହନ,ବ୍ୟବସାୟ,ସଭାସମିତି,ଜମିଜମା ଏବଂ ପିଲାଙ୍କ କଥା ନେଇ ଉନ୍ନତ ମାନର ଫଳ ମିଳିବ।

**କର୍କଟ** – ଆଜି ବନ୍ଧୁମାନଙ୍କ ନିକଟରୁ ଅର୍ଥ ପାଇବେ ସତ, କିନ୍ତୁ ମାନସିକ ଶାନ୍ତି ହରାଇବେ। କର୍ମକ୍ଷେତ୍ରରେ ଠିକ୍ ସିଦ୍ଧାନ୍ତ ନେଇପାରିବେ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିବାର ଲୋକମାନଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ସଭାସମିତି କିମ୍ବା ସାଙ୍ଗଠନିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହୋଇପାରନ୍ତି।

**ସିଂହ** – ଆଜିର ପରିସ୍ଥିତି ଓ ରହୁଥିବା ପରିବେଶରେ କିଛି ଗଡ଼ବଡ଼ ସୃଷ୍ଟି ହୋଇପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇଯିବେ। ବାଧା ଉପୁଜିଲେ ବି କାମ ଅଟକିବ ନାହିଁ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ମହିଳାମାନେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** – ଆଜିର ଜୀବନଯାତ୍ରାରେ ସବୁ ଭାବିଚିନ୍ତି କରନ୍ତୁ। ଦୀର୍ଘଦିନର ଚେଷ୍ଟା ପରେ ଋଣସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। କର୍ମବ୍ୟସ୍ତତା ମଧ୍ୟରେ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ପଛରେ ଟାହିଟାପରା କରିପାରନ୍ତି। ଆଗାମୀ ମାଙ୍ଗଳିକ କାର୍ଯ୍ୟାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିବେ।

**ତୁଳା** – ଆଳସ୍ୟ ହେତୁ ସଫଳତା ପାଇବା କଷ୍ଟକର ହୋଇ ପଡ଼ିବ। ସ୍ୱାତୀ ନକ୍ଷତ୍ର କାମରେ ମନଦେଇ ଏହାକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ଆପଣଙ୍କ ଅତି ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** – ଭୁଲ୍ ବୁଝାମଣା କାରଣରୁ ଝଗଡ଼ା ସାଙ୍ଗକୁ ପରିବାରରେ ଅଶାନ୍ତି ବାତାବରଣ ସୃଷ୍ଟି କରାଇପାରେ। ପୁନଶ୍ଚ କର୍ମକ୍ଷେତ୍ରରେ ମଧ୍ୟ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବା ଆଶଙ୍କା ରହିଛି। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବିଜୟୀ ହେବେ। ବ୍ୟବସାୟ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** – ଆକସ୍ମିକ ବିବାଦ କାରଣରୁ ଉନ୍ନୟନ କାମ ବାଧାପ୍ରାପ୍ତ ହୋଇପାରେ। ଶାରୀରିକ ସୁସ୍ଥତା ଫେରିପାଇବା ସାଙ୍ଗକୁ ପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ସହ ପ୍ରଶଂସିତ ହେବେ। ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** – ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**କୁମ୍ଭ** – ସାମୟିକ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବା ଆଶଙ୍କା ରହିଛି। ନିଜ ଲୋକମାନଙ୍କ କାର୍ଯ୍ୟ କଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କାର୍ଯ୍ୟଦକ୍ଷତା କାରଣରୁ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ପ୍ରଶଂସିତ ହେବେ। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିବେ।

**ମୀନ** – ଚେଷ୍ଟା କରୁଥିବା କାମଗୁଡ଼ିକ ଆଜି ଅପରାହ୍ନେ ଠିକ୍ ଭାବରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ବନ୍ଧୁମାନଙ୍କ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶୁଭାକାଂକ୍ଷୀମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।


# classifieds Everyday
0674-2580101, 2549302

real estate

## SALE

Plot For Sale at Chaatabar per sqft. @99/-. 9583295832, 8249017091. D-23501

**4300sqft. commercial plot near Mangalpur, Bhubaneswar Puri NH side, (brokers not allowed). 8117084862.** D-73219

Duplex available at Raghunathpur back side of Royal Lagoon, Patia, Bhubaneswar. 9861593321, 9348332283. D-23477

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Yellowzone ୨୦୦ ଫୁଟ ରାସ୍ତାରେ sqft.300/- ଜାଗା ବିକ୍ରି ହେଉଛି। 7327055890. D-71483

**1.4KM from Pitapalli Chandaka bypass Bhubaneswar (loan available) developed for home sqft.-999/- Gangapada Priyanka- 7735142073.** D-73217

3BHK flat with modular Kitchen 4th floor at Old Budheswari Post Office (Mahalaxmi Enclave) behind Gupta Cable, Laxmisagar, Bhubaneswar. Contact: 8984383598, 7504151354. D-23486

**ଉତ୍ତରା ଛକ ବାଳକାଟି market ନିକଟରେ developed, gharabari boundary plot କିଣନ୍ତୁ। 9937166932.** D-23509

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71970

ଭୁବନେଶ୍ୱର ସୁନ୍ଦରପଦା–ଜଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

ନଖରା, ପଞ୍ଚବଟି, ପାହାଳ, ବାଲିଅନ୍ତା, ତମାଣ୍ଡୋରେ develop ହୋଇଥିବା ପ୍ଲଟ କିଣି ଘର କରନ୍ତୁ। 9938603188. D-73218

4500sqft. plot sale infrontof ASBM, Chandaka, At-Bhola. Contact: 9338572999. D-23424

Ready to move 3BHK Duplex-Uttara Gudiapokhari (Gated community), 7327043914. D-71967

**60ft.** ପିଚୁ ରୋଡ୍‌କୁ ଲାଗି **18ଗୁଣ୍ଠ commercial Plot Bhubaneswar GIFT College** ସାମ୍ନାରେ ତୁରନ୍ତ ବିକ୍ରିହେବ। **per** ଗୁଣ୍ଠ **@900000/- Owner-9437033320.** D-73213

Booking open-2BHK, 3BHK Apartment for sale near AIIMS Hospital & Doon International School (Patrapada, Bhubaneswar). Contact: 9090770637, 9938670164. D-71965

ସୁନ୍ଦରପଦା ଏବଂ ବାଲିଅନ୍ତାରେ **developed, demarcated gharabari, electricity plot** କିଣନ୍ତୁ। **7008492511.** D-23475

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest commercial hub "Grand Bazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 6371200121. D-73205

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71962

Sum Hospital ଘଘଂପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9438122777, 9556622939.** D-71799

healthcare

**Relax, Refresh your body, Mind at Saikrupa Spa with best therapies. 8984068077.** D-23511

Newly opening SPA positively health benefits with expert therapist. 8917332216. D-71971

Refreshing your mind and body with the best therapy, 7873794731. D-23292

Newly open SPA positively health benefits expert therapist, Kalpana. 7846814019. D-71480

## AFFIDAVIT

By virtue of an affidavit Sworn before the Executive Magistrate, Bhubaneswar, I have changed my name from Sania Swain to Prasanta Swain. Henceforth I shall be known called and identified as Prasanta Swain for all purposes. D-23508

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୮,୨୫,୬୪,୬୨୫ | ୬୧,୪୯,୭୨୪ | ୪୧,୭୦,୧୩,୨୮୯ |
| ଭାରତ | ୪,୩୦,୨୦,୭୨୩ | ୫,୨୧,୦୬୬ | ୪,୨୪,୮୩,୮୨୯ |
| ଓଡ଼ିଶା | ୧୨,୮୭,୫୧୨ | ୯୧୧୯(+୫୩) | ୧୨,୭୭,୯୭୦ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସାମାଜିକ କାର୍ଯ୍ୟରେ ଶାନ୍ତି ମିଳେ



**୮୦ ଦଶକରେ ବର୍ତ୍ତମାନ ଭଳି ନିଯୁକ୍ତି ସୁଯୋଗ ନ ଥିଲା। ତେଣୁ ଉଚ୍ଚ ଶିକ୍ଷା ଶେଷ ପରେ ପାରିବାରିକ ବ୍ୟବସାୟରେ ମନୋନିବେଶ କରିବାକୁ ଜେଜେବାପା ପରାମର୍ଶ ଦେଇଥିଲେ। ବୁଦ୍ଧରାଜ ଗ୍ରୁପ୍ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରେ ଉଭୟ ସରକାରୀ ଓ ଘରୋଇ ପ୍ରକଳ୍ପଗୁଡ଼ିକୁ ସଫଳତାର ସହ ସମ୍ପୂର୍ଣ୍ଣ କରି ସୁନାମ ଅର୍ଜିଥିଲା। ବୁଦ୍ଧରାଜ ପରିବାରର ବ୍ୟବସାୟକୁ ଆଉ ଗୋଟିଏ ସୋପାନ ଆଗକୁ ନେଇ ନାରାୟଣୀ ଗ୍ରୁପ୍ ପ୍ରତିଷ୍ଠା କରିଥିଲେ ପୁରୁଷୋତ୍ତମ ବୁଦ୍ଧରାଜ। ସେ ନାରାୟଣୀ ଗ୍ରୁପ୍‌ର ସଫଳ ଯାତ୍ରା ସମ୍ପର୍କରେ ଧରିତ୍ରୀ ସହ ଅନେକ କଥା ଶେୟାର କରିଛନ୍ତି।**

**ପୁରୁଷୋତ୍ତମ ବୁଦ୍ଧରାଜ**
**ଡାଇରେକ୍ଟର, ନାରାୟଣୀ ଗ୍ରୁପ୍**




**❖ ନାରାୟଣୀ ଗ୍ରୁପର ଯାତ୍ରା କିଭଳି ଜାରି ରହିଛି?**
ବାଣିଜ୍ୟରେ ଉଚ୍ଚଶିକ୍ଷା ଶେଷ କରି ବାପାଙ୍କ ସହ ପାରିବାରିକ ବ୍ୟବସାୟରେ ଯୋଗଦେଇଥିଲି। ଦୀର୍ଘ ବର୍ଷର ବ୍ୟବସାୟିକ ଅଭିଜ୍ଞତା ସାଙ୍ଗକୁ ଲୋକସମ୍ପର୍କ ରଖି ପାରଦର୍ଶିତା ପ୍ରଦର୍ଶନ କରିଥିଲି। ୨୦୦୪ରେ ମାରୁତି କମ୍ପାନୀ ପକ୍ଷରୁ ଡିଲରଶିପ୍ କାରବାରର ସୁଯୋଗ ମିଳିଥିଲା। ନାରାୟଣୀ ମୋଟର୍ସର ଯାତ୍ରା ଆରମ୍ଭ କରି ୧୮ ବର୍ଷ ମଧ୍ୟରେ ଅନେକ ସଫଳତା ମିଳିଛି। ଗୋଟିଏ ପରେ ଗୋଟିଏ ଶାଖା ସମ୍ପ୍ରସାରଣ କରିଚାଲିଛି। ପ୍ରମୁଖ ବଜାର ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଭଳି ଉପକୂଳବର୍ତ୍ତୀ ଅଞ୍ଚଳରେ ନାରାୟଣୀ ଏକ ବ୍ରାଣ୍ଡରେ ପରିଣତ ହୋଇଛି। ଯେଉଁ ଆଶା ନେଇ ଗାଡ଼ି ବ୍ୟବସାୟରେ ପାଦ ଦେଇଥିଲି, ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦରେ ସେଥିରେ ଅନେକ ଆଗକୁ ଯାଇଛି।

**❖ ଅଟୋମୋବାଇଲ ବ୍ୟବସାୟ ଆଗରେ ଥିବା ସମସ୍ୟାର ସମାଧାନ ପାଇଁ କ'ଣ କରିବାକୁ ପଡ଼ୁଛି?**
୨୦୨୦ ପର୍ଯ୍ୟନ୍ତ ଗାଡ଼ିକୁ ମଧ୍ୟମ ବର୍ଗ ପରିବାର ବଡ଼ ସମ୍ପତ୍ତି ବୋଲି ବିବେଚନା କରୁଥିଲେ। ହେଲେ ୨୦୨୦ ମାର୍ଚ୍ଚ ପରେ ଅଟୋମୋବାଇଲ କ୍ଷେତ୍ର ପାଇଁ କୋଭିଡ୍ ମହାମାରୀ ଅନେକ ସମସ୍ୟା ଆଣିଥିଲା। ଗାଡ଼ିର ଚାହିଦା ଥିଲେ ମଧ୍ୟ କୋଭିଡ୍ ଯୋଗୁ କମ୍ପାନୀଗୁଡ଼ିକର ଉତ୍ପାଦନ ଓ ଯୋଗାଣ ବ୍ୟାପକ ହ୍ରାସ ଘଟିଥିଲା। ସେହି ସମୟରେ ବିଭିନ୍ନ ଯନ୍ତ୍ରାଂଶ, ଆଲୁମିନିୟମ୍ ଏବଂ ତମ୍ବା ସାମଗ୍ରୀର ଦର ବୃଦ୍ଧି ହୋଇଥିଲା। ଭାରତ-ଚାଇନା ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ଫଳରେ ଯନ୍ତ୍ରାଂଶ ଓ ସେମିକଣ୍ଡକ୍ଟର ଅଭାବ ଯୋଗୁ ଯାନ ନିର୍ମାଣ ହୋଇପାରୁନାହିଁ। ସେହିଭଳି କୋଭିଡ୍ କଟକଣା ସାଙ୍ଗକୁ ଶ୍ରମିକ ଅଭାବୀ ମଧ୍ୟ କମ୍ପାନୀ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଏସବୁ ଭିତରେ ବର୍ତ୍ତମାନ ଗାଡ଼ି ବ୍ୟବସାୟ ଏକପ୍ରକାର ମାନ୍ଦା ରହିଛି। ତେବେ ଆଗକୁ ପୂର୍ବାବସ୍ଥା ଫେରିବା ଆଶା ରହିଛି। ସେହିପରି ଗ୍ରାହକଙ୍କ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ସାଙ୍ଗକୁ ବିଳମ୍ବରେ ହେଉ ପଛେ ସେମାନଙ୍କ ଚାହିଦା ପୂରଣ କରାଯାଉଛି। ଲୋକସମ୍ପର୍କ ଓ ପ୍ରତିଷ୍ଠାନର ପରିଚୟ ଯୋଗୁ ବ୍ୟବସାୟ ତିଷ୍ଠି ରହିଛି।

**❖ ଆପଣଙ୍କର ଆଗାମୀ ଯୋଜନା କ'ଣ ରହିଛି?**
ଇଲେକ୍ଟ୍ରିକ୍ ଭେହିକିଲ (ଇଭି)କୁ ନେଇ ଏବେ ସରକାର ସକାରାତ୍ମକ ଯୋଜନା କରୁଛନ୍ତି। ତୈଳ ଦର ବୃଦ୍ଧି ସାଙ୍ଗକୁ ପରିବେଶ ସୁରକ୍ଷା ପାଇଁ ସବୁ ସ୍ତରରେ କାର୍ଯ୍ୟ କରାଯାଉଛି। ଏହାକୁ ନଜରରେ ରଖି ଅନ୍ତର୍ଜାତୀୟ ସ୍ତରର ଇଭି ନିର୍ମାତାଙ୍କ ସହଯୋଗରେ ଭୁବନେଶ୍ୱରରେ ଏକ ଶୋ'ରୁମ୍ ପ୍ରତିଷ୍ଠା ଯୋଜନା ରହିଛି। ତା' ସହ ରାଜ୍ୟର ପ୍ରଥମ ନେକ୍ସାର ସର୍ଭିସିଂ ସେଣ୍ଟର ମଧ୍ୟ ଭୁବନେଶ୍ୱରରେ ଖୋଲାଯିବ। ସେହିଭଳି ନାରାୟଣୀ ମୋଟର୍ସର ବିଭିନ୍ନ ଶୋ'ରୁମ୍ ସମ୍ପ୍ରସାରଣ ଯୋଜନା ମଧ୍ୟ ରହିଛି।

**❖ ଅବସର ସମୟରେ କ'ଣ କରିବାକୁ ଭଲ ପାଆନ୍ତି ?**
ବ୍ୟବସାୟରେ ପ୍ରତିଯୋଗିତା ରହିଥିବାରୁ ସମୟ ବାହାର କରିବା କଷ୍ଟକର। ଏହା ଭିତରେ ସୁବିଧା ଦେଖି ଉଭୟ ବ୍ୟବସାୟିକ ଓ ପରିଭ୍ରମଣ କାର୍ଯ୍ୟରେ ଦେଶ ବିଦେଶ ଯିବାକୁ ଭଲ ଲାଗେ।

**❖ ପରିବାର ଓ ପ୍ରତିଷ୍ଠାନ ମଧ୍ୟରେ ସମନ୍ୱୟ କିଭଳି ରଖୁଛନ୍ତି?**
ପରିବାର ଓ ପ୍ରତିଷ୍ଠାନ ପାଇଁ ସମାନ ସମୟ ଦେଇ କର୍ତ୍ତବ୍ୟ ତୁଲାଇବାକୁ ଚେଷ୍ଟା କରିଥାଏ। ସବୁ ସ୍ତରରେ ଉଭୟ ପକ୍ଷର ସହଯୋଗ ଓ ସହାୟତା ମିଳିଆସିଛି। ବିଶେଷକରି ଘରେ ରହିଲେ ବାହାର ଓ ଭିତରର ଅନେକ କାର୍ଯ୍ୟରେ ମୁଁ ନିଜକୁ ନିୟୋଜିତ କରିଥାଏ। ସେହିଭଳି ଅଫିସ ଆସିଲେ ସବୁ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତର୍ଜମା କରିଥାଏ।

**❖ ସାମାଜିକ କାର୍ଯ୍ୟରେ ଯୋଗଦେବାର ରହସ୍ୟ କ'ଣ ?**
ଆମ ଘରର ଆଉ ଏକ ପରିଚୟ ରହିଛି। ବିଭିନ୍ନ ସାମାଜିକ ସଂସ୍ଥାର ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟରେ ମଧ୍ୟ ଆମ ପରିବାରର ସହଯୋଗ ରହିଆସିଛି। ସେସବୁ ଦୃଷ୍ଟିରୁ ପରିବାର ସଦସ୍ୟ ସଂସ୍ଥାଗୁଡ଼ିକ ସହ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଜଡ଼ିତ। ସାମାଜିକ କାର୍ଯ୍ୟରେ ସାମିଲ ହେଲେ ଶାନ୍ତି ମିଳେ। ତେଣୁ ମୁଁ ଅନେକ ସାମାଜିକ ଅନୁଷ୍ଠାନ ଓ କାର୍ଯ୍ୟରେ ସାମିଲ ରହୁଛି।

**❖ ସଫଳତାର ଶ୍ରେୟ କାହାକୁ ଦେବେ?**
ସଫଳତା ଦିନକ ମଧ୍ୟରେ ମିଳି ନ ଥାଏ। ସଫଳତା ପାଇବାକୁ ହେଲେ ଶ୍ରେଷ୍ଠ ଉଦ୍ୟମ ଲୋଡ଼ା। ବାପା ଓ ଜେଜେବାପାଙ୍କ ଆଶୀର୍ବାଦରୁ ଆଜି ପର୍ଯ୍ୟନ୍ତ ମୋତେ ଆଉ ମୋର ପ୍ରତିଷ୍ଠାନକୁ ସଫଳତା ମିଳିଛି। ଭଗବାନଙ୍କ ଆଶୀର୍ବାଦ ସହିତ ସହକର୍ମୀଙ୍କ ବିଶ୍ୱାସ, ଭରସା ଓ ଭଲ ପାଇବାରୁ ଏଭଳି ଫଳ ମିଳିଥାଏ।

# ଅନ୍ତର୍ଜାତୀୟ ବ୍ରାଣ୍ଡ୍‌ର ଚାହିଦା ବଢ଼ୁଛି



**ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକର ଆଦର ଆମ ରାଜ୍ୟରେ ବଢ଼ିଚାଲିଛି। ଗ୍ରାହକମାନେ ନିଜ ରୁଚିର ପୋଷାକ ବାଛିବାରେ ମନ ବଳାଉଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସହରରେ ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଶୋ'ରୁମ୍ ପ୍ରତିଷ୍ଠା କରିଥିବା ରିଦ୍ଧିସିଦ୍ଧିର ନିର୍ଦ୍ଦେଶକ ଅମିତ୍ ଅଗରୱାଲ୍ ସାମ୍ପ୍ରତିକ ବ୍ରାଣ୍ଡ୍ ବ୍ୟବସାୟକୁ ନେଇ ଧରିତ୍ରୀ ସହ ସାକ୍ଷାତ୍‌କାର ବେଳେ ଅନେକ କଥା ଶେୟାର କରିଛନ୍ତି।**

**ଅମିତ୍ ଅଗରୱାଲ୍**
**ନିର୍ଦ୍ଦେଶକ, ରିଦ୍ଧିସିଦ୍ଧି**




**▸▸ ବ୍ୟବସାୟିକ ଜୀବନ କିପରି ଆରମ୍ଭ ହୋଇଥିଲା?**
ମୋ ବାପା ବିଜୟ କୁମାର ଅଗ୍ରୱାଲ୍‌ଙ୍କର କଟକ ମାଲ୍‌ଗୋଦାମରେ ଖାଇବା ତେଲ ଓ ଚିନି ବ୍ୟବସାୟ ରହିଛି। ମୁଁ କଲେଜ ପାଠ ପଢ଼ିବା ସହିତ ତାଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲି। ବି.କମ୍ ପାସ୍ ପରେ ନିଜସ୍ୱ ଷ୍ଟେଶନାରି ସରଞ୍ଜାମ ବିଭିନ୍ନ ସରକାରୀ ବିଭାଗକୁ ଯୋଗାଉଥିଲି। ପରେ ଏଫ୍‌ଏମ୍‌ସିଜି ବିତରକ ଭାବେ ବ୍ୟବସାୟ ଆରମ୍ଭ କରିଥିଲି। ମାତ୍ର ମହାବାତ୍ୟାରେ ଗୋଦାମ ଘରେ ପାଣି ପଶିଯିବାରୁ ବହୁ କ୍ଷତି ସହିବାକୁ ପଡ଼ିଥିଲା। ଏହାପରେ ଭିଡିଓକନ୍ କମ୍ପାନୀର ଏକ ଶୋ'ରୁମ୍ ଖୋଲିବା ସୁଯୋଗ ମିଳିଲା।

**▸▸ ଇଲେକ୍ଟ୍ରୋନିକ୍ ଛାଡ଼ି ପୋଷାକପତ୍ର ବ୍ୟବସାୟ କାହିଁକି ଆପଣେଇଲେ?**
୨୦୦୦ ମସିହାରେ ପ୍ରଥମେ ଭିଡିଓକନ୍‌ର ଏକ ସ୍ୱତନ୍ତ୍ର ଶୋ'ରୁମ୍ ରାଣୀହାଟଠାରେ ଖୋଲିଥିଲି। ବ୍ୟବସାୟ ଠିକ୍‌ଠାକ୍ ଥିଲା କିନ୍ତୁ, ପରବର୍ତ୍ତୀ ସମୟରେ କମ୍ପାନୀ ନୀତିରେ ପରିବର୍ତ୍ତନ ହୋଇ ଶୋ'ରୁମ୍‌ଗୁଡ଼ିକ ବନ୍ଦ ହୋଇଗଲା। ପରେ ମୁଁ ଏହାକୁ ମଲ୍ଟିବ୍ରାଣ୍ଡ ଶୋ'ରୁମ୍‌ରେ ପରିବର୍ତ୍ତନ କଲି। ପ୍ରତିଯୋଗିତାମୂଳକ ବଜାରରେ ପ୍ରାଇସ୍ ଅଣ୍ଡର୍‌କଟିଂ କରି ବିକ୍ରି ହେବାରୁ ମୁଁ ଅତିଷ୍ଠ ହୋଇ ଏହି ବିଜ୍‌ନେସକୁ ବନ୍ଦ କରିବାକୁ ମନସ୍ଥ କଲି ଏବଂ ପୋଷାକପତ୍ର ବ୍ୟବସାୟ ପ୍ରତି ମନ ବଳାଇଲି।

**▸▸ ବ୍ରାଣ୍ଡେଡ୍ ପୋଷାକର ବ୍ୟବସାୟ ଯାତ୍ରା କିପରି ଅଛି?**
୨୦୦୫ ମସିହାରେ ପିଲାମାନଙ୍କ ପୋଷାକପତ୍ର ଖୁଚୁରା ଦୋକାନ 'ପ୍ଲାନେଟ୍ କିଡ୍ସ' କଟକ ମାତାମଠରେ ଆରମ୍ଭ କଲି। ଏହି ସମୟରେ ଦେଶର ବଡ଼ବଡ଼ ସହରଗୁଡ଼ିକରେ ବୁଲିବା ବେଳେ ଓଡ଼ିଶାରେ ବ୍ରାଣ୍ଡେଡ୍ ଖୁଚୁରା ଶୋ'ରୁମ୍ ପ୍ରତିଷ୍ଠା କରିବାର ଆଇଡିଆ ଆସିଥିଲା। କମ୍ପାନୀଗୁଡ଼ିକ ସହିତ ଯୋଗାଯୋଗ ପରେ ବ୍ଲାକ୍‌ବେରି, ଲିଭାଇସ୍, ଆଡିଡାସ୍ ପରି ପ୍ରତିଷ୍ଠିତ କମ୍ପାନୀର ଫ୍ରାଞ୍ଚାଇଜ୍ ମିଳିଲା। ଗ୍ରାହକଙ୍କ ଚାହିଦା ଓ ଆଗ୍ରହକୁ ଦେଖି ବିବା, ଟର୍‌ଟଲ୍, ମଣ୍ଟେକାର୍ଲୋ, ଟୁଇଲ୍‌ସ, ରେମଣ୍ଡସ, ଆରୋ, ଲିନେନ୍ କ୍ଲବ୍, ମାନ୍ୟବର, ପୁମା ୟୁସିବି ଆଦି ବ୍ରାଣ୍ଡକୁ ନେଇ ଅନେକ ଶୋ'ରୁମ୍ କରିବାର ଯୋଜନା ସଫଳ ହେଲା। ଏଥିସହିତ ଭୁବନେଶ୍ୱର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ସମ୍ବଲପୁର ଆଦି ସହରରେ ଏକାଧିକ ଶୋ'ରୁମ୍ ପ୍ରତିଷ୍ଠା କରି ଲୋକଙ୍କୁ ସେବା ଯୋଗାଉଛି।

**▸▸ ବ୍ୟବସାୟରେ ଥିବା ଅସୁବିଧାର ସମାଧାନ କିପରି କରୁଛନ୍ତି?**
ଅନ୍‌ଲାଇନ୍‌ରେ ପୋଷାକ ଆଦି ବ୍ୟବସାୟ ଆମ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଡେଡ୍ ଷ୍ଟକ୍ ରିହାତି ଏହି ସମସ୍ୟାକୁ ବଢ଼ାଇ ଦେଉଛି। ଆମେ ଗ୍ରାହକମାନଙ୍କ ପାଇଁ ପ୍ରତ୍ୟକ୍ଷ ଭାବରେ କପଡ଼ା, ଡିଜାଇନ୍, ରଙ୍ଗ ଆଦିର ଅନୁଭବ ପ୍ରଦାନ କରିଥାଉ। ଏହାଛଡ଼ା କମ୍ପାନୀର ସଦ୍ୟ ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ଋତୁ ଅନୁଯାୟୀ ଶୋ'ରୁମ୍‌ରେ ଉପଲବ୍ଧ କରାଇଥାଉ। ଏହାଛଡ଼ା ପର୍ବପର୍ବାଣି, ବାହାଘର ଆଦି ବିଭିନ୍ନ ଉତ୍ସବ ସମୟରେ ଅଫର ଯୋଜନା କାର୍ଯ୍ୟକାରୀ କରିଥାଉ। ବର୍ଷରେ ଦୁଇଥର ଷ୍ଟକ୍ କ୍ଲିୟରାନ୍ସ ସେଲ୍ସ ଯୋଜନା କରିଥାଉ।

**▸▸ ଆଗାମୀ ଦିନ ପାଇଁ କି ଯୋଜନା ରହିଛି?**
ଆଗକୁ ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକ ସହ ଅଧିକ ଜଡ଼ିତ ହେବୁ। ଓଡ଼ିଶାର ଆହୁରି ଅନେକ ସହରରେ ଆମ ବ୍ୟବସାୟ ବଢ଼ାଇବାକୁ ପ୍ରୟାସ କରିବୁ। ଏଥିସହିତ ମହିଳା ଓ ପିଲାମାନଙ୍କ ପୋଷାକର ସ୍ୱତନ୍ତ୍ର ଶୋ'ରୁମ୍ ଖୋଲିବା ଯୋଜନା ମଧ୍ୟ ରହିଛି।

**▸▸ ମାନ୍ଦାବସ୍ଥା ଓ କୋଭିଡ୍ ଭଳି ସ୍ଥିତିର ମୁକାବିଲା କିଭଳି କରିଥିଲେ?**
ମାନ୍ଦାବସ୍ଥାରେ ବ୍ୟବସାୟ କମିଗଲା। ସେଥିରୁ ଉଦ୍ଧାର ପାଇଁ ଭିନ୍ନ ଭିନ୍ନ ରିହାତି ଅଫର୍ ଦେଇ ବ୍ୟବସାୟ ଚଳାଇଥିଲୁ। ମାତ୍ର କୋଭିଡ୍ ସମୟରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ ଓ ସାମାଜିକ ଉତ୍ସବ ଉପରେ କଟକଣା ଯୋଗୁ ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପରେ ସମସ୍ତଙ୍କ ସହଯୋଗ ପାଇ ଆଗକୁ ବଢ଼ିଲି। ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ବ୍ୟାଙ୍କ, କମ୍ପାନୀ ଓ କର୍ମଚାରୀଙ୍କ ଅକୁଣ୍ଠ ସହଯୋଗ ମନୋବଳ ବଢ଼ାଇ ଦେଇଥିଲା।

**▸▸ ବ୍ରାଣ୍ଡେଡ୍ ଶୋ'ରୁମ୍‌ରେ କାରବାର କିଭଳି ଚାଲିଛି?**
ଆମ ରାଜ୍ୟରେ ବ୍ରାଣ୍ଡ ସଚେତନତା କ୍ରମଶଃ ବଢ଼ୁଛି। ଗ୍ରାହକମାନେ ବହୁ ସଂଖ୍ୟାରେ ସ୍ୱତନ୍ତ୍ର ଶୋ'ରୁମ୍‌କୁ ଆସିଗଲେଣି। କୋଭିଡ୍ ଯୋଗୁ ବଡ଼ ସହରରେ ରହି କାମ କରୁଥିବା ଲୋକେ ଘରକୁ ଫେରିଲେ। ସେମାନଙ୍କ ଚାହିଦା ପୂରଣ କରିବାକୁ ଆମ ଶୋ'ରୁମ୍ ସମର୍ଥ ହେଲା। ଏପରି କି ସହର ନିକଟବର୍ତ୍ତୀ ଅଞ୍ଚଳରୁ ମଧ୍ୟ ଗ୍ରାହକମାନେ ଆସୁଛନ୍ତି।

**▸▸ ବର୍ତ୍ତମାନ ସ୍ଥିତିରେ ବହୁ ମଲ୍ ଖୋଲିଗଲାଣି। ଖୁଚୁରା ଶୋ'ରୁମ୍‌କୁ ଏହା କ୍ଷତି ପହଞ୍ଚାଇବ କି?**
ସ୍ୱତନ୍ତ୍ର ଶୋ'ରୁମ୍‌ଗୁଡ଼ିକରେ କମ୍ପାନୀ ଉତ୍ପାଦିତ ସମସ୍ତ ଉତ୍ପାଦ ଉପଲବ୍ଧ ହୋଇଥାଏ। ଗ୍ରାହକମାନଙ୍କୁ ସଦ୍ୟ ପ୍ରସ୍ତୁତ ନୂଆ ଡିଜାଇନ୍ ଆକର୍ଷିତ କରିଥାଏ। ପ୍ରାୟତଃ ଯୁବଗୋଷ୍ଠୀ ବ୍ରାଣ୍ଡେଡ୍ ଖୁଚୁରା ଷ୍ଟୋର୍‌ରୁ କ୍ରୟ କରିଥାଆନ୍ତି। ତେଣୁ କେତେକ ଡିସ୍କାଉଣ୍ଟରେ ରୁଚି ରଖୁଥିବା ଗ୍ରାହକଙ୍କୁ ଛାଡ଼ିଦେଲେ ଗୁଣବତ୍ତା ଦେଖୁଥିବା ଗ୍ରାହକମାନେ ବ୍ୟବସାୟ ଅବ୍ୟାହତ ରଖିବେ।

# ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୩(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୩ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସନ୍ଧ୍ୟାରେ ଦିଲ୍ଲୀରେ ଆୟୋଜିତ ବିବିସି ଇଣ୍ଡିଆନ୍ ସ୍ପୋର୍ଟସୱିମେନ୍ ଅଫ୍ ଦି ଇଅର ଆୱାର୍ଡ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଦେଶର କୃତି ମହିଳା କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କରିଛନ୍ତି। ମହିଳା ହକି ଟିମ୍‌କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହ ଓଡ଼ିଶା ସହ ହକିର ସ୍ୱତନ୍ତ୍ର ସମ୍ପର୍କ ବିଷୟରେ ଉଲ୍ଲେଖ କରିଛନ୍ତି।

ସୂଚନାନୁସାରେ, ଅପରାହ୍ନ ୧ଟା ୨୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ଦିଲ୍ଲୀ ଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ରାଜ୍ୟ ସ୍ୱାର୍ଥସମ୍ବଳିତ ବିଭିନ୍ନ ପ୍ରସଙ୍ଗକୁ ନେଇ କେନ୍ଦ୍ର ମନ୍ତ୍ରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଦିନ ସଂସଦର ସେଣ୍ଟ୍ରାଲ୍ ହଲ୍‌ରେ ମୁଖ୍ୟମନ୍ତ୍ରୀ କିଛି ନେତାଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଉଷୁନା ଚାଉଳ ଉଠାଣ, କୋଇଲା ରୟାଲଟି ବୃଦ୍ଧି ଓ କେନ୍ଦ୍ରୀୟ ଅନୁଦାନ ଭଳି ପ୍ରସଙ୍ଗକୁ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସାକ୍ଷାତ୍ କରିପାରନ୍ତି ବୋଲି କୁହାଯାଉଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ବିପୁଳ ସଫଳତା ପରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ରାଜ୍ୟ ରାଜନୀତିରେ ବେଶ୍ ଗୁରୁତ୍ୱ ବହନ କରୁଛି। ଶେଷଥର ଭାବେ ଗତବର୍ଷ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀ ସମ୍ମିଳନୀରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରିଥିଲେ।

DADLS - 76
75 Azadi Ka Amrit Mahotsav
ଓଡ଼ିଶା ସରକାର



**ମହାନ ସ୍ୱାଧୀନତା ସଂଗ୍ରାମୀ**
**ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ**
**୨୯ ମାର୍ଚ୍ଚ, ୨୦୨୨**

ସକାଳ ଘ.୭.୩୦ ମିନିଟ୍ - ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।
ସକାଳ ଘ.୮.୩୦ ମିନିଟ୍ - କଳିଙ୍ଗ ହସ୍ପିଟାଲ୍ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ସଭା ପରେ ଜନଜାତି ସାଂସ୍କୃତିକ ଦଳ, କୋରାପୁଟର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ସମଗ୍ର ଜନଜାତି ସମାଜର ମଉଡ଼ମଣି, ମାତୃଭୂମିର ପରମ ପୂଜକ, ଅସାଧାରଣ ବ୍ୟକ୍ତିତ୍ୱ, ସୁସଙ୍ଗଠକ ବୀର ଶହୀଦ ଲକ୍ଷ୍ମଣ ନାଏକ ଆମ ଦେଶ ତଥା ଜାତିର ଗର୍ବ ଓ ଗୌରବ। ଭାରତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଦେଶପ୍ରେମ, ବୀରତ୍ୱ ଓ ନିଃସ୍ୱାର୍ଥପର ତ୍ୟାଗପୂତ ଜୀବନ ଆମକୁ ସଦା ଉଦ୍‌ବୁଦ୍ଧ କରୁଥିବ।

OIPR-15001/13/0133/2122

ବି.ଦ୍ର : ଉକ୍ତ କାର୍ଯ୍ୟକ୍ରମରେ କୋଭିଡ ନିୟମାବଳୀର ଅନୁପାଳନ କରାଯିବ।

# ମିଳିବ ସପ୍ତମ ବେତନ କମିଶନର ବକେୟା ୨୦% ଅର୍ଥ

**୪ ଲକ୍ଷ କର୍ମଚାରୀ ହେବେ ଉପକୃତ, ୮୫୦ କୋଟିର ବ୍ୟୟବରାଦ**

**ଭୁବନେଶ୍ୱର, ୨୮।୩(ବ୍ୟୁରୋ):** ସପ୍ତମ ବେତନ କମିଶନ ବାବଦକୁ ସରକାରୀ କର୍ମଚାରୀମାନେ ପାଇବାକୁ ଥିବା ବକେୟା ୨୦% ଅର୍ଥ ରାଜ୍ୟ ସରକାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଏ ସଂକ୍ରାନ୍ତରେ ସରକାରୀ ଘୋଷଣା ନାମା ପ୍ରକାଶ ପାଇଛି। ଏହାଦ୍ୱାରା କର୍ମଚାରୀମାନେ ସପ୍ତମ ବେତନ କମିଶନ ଦରମା ବାବଦ ସମ୍ପୂର୍ଣ୍ଣ ବକେୟା ରାଶି ପାଇପାରିବେ। ପୂର୍ବରୁ ଏହି ବକେୟାର ୮୦% ଅର୍ଥ ରାଜ୍ୟ ସରକାର ପ୍ରଦାନ କରିସାରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାରଙ୍କ ୪ ଲକ୍ଷ କର୍ମଚାରୀ ଉପକୃତ ହେବେ। ଏଥିଲାଗି ୨୦୨୧-୨୨ ଅତିରିକ୍ତ ବଜେଟ ୮୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କର୍ମଚାରୀମାନେ ଏହି ବକେୟା ଅର୍ଥ ଚଳିତ ମାର୍ଚ୍ଚ ମାସ ଦରମାରେ ପାଇବେ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ସପ୍ତମ ବେତନ କମିଶନ ସୁପାରିସକୁ ଗ୍ରହଣ କରି ଏହାକୁ ୨୦୧୬ ଜାନୁୟାରୀରୁ ଲାଗୁ କରିଥିଲେ। ୨୦୧୭ ସେପ୍ଟେମ୍ବରରୁ ବର୍ଦ୍ଧିତ ଦରମା ପ୍ରଦାନ କରିଥିଲେ। କର୍ମଚାରୀମାନେ ସପ୍ତମ ବେତନ କମିଶନ ସୁପାରିସ ଅନୁଯାୟୀ ଜାନୟାରୀ ୨୦୧୬ରୁ ଅଗଷ୍ଟ ୨୦୧୭ ମଧ୍ୟରେ ୨୦ ମାସର ବର୍ଦ୍ଧିତ ବକେୟା ଦରମା ବିଭିନ୍ନ କିସ୍ତିରେ ଦେବା ଲାଗି ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ ୨୦୧୭-୧୮ରେ ୪୦%, ୨୦୧୯-୨୦ରେ ୧୦% ଏବଂ ୨୦୨୧-୨୨ରେ ୩୦% ବକେୟା ପ୍ରଦାନ କରାଯାଇଥିଲା।



ଧରିତ୍ରୀ
DHARITRI
ମଙ୍ଗଳବାର, ୨୯ ମାର୍ଚ୍ଚ, ୨୦୨୨

“ ମଣିଷର ସ୍ୱର୍ଗାରୋହଣ ନୁହେଁ– ବରଂ ତା’ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। **–ଶ୍ରୀଅରବିନ୍ଦ**



# ଇଏ ଦୁର୍ବଳ, ସିଏ ସବଳ

କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ମୁମ୍ବାଇଠାରେ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶକ୍ତିଶାଳୀ କଂଗ୍ରେସ ପାର୍ଟି ଦରକାର। ଦୁର୍ବଳ କଂଗ୍ରେସ ଅର୍ଥ ଆଞ୍ଚଳିକ ଦଳଗୁଡ଼ିକ ବିରୋଧୀଙ୍କ ସ୍ଥାନ ନେଇଯିବେ, ଯାହା ଏକ ଶୁଭ ସଙ୍କେତ ନୁହେଁ ବୋଲି ସେ କହିଛନ୍ତି। ସାଧାରଣ ଲୋକ ଭାବିପାରନ୍ତି ଯେ, ଗଡ଼କରୀ ଗଣତନ୍ତ୍ର ପାଇଁ ଭାରି ଚିନ୍ତିତ। ଭିନ୍ନ ଭାବେ ଦେଖିଲେ ତାଙ୍କ ମୁହଁରୁ ଭାଜପାର ଇଚ୍ଛା ପ୍ରକାଶ ପାଇଛି। ‘କଂଗ୍ରେସ ମୁକ୍ତ ଭାରତ’ ସୃଷ୍ଟି କରିବାର ପ୍ରତିଶ୍ରୁତି ଦେଇ ଗଡ଼କରୀଙ୍କ ନେତା ନରେନ୍ଦ୍ର ମୋଦି ତାଙ୍କ ପ୍ରଧାନମନ୍ତ୍ରୀ ପଦ ପାଇଁ ଲଢ଼େଇ ଆରମ୍ଭ କରିଥିଲେ। ସେତେବେଳେ ଦେଶବାସୀଙ୍କୁ କୁହାଯାଇଥିଲା ଯେ ସ୍ୱାଧୀନତାଠାରୁ ଆଜି ପର୍ଯ୍ୟନ୍ତ ସବୁକାର୍ଯ୍ୟ ପାଇଁ କଂଗ୍ରେସ ଦାୟୀ। ଅନ୍ୟପଟେ ଜନସାଧାରଣଙ୍କ ଦେଶ ଗଠନ ପାଇଁ ଥିବା ବିପୁଳ ଅବଦାନକୁ କୌଣସି ସମୟରେ ଭାଜପା ନେତୃତ୍ୱ ସ୍ୱୀକାର କରିନାହିଁ। ସାଧାରଣରେ ଦେଖିବାକୁ ଗଲେ ଗଡ଼କରୀ ଜଣେ ଟାଣୁଆ ମନ୍ତ୍ରୀ, ଯିଏକି ମୋଦିଙ୍କ ଚାଟୁକାର ନୁହେଁ ବୋଲି ଦର୍ଶାଯାଇଥାଏ। ଏହା ରାଜନୀତିର ଏକ ଅକୁହା, କିନ୍ତୁ ସହଜରେ ବୁଝି ହେଉଥିବା ରଣନୀତି। ସମସ୍ତେ ଜାଣନ୍ତି ଯେ, ଗଡ଼କରୀଙ୍କ ପାଖରେ ଥିବା ମନ୍ତ୍ରଣାଳୟର କୌଣସି ସମୟରେ ପରିବର୍ତ୍ତନ ଘଟୁନାହିଁ। ମୋଦି ଓ ଅମିତ ଶାହାଙ୍କ ନିକଟତର ବୋଲି ଦର୍ଶାଯାଉଥିବା ଧର୍ମେନ୍ଦ୍ର ପ୍ରଧାନ ଓ ପୀୟୂଷ ଗୋଏଲଙ୍କ ଭଳି ମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ବିରାଟ ଆଘାତ ପହଞ୍ଚାଯାଇ ଗୌଣ କରିଦିଆଯାଇଛି। କିନ୍ତୁ ଗଡ଼କରୀଙ୍କୁ ଛୁଇଁବାର ପ୍ରୟୋଜନ କେବେ ହେଲେ ଉଠିବ ନାହିଁ। ରାଜନୀତି ବୁଝୁଥିବା ବ୍ୟକ୍ତି ଜାଣିପାରିବେ ଯେ, ଭାଜପା ଭିତରେ ଯଦି କେବେହେଲେ କେହି ମୋଦିଙ୍କ ନେତୃତ୍ୱକୁ ବିରୋଧ କରନ୍ତି ତେବେ ସେହି ଗୋଷ୍ଠୀଙ୍କୁ ଆଶ୍ରୟ ଦେବା ପାଇଁ ନୀତିନ ଗଡ଼କରୀଙ୍କ ଦ୍ୱାର ଖୋଲାରହିଛି। ବୁଦ୍ଧିଆ ରାଜନୀତିଜ୍ଞ କେବେହେଲେ ସେହି ଦ୍ୱାରରେ ପ୍ରବେଶ କରି ଗାତରେ ପଡ଼ିବେ ନାହିଁ।

ଆଜିର ଗଡ଼କରୀଙ୍କ ବାର୍ତ୍ତାକୁ ବିଶ୍ଳେଷଣ କଲେ ସେହି ଚତୁରତା ପଦାକୁ ଆସୁଛି। ତାଙ୍କ ବିବୃତିରେ ଗଡ଼କରୀ ମୁଖ୍ୟତଃ କଂଗ୍ରେସକୁ ବଞ୍ଚି ରହି ଶକ୍ତିଶାଳୀ ହେବା ଦରକାର ବୋଲି ମତ ଦେଇଛନ୍ତି। ସତେଯେମିତି କଂଗ୍ରେସ ବ୍ୟତୀତ ଦେଶରେ ଅନ୍ୟ କୌଣସି ଅଣ–ଭାଜପା ଦଳର ସ୍ଥାନ ରହିବା ଉଚିତ ନୁହେଁ। ଗଡ଼କରୀଙ୍କ କହିବା ଅନୁଯାୟୀ କଂଗ୍ରେସ ଯଦି ଦୁର୍ବଳ ହୁଏ ସେହି ସ୍ଥାନକୁ ଆଞ୍ଚଳିକ ଦଳଗୁଡ଼ିକ ମାଡ଼ିବସିବେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଅଞ୍ଚଳିକ ଦଳଗୁଡ଼ିକ ଶକ୍ତିଶାଳୀ ହେଲେ ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି। ଏଠାରେ ବୁଝିବାକୁ ହେବ ଯେ, ଭାଜପାର ଏବଂ ବିଶେଷକରି ଭାରତ ଭଳି ଗରିବ ଦେଶରେ ଶକ୍ତିଶାଳୀ ହୋଇ ମୁଣ୍ଡ ଟେକିବାକୁ ଇଚ୍ଛୁକ ଦକ୍ଷିଣପନ୍ଥୀ ଚିନ୍ତାଧାରାର କେବେ ହେଲେ ଇଚ୍ଛା ନୁହେଁ ଯେ ଆଞ୍ଚଳିକ ଦଳଗୁଡ଼ିକ ସୁଦୃଢ଼ ହୁଅନ୍ତୁ। ଏହି ଚିନ୍ତାଧାରା ବୁଝିବା ଅତି ସହଜ। ଆଞ୍ଚଳିକ ଦଳଗୁଡ଼ିକ ନିଜ ରାଜ୍ୟର ହିତ ପାଇଁ ସ୍ୱର ଉତ୍ତୋଳନ କରିବାକୁ ବାଧ୍ୟ। ଏହା ସତ୍ୟ ଯେ, ସେମାନେ କ୍ଷମତାରେ ରହିବା ପାଇଁ ଅନେକେ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରାଇଥାଆନ୍ତି। ଦକ୍ଷିଣପନ୍ଥୀ ଚିନ୍ତାଧାରା ସକାଶେ ଏହା ସରକାରୀ ଅର୍ଥର ଅପବ୍ୟୟ। କିନ୍ତୁ ସେହି ଶକ୍ତି କେବେହେଲେ ପିଏମ୍ କିଷାନ କିମ୍ବା ପିଏମ୍ କେୟାର୍ସ ଅର୍ଥକୁ ଅପବ୍ୟବହାର କରାଯାଇଥିବା ବିଷୟକୁ ସ୍ୱୀକାର କରନ୍ତିନାହିଁ।

> **ଭାରତୀୟ ଭୋଟର ଭାବିଥିଲେ ଯେ କିଛି ନ କଲେ ମଧ୍ୟ ଗାନ୍ଧୀ ପରିବାରର ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ଦୁର୍ନୀତିକୁ ନରେନ୍ଦ୍ର ମୋଦି ସରକାର ପଦାରେ ପକାଇବେ।**

ସମଗ୍ର ପୃଥିବୀରେ ଏହା ବାରମ୍ବାର ପ୍ରମାଣିତ ହୋଇଛି ଯେ, ଯେଉଁ ଦେଶରେ ଅଧିକ ରାଜନୈତିକ ଦଳ ଓ ନେତାଙ୍କ ମଧ୍ୟରୁ ବାଛିବାର ସୁଯୋଗ ଭୋଟରଙ୍କୁ ମିଳିଥାଏ, ସେହି ଦେଶରେ ଗଣତନ୍ତ୍ର ଶକ୍ତିଶାଳୀ ହୁଏ। ଆଜିର କଂଗ୍ରେସକୁ ଭାରତର ଭୋଟଦାତା ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କଠାରୁ ଜନସାଧାରଣ ଗାନ୍ଧୀ ପରିବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆଶା କରୁଥିଲେ। ଭାରତୀୟ ଭୋଟର ଭାବିଥିଲେ ଯେ କିଛି ନ କଲେ ମଧ୍ୟ ଗାନ୍ଧୀ ପରିବାରର ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ଦୁର୍ନୀତିକୁ ନରେନ୍ଦ୍ର ମୋଦି ସରକାର ପଦାରେ ପକାଇବେ। ଏଥିସହିତ ୨ଜି, ଅଗୁଷ୍ଟା ୱେଷ୍ଟଲାଣ୍ଡ, ସିଡବ୍ଲୁଜି, କୋଲ୍‌ଗେଟ୍, ଏଚ୍‌ଡିଡବ୍ଲ୍ୟୁ ସବ୍‌ମରିନ୍ କିଣା ସହିତ ହରିୟାଣା ଓ ଉତ୍ତର ଭାରତର କେତେକ ରାଜ୍ୟରେ ରବର୍ଟ ଭଦ୍ରାଙ୍କ ଦ୍ୱାରା ସ୍ୱଳ୍ପ ମୂଲ୍ୟରେ ହଡ଼ପ ହୋଇଥିବା ଅନେକ ହଜାର ଏକର ଜମିକୁ ତଦନ୍ତ କରି ଦୋଷୀକୁ ଗିରଫ କରାଯିବ। ମୋଦି ସରକାରର ଦୀର୍ଘ ପ୍ରାୟ ୮ ବର୍ଷ ବିତିବାକୁ ବସିଲାଣି, କିନ୍ତୁ ଜନସାଧାରଣ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ପାଉନାହାନ୍ତି। ଏଥିରୁ ସହଜରେ ବୁଝିହେଉଛି ଯେ କଂଗ୍ରେସକୁ ଦୁର୍ବଳ କରି ରଖିପାରୁଥିବା ଗାନ୍ଧୀ ପରିବାରକୁ ସବଳ କରି ରଖିବାର ଦାୟିତ୍ୱ ଭାଜପା ନେତୃତ୍ୱ ନେଇଥାଇ ପାରନ୍ତି। ଏହି ସୂକ୍ଷ୍ମ ରାଜନୀତିକୁ ହୁଏତ ସାଧାରଣ ନାଗରିକ କିମ୍ବା ଦଳୀୟ କର୍ମୀ ବୁଝିବା ପାଇଁ ଅରାଜି କିମ୍ବା ଅକ୍ଷମ।

ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଲଦି ଦିଆଯାଉଛି। କିନ୍ତୁ ପୂର୍ବ ଦୁର୍ନୀତିର ଦୋଷୀମାନଙ୍କୁ ହୁଏତ ଜାଣିଶୁଣି ଦଣ୍ଡ ଦିଆଯାଉ ନାହିଁ। ସେଥିରୁ ମନେହେଉଛି ଯେପରି ଭିତିରି ବୁଝାମଣା ଅତି ସୁଦୃଢ଼। ଏଠାରେ ମନେପଡ଼େ ଓଡ଼ିଶାର ଜଣେ ପୁରୁଖା ସ୍ୱର୍ଗତ ସମ୍ପାଦକଙ୍କ ସମ୍ପାଦକୀୟ ଯାହାର ଶୀର୍ଷକ ଥିଲା –‘ତୁ ନ ହେଲେ ମୁଁ, ଆଉ ସଭିଏଁ ତୁଁ’। ଆଜି ଦିଲ୍ଲୀ ଦରବାରରେ ଏହି ନୀତି ଜୋର୍ ଧରିଛି। ଜନସାଧାରଣଙ୍କ ମନରୁ କଂଗ୍ରେସ ଲିଭିଯାଉଥିବା ହେତୁ ଦକ୍ଷିଣପନ୍ଥୀ ଚିନ୍ତାଧାରୀଙ୍କ ମନରେ ଭାଳେଣି ପଡ଼ିଲାଣି। କାରଣ ଆଞ୍ଚଳିକ ଦଳଗୁଡ଼ିକ ପୁନର୍ବାର ଦୃଢ଼ ହେବାକୁ ଲାଗିଲେ ଦକ୍ଷିଣପନ୍ଥୀଙ୍କ ଅଡୁଆ ବଢ଼ିବ। କୌତୂହଳରେ ପ୍ରଶ୍ନ କରାଯାଇପାରେ ଯେ ଭାଜପାର କୌଣସି ନେତା କାହିଁକି କହୁନାହାନ୍ତି ଯେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ମମତା ବାନାର୍ଜୀଙ୍କ ତୃଣମୂଳ ଏବଂ ଅରବିନ୍ଦ୍ କେଜରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି ଭଳି ଦଳ ଭାରତରେ ଶକ୍ତିଶାଳୀ ହୁଅନ୍ତୁ।



# ରାଜକୋଷ ତ ଦଳୀୟ ପାଣ୍ଠି

ସହଦେବ ସାହୁ

ଆମେ ‘ଗଣ’ତନ୍ତ୍ରରେ ନାହୁଁ, ‘ଦଳ’ତନ୍ତ୍ରରେ ଅଛୁ!– ଏହି ବାକ୍ୟରେ ଗତ ପ୍ରବନ୍ଧଟିକୁ ଶେଷ କରିଥିବାରୁ ଦଳତନ୍ତ୍ର ଚାଲିଥିବାର ଆଉ କ’ଣ ଉଦାହରଣ ଅଛି ତାହା ଜାଣିବାକୁ କେତେଜଣ ପାଠକ ପଚାରିଛନ୍ତି, ତା’ର ଉତ୍ତରରେ ଏ ପ୍ରବନ୍ଧଟିର ନାମକରଣ। ରାଜନୈତିକ ଦଳଗୁଡ଼ିକ ଜାଣନ୍ତି ଯେ ଆମ ଗଣତନ୍ତ୍ର ବହୁମତ– ଭୋଟ ପ୍ରଥାରେ ଚାଲିଛି, ଯିଏ ଅନ୍ୟ ପ୍ରତ୍ୟେକ ପ୍ରାର୍ଥୀଠାରୁ ବେଶି ଭୋଟ ପାଇଲା ସିଏ ଲୋକପ୍ରତିନିଧି ବୋଲାଇବ, ଯଥା ୧୦୦ ଭୋଟର ଥିବା ନିର୍ବାଚନ ମଣ୍ଡଳୀରେ ୫ଜଣ ପ୍ରାର୍ଥୀ କଡ଼ାକଡ଼ି ଟକ୍କର ଦେଲେ ବି ଯିଏ ୨୨ଖଣ୍ଡ ଭୋଟ ପାଇବ ସିଏ ଜିତିବ, ଅନ୍ୟମାନେ କ୍ରମାନ୍ୱୟରେ ୨୧, ୨୦,୧୯ ଓ ୧୮ ଭୋଟ ପାଇଥିଲେ ବି ଜିତିବା ପ୍ରାର୍ଥୀକୁ ନ ଚାହୁଁଥିବା ଭୋଟରଙ୍କ ସଂଖ୍ୟା ୭୮। ତିନୋଟି ମୁଖ୍ୟ ଦଳ ଥିଲା ବେଳେ ଜିତିବାକୁ ଚାହୁଁଥିବା ଦଳ ଶତକଡ଼ା ୪୦ ପାଖାପାଖି ଭୋଟ ଲୋଡ଼ିବ। କେତେଜଣ ବିଜୟୀ ପ୍ରାର୍ଥୀ ୭୦ କି ୮୦ ଶତାଂଶ ଭୋଟ ପାଉଥିଲେ ବି ଅଧିକାଂଶ ପ୍ରାର୍ଥୀ ୩୦ରୁ ୪୦ ଶତାଂଶ ଭୋଟ ପାଇ ଜିତନ୍ତି। ତେଣୁ ସରକାର ଚଳାଉଥିବା ଦଳ ଅନ୍ତତଃ ସେତିକି ଭୋଟରଙ୍କୁ ହାତ କରିବାକୁ ଚେଷ୍ଟା କରେ। ଆମ ରାଜ୍ୟରେ ଶତକଡ଼ା ୪୦ ଭାଗ ଲୋକ ଦିନମଜୁରିଆ ବା କନାଗୋଟାଳି ବା ଭିକାରି, ଯେଉଁ ଦିନ ପଇସା ନାହିଁ ସେ ଦିନ ଭୋକିଲା। ଆଉ ୨୦ଭାଗ ଲୋକ ଏତେ ଭୋକିଲା ନ ହେଲେ ବି ଦାରିଦ୍ର୍ୟସୀମାରେଖା ପାଖାପାଖି, ଯେଉଁମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସାତ ସପନ । ଏପରି ୬୦ ଭାଗ ଲୋକଙ୍କୁ କିଛି ମାଗଣା ସାମଗ୍ରୀ ଓ ସେବା (ଇଂଲିଶରେ ଫ୍ରିବି) ଯୋଗାଇଦେଲେ ସେମାନେ ଆପଣାର ହୋଇଯିବେ, ରାଜ୍ୟର ଦୀର୍ଘକାଳୀନ ବିକାଶ ଉପରେ ସେମାନଙ୍କର ନଜର ନ ଥାଏ, ସେମାନେ ବର୍ତ୍ତମାନରେ ବଞ୍ଚନ୍ତି; ଏଣୁ ନିର୍ବାଚନ ସମୟରେ ଦଳଗୁଡ଼ିକ ଭିତରେ ପ୍ରତିଯୋଗିତା କିଏ କେତେ ଉପହାର ଓ ଖୋରାକ–ଟଙ୍କା ଯୋଗାଇବାର ପ୍ରତିଶ୍ରୁତି ବା ‘ଫ୍ରିବି’ ଦେବ। ତାମିଲନାଡୁରେ ଆମ୍ମା ନାମ ଯୋଡ଼ିହୋଇଥିବା ଭୋଜନ, ଜଳ ଯୋଗାଣ, ବିଜୁଳି ଏପରିକି ମଙ୍ଗଳସୂତ୍ର ଆଦି ଫ୍ରିବି ତାଲିକାରେ ଅଛି, ତାକୁ ଅନୁକରଣ କରି ଓଡ଼ିଶା ସରକାର ଜଗନ୍ନାଥ ବଳଭଦ୍ରଙ୍କ ଡାକନାମ ଯୋଡି ସ୍କିମ୍ କରୁଛନ୍ତି। ତାମିଲନାଡୁରେ ରନ୍ଧନଗ୍ୟାସ୍ ଓ ଷ୍ଟୋଭ୍ ଦିଆଯାଉଛି ତ ଆମ ରାଜ୍ୟରେ ଛତା, ଜୋତା, ସାଇକେଲ, ଲାପଟପ୍ ଆଦି ଫ୍ରିବି ଅଛି। ଦଳ କିଛି ଖର୍ଚ୍ଚ କରିବ ନାହିଁ, ସରକାରୀ ଖଜଣାଖାନାରୁ ଏଥିଲାଗି ପଇସା ଆସିବ। ଯଦି ରାଜସ୍ୱ ଯଥେଷ୍ଟ ହେବ ନାହିଁ ବାହାରୁ ଋଣ ନିଆଯିବ। ଏହି ଋଣ (ପବ୍ଲିକ୍ ଡେଟ୍) ବଢିଚାଲିଲେ ଦିନେ ତା’ର କେବଳ ସୁଧ ଶୁଝିବାରେ ରାଜସ୍ୱ ନିଅଣ୍ଟ ହେବ ତ ରାଜ୍ୟର କର୍ମଚାରୀମାନଙ୍କ ଦରମା ଦେବାକୁ ବି ଯଥେଷ୍ଟ ଅର୍ଥ ବଳିବ ନାହିଁ। ଏହା ହିଁ ଘଟିଥିଲା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୫ ବର୍ଷର ଶାସନର ଶେଷ କାଳରେ। ୧୯୮୦ର ଏକ ବଳକା ରାଜ୍ୟ ୧୯୯୮–୯୯ ବେଳକୁ ତାହାର କର୍ମଚାରୀମାନଙ୍କୁ ଦରମା ଓ ପେନ୍‌ସନ ଦେବାରେ ଅକ୍ଷମ ହୋଇଗଲା। ୧୯୯୯ ଏପ୍ରିଲରେ ମୁଖ୍ୟଶାସନ ସଚିବ ହିସାବରେ ମୁଁ ଆର୍ଥିକ ଶୃଙ୍ଖଳା ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ସହ ଏକ ବୁଝାମଣାପତ୍ର ଦସ୍ତଖତ କରାଇଥିଲି, ମୁଁ ସିନା ଶାସକଦଳର ଅପ୍ରିୟ ହୋଇ ପଦବୀ ଛାଡ଼ିଲି, କିନ୍ତୁ ପରବର୍ତ୍ତୀ ସରକାର ଏହାକୁ କାର୍ଯ୍ୟକାରୀ କରି ସୁଫଳ ପାଇଲେ, ୨୦୦୩ ସୁଦ୍ଧା ଜିରୋ–ବଜେଟିଂ କରିପାରିଲେ ଓ ୨୦୦୬ ବେଳକୁ ଏକ ବଳକା ରାଜ୍ୟ କରିପାରିଲେ। ଅବଶ୍ୟ ସେତେବେଳର ଚାଇନା ସରକାର ଓ ଚାଇନା କମ୍ପାନୀଗୁଡ଼ିକ ଓଡ଼ିଶାରୁ ଏତେ ପରିମାଣର ଲୌହ ଓ ଅନ୍ୟ ଖଣିଜ ଦ୍ରବ୍ୟ ଖରିଦ କଲେ ଯେ, ଓଡ଼ିଶାକୁ ଯଥେଷ୍ଟ ରାଜସ୍ୱ (ରୟାଲ୍‌ଟି ଓ ଟିକସ ଆକାରରେ) ମିଳିଲା। ଦୁଃଖର କଥା ତା’ ସଙ୍ଗେ ସଙ୍ଗେ ରାଜ୍ୟର ଡେମୋକ୍ରାସିରେ କ୍ଲେପ୍ଟୋକ୍ରାସି ବା ଚୌର୍ଯ୍ୟତନ୍ତ୍ର ପଶିଲା, କାଳକ୍ରମେ ଚୌର୍ଯ୍ୟତନ୍ତ୍ର ବା ସରକାର–ସମର୍ଥିତ ଭ୍ରଷ୍ଟାଚାର ଗଣତନ୍ତ୍ରକୁ ନାକେଦମ୍ କଲାଣି। ‘ପିସି’ ସଂସ୍କୃତି ରାଜ୍ୟ ଶାସନର ରକ୍ତରେ ମିଶିଗଲାଣି। ଭ୍ରଷ୍ଟାଚାର ଦୂର କରିବା ଆଉ ନିର୍ବାଚନ–ପ୍ରଚାରର ଭିତ୍ତି ନ ହୋଇ ଭୋଟରଙ୍କୁ ମନେଇବାର ଫ୍ରିବି ଓ ଭୋଟ କିଣିବା ପ୍ରକ୍ରିୟା ହିଁ ଭିତ୍ତି ହୋଇଗଲାଣି, ଭାରତର ସବୁ ରାଜ୍ୟରେ।

କ୍ଲେପ୍ଟୋକ୍ରାସି ଡେମୋକ୍ରାସିକୁ କଣ୍ଟ୍ରୋଲ କଲା ତ ଦଳ ସହ ସମ୍ପୃକ୍ତ ବହୁତ ଲୋକ ନୂତନଧନୀ (ନ୍ୟୁରିଚ୍) ହୋଇଗଲେ, ପାଶ୍ଚାତ୍ୟ ଆଦବକାଇଦା ଗ୍ରହଣ କଲେ ତ ଦେଶରେ ବିଦେଶୀ ମଦ କାରବାର ଓ ମାଦକ ଦ୍ରବ୍ୟ ବାଣିଜ୍ୟ ବଢ଼ିଲା, ସରକାରୀ ଟିକସ ଯେତେ ତାହାଠାରୁ ବହୁଗୁଣ ଦଳର ପାଣ୍ଠିକୁ ଦାନ ହିସାବରେ। ତେଣେ ଶାସକ ଦଳର ପ୍ରତିନିଧିମାନେ ନିଜ ପ୍ରଭାବ ବ୍ୟବହାର କରି ରାଜ୍ୟର ସମ୍ପତ୍ତିକୁ (ତାହା ଲଘୁ, ମଧ୍ୟମ ଓ ଭାରି ଖଣିଜ ବସ୍ତୁର ଉତ୍ସ ବା ସୈରାତ୍ ହେଲେ ବି) ଶାଗମାଛ ଦରରେ ଟେକିଦେଲେ; ନିଲାମ ଧରିଛନ୍ତି ଆଳରେ କ୍ଲେପ୍ଟୋକ୍ରାଟ୍‌ମାନେ ପାଖଆଖର ପ୍ରାକୃତିକ ସମ୍ପଦକୁ ବି ଶୋଷିଲେ, ଦି’ ପଇସା ଲୋଭରେ ବ୍ୟୁରୋକ୍ରାଟ୍‌ମାନେ ଆଇନକୁ ଲାଗୁକଲେ ନାହିଁ। ରାଜକୋଷକୁ ପର୍ଯ୍ୟାପ୍ତ ଧନ ନ ଆସିବାରୁ ସରକାର ବଜାରରୁ ବା ବ୍ୟକ୍ତିଙ୍କଠାରୁ ଋଣ ଉଠାଇବା ଆରମ୍ଭ କରୁଛନ୍ତି – ଏ ପବ୍ଲିକ୍ ଡେଟ୍ ପରିମାଣ ବଢ଼ି ବଢ଼ି ଚାଲିଛି। ୨୦୧୧–୧୨ରେ ଓଡ଼ିଶା ସରକାରଙ୍କ ପବ୍ଲିକ୍ ଡେଟ୍ ଯେତେ ଥିଲା ତାହା ମୁଣ୍ଡପିଛା ଟ.୯,୧୪୪.୪୦। ୨୦୨୧ଶେଷବେଳକୁ ଲୋକସଂଖ୍ୟା ବଢ଼ିଥିଲେ ବି ଅର୍ଥାତ୍ ମୁଣ୍ଡପିଛା ଋଣଭାର ଟ. ୨୩,୭୬୧.୮୩କୁ ବଢ଼ିଗଲାଣି, ୧୦ବର୍ଷ ଭିତରେ ଦୁଇଗୁଣ! ପୁଣି ବଢ଼ତି ଲୋକସଂଖ୍ୟା ଉପରେ। (ଷ୍ଟାଟସ ପେପର ଅନ୍ ପବ୍ଲିକ ଡେଟ୍ ଇନ୍ ଓଡ଼ିଶା, ଆନ୍ ଓଭରଭ୍ୟୁ, ଫେବୃୟାରୀ ୨୦୨୧ ଦ୍ରଷ୍ଟବ୍ୟ)। ଏହି ଢଙ୍ଗ (ଟ୍ରେଣ୍ଡ) ଚାଲୁ ରହିଲେ ୨୦୩୫–୩୬ରେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଶତାବ୍ଦୀ ପାଳନ ବର୍ଷରେ ମୁଣ୍ଡପିଛା ସରକାରୀ ଋଣ ପରିମାଣ ୬୦ ହଜାର ଟଙ୍କା, ଅର୍ଥାତ୍ ପ୍ରତି ପରିବାର ଉପରେ ପବ୍ଲିକ୍ ଡେଟ୍ ହୋଇଯାଇଥିବ ଅଢ଼େଇ ଲକ୍ଷ ଟଙ୍କା।

ଦଳର ମୁଖିଆଙ୍କ ଜନପ୍ରିୟତା ୫୦ ଶତାଂଶକୁ ଖସିଆସିଲେ ବି ତାଙ୍କ ଦ୍ୱାରା ବଛାହୋଇଥିବା ପ୍ରାର୍ଥୀଙ୍କ ଯୋଗ୍ୟତା (ୱିନେବିଲିଟି) ଆସିଯାଏ। ତେଣୁ ନିର୍ବାଚିତ ଦଳର ପ୍ରତିନିଧି ଭାବେ ବୋବା; ସେମାନଙ୍କ ବ୍ୟକ୍ତିଗତ ଯୋଗ୍ୟତା ଅବସରପ୍ରାପ୍ତ ସର୍ବଭାରତୀୟ ସେବା ହେଉ କି ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମୁଖ୍ୟ ହେଉ। ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ନିର୍ବାଚନ କମିଶନ ପାଖରେ ଦଳପତିଙ୍କ ସୁପାରିସପତ୍ର ପହଞ୍ଚିବା ଦରକାର। ନ ହେଲେ ବ୍ୟକ୍ତିଟିଏ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି କେବେ ଶାସନଗାଦିରେ ବସିପାରିବ କି? ତେଣୁ ନିର୍ବାଚନରେ ଜନାଦେଶ ମିଳେ ନାହିଁ, ଦଳପତିଙ୍କ ଏକଲା ଆଦେଶ ଉପରେ ମୋହର ବସେ। ଦଳର ସ୍ୱାର୍ଥ ହିଁ ରାଜ୍ୟ ସ୍ୱାର୍ଥର ଉର୍ଦ୍ଧ୍ୱରେ ରହେ। ତେଣୁ ନିର୍ବାଚିତ ପ୍ରତିନିଧିଙ୍କ ଗାଁରେ ମଦଦୋକାନ ଭାଙ୍ଗୁଥିବା ମହିଳାମାନେ ତାଙ୍କୁ ଭୋଟ ଦେଇଥିଲେ ବି ମଦଦୋକାନ ସ୍ଥାନାନ୍ତର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଳି କରିପାରିବେ ନାହିଁ, ବରଂ ବେଆଇନ କାମ ପାଇଁ ସେହି ମହିଳାମାନଙ୍କୁ ଜେଲ ପଠାଗଲେ ସେ ମୌନ ରହିବେ, କାରଣ ସେ ନିଜର ବିବେକକୁ ଦଳ ଆଗରେ ବଳି ଦେଇଛନ୍ତି।

ଏବେ ସମାପ୍ତ ହୋଇଥିବା ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁର ବିଧାନସଭା ନିର୍ବାଚନରେ ଦଳଗୁଡ଼ିକ କ’ଣ ଯାଚିଥିଲେ, ତାହାକୁ ହେଜିଲେ ଆପଣଙ୍କ ମନେ ହେଉନାହିଁକି ପ୍ରଦେଶର ଟ୍ରେଜରିଟା ଯେପରି ଦଳର ପଇସାମୁଣି! ସଂସଦୀୟ ପରମ୍ପରା କହେ ବିଧାନ ସଭାରେ ବଜେଟ ପାରିତ ନ କରି ସରକାର ଟଙ୍କାଟିଏ ଖର୍ଚ୍ଚ କରିପାରିବେ ନାହିଁ, ଏପରିକି ଦରମା ଦେଇ ପାରିବେ ନାହିଁ। ଯଦି ବଜେଟ ପ୍ରସ୍ତାବ ଆକାରରେ ବିଧାନସଭାରେ ପେସ୍ ହେବା ପୂର୍ବରୁ ପ୍ରସ୍ତାବର ବିବରଣୀ ପଦାରେ ପଡ଼ିଯାଏ, ବଜେଟ ଲିକ୍ ହୋଇଛି ବୋଲି ସରକାର ହରଡ଼ଘଣାରେ ପଡ଼ନ୍ତି, ତେବେ ଶାସକ ଦଳ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ଦେଇଥିବା ଲମ୍ବା ଲମ୍ବା ପ୍ରତିଶ୍ରୁତି ବଜେଟ ଲିକ୍ ନୁହେଁ କି? ଆଗେ ଥିଲା ନିର୍ବାଚନ ଇସ୍ତାହାର ରାଜନୈତିକ ଦଳର ଲକ୍ଷ୍ୟ ଓ ନୀତି ଦର୍ଶାଇବା କଥା, ଯାହା ଭିତ୍ତିରେ ନାଗରିକମାନେ ଦଳକୁ ବାଛନ୍ତି। ଏବେ ନିର୍ବାଚନ–ଇସ୍ତାହାର ହେଉଛି ହୋଟେଲର ଖାଦ୍ୟତାଲିକା ବା ମେନୁ, କେଉଁ ଦଳର ମେନୁ ତୁମକୁ ପସନ୍ଦ ହେଉଛି ତାକୁ ଭୋଟ ଦିଅ। ସେ ଦଳ ସେପରି ମେନୁର ଖାଦ୍ୟ ପରଷିବ। ପ୍ରତିଶ୍ରୁତି ଦେବା ଭୁଲ୍ ନୁହେଁ, ଯେ ପର୍ଯ୍ୟନ୍ତ ତାହା ପାଇଁ ରାଜକୋଷରୁ କିଛି ନ ଯାଏ, ଯେ ପର୍ଯ୍ୟନ୍ତ ତାହା ଲୋକଙ୍କୁ କର୍ମବିମୁଖ ନ କରେ, ଯେ ପର୍ଯ୍ୟନ୍ତ ଜୀବନରେ ଉତ୍ତରୋତ୍ତର ଉନ୍ନତି କରିବାର ଇଚ୍ଛାକୁ ଛଡ଼ାଇ ନ ନିଏ। ଲୋକେ କର୍ମବିମୁଖ ହେଲେ ଦେଶର ଜିଡିପି ବଢ଼ିବ ନାହିଁ, ଉତ୍ତରୋତ୍ତର ଉନ୍ନତି କରିବାର ଇଚ୍ଛା ଚାଲିଗଲେ ଦେଶର ସଭ୍ୟତାରେ ଅବକ୍ଷୟ ଦେଖାଦେବ, ଏମିତି ଖୁସିବାସି ଓ ଅଳସୁଆପଣରେ ରୋମାନ୍ ସାମ୍ରାଜ୍ୟ ଓ ରୋମୀୟ ସଭ୍ୟତା ନଷ୍ଟହୋଇଗଲା ପରା!

sahadevas@yahoo.com



# ଅବଧାରିତ ଅପରାହ୍ନ

ବିମଳ ପ୍ରସନ୍ନ ଦାସ

୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖ ପ୍ରାୟ ତିନିଟା ତିରିଶ ମିନିଟ – ଏକ ଅବଧାରିତ ଅପରାହ୍ନ, ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ସାକ୍ଷତ କରିଥିଲେ। ସ୍ଥାନଟି ଥିଲା ବର୍ତ୍ତମାନର ପ୍ଲେଗ୍ରାଉଣ୍ଡ ଭିତରେ ଥିବା ଗୃହର ଉପର ମହଲାକୁ ଯିବା ଶିଡ଼ି ପାହାଚର ଲାଣ୍ଡିଂରେ। ଶ୍ରୀଅରବିନ୍ଦ ଉପର ମହଲାରୁ ଓହ୍ଲାଇ ଆସି ପାହାଚର ଶେଷ ପ୍ରାନ୍ତରେ ଅପେକ୍ଷା କରିଥାନ୍ତି ସେ ଦିନର ସେହି ଫରାଶୀ ତରୁଣୀ ମୀରାଙ୍କୁ। ଉଭୟଙ୍କ ଦୃଷ୍ଟିରେ ପରସ୍ପରକୁ ସାକ୍ଷାତ କରିବାର ଯେଉଁ ଅପୂର୍ବ ଆନନ୍ଦ ଓ ଆକାଙ୍କ୍ଷା ତାକୁ ଭାଷାରେ ପ୍ରକାଶ କରିବା ପୃଥିବୀର କୌଣସି ଭାଷା ଯେ ସମର୍ଥ ତାହା ଏହି ଲେଖକର ମନେହୁଏ ନାହିଁ। ଅସଫଳ ଭାଷାରେ କହିଲେ ସତେ ଯେପରି ଆକାଶ ନଇଁ ଆସୁଛି ଛୁଇଁ ଦେବାକୁ ପୃଥିବୀକୁ। ସତେ ଯେପରି ପୃଥିବୀ ବଢ଼େଇ ଦେଇଛି ତା’ର ଆବେଗ କମ୍ପନ ନିଃସର୍ତ୍ତ କରଯୁଗଳ ଅସୀମ ଅନନ୍ତ ଆକାଶ ଆଡ଼େ। ସମ୍ପୂର୍ଣ୍ଣ ସମର୍ପିତ କରି ଦେଇଛି ନିଜକୁ। ମହାକାଳ କେବଳ ହିଁ ସାକ୍ଷୀ ଆକାଶ ସହିତ ଧରିତ୍ରୀର ସମ୍ପୂର୍ଣ୍ଣ ସମର୍ପଣ ପର୍ବର। ଶ୍ରୀଅରବିନ୍ଦଙ୍କୁ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରି ଶୋଇ ଯାଇଛନ୍ତି ବିଶ୍ୱଜନନୀ। ଏହି ସମର୍ପଣ ପର୍ବକୁ ସ୍ୱୀକୃତି ଜଣାଇ ଶ୍ରୀଅରବିନ୍ଦ କହିଛନ୍ତି, ଶରୀରର ପ୍ରତି ଜୀବକୋଶ ଯେ ସମର୍ପିତ ହୋଇପାରେ ଏହା ସେ ପ୍ରଥମେ ଲକ୍ଷ୍ୟ କଲେ। ଏହା ହିଁ ଥିଲା ଏକ ଅବଧାରିତ ଅପରାହ୍ନ।

ଏହି ମୁହୂର୍ତ୍ତରେ ଶ୍ରୀମା ଅନୁଭବ କରିଥିଲେ ପୃଥିବୀରେ ଅସଂଖ୍ୟ ଲୋକ ଅଜ୍ଞାନ ତମସାରେ ନିମଜ୍ଜିତ ରହିଥାନ୍ତୁ ନା କାହିଁକି ଭୂପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ହିଁ ଦିନେ ସେ ତମସା ଆଲୋକରେ ରୂପାନ୍ତରିତ ହେବାର ତଥା ଦିବ୍ୟ ଯୁଗର ସୂତ୍ରପାତର ଅଲଂଘ୍ୟ ପ୍ରତିଶ୍ରୁତି।

ବିଶ୍ୱାସର ଏ ଦଲିଲ ଅନନ୍ୟ। ବିଧାତାର ପଞ୍ଜିକାରେ ସେହି ମୁହୂର୍ତ୍ତରେ ସ୍ପଷ୍ଟ ହୋଇ ଉଠିଥିବ ଶ୍ରୀମା’ଙ୍କ ଭୂମିକା – ଶ୍ରୀଅରବିନ୍ଦଙ୍କ ଯୋଗଯଜ୍ଞରେ ସେ ହେବେ ପୁରୋହିତ, ଦେବେ ଆହୁତି, ଚେତନାର ରହସ୍ୟ ଲୋକରେ ସେ ଆପଣାକୁ ସମର୍ପଣ କରିବେ ମହାଯୋଗୀଙ୍କ ଅଭିନବ ଏବଂ ଦୁଃସହ ପରୀକ୍ଷା ନିରୀକ୍ଷାର କହିବା ଆଧାର, କହିବା ସହଯୋଗୀ, କହିବା ସହକାରୀ, କହିବା ନିରୀକ୍ଷକ ଏବଂ କହିବା ଧାତ୍ରୀ ରୂପେ।

ଇତିହାସର ବିଡମ୍ବନା ବଶତଃ ଶ୍ରୀମା’ଙ୍କୁ



ଅବଶ୍ୟ ଭାରତରୁ ବିଦାୟ ନେବାକୁ ପଡ଼ିଲା, କିନ୍ତୁ ସୂକ୍ଷ୍ମ ପର୍ଯ୍ୟାୟରେ ସେ ଯୋଗଯଜ୍ଞର ନୂତନ ପର୍ଯ୍ୟାୟ ଆରମ୍ଭ ହୋଇ ସାରିଥିଲା। ୧୯୨୦ ମସିହା ଏପ୍ରିଲ୍ ୨୪ ତାରିଖରେ ଶ୍ରୀମା’ଙ୍କର ପୁନରାଗମନ ଉତ୍ତାରୁ ତାହା ଆମ ସ୍ଥୂଳ ଦୃଷ୍ଟିରେ ନେଲା ଯୁଗ୍ମ ତପସ୍ୟାର ରୂପ। ମନ ଓ ବୁଦ୍ଧିର ମାଧ୍ୟମ ଯୋଗେ ସେ ମହାଯୋଗର କଳନା ସମ୍ଭବପର ନୁହେଁ। କିନ୍ତୁ ଆକାଶରୁ ମାପି ନ ପାରିଲେ ମଧ୍ୟ ମହାଶୂନ୍ୟକୁ ଦୃଷ୍ଟିପାତ କଲେ ଯେମିତି ତାହାର ଅସୀମତାର ଧାରଣା କରିହୁଏ, ସେହିପରି ଦିବ୍ୟଶକ୍ତି ପ୍ରତି ଆସ୍ଥାଶୀଳ ହୋଇ ଶ୍ରୀମା ଏବଂ ଶ୍ରୀ ଅରବିନ୍ଦଙ୍କ ଆଭିମୁଖ୍ୟ ଦିଗରେ ଉନ୍ମୁଖ ହେଲେ ସେ ଅଭୂତପୂର୍ବ ତପସ୍ୟା ଉତ୍ତାପ ଉଣାଅଧିକ ଅନୁଭବ କରିହୁଏ। ଯେଉଁ ଅନୁଭବରୁ ଅନ୍ୟ କୌଣସି ଅଭିବ୍ୟକ୍ତି ଅଭାବରୁ ଏ ଲେଖକ ଉତ୍ତାପ ବୋଲି କହୁଛି, ତାହା ସୌମ୍ୟ ଉତ୍ତାପ; ବିନା ପ୍ରବାହରେ ତାହା ଆମ ଶୀତଳ ଚେତନାରେ ସଞ୍ଚାର କରେ ସଞ୍ଜୀବନୀର ଉଷ୍ମତା।

କିନ୍ତୁ ମାନବ ସଭ୍ୟତା ଆଜି ଏକ ବିଚିତ୍ର ପରିସ୍ଥିତିରେ ଉପନୀତ ବିଜ୍ଞାନ ଓ ବୈଷୟିକ ଚମତ୍କାରିତାରେ ମଣିଷ ଯେତିକି ସମୃଦ୍ଧ ହେଉଛି ନୈତିକତା ଓ ଆଧ୍ୟାତ୍ମିକତା ଦିଗରେ ସେତିକି ଅନ୍ତଃସାରଶୂନ୍ୟ ହୋଇଯାଉଛି। ଫଳରେ ଶାନ୍ତି ଓ ଆନନ୍ଦର ଦାରିଦ୍ର୍ୟକୁ ବରଣକରି ଆପଣେଇ ନେବାକୁ ବାଧ୍ୟ ହେଉଛି। ଭଗବତ ଅନ୍ୱେଷା ସତେ ଯେପରି ଏକ ମରୀଚିକା। ଫଳରେ ଜୀବନର ପ୍ରତିପଦରେ ଅପଶକ୍ତିର ମୁକାବିଲା ପାଇଁ ମଣିଷ ଅହରହ ଶ୍ୱାସରୁଦ୍ଧ। ସୁତରାଂ ଜୀବନର ପ୍ରତିଟି ମୁହୂର୍ତ୍ତ ସଂଘର୍ଷମୟ। ମହାଯୋଗୀ ଶ୍ରୀଅରବିନ୍ଦ ଏ ପରିସ୍ଥିତିକୁ ଚେତନାର ସଂକଟ ଭାବରେ ଅଭିହିତ କରିଛନ୍ତି। ଏହି ସଂକଟରୁ ମୁକ୍ତି ପାଇଁ ଶ୍ରୀଅରବିନ୍ଦ ନୂତନ ଚେତନା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ନୂତନ ଚେତନା ମନୁଷ୍ୟର ସମସ୍ତ ମୂଲ୍ୟବୋଧକୁ ପରିବର୍ତ୍ତନ କରିଦେବ। ସେତେବେଳେ ମଣିଷ ବ୍ୟକ୍ତିଗତ ଓ ସମଷ୍ଟିଗତ ଅହଂ ପରିତ୍ୟାଗ କରି ଦିବ୍ୟ ପ୍ରେରଣା ଦ୍ୱାରା ପରିଚାଳିତ ହେବ।

ଋଷି ଶ୍ରୀଅରବିନ୍ଦଙ୍କ ମହାଯୋଗର ଆଭିମୁଖ୍ୟ ସଂପ୍ରତି ଅନେକଙ୍କୁ ଜଣା। କ୍ରମାଗତ ଅଧିକରୁ ଅଧିକ ବ୍ୟକ୍ତି ଜାଣିବାର ସୁଯୋଗ ଅବ୍ୟାହତ ରହିଛି। (The Human Cycle) ‘ମାନବ ଯୁଗଚକ୍ର’ ଗ୍ରନ୍ଥରେ ଇଙ୍ଗିତ ଦେଇଛନ୍ତି ଏପରି କି ଅଳ୍ପ ସଂଖ୍ୟକ ବ୍ୟକ୍ତି ଯଥାର୍ଥ ଅଭୀପ୍‌ସା ସହ ସାଧନା କଲେ ମହାଶକ୍ତିର ବିଭୂତି କାର୍ଯ୍ୟକାରୀ ହେବ।

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ଜଣେ ଦୃଷ୍ଟିବାଧିତ ସ୍ୱାବଲମ୍ବୀ ହେବା ସହ ନିଯୁକ୍ତି ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏହା ବାରାଣସୀ ନିବାସୀ ସତ୍ୟପ୍ରକାଶ ମାଲବୀୟଙ୍କ ଦ୍ୱାରା ସମ୍ଭବ ହୋଇପାରିଛି। ମାଲବୀୟ ଜନ୍ମରୁ ଦୃଷ୍ଟିବାଧିତ। ତାଙ୍କୁ ଏବେ ବୟସ ୨୫। ସେ ବାରାଣସୀର ଦୃଷ୍ଟିହୀନ ସ୍କୁଲରୁ ଦ୍ୱାଦଶରେ ୮୦ପ୍ରତିଶତ ନମ୍ବର ରଖି ପାସ କରିବା ସହ ସ୍କଲାରଶିପ ପାଇଛନ୍ତି। ପରେ କମ୍ପ୍ୟୁଟରରେ କୋର୍ସ କରିବା ପରେ ରେଡିଓ ଜକି ଚାକିରି ମିଳିଥିଲା। କିନ୍ତୁ ସେ ବିଜ୍‌ନେସରେ ସ୍ୱାବଲମ୍ବୀ ହେବା ସହ ତାଙ୍କ ଭଳି ଲୋକମାନଙ୍କୁ ରୋଜଗାର ଦେବା ଲକ୍ଷ୍ୟରେ ଚାକିରିକୁ ଏଡାଇଯାଇଛନ୍ତି। ପ୍ରଥମେ ଆଚାର ଓ ମହମବତି ବିଜ୍‌ନେସରେ ବିଫଳ ହେବା ପରେ ମହାମାରୀ ସମୟରେ ସତ୍ୟପ୍ରକାଶ ‘କାଶୀ ମସଲା’ ନାମରେ ମସଲା ବିଜ୍‌ନେସ ଆରମ୍ଭ କରିଥିଲେ। ସ୍କଲାରଶିପ୍‌ରୁ ପାଇଥିବା ଅର୍ଥ ଓ କେତେଜଣ ସମାଜସେବୀଙ୍କ ଆର୍ଥିକ ସହଯୋଗରେ ସେ ପ୍ରଥମେ ଏହା ଆରମ୍ଭ କରିଥିଲେ। ଏବେ ସେ ଏହି ବିଜ୍‌ନେସରୁ ମାସକ ସବୁ ଖର୍ଚ୍ଚ ପରେ ୩୦ ହଜାର ଟଙ୍କା ପାଉଛନ୍ତି। ଏଥିରେ ୧୦ ଜଣ ମହିଳାଙ୍କ ସମେତ କେତେଜଣ ଦିବ୍ୟାଙ୍ଗଙ୍କୁ ନିଯୁକ୍ତ କରିଛନ୍ତି। ମସଲାର ମାର୍କେଟିଂ ପାଇଁ ସେ ନିଜେ ପ୍ରଦର୍ଶନୀକୁ ଯାଉଛନ୍ତି। ଏସବୁ କାର୍ଯ୍ୟରେ ବିଭିନ୍ନ ସ୍ଥାନରେ ତାଙ୍କୁ ଅଟୋଚାଳକମାନେ ବେଶୀ ସାହାଯ୍ୟ କରୁଛନ୍ତି ବୋଲି କହନ୍ତି ସତ୍ୟପ୍ରକାଶ। ଆଗକୁ ସେ ମସଲା ଚା’, କଫି ଓ ଚକୋଲେଟ ତିଆରି କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ମାର୍ଚ୍ଚ ୧୯୯୭

- ଆଫଗାନ ଶରଣାର୍ଥୀ ଶିବିର ଭିତରେ ନିରାପତ୍ତା ବାହିନୀର ଯବାନମାନଙ୍କ ଗୁଳିରେ ୧୧ ଜଣ ଆରବ ଇସଲାମୀୟ ଉଗ୍ରବାଦୀ ନିହତ।
- ବାହାରିନ ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ଇରାନ ସମର୍ଥନରେ ହୋଇଥିବା ଏକ ଷଡ଼ଯନ୍ତ୍ରରେ ଲିପ୍ତ ୧୬ ଜଣଙ୍କୁ ୩ରୁ ୧୫ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | 9 | | | |
| 6 | 4 | | | | | | 8 | |
| | 8 | | | 7 | | | | |
| 8 | | | | | | | | |
| 7 | | | 2 | | | | 9 | |
| 3 | | 5 | | | | | | 6 |
| | | | | | 2 | | 5 | 7 |
| | | | | | 6 | 1 | | |
| 1 | | | | 9 | 5 | 4 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 4 | 1 | 3 | 5 | 9 | 8 | 6 |
| 8 | 6 | 1 | 2 | 9 | 4 | 7 | 5 | 3 |
| 5 | 9 | 3 | 7 | 6 | 8 | 4 | 2 | 1 |
| 7 | 2 | 9 | 4 | 8 | 1 | 3 | 6 | 5 |
| 4 | 8 | 5 | 6 | 2 | 3 | 1 | 9 | 7 |
| 1 | 3 | 6 | 5 | 7 | 9 | 2 | 4 | 8 |
| 6 | 5 | 2 | 9 | 1 | 7 | 8 | 3 | 4 |
| 9 | 1 | 8 | 3 | 4 | 6 | 5 | 7 | 2 |
| 3 | 4 | 7 | 8 | 5 | 2 | 6 | 1 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା କେମିତି ହେବ

ମହାଶୟ,

ପ୍ରତିବର୍ଷ ବିଦ୍ୟୁତ୍ ଶୁଳ୍କ ବଢ଼ି ବଢ଼ି ଚାଲିଛି। ରାଜ୍ୟରେ ବିଜୁଳି ସେବାରେ ସଂସ୍କାର ଆଣିବା ଲାଗି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କର ଏକ ବଡ଼ ଭୂମିକା ରହିଥିଲେ ବି ଉପଭୋକ୍ତାଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯାଇପାରୁନାହିଁ। ଅପରପକ୍ଷରେ ଓପିଜିସି ( ଓଡ଼ିଶା ପାୱାର ଜେନେରେସନ କର୍ପୋରେଶନ) ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଅଧୀନରେ ରହିଥିଲେ ମଧ୍ୟ ଉପଭୋକ୍ତାଙ୍କ ସ୍ୱାର୍ଥରେ ନାହିଁ। ଓପିଜିସି ଘରୋଇ ସଂସ୍ଥା ଭଳି କାର୍ଯ୍ୟ କରୁଛି। ଯେଉଁ ମଲ୍ଟିଇୟର ତାରିଫ ବା ବହୁ ବର୍ଷୀୟ ବିଦ୍ୟୁତ୍ ଦର ନିର୍ଦ୍ଧାରଣ କରାଯାଏ ସେ କ୍ଷେତ୍ରରେ ମଧ୍ୟ କାଳକ୍ଷେପଣ ନୀତି ଅବଲମ୍ବନ କରାଯାଉଛି। ‘ନନ୍ ତାରିଫ୍ ଇନ୍‌କମ୍’କୁ ନେଇ ବିବାଦ ରହିଛି। କମ୍ପାନୀ ମାତ୍ରାଧିକ ରୋଜଗାର କରୁଛି ଏବଂ ଇନ୍‌କମ୍ ଟ୍ୟାକ୍ସ ଦେଉଛି। ହେଲେ ତାହା ଗ୍ରାମାଞ୍ଚଳର ଉପଭୋକ୍ତାଙ୍କ ଉପରେ କାହିଁକି ପଡୁଛି, ବୁଝା ପଡୁନାହିଁ। ଓପିଜିସି ଯେଉଁ କୋଇଲା ଦରବୃଦ୍ଧି ଦେଖାଇ ତାରିଫ ବଢ଼ାଇବାକୁ ବସିଛି ତାହା ସମ୍ପୂର୍ଣ୍ଣ ବେଆଇନ। ସଂସ୍ଥାରେ ଥିବା ଅପାରଗ ଅଧିକାରୀଙ୍କ ଯୋଗୁ କୋଟି କୋଟି ଟଙ୍କାର କ୍ଷତି ହେଉଛି; ଯାହାକୁ ଉପଭୋକ୍ତା ସହିବାକୁ ଯାଉଛନ୍ତି। ଦିଲ୍ଲୀର ଆପ୍ ସରକାର ଯଦି ଅନ୍ୟ ପ୍ରଦେଶରୁ ବିଦ୍ୟୁତ୍ କିଣି ଟିକସ୍ ନ ବଢ଼ାଇ ଋଣ ନ କରି ୪୨୦ ୟୁନିଟ୍ ପର୍ଯ୍ୟନ୍ତ ଖର୍ଚ୍ଚ କରିଥିବା ସମସ୍ତ ପରିବାରକୁ ମାଗଣା ବିଦ୍ୟୁତ୍ ଯୋଗାଇ ପାରୁଛନ୍ତି ତେବେ ଓଡ଼ିଶାରେ ତାହା କାହିଁକି ସମ୍ଭବ ହେଉନାହିଁ। ଓଡ଼ିଶାରେ ଯେଉଁ ଟାଟା କମ୍ପାନୀ ବିଦ୍ୟୁତ୍ ବିତରଣ କରୁଛି, ଦିଲ୍ଲୀରେ ଯଦି ସେହି ଟାଟା କମ୍ପାନୀ ଗତ ୭ବର୍ଷ ଧରି ୭୦୦ ୟୁନିଟ୍‌ରୁ ଅଧିକ ବିଦ୍ୟୁତ୍ ପାଇଁ ଦର ବଢ଼ାଇ ନାହିଁ, ୨୪ ଘଣ୍ଟା ବିଜୁଳି ଯୋଗାଇ ପାରୁଛି, ତେବେ ଓଡ଼ିଶାରେ ତାହା କାହିଁକି ସମ୍ଭବ ହେଉନାହିଁ। ଆୟୋଗ ଏହାକୁ ଗମ୍ଭୀରତାର ସହ ବିଚାର କରିବା ଦରକାର।

**–ଦେବଦତ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ବାଲୁକାଚରେ ଚକ୍ରବାକ
ଚରଇ ମହାନନ୍ଦେ
ଗୋଧୂଳି ପଥ ଅରୁଣ ଆହେ
ଚରଣ ତବ ବନ୍ଦେ
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଠକେଇ: ବର୍ତ୍ତିବେ କିପରି

କିଛି ବର୍ଷ ମଧ୍ୟରେ ଡିଜିଟାଲ ପେମେଣ୍ଟ ମୋଡ୍‌ର ବ୍ୟବହାର ବହୁଳ ଭାବେ ବୃଦ୍ଧି ପାଇଛି। ଏହାସାଙ୍ଗରେ ତାଳ ଦେଇ ବଢ଼ିଛି ଠକେଇ ମାମଲା। ବିଶେଷକରି ସାଧାରଣ ତଥା ସରଳ ବିଶ୍ୱାସୀ ଲୋକ, ଅର୍ଥ ନେଣଦେଣ ବାବଦରେ ନୂତନ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ନ ଥିବା ବ୍ୟକ୍ତି ସହଜରେ ଠକାମିର ଶିକାର ହେଉଛନ୍ତି। ଅଭିଯୁକ୍ତମାନେ ଅଭିନବ କୌଶଳରେ ଲୋକଙ୍କୁ ଲୁଟ୍ କରୁଛନ୍ତି। ଏ ଦିଗରେ ସମସ୍ତେ ଅଧିକ ସତର୍କ ଓ ସଚେତନ ହୋଇପାରିଲେ ଲୁଟ୍‌ର ଶିକାର ହେବାରୁ ବର୍ତ୍ତିପାରିବେ। ଏ ନେଇ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସଚେତନ ବାର୍ତ୍ତା ଜାରି କରାଯାଇଛି।



## ନକଲି ୱେବସାଇଟ୍ ଲିଙ୍କ୍

ଲୁଟେରାମାନେ କୌଣସି ବ୍ୟାଙ୍କ, ଇ-କମର୍ସ ଆଦିର ଅସଲି ୱେବ୍‌ସାଇଟ୍ କିମ୍ବା କୌଣସି ସର୍ଚ୍ଚ ଇଞ୍ଜିନ ପରି ଅବିକଳ ଦେଖାଯାଉଥିବା ଏକ ଥାର୍ଡ ପାର୍ଟି ୱେବ୍‌ସାଇଟ ତିଆରି କରିଥାନ୍ତି। ସେହି ସାଇଟ୍‌ଗୁଡ଼ିକର ଲିଙ୍କ୍‌କୁ ସେମାନେ ଏସ୍‌ଏମ୍‌ଏସ୍, ସୋସିଆଲ ମିଡିଆ, ଇ-ମେଲ୍, ମେସେଞ୍ଜର ଆଦି ମାଧ୍ୟମରେ ଲୋକଙ୍କ ନିକଟକୁ ପଠାଇଥାନ୍ତି। ଅଧିକାଂଶ ସମୟରେ ଲୋକେ ୟୁଆର୍‌ଏଲ୍ ବାବଦରେ ବିସ୍ତୃତ ଭାବେ ନ ଜାଣି ଲିଙ୍କ୍ ଉପରେ କ୍ଲିକ୍ କରିଦେଇଥାନ୍ତି ଏବଂ ଏଥିରେ ମାଗୁଥିବା ଡାଟା ଯଥା ଓଟିପି, ପିନ୍ ଆଦି ପ୍ରଦାନ କରିଥାନ୍ତି। ଲୁଟେରାମାନେ ସେହି ତଥ୍ୟ ପାଇଯିବା ପରେ ତାହାର ଅପବ୍ୟବହାର କରିଥାନ୍ତି।

**କ'ଣ କରିବେ:** ଏସ୍‌ଏମ୍‌ଏସ୍ କିମ୍ବା ମେଲ୍ ଯୋଗେ ଆସୁଥିବା ଅଜଣା ଲିଙ୍କ୍ ଉପରେ କ୍ଲିକ୍ ନ କରି ଭବିଷ୍ୟତରେ ମଧ୍ୟ ସେଥିରୁ ଦୂରେଇ ରହିବାକୁ ତାହାକୁ ତୁରନ୍ତ ଡିଲିଟ୍ କରିଦେବା ଉଚିତ। ଏଥିସହ କୌଣସି ୱେବସାଇଟ୍‌ରେ ଆର୍ଥିକ ତଥ୍ୟ ପ୍ରଦାନ କରିବା ପୂର୍ବରୁ ତାହାକୁ ଭଲ କରି ଯାଞ୍ଚ କରିବା ଉଚିତ।

## ଅଜଣା ମୋବାଇଲ୍ ଆପ୍

ଭେରିଫାଏ ହୋଇ ନ ଥିବା ଅଜଣା ଆପ୍ଲିକେଶନ ଡାଉନଲୋଡ୍ କରିବା ଫଳରେ ଲୁଟେରାମାନେ ଆପଣଙ୍କ ମୋବାଇଲ୍/ଲାପ୍‌ଟପ୍/ଡେସ୍କଟପ୍‌କୁ ଆକ୍‌ସେସ୍ କରିପାରିଥାନ୍ତି। ଦୁର୍ବୃତ୍ତମାନେ ଏହି ଆପ୍ଲିକେଶନ ଲିଙ୍କ୍‌କୁ ମେସେଜ୍, ସୋସିଆଲ ମିଡିଆ, ଇନ୍‌ଷ୍ଟାଗ୍ରାମ ମେସେଞ୍ଜର ଆଦିରେ ଶେୟାର କରିଥାନ୍ତି। ସେହି ଲିଙ୍କ୍‌ଗୁଡିକ ଜଣାଶୁଣା ତଥା ଅଥେଣ୍ଟିକ୍ ଭଳି ଲାଗୁଥିବାରୁ ଅନେକେ ସେଥିରେ କ୍ଲିକ୍ କରିଦେଇଥାନ୍ତି। କିନ୍ତୁ ତାହା ଆପେଆପେ ଅଲଗା ସାଇଟ୍‌କୁ ରିଡାଇରେକ୍ଟ ହୋଇ ଅଜଣା ଆପ୍ଲିକେଶନ ଡାଉନଲୋଡ ହୋଇଯାଇଥାଏ।

**କ'ଣ କରିବେ:** କେବେ ବି ଭେରିଫାଏ ହୋଇ ନ ଥିବା ତଥା ଅଜଣା ସୋର୍ସରୁ କୌଣସି ଆପ୍ଲିକେଶନ ଡାଉନଲୋଡ କରନ୍ତୁ ନାହିଁ।



## ଏଟିଏମ୍ କାର୍ଡ ସ୍କିମିଂ



ଠକମାନେ ଏଟିଏମ୍ ମେଶିନ୍‌ରେ ସ୍କିମିଂ ଡିଭାଇସ୍ ଖଞ୍ଜୁଥିବା ମଧ୍ୟ ଦେଖାଯାଉଛି, ଯାହା ଦ୍ୱାରା ସେମାନେ ଆପଣଙ୍କ କାର୍ଡରୁ ଡାଟା ନେଇପାରିବେ। ଏଥିସହ ସେଥିରେ ଡମି କିପ୍ୟାଡ୍ ଖଞ୍ଜିବା, ଛୋଟ କ୍ୟାମେରା ଆଦି ଲଗାଉଛନ୍ତି, ଯାହାକୁ ଜଣେ ସହଜରେ ଠାବ କରିପାରି ନ ଥାନ୍ତି। ସେହିପରି ଅନେକ ସମୟରେ ଲୁଟେରାମାନେ ଏଟିଏମ୍ ମେଶିନ୍ ପାଖରେ ଆପଣଙ୍କ ପଛରେ ଛିଡ଼ା ହୋଇ ମଧ୍ୟ ପିନ୍ ନମ୍ବର ଜାଣିବା ପାଇଁ ଚେଷ୍ଟା କରିଥାନ୍ତି। ଏହି ସବୁ ଡାଟା ବ୍ୟବହାର କରି ଦୁର୍ବୃତ୍ତମାନେ ନକଲି କାର୍ଡ ପ୍ରସ୍ତୁତ କରିଥାନ୍ତି ଓ ସେଥିରୁ ଟଙ୍କା କାଢ଼ିନେଇଥାନ୍ତି।

**କ'ଣ କରିବେ:** ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯିବାବେଳେ ଯାଞ୍ଚ କରି ଦେଖନ୍ତୁ ଯେ ଏଟିଏମ୍ କାର୍ଡ ସ୍ଲଟ୍‌ରେ କୌଣସି ଏକ୍ସଟ୍ରା ଡିଭାଇସ୍ କିମ୍ବା କିପ୍ୟାଡ୍ ରହିଛି କି ନା। ପିନ୍ ଦେବା ବେଳେ କିପ୍ୟାଡ୍‌କୁ ଭଲ ଭାବେ ହାତ ଦ୍ୱାରା ଘୋଡ଼ାଇ ରଖନ୍ତୁ। ଯଦି ଆପଣଙ୍କ ପାଖରେ କେହି ଛିଡ଼ା ହୋଇ ନଜର ରଖୁଥାନ୍ତି ତେବେ ପିନ୍ ଏଣ୍ଟର କରନ୍ତୁ ନାହିଁ। ଏଥିସହ କୌଣସି ଅଜଣା ବ୍ୟକ୍ତିଙ୍କୁ ନିଜ ଏଟିଏମ୍ କାର୍ଡ ଦିଅନ୍ତୁ ନାହିଁ।

## ସିମ୍ ସ୍ୱାପ୍/ସିମ୍ କ୍ଲୋନିଂ



ଆକାଉଣ୍ଟ ବିସ୍ତୃତ ତଥ୍ୟ ଏବଂ ପ୍ରାମାଣିକତା ମୋବାଇଲ ସିମ୍ କାର୍ଡ ସହ ସଂଯୁକ୍ତ ହୋଇଥିବାରୁ ଲୁଟେରାମାନେ ଆପଣଙ୍କ ସିମ୍ କାର୍ଡ ବ୍ୟବହାର କରିବାକୁ ଚାହିଁଥାନ୍ତି କିମ୍ବା ସିମ୍‌ର ନକଲ କରିବାକୁ ଚେଷ୍ଟା କରିଥାନ୍ତି। ଏହା ଦ୍ୱାରା ସେମାନେ ଆପଣଙ୍କ ମୋବାଇଲ ନମ୍ବରକୁ ଆସୁଥିବା ଓଟିପି/ପାସୱାର୍ଡ/ଭେରିଫିକେଶନ ମେସେଜ ଆଦିର ବ୍ୟବହାର କରି ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଲୁଟିଥାନ୍ତି। ଏଥିପାଇଁ ସେମାନେ ନିଜକୁ ଟେଲିଫୋନ୍ କିମ୍ବା ମୋବାଇଲ ନେଟ୍‌ୱର୍କ ଷ୍ଟାଫ୍ ପରିଚୟ ଦେଇ ସିମ୍‌କୁ ୩ଜିରୁ ୪ଜିକୁ ଅପଗ୍ରେଡ୍ କରାଇଦେବାକୁ ଏହାର ବିଭିନ୍ନ ଲାଭ ବତାଇଥାନ୍ତି। ବଦଳରେ ସେମାନେ ସିମ୍ ଡାଟା ହାସଲ କରିନେଇ ନକଲି ସିମ୍ କିମ୍ବା ସିମ୍ କ୍ଲୋନିଂ କରିଥାନ୍ତି।

**କ'ଣ କରିବେ:** କାହାରିକୁ ଆପଣ ନିଜ ସିମ୍ ଡାଟା ପ୍ରଦାନ କରନ୍ତୁ ନାହିଁ। ଯଦି ଆପଣଙ୍କ ମୋବାଇଲରେ କ୍ରମାଗତ ଭାବେ କିମ୍ବା ନିର୍ଦ୍ଦିଷ୍ଟ ସମୟରେ ନେଟ୍‌ୱର୍କ ଆସୁ ନ ଥାଏ ତେବେ ଅପରେଟରଙ୍କୁ ଫୋନ୍ କରି ଆପଣଙ୍କ ସିମ୍‌ର ଡୁପ୍ଲିକେଟ୍ ଇସ୍ୟୁ ହୋଇଛି କି ନାହିଁ ତାହା ନିଶ୍ଚିତ ହୁଅନ୍ତୁ।

## ଚାର୍ଜିଂ ପୋର୍ଟ

ମୋବାଇଲ ଚାର୍ଜିଂ ପୋର୍ଟ ବ୍ୟବହାର ଦ୍ୱାରା ଜଣେ ଆପଣଙ୍କ ଫୋନ୍‌ରୁ ଡାଟା/ଫାଇଲ ଟ୍ରାନ୍ସଫର କରିପାରିବେ। ଏହାକୁ ଜୁସ୍ ଜ୍ୟାକିଂ କୁହାଯାଏ। ଏହା ଏକପ୍ରକାର ସାଇବର ଚୋରି। ଆପଣଙ୍କ ମୋବାଇଲ କୌଣସି ଅଜଣା ଚାର୍ଜିଂ ପୋର୍ଟରେ ଲଗାଇବା ଦ୍ୱାରା ତାହା ଭେରିଫାଏ ହୋଇ ନ ଥିବା ବିଭିନ୍ନ ଆପ୍ଲିକେଶନ ସହ ସଂଯୁକ୍ତ ହୋଇଥାଏ। ଏହା ମାଧ୍ୟମରେ ହ୍ୟାକର୍ସ ଆପଣଙ୍କ ଫୋନ୍‌ରେ ମାଲ୍‌ୱେର ତଥା ବିଭିନ୍ନ ଭାଇରସ୍ ଇନ୍‌ଷ୍ଟଲ କରି ମୋବାଇଲକୁ ନିୟନ୍ତ୍ରଣକୁ ନେଇଥାନ୍ତି। ସେଥିରୁ ଆପଣଙ୍କ ଗୁରୁତ୍ୱପୂର୍ଣ୍ଣ ଡାଟା ହାସଲ କରି ଲୁଟିଥାନ୍ତି। ପବ୍ଲିକ୍ ସ୍ଥାନରେ କିମ୍ବା ଅଜଣା ଚାର୍ଜିଂ ପୋର୍ଟ ବା କେବଳ ବ୍ୟବହାର କରି ମୋବାଇଲ ଚାର୍ଜ କରନ୍ତୁ ନାହିଁ।

## କ୍ୟୁଆର୍ ସ୍କାନ୍‌ରେ ଠକେଇ



ଦୁର୍ବୃତ୍ତମାନେ ଗ୍ରାହକଙ୍କୁ ଫୋନ୍ ମାଧ୍ୟମରେ ବିଭିନ୍ନ ଲୋଭ ଦେଖାଇ କ୍ୟୁଆର୍ କୋଡ୍ ସ୍କାନ କରିବା ପାଇଁ ପ୍ରବର୍ତ୍ତାଇ ଥାନ୍ତି। ଏହାଦ୍ୱାରା ସେମାନେ କଷ୍ଟମରଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇନେଇଥାନ୍ତି। ତେଣୁ କୌଣସି ପେମେଣ୍ଟ ଆପ୍‌ରେ କ୍ୟୁଆର୍ ସ୍କାନ କରିବା ପୂର୍ବରୁ ସଚେତନତା ଅବଲମ୍ବନ କରନ୍ତୁ।

## ଅନ୍‌ଲାଇନ ଚାକିରି

ଚାକିରିଦେବା ନାଁରେ ଅନେକ ଫେକ୍ ୱେବସାଇଟ୍ ରହିଛି। ସେମାନେ ପଞ୍ଜୀକରଣ ଓ ଅନ୍ୟାନ୍ୟ ବାବଦକୁ ଟଙ୍କା ମାଗିଲେ ଚାକିରି ଆଶାରେ ବହୁ ଯୁବପିଢ଼ି ସେମାନଙ୍କ ଆକାଉଣ୍ଟ ତଥ୍ୟ ମଧ୍ୟ ପ୍ରଦାନ କରୁଥିବା ଦେଖାଯାଇଛି। ଅନେକ ସମୟରେ ଲୁଟେରାମାନେ ନିଜକୁ ପ୍ରତିଷ୍ଠିତ କମ୍ପାନୀର ଅଧିକାରୀ ପରିଚୟ ଦେଇ ମଧ୍ୟ ଅର୍ଥ ମାଗୁଛନ୍ତି। ତେଣୁ ସର୍ବଦା ଜାଣିରଖିବା ଆବଶ୍ୟକ ଯେ ବାସ୍ତବରେ ଥିବା କୌଣସି କମ୍ପାନୀ ଚାକିରି ବଦଳରେ ଅର୍ଥ ଦାବି କରନ୍ତି ନାହିଁ।

## ଅଜଣା ଫୋନ୍ କଲ୍

ଦୁର୍ବୃତ୍ତମାନେ କୌଣସି ବ୍ୟାଙ୍କ କର୍ମଚାରୀ, କମ୍ପାନୀ ଅଧିକାରୀ, ଇନ୍ସ୍ୟୁରାନ୍ସ ଏଜେଣ୍ଟ, ସରକାରୀ ଅଫିସର ଆଦି ପରିଚୟ ଦେଇ ଫୋନ୍ କଲ୍ ମାଧ୍ୟମରେ ଲୋକଙ୍କୁ ଯୋଗାଯୋଗ କରିଥାନ୍ତି। ଏଥିରେ ସେମାନେ ଠକାମିର ଶିକାର ହେବାକୁ ଥିବା ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଯେପିରି ଜନ୍ମ ତାରିଖ, ନାଁ ଆଦି ଠିକ୍ ଭାବେ କହି ବିଶ୍ୱାସ ଜିତିଥାନ୍ତି। ପରେ ସେମାନେ ଗ୍ରାହକଙ୍କୁ କୌଣସି ଲୋଭନୀୟ ଅଫର ଦେଇଥାନ୍ତି କିମ୍ବା କୌଣସି ଅସୁବିଧା ହୋଇଥିବା କହି ସମାଧାନ କରିଦେବେ ବୋଲି ଆଶ୍ୱସ୍ତ କରାଇଥାନ୍ତି। ଏଥିନିମନ୍ତେ ଦୁର୍ବୃତ୍ତମାନେ ଗ୍ରାହକଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରି ସେମାନଙ୍କୁ ଲୁଟିଥାନ୍ତି। **କ'ଣ କରିବେ:** ସମସ୍ତେ ଜାଣିରଖିବା ଉଚିତ ଯେ, କୌଣସି ବ୍ୟାଙ୍କ କିମ୍ବା ଫାଇନାନ୍‌ସିଆଲ ସଂସ୍ଥା ସେମାନଙ୍କ ଗ୍ରାହକଙ୍କୁ ଫୋନ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ସିଭିଭି/ଓଟିପି/ପାସ୍‌ୱାର୍ଡ/ପିନ୍/ ୟୁଜରନେମ୍ ଭଳି ତଥ୍ୟ ମାଗି ନ ଥାନ୍ତି। ତେଣୁ ଏଭଳି ଫୋନ୍ କଲ୍‌ରୁ ଲୋକେ ଦୂରେଇ ରହିବା ଉଚିତ।

## ସୋସିଆଲ ମିଡିଆ ଜରିଆରେ ଲୁଟ୍



ଅପରାଧୀମାନେ କୌଣସି ଜଣାଶୁଣା ବ୍ୟକ୍ତିଙ୍କ ନାଁରେ ଫେକ୍ ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍ ଆଦିରେ ଆକାଉଣ୍ଟ ଖୋଲି ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥାନ୍ତି। ଆପଣଙ୍କ ବ୍ୟକ୍ତିଗତ କଥା ଶେୟାର କରି ସନ୍ଦେହରୁ ବର୍ତ୍ତିବା ପରେ ବିଭିନ୍ନ ଆଳ ଦେଖାଇ ଟଙ୍କା ମାଗିଥାନ୍ତି। ଅନେକ ସମୟରେ ସେମାନେ ବ୍ଲାକମେଲିଂ କରି ମଧ୍ୟ ଟଙ୍କା ଦାବି କରିଥାନ୍ତି।

**କ'ଣ କରିବେ:** ସୋସିଆଲ ମିଡିଆ ଜରିଆରେ ଚିହ୍ନା ହୋଇଥିବା ବ୍ୟକ୍ତିଙ୍କ ସହ କୌଣସି ପ୍ରକାର ଟଙ୍କା ନେଣଦେଣ କରନ୍ତୁ ନାହିଁ କିମ୍ବା ସେମାନଙ୍କୁ ନିଜ ବ୍ୟକ୍ତିଗତ କଥା ଶେୟାର କରନ୍ତୁ ନାହିଁ। ଅଜଣା ଲୋକଙ୍କୁ ଅନ୍‌ଲାଇନରେ ପେମେଣ୍ଟ କରନ୍ତୁ ନାହିଁ। କାହାର ଫ୍ରେଣ୍ଡ ରିକ୍ୟୁଏଷ୍ଟ ଆକ୍‌ସେପ୍ଟ କରିବା ପୂର୍ବରୁ ଭଲ ଭାବେ ଯାଞ୍ଚ କରନ୍ତୁ। ସମ୍ପର୍କୀୟଙ୍କ ନାଁରେ କେହି ଟଙ୍କା ମାଗୁଥିଲେ ପ୍ରଥମେ ଫୋନ୍ କିମ୍ବା ସାକ୍ଷାତ କରି ସେମାନଙ୍କଠାରୁ ଏ ବାବଦରେ ନିଶ୍ଚିତ ହୁଅନ୍ତୁ।

## ଲଟେରି ଠକେଇ

ଲୁଟେରା ଇମେଲ କିମ୍ବା ଫୋନ୍ କଲ ମାଧ୍ୟମରେ ବଡ଼ ଆକାରର ଲଟେରି ଜିତିଥିବା ନେଇ ମେସେଜ୍ ଦିଅନ୍ତି। ଲଟେରି ଅର୍ଥ କିମ୍ବା ସାମଗ୍ରୀ ପାଇବାକୁ ହେଲେ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧିତ ତଥ୍ୟ ଦରକାର ବୋଲି ସେମାନେ କହିଥାନ୍ତି। ଲୋଭରେ ପଡ଼ି ଅନେକେ ନିଜ ଆକାଉଣ୍ଟ ଡାଟା ପ୍ରଦାନ କରିଦେବା ଦ୍ୱାରା ଠକେଇର ଶିକାର ହୋଇଥାନ୍ତି। ତେଣୁ ଏଭଳି କୌଣସି କଲ୍ କିମ୍ବା ମେସେଜ୍ ପାଇଲେ କାହାରିକୁ ନିଜ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦିଅନ୍ତୁ ନାହିଁ।



## ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା

### ଲୋଭନୀୟ ସୁଧହାରରେ ଋଣ

ଦୁର୍ବୃତ୍ତମାନେ କମ୍ ସୁଧହାରରେ ଋଣ ଦେବାକୁ ବିଜ୍ଞାପନ ଦେଇ ସେମାନଙ୍କ ସହ ଯୋଗାଯୋଗ କରିବାକୁ କହିଥାନ୍ତି। ସେହି ସଂସ୍ଥାକୁ ଯୋଗାଯୋଗ ପରେ ସେମାନେ ଟ୍ୟାକ୍ସ, ପ୍ରୋସେସିଂ ଫି, ଜିଏସ୍‌ଟି, ଆଗୁଆ ଇଏମ୍‌ଆଇ ଓ ଅନ୍ୟ ଚାର୍ଜ କଥା କହି ଟଙ୍କା ଦାବି କରିଥାନ୍ତି। ଫଳରେ ଅନେକ ଲୋକ ଏହାଦ୍ୱାରା ଠକାମିର ଶିକାର ହେଉଛନ୍ତି।

**କ'ଣ କରିବେ:** କୌଣସି ଅଣବ୍ୟାଙ୍କିଙ୍ଗ ସଂସ୍ଥା (ଏନ୍‌ବିଏଫ୍‌ସି) କିମ୍ବା ବ୍ୟାଙ୍କର୍ସ ଋଣ ବାବଦରେ ପ୍ରୋସେସିଂ ଫି ଦାବି କରି ନ ଥାନ୍ତି, ଯାହା କି ଋଣ ଟଙ୍କାରୁ କଟିବ। ଏଥିସହ ଗ୍ରାହକଙ୍କୁ ଆଗୁଆ ଟଙ୍କା ମଧ୍ୟ ମଗାଯାଇ ନ ଥାଏ। ତେଣୁ ଅଜଣା ତଥା ଭରସା ଯୋଗ୍ୟ ହୋଇ ନ ଥିବା ଏନ୍‌ବିଏଫ୍‌ସିଗୁଡ଼ିକଠାରୁ ଋଣ ଗ୍ରହଣ ନ କରିବା ଉଚିତ।

## ଅନ୍‌ଲାଇନ ବିକ୍ରି ପ୍ଲାଟଫର୍ମ ବ୍ୟବହାର

ଲୁଟେରାମାନେ ଅନ୍‌ଲାଇନ ପ୍ଲାଟଫର୍ମରେ ଆପଣଙ୍କ ଜିନିଷ କିଣିବା ପାଇଁ ଆଗ୍ରହ ଦେଖାଇଥାନ୍ତି। ସେମାନେ ଆପଣଙ୍କୁ ଟଙ୍କା ଦେବା ପରିବର୍ତ୍ତେ ୟୁପିଆଇ ବିକଳ୍ପ ଜରିଆରେ ଆପଣଙ୍କଠାରୁ ଟଙ୍କା ନେବାର ରିକ୍ୱେଷ୍ଟ ପଠାଇଥାନ୍ତି। ଏହାକୁ ଆପ୍ରୁଭ କଲେ ଟଙ୍କା ମିଳିଯିବ ବୋଲି କହିଥାନ୍ତି। କିନ୍ତୁ ସେହି ରିକ୍ୱେଷ୍ଟକୁ ଆକ୍‌ସେପ୍ଟ କରିବା ପରେ ପିନ୍ କିମ୍ବା ପାସୱାର୍ଡ ମାଗିଥାଏ। ଲୋକେ ନ ଜାଣି ପାରି ପାସ୍‌ୱାର୍ଡ ଦେବା ପରେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥାଏ।

**କ'ଣ କରିବେ:** ୟୁପିଆଇ ମାଧ୍ୟମରେ ଟଙ୍କା ଗ୍ରହଣ କରିବା ସମୟରେ କୌଣସି ପିନ୍ କିମ୍ବା ପାସୱାର୍ଡ ଦେବା ଆବଶ୍ୟକ ପଡ଼ି ନ ଥାଏ। ଯଦି ଆପଣଙ୍କୁ ଟଙ୍କା ରିସିଭ୍ ସମୟରେ କେହି ଏଭଳି ବିକଳ୍ପ ଦେଉଥାଏ ତେବେ ଜାଣିଥନ୍ତୁ ଯେ ଏହା ଏକ ଠକେଇ।



# ଶିମିଳିପାଳରେ ନିଆଁ



ତାଳବନ୍ଧ ରେଞ୍ଜ ଅଧୀନ ଚୋରାବନ୍ଧଠାରେ ଜଙ୍ଗଲ ଜଳୁଛି।

**ବାରିପଦା ଅଫିସ, ୨୮।୩**

ଜୈବ ମଣ୍ଡଳ ଶିମିଳିପାଳ ଅଭୟାରଣ୍ୟ ଏବଂ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ନିଆଁ ଜଳୁଛି। ଦକ୍ଷିଣ ଓ ଉତ୍ତର ଶିମିଳିପାଳର ଆଂଶିକ ଅଞ୍ଚଳରେ ନିଆଁ ଲାଗିଥିବାରୁ ବିଭାଗୀୟ ଅଧିକାରୀମାନେ ଆୟତ୍ତ କରିବାରେ ସଫଳ ହୋଇଛନ୍ତି। ବଣିଆବସା ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଇବାରେ ଜଙ୍ଗଲ ସୁରକ୍ଷା କମିଟି ଓ ବିଭାଗୀୟ ଅଧିକାରୀୟ ମିଳିତ ସହଯୋଗ କରିଥିଲେ। ସେହିପରି ବାଙ୍ଗରିପୋଷି ତାଳବନ୍ଧ ରେଞ୍ଜ ଅଧୀନ ଚୋରାବନ୍ଧଠାରେ ନିଆଁ ଲାଗିଥିବା ବେଳେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ନିଆଁ ଧୀରେ ଧୀରେ ଶିମିଳିପାଳ ଅଭୟାରଣ୍ୟକୁ ବିସ୍ତାର କରୁଥିବାରୁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ଦୁଇ ଦିନ ପୂର୍ବରୁ ଉତ୍ତର ଶିମିଳିପାଳର କଣ୍ଟାଶୋଳ ବିଟ୍ ଚାପଡିହୀ ଅଞ୍ଚଳରେ ନିଆଁ ଲାଗିଥିବା ଦେଖି ନିକଟସ୍ଥ ମାହାଲିସାହି ଗ୍ରାମବାସୀଙ୍କ ସହଯୋଗରେ ବିଭାଗୀୟ ଅଧିକାରୀମାନେ ନିଆଁକୁ ଆୟତ୍ତ କରିଛନ୍ତି। ତେବେ ମହୁଲ ସଂଗ୍ରହକାରୀମାନେ ନିଆଁ ଲଗାଉଥିବା ପ୍ରାଥମିକ ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଶିକାରୀମାନେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଉଥିବା କୁହାଯାଉଛି।

# 'ଆମ ପୁଅ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ'

**ଶର୍ମିଷ୍ଠା ରାଉତ ଗିରଫ ପରେ ମାନସ ପରିବାର ସଦସ୍ୟଙ୍କ ପ୍ରତିକ୍ରିୟା**

**ପୋଲିସର ଅବହେଳା ବି ଦାୟୀ**

**ନୟାଗଡ଼ ଅଫିସ/ରଣପୁର, ୨୮।୩(ସ୍ୱ.ପ୍ର.):** ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୱେବ ନ୍ୟୁଜ୍ ପୋର୍ଟାଲ 'ସମ୍ପୂର୍ଣ୍ଣା'ର ମାଲିକାଣୀ ତଥା ଖବରଦାତା ଶର୍ମିଷ୍ଠା ରାଉତ ସୋମବାର ଗିରଫ ହୋଇଛନ୍ତି। ଏହାପରେ ମାନସଙ୍କ ମା' ଜୟନ୍ତୀ ଓ ବାପା ପଞ୍ଚାନନ ସ୍ୱାଇଁଙ୍କ ସମେତ ତାଙ୍କ ପରିବାର ସଦସ୍ୟମାନେ ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ଦାବି କରିଛନ୍ତି।

ମାନସଙ୍କ ମା' କହିଛନ୍ତି, ଆମ ଘରର ଏକମାତ୍ର ରୋଜଗାରିଆ ପୁଅକୁ ସେମାନେ ଅତି ନିର୍ଦ୍ଦୟ ଭାବେ କଲବଲ କରି ମାରିଛନ୍ତି। ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଗଲେ ମୋ ପୁଅର ଆତ୍ମା ଶାନ୍ତି ପାଇବ। ଏବେ ଆମ ପରିବାର ଆର୍ଥିକ ଅନଟନରେ ଚାଲିଛି। ବୋହୂ, ନାତି ସହିତ ଆମେ ବୁଢ଼ା ମା'ବାପା କିପରି ଚଳିବୁ ସେହି ଚିନ୍ତା ଘାରିଛି। ସରକାର ଆମ ପରିବାରକୁ ସହାୟତା ଦେବା ଦରକାର। ପୁଅ ହତ୍ୟାକୁ ଇତିମଧ୍ୟରେ ୧୭ ଦିନ ବିତିଛି। ଘରେ ଚୁଲି ଜଳୁନି। ପୋଲିସର ଅବହେଳା ପାଇଁ ମୋ ପୁଅର ମୃତ୍ୟୁ ଘଟିଛି। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ଦୀପକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରୁ। ପୋଲିସ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ହେଉ। ପୋଲିସ ଶର୍ମିଷ୍ଠାଙ୍କୁ ଗିରଫ କରିପାରିଲା ନାହିଁ। କ୍ରାଇମବ୍ରାଞ୍ଚ ଗିରଫ କରିଥିବାରୁ ନ୍ୟାୟ ପାଇବାକୁ ଆମେ ଆଶା ରଖିଛୁ। ଅନ୍ୟପକ୍ଷେ ଏଥିରେ ସମ୍ପୃକ୍ତ ବଡବଡିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।

ମାନସଙ୍କ ସ୍ତ୍ରୀ ଯମୁନା କହିଛନ୍ତି, ସ୍ୱାମୀଙ୍କୁ ହତ୍ୟା ପରେ ଆମ ପରିବାର ଉଜୁଡିଗଲା। ବଞ୍ଚିବା ଆମ ପାଇଁ କାଠିକର ପାଠ ହୋଇଛି। ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ସେ କହିଛନ୍ତି। ମାନସଙ୍କ ଭାଇ ରାକେଶ କୁହନ୍ତି, ହତ୍ୟାକାରୀମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ। ଦଣ୍ଡ ଏଭଳି ହେବା ଦରକାର ଯେପରି ମୋ'ଭାଇ ପରି ଅନ୍ୟ କାହାରିକୁ ହତ୍ୟା କରାଯିବାକୁ ସେମାନେ ଡରିବେ ବୋଲି ସେ କହିଛନ୍ତି।

# ଓଡ଼ିଶା କଳା ଓ କଳାକାରଙ୍କ ଭୂମି: ମୁଖ୍ୟମନ୍ତ୍ରୀ

## ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର, ୨୮।୩(ବ୍ୟୁରୋ)**

ଭାରତବର୍ଷର ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ରହିଛି। ଦୀର୍ଘ ସମୟ ଧରି ବିଭିନ୍ନ ସଂସ୍କୃତିର ସମାହାରରେ ଆମ ସଂସ୍କୃତି ପରିପୁଷ୍ଟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଜନତା ମଇଦାନଠାରେ ଷୋଡ଼ଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାକୁ ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିସହ ଏକ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି, ଓଡ଼ିଶା କଳା ଓ କଳାକାରଙ୍କ ଭୂମି। ଆମର ଚିତ୍ରକଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ, ସଙ୍ଗୀତ ଓ ନୃତ୍ୟ ଆମ ଉତ୍କଳୀୟ ସଂସ୍କୃତିରେ ପ୍ରତିଫଳିତ। ଦେଶର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀ, ବୁଣାକାର, କାରିଗରମାନଙ୍କର ସମାହାର ମାଧ୍ୟମରେ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ଜାତୀୟ ସଂହତିର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳେ। ରାଜଧାନୀ ଭୁବନେଶ୍ୱରକୁ କଳା ଓ କଳାପ୍ରେମୀମାନଙ୍କୁ ଆକୃଷ୍ଟ କରିବାରେ ତୋଷାଳି ମେଳା ସଫଳ ହୋଇଛି। କୋଭିଡ୍ ମହାମାରୀ ସମୟରେ ଏହି ମେଳା ଆୟୋଜିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମେଳା ସହିତ ସମ୍ପୃକ୍ତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗରମାନଙ୍କ ଜୀବନଜୀବିକାର ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି, ସେମାନଙ୍କର ଉତ୍ପାଦର ବିକ୍ରିବଟା ଏବଂ ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଏକ ବୃହତ୍ ବଜାରର ସୁବିଧା ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ, ପାଲା, ଯୋଡ଼ିଶଙ୍ଖ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ତୋଷାଳି ମେଳା ୧୪ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ବିକ୍ରିବଟା ହେବାର ବ୍ୟବସ୍ଥା କରାଯାଇଛି।





ଜନତା ମଇଦାନଠାରେ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାକୁ ସୋମବାର ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରୁଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏକ ଷ୍ଟଲ୍ ବୁଲି ଦେଖୁଛନ୍ତି।

# ୧୨ ପ୍ରକଳ୍ପ ଲାଗି ଖର୍ଚ୍ଚ ହେବ ୨୦୭୧ କୋଟି

**■ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ସିଙ୍ଗଲ ୱିଣ୍ଡୋ ବୈଠକ**

**■୧୨ ନୂତନ ପ୍ରକଳ୍ପକୁ ଅନୁମୋଦନ**

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ(ସିଙ୍ଗିଲ୍ ୱିଣ୍ଡୋ) କମିଟି ବୈଠକରେ ୧୨ଟି ନୂତନ ପୁଞ୍ଜିନିବେଶ ପ୍ରକଳ୍ପକୁ ନୀତିଗତ ଅନୁମୋଦନ ଦିଆଯାଇଛି। ଏହିସବୁ ପ୍ରକଳ୍ପ ମାଧ୍ୟମରେ ୨୦୭୧ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ହେବା ସହ ୩,୫୩୫ ଜଣଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ସୂଚନାଯୋଗ୍ୟ, ଗତ ୧୧୦ ଦିନ ମଧ୍ୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକକ ବାତାୟନ କମିଟି ୪୦ ପୁଞ୍ଜିନିବେଶ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ଫଳରେ ରାଜ୍ୟରେ ୫୮୪୧.୪୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ପ୍ରାୟ ୨୦,୩୮୦ ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସମ୍ପର୍କିତ ବିଷୟ ଉପସ୍ଥାପନପୂର୍ବକ କହିଛନ୍ତି, ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ପର୍ଯ୍ୟଟନ, ଆତିଥ୍ୟ, ଖାଦ୍ୟ ପ୍ରକ୍ରିୟାକରଣ, ପଶୁପାଳନ, ପଶୁଖାଦ୍ୟ ଉତ୍ପାଦନ, ଲଜିଷ୍ଟିକ୍ ପାର୍କ ଏବଂ ମାନୁଫାକ୍ଚରିଂ ସେକ୍ଟର ଅନ୍ତର୍ଭୁକ୍ତ। ଏଥିଲାଗି ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ସମୟାନୁବନ୍ଧିତ ନିର୍ମାଣ ଏବଂ ଉତ୍ପାଦନ ଆରମ୍ଭ ଉପରେ ଗୁରୁତ୍ୱ ଆରୋପ କରି ଏହା ଉପରେ ଦୃଷ୍ଟି ରଖିବା ପାଇଁ ମୁଖ୍ୟ ଶାସନ ସଚିବ ଇପିକଲକୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନଭାବେ ନୀତିଗତ ଅନୁମୋଦନ ଲାଭ କରିଥିବା ୧୨ ପ୍ରକଳ୍ପଗୁଡ଼ିକ ହେଉଛି, ସ୍ୱସ୍ତି ପ୍ରିମିୟମ ପ୍ରାଇଭେଟ ଲିମିଟେଡର ଗୋପାଳପୁର ପାମ୍ ରିସୋର୍ଟ ପାଇଁ ୯୫ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାଦ୍ୱାରା ୨୩୦ ଜଣଙ୍କୁ ନିଯୁକ୍ତି ମିଳିବ। ପୁଷ୍ପମ୍ ରିଅଲିଟିର ରିସୋର୍ଟ ଏବଂ ସ୍ପା ୟୁନିଟ୍ ପାଇଁ ୬୭.୨୭ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଏହାଦ୍ୱାରା ୫୦୦ ଜଣଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଆଶୀର୍ବାଦ ଇଞ୍ଜିନିୟରିଂ ଏବଂ କନ୍‌ଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡର ୫-ତାରକା ହୋଟେଲ ପାଇଁ ୫୯.୩୩ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୧୫୧ ଜଣଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଶ୍ରୀ ମେଟାଲିକସ୍ ଲିଃର ଆଇରନ ଓର ବେନିଫିକେସନ ଏବଂ ପେଲେଟ ପ୍ଲାଣ୍ଟ ପାଇଁ ୬୫୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାଦ୍ୱାରା ୭୫୦ ଜଣ ନିଯୁକ୍ତି ପାଇପାରିବେ। ସିଦ୍ଧିରିଦ୍ଧି ଇଣ୍ଟରନ୍ୟାଶନାଲ ପ୍ରା. ଲିଃର ବିଲେଟ ଏବଂ ପେଲେଟ ତିଆରି ପ୍ଲାଣ୍ଟ ପାଇଁ ୩୦୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୫୧୬ ଜଣ ନିଯୁକ୍ତି ପାଇବେ, ପଞ୍ଚବଟୀ ଇସ୍ପାତ ଲିଃର ସ୍ପଞ୍ଜ ଆଇରନ ଏବଂ ଷ୍ଟିଲ ବିଲେଟ ପ୍ଲାଣ୍ଟ ଲାଗି ୨୦୩ କୋଟି ଟଙ୍କା ଖର୍ଚ୍ଚ ହେବା ସହ ୨୧୧ ଜଣ ନିଯୁକ୍ତି ପାଇବେ। ସେହିପରି ଜେ.କେ ବାୟୋଟେକର ଶସ୍ୟ ଭିତ୍ତିକ ଇଥାନଲ ପ୍ଲାଣ୍ଟ ଲାଗି ୨୧୫ କୋଟି ଟଙ୍କା ଖର୍ଚ୍ଚରେ ୨୫୦ ଜଣଙ୍କୁ ନିଯୁକ୍ତି ମିଳିବ, ଏଲ୍.ଏମ୍.ବି କନ୍‌ଗିଓମେରେଟ ପ୍ରା. ଲିଃର ଇଥାନଲ୍ ପ୍ଲାଣ୍ଟ ଲାଗି ୧୪୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାଦ୍ୱାରା ୧୧୨ ଜଣ ନିଯୁକ୍ତି ପାଇବେ। ଉତ୍କଳ ଫିଡ୍‌ସ୍ ପ୍ରା. ଲିଃର ହାଚେରୀ, ବ୍ରିଡର ପ୍ୟାରେଣ୍ଟ ଏବଂ ଅଣ୍ଡାଦିଆ କୁକୁଡ଼ା ପ୍ଲାଣ୍ଟ ଲାଗି ୫୪.୧୭ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାଦ୍ୱାରା ୧୬୫ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ମିଳିବ। ସ୍ୱିନୋ ପେପର ଏବଂ ବୋର୍ଡ ପ୍ରା. ଲିଃର କ୍ରାଫଟ୍ କାଗଜ ଏବଂ ଡୁପଲେକ୍ସ୍ ବୋର୍ଡ ଉତ୍ପାଦନ ପ୍ଲାଣ୍ଟ ପାଇଁ ୫୬.୧୭ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୨୦୦ ଜଣ ଏହାଦ୍ୱାରା ନିଯୁକ୍ତି ପାଇବେ। ହିନ୍ଦୁସ୍ଥାନ୍ ଆକ୍ୱା ପ୍ରା. ଲିଃର ଲଜିଷ୍ଟିକ୍ ପାର୍କ, ଶୀତଳ-ଶୃଙ୍ଖଳ ଏବଂ ଆମୋଦ କେନ୍ଦ୍ର ଲାଗି ୮୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାଦ୍ୱାରା ୩୦୦ ଜଣ ନିଯୁକ୍ତି ସୁଯୋଗ ପାଇବେ। ସେହିପରି ରାଉରକେଲା ସ୍ପଞ୍ଜ ଏଲ୍.ଏଲ୍.ପି.ର ଇଥାନଲ୍ ପ୍ଲାଣ୍ଟ ପାଇଁ ୧୩୫ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୧୫୦ ଜଣ ନିଯୁକ୍ତି ପାଇପାରିବେ ବୋଲି ଜଣାପଡ଼ିଛି।

# ‘ମୋ ସ୍କୁଲ୍’ ଦେଶରେ ଉଦାହରଣ ସୃଷ୍ଟି କରିଛି: ମନ୍ତ୍ରୀ

ଭୁବନେଶ୍ୱର, ୨୮।୩(ବ୍ୟୁରୋ)



‘ମୋ ସ୍କୁଲ୍’ ଅଭିଯାନ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ପକ୍ଷରୁ ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ଅନ୍ୟମାନେ।

**ଏଚ୍‌ଡିଏଫ୍‌ସି ସହ ‘ମୋ ସ୍କୁଲ୍’ର ଏମ୍‌ଓୟୁ**

‘ମୋ ସ୍କୁଲ୍’ ଅଭିଯାନ ଆଜି ସମଗ୍ର ଭାରତବର୍ଷରେ ପ୍ରଶଂସିତ ହେଉଛି। ଅତୀତକୁ ବର୍ତ୍ତମାନ ସହ ଯୋଡୁଥିବା ଏହି ଅଭିଯାନ ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ପାଇଁ ବରଦାନ ସଦୃଶ ହୋଇଛି। ଏହା କେବଳ ଏକ ପ୍ଲାଟ୍‌ଫର୍ମ ନୁହେଁ, ନିଜେ ପଢ଼ିଥିବା ଶିକ୍ଷାନୁଷ୍ଠାନ ସହ ଯୋଡ଼ି ହେବା ପାଇଁ ଏକ ସୁଯୋଗ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ସୋମବାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ସମ୍ମିଳନୀ କକ୍ଷରେ ‘ମୋ ସ୍କୁଲ୍’ ଅଭିଯାନ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ପକ୍ଷରୁ ଏକ ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ସାହୁ ଯୋଗଦେଇ କହିଲେ, ପୁରାତନ ଛାତ୍ରୀଛାତ୍ରଙ୍କଠାରୁ ଆର୍ଥିକ ସହଯୋଗ ନେବା ଅଭିଯାନର ଲକ୍ଷ୍ୟ ନୁହେଁ। ଏହା ମାଧ୍ୟମରେ ନିଜେ ପଢ଼ିଥିବା ବିଦ୍ୟାଳୟ ସହ ଭାବଗତ ସମ୍ପର୍କ ରଖିବା ଓ ଶିକ୍ଷାଦାନ ପ୍ରକ୍ରିୟାରେ ସହଯୋଗର ହାତ ବଢ଼ାଇବାକୁ ଆମେ ଉତ୍ସାହିତ କରୁଛୁ। ଏହି ଅଭିଯାନ ଆରମ୍ଭ ହେବା ପରେ ସରାକାରୀ ବିଦ୍ୟାଳୟର ରୂପ ବଦଳିଛି। ଶିକ୍ଷା ସହ କ୍ରୀଡ଼ା ଓ ଅନ୍ୟାନ୍ୟ ସହପାଠ୍ୟଭିତ୍ତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଯେଉଁମାନେ ସହଯୋଗର ହାତ ବଢ଼ାଉଛନ୍ତି, ସେମାନେ ଦେଶ ଓ ରାଜ୍ୟ ପାଇଁ ମହତ୍ କାର୍ଯ୍ୟ କରୁଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଶିକ୍ଷାର ବିକାଶ ପାଇଁ ସହଯୋଗର ହାତ ବଢ଼ାଇ ଉଦାହରଣ ସୃଷ୍ଟି କରିଛି। ‘ମୋ ସ୍କୁଲ୍’ ଅଭିଯାନ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଏହି ଏମ୍‌ଓୟୁ ଦ୍ୱାରା ନୟାଗଡ଼ ଜିଲାର ୩ଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ ପଦକ୍ଷେପ ନିଆଯିବ। ସେଗୁଡ଼ିକ ହେଲା ମଧ୍ୟଖଣ୍ଡ ନୋଡାଲ ହାଇସ୍କୁଲ୍, କେ.ସି. ନୋଡାଲ ବିଦ୍ୟାପୀଠ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାସଙ୍ଗ ଏବଂ ରାମଚନ୍ଦ୍ର ପ୍ରାଣବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ। ଭିତ୍ତିଭୂମି ସହ ସ୍କୁଲ୍‌ରେ ଶୈକ୍ଷିକ ପରିବେଶର ବିକାଶକୁ ପ୍ରାଥମିକତା ଦେବା ପ୍ରମୁଖ ଲକ୍ଷ୍ୟ ରହିବ ବୋଲି ମନ୍ତ୍ରୀ ସାହୁ କହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗଦେଇ ‘ମୋ ସ୍କୁଲ୍’ ସହ ୭ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଓ ବହୁ ବ୍ୟକ୍ତିବିଶେଷ ଯୋଡ଼ିହୋଇ ସ୍କୁଲ୍‌ର ବିକାଶ ପାଇଁ ଆର୍ଥିକ ତଥା ଅନ୍ୟାନ୍ୟ ସହଯୋଗ ପ୍ରଦାନ କରିଛନ୍ତି। ଶିକ୍ଷାର ବିକାଶ ଦିଗରେ ଏହା ଏକ ଅଭିନବ କାର୍ଯ୍ୟକ୍ରମ ବୋଲି ସେ କହିଥିଲେ।

ଏହି ଅବସରରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ‘ମୋ ସ୍କୁଲ୍’ ସଦସ୍ୟ ସଚିବ ଅନୁପମ ସାହା ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଓଡ଼ିଶା ଶାଖା ଡେପୁଟି ଭାଇସ୍ ପ୍ରେସିଡେଣ୍ଟ ଅଜିତ କୁମାର ପାଢ଼ୀ ଉପସ୍ଥିତ ରହି ଏହି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଆଗାମୀ ଦିନରେ ଏଚ୍‌ଡିଏଫ୍‌ସି ପକ୍ଷରୁ ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ ଏକାଧିକ ପଦକ୍ଷେପ ନିଆଯିବ ଏବଂ ମୋ ସ୍କୁଲ୍ ଅଭିଯାନ ସହ ମିଶି ବ୍ୟାଙ୍କ୍ ଆହୁରି ଅଧିକ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଓଡ଼ିଶା ଶାଖା ଭାଇସ୍ ପ୍ରେସିଡେଣ୍ଟ ଅନିମେଶ ବିଶ୍ୱାଳ କହିଥିଲେ। ‘ମୋ ସ୍କୁଲ୍’ ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା ଧନ୍ୟବାଦ ଦେଇଥିଲେ।

## ୩୦ରୁ ଗ୍ରୀଷ୍ମ ପ୍ରବାହ ଜାରି

୬ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୨୮।୩(ବ୍ୟୁରୋ)- ରାଜ୍ୟରେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଥିବା ବେଳେ ଏଇ କିଛିଦିନ ମଧ୍ୟରେ ଖରାର ପ୍ରକୋପ ବଢ଼ିଚାଲିଛି। ଫଳରେ ତାପମାତ୍ରାର ପାରଦ ଉପରମୁହାଁ ହେବାରେ ଲାଗିଛି। ଆସନ୍ତା ୩୦ ତାରିଖରୁ ତାତି ଆହୁରି ୨ରୁ ୩ ଡିଗ୍ରୀ ଯାଏ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୩୦ ତାରିଖରୁ ୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି। ଏଥିପାଇଁ ବୌଦ୍ଧ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ ଓ ସମ୍ବଲପୁର ଆଦି ୬ଟି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୩୦ ତାରିଖରେ ବୌଦ୍ଧ, ସୋନପୁର ଓ ବଲାଙ୍ଗୀର ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବ ଏବଂ ଏହି ତିନି ଜିଲାକୁ ସେହିଦିନ ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ୩୧ ଓ ୧ ତାରିଖରେ ମଧ ତାତି ରହିବା ସମ୍ଭାବନା ଥିବାରୁ ଉପରୋକ୍ତ ୬ ଜିଲାକୁ ମଧ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ଅପରପକ୍ଷେ ସୋମବାର ଆଭ୍ୟନ୍ତରୀଣ ଓଡ଼ିଶାର ୭ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଛି। ୪୧ଡିଗ୍ରୀ ସହ ବଲାଙ୍ଗୀର ରାଜ୍ୟର ଉତ୍ତପ୍ତ ସହର ଥିବାବେଳେ ବାରିପଦା ୪୦.୮, ଟିଟିଲାଗଡ଼ ୪୦.୫, ତାଳଚେର ୪୦.୨, ଅନୁଗୋଳ ୪୦.୧, ସୋନପୁର ୪୦.୧, ବୌଦ୍ଧ ୪୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଝାରସୁଗୁଡ଼ା ୩୯.୬, ସମ୍ବଲପୁର ୩୯.୨, ମାଲକାନଗିରି ୩୯, ସୁନ୍ଦରଗଡ଼ ୩୯.୫, ହୀରାକୁଦ ୩୮.୧, ନୟାଗଡ଼ ୩୮, ଛତ୍ରପୁର ୩୮, ଭଦ୍ରକ ୩୮, ଚାନ୍ଦବାଲି ୩୭.୮, ଫୁଲବାଣୀ ୩୭.୮, ରାୟଗଡ଼ା ୩୭.୬, ଭୁବନେଶ୍ୱରରେ ୩୭.୨, କେନ୍ଦୁଝର ୩୭.୨, କଟକ ୩୭.୨, ଯାଜପୁର ୩୭.୨, କୋରାପୁଟ ୩୭.୨, ପାରଳାଖେମୁଣ୍ଡିରେ ୩୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଛି।

## ଫସଲରେ ନିଆଁ ଲଗାଇଲେ ଦୁର୍ବୃତ୍ତ

କାଶୀନଗର,୨୮।୩- କେତେକ ଅଜଣା ଦୁର୍ବୃତ୍ତ ଏକ ନିର୍ଦ୍ଦିଷ୍ଟ ଜାତିର ଲୋକଙ୍କ ଚାଷଜମିରେ ରବିବାର ରାତିରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଥାନାରେ ଉକ୍ତ ଜାତିର ଲୋକମାନେ ଏତଲା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହା ନିର୍ବାଚନ ପରବର୍ତ୍ତୀ ହିଂସା। ନିର୍ବାଚନରେ ପରାଜିତ ଅନ୍ୟ ଏକ ଜାତିର କିଛି ଦୁର୍ବୃତ୍ତ ଏଭଳି ଅମାନବିକ କାଣ୍ଡ ଭିଆଇଛନ୍ତି। ଅଭିଯୁକ୍ତ ଓ ଅଭିଯୋଗକାରୀ ଉଭୟ ପକ୍ଷକୁ ଥାନାକୁ ଡକାଇ ଜେରା କରିବା ପରେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

# ପାରାଦୀପ ବନ୍ଦର ନାମ ବଦଳିଲା

**■ପିପିଟି ପରିବର୍ତ୍ତେ ପିପିଏ**

**■ନୂତନ ଲୋଗୋ ସାର୍ବଜନୀନ**

ପାରାଦୀପ,୨୮।୩(ସ୍ୱ.ପ୍ର.)

ଓଡ଼ିଶାର ଏକମାତ୍ର ସରକାରୀ ବୃହତ୍ ବନ୍ଦର ପାରାଦୀପର ନାମ ସୋମବାର ପରିବର୍ତ୍ତନ କରାଯାଇଛି। ପୂର୍ବରୁ ପାରାଦୀପ ପୋର୍ଟ ଟ୍ରଷ୍ଟ (ପିପିଟି)ଥିବା ବେଳେ ଏବେ ପାରାଦୀପ ପୋର୍ଟ ଅଥରିଟି (ପିପିଏ) ରଖାଯାଇଛି। ଏ ନେଇ ସୋମବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନୂତନ ସର୍କୁଲାର ଜାରି କରାଯାଇଛି। କେନ୍ଦ୍ର ସରକାର ପୂର୍ବରୁ ଥିବା ମେଜର ପୋର୍ଟ ଆଇନ ୧୯୬୩କୁ ବଦଳାଇ ଏବେ ମେଜର ପୋର୍ଟ ଅଥରିଟି (ଏମ୍‌ପିଏ)ଆଇନ ୨୦୨୧ ଲାଗୁ କରିଛନ୍ତି। ଏସମ୍ପର୍କରେ ବନ୍ଦର ପ୍ରଶାସନିକ ଭବନରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହାରାନ୍ଧ ଯୋଗଦେଇ ଏମ୍‌ପିଏ ଆଇନ ଧାରା ୩ ପ୍ରାଧିକରଣ ଅନୁସାରେ ନାମ ପରିବର୍ତ୍ତନ ପାଇଁ ପ୍ରସ୍ତାବ ରଖିଥିଲେ। ପରେ ବୋର୍ଡ ପକ୍ଷରୁ ନୂତନ ନାମକୁ ମଞ୍ଜୁରୀ ମିଳିଥିଲା। ପରିବର୍ତ୍ତିତ ନାମକୁ ସ୍ୱୀକୃତି ମିଳିବା ପରେ ବନ୍ଦର ସଚିବ ପି.ଏନ୍ ବେହେରା ସମସ୍ତ ବିଭାଗୀୟ ମୁଖ୍ୟ ଓ ବ୍ୟବହାରକାରୀ ସଂସ୍ଥାଗୁଡ଼ିକୁ ଏସମ୍ପର୍କରେ ବିଜ୍ଞପ୍ତି ଜାରି କରିବା ସହ ନୂତନ ଲୋଗୋ ସାର୍ବଜନୀନ କରିଥିଲେ। ପାରାଦୀପ ବନ୍ଦର ସମେତ ଦେଶର ଅନ୍ୟ ବୃହତ୍ ବନ୍ଦରଗୁଡ଼ିକୁ ଘରୋଇକରଣ କରିବା ବିରୋଧରେ ଦେଶବ୍ୟାପୀ କେନ୍ଦ୍ରୀୟ ସଂଗଠନ ଗୁଡ଼ିକ ପକ୍ଷରୁ ସୋମବାରଠାରୁ ୨ ଦିନିଆ ଧର୍ମଘଟ ଜାରି ରହିଛି। ଏହି ସମୟରେ ପାରାଦୀପ ବନ୍ଦର ନାମ ପରିବର୍ତ୍ତନ କରିବା ବିଷୟକୁ ନେଇ ଶ୍ରମିକ ନେତା ବିଭୂତି ମହାରଣା, ଅନନ୍ତ ଦାସ, ନୃସିଂହ ପ୍ରସାଦ ଶତପଥୀ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି।


**TENDER CALL NOTICE FOR AUCTION SALE OF DIFFERENT FRUITS OF GOVERNMENT FARMS IN GAJAPATI DISTRICT**

No.L-145: Sealed quotations are invited from the intending bidders for auction sale of fruits of the following Govt. Farms of Gajapati District, for year 2021-22 so as to be received by the Deputy Director of Horticulture, Gajapati, Paralakhemundi by Registered Post/Courier Service/on or before 11.00 A.M. on 31.03.2022 i.e. the date of opening of the tender forms, which will be opened in the office of the Deputy Director of Horticulture, Gajapati, Paralakhemundi on the date and time as noted below. No hand delivery is permitted.

| Sl. No. | Name of the Farm with location | Name of the Fruit Plants | No. of Plants in Flowering/Fruiting Stage | EMD in Rs. | Date & time of opening quotations |
|---|---|---|---|---|---|
| 01. | Labanyagarh Farm, Labanyagarh, Gosani, Dist.- Gajapati | Mango | 180 | 6000/- | 31.03.2022 at 3.00 P.M. |
| 02. | HDPO, Ramagiri, R.Udayagiri, Dist.- Gajapati | Mango,<br>Litchi,<br>Pineapple | 5<br>3<br>400 | 3000/- | 31.03.2022 at 3.30 P.M. |
| 03. | Lobarsing Farm, Mohana, Dist.- Gajapati | Mango | 30 | 3000/- | 31.03.2022 at 4.00 P.M. |

The sealed quotations should accompany with the required EMD in shape of Demand Draft of any Nationalized Bank drawn in favour of the Deputy Director of Horticulture, Gajapati, Paralakhemundi.
The tender paper with all terms and conditions for auction sale of fruits of the Farm will be available in the Office of the Deputy Director of Horticulture, Gajapati, Paralakhemundi on payment of Rs.50.00. The farms may be inspected from the date of publication of tender call notice from 10.00 A.M. to 5.00 P.M. in any Govt. working day with permission of the farm In-charge.
The authority reserves the right to reject any or all quotations without assigning any reason thereof.

OIPR-01385/11/0002/2122 Sd./- Deputy Director of Horticulture, Gajapati, Paralakhemundi

**OFFICE OF THE DIVISIONAL FOREST OFFICER BALASORE WILDLIFE DIVISION, BALASORE**
**At/ P.O.:- Kuruda, Dist:- Balasore, Pin;- 756056,**
Ph : 06782 -256142, Mob No.; 9853489037, email id: - dfo.balasorewl@odisha.gov.in
No.:-2751/IF(Accounts)/F.No-40/2022 Balasore, dated the 25th March, 2022.

No.MM-400:

**CORRIGENDUM NOTICE**
**Change in DTCN**

**Name of the Work : Supply, Installation and Commissioning of HDPE Floating Jetty along with 10 Meter concrete walkway. Location : Bichitrapur of Jaleswar WL Range/ Rissia of Kuldiha Wildlife Range. Bid Identification No : DFO-BLS-03-A/2021-22 / DFO-BLS-03-B/2021-22. E-Procurement Tender ID : 2022_DFOWL_76040_1 /2022_DFOWL_76042_1. The Bidders are requested to take note of the following changes made in DTCN which are to be considered while submitting the Tender.**

| Sl. No. | Reference | Previous as per DTCN | Revised Provision |
|---|---|---|---|
| 01 | DTCN Clause 60 - Performance Security/ Additional Performance Security | As per Works Department, Govt. of Odisha, office Memorandum No. 4559/W/dated 5.4.2021, Additional Performance Security (APS) is being obtained from the Successful bidder when the bid amount is less than estimated cost put to tender to the extent of exact amount of differential cost i.e. estimated cost put to tender minus the quoted amount in shape of Term Deposit Receipt pledged in favour of Divisional Forest Officer , Balasore Wildlife Division , Balasore /Bank guarantee in favour of the Divisional Forest Officer , Balasore Wildlife Division , Balasore from any Nationalized/ Scheduled bank in India counter guaranteed by its local branch at Balasore within 7 days of issues of Letter of Acceptance (LoA) by the Divisional Officer Divisional Forest Officer , Balasore Wildlife Division, Balasore (by email) to the Successful bidder otherwise the bid of the successful bidder shall be cancelled and the Earnest money Deposit /Bid security shall be forfeited. | As per Works Department, Govt. of Odisha, office Memorandum No. 5992/W/ dated 27.4.2021 and Memorandum No. 18272/W/dated 31.12.2021 Performance Security @ 3% of the value of the contract will be deposited by the successful bidder in form of Deposit receipt of Schedule Bank / Kissan Vikash Patra / Post Office Savings Bank Account/ National Savings Certificate / Post Office Time Deposit Account duly pledged in favour of the Divisional Forest Officer, Balasore Wildlife Division, Balasore & Payable at Balasore within 7 days of issues of Letter of Acceptance (LnA) by the Divisional Forest Officer , Balasore Wildlife Division , Balasore (by email) to the Successful bidder otherwise the bid of the successful bidder shall be cancelled and the Earnest money Deposit /Bid security shall be forfeited. |
| 02 | Intended completion period/Time period assigned for completion | Period of Work: 30 Days | Period of Work: 45 Days |
| 03 | Bid Submission and Opening Date | As per Corrigendum dt.04.03.2022<br>Bid Submission End Date 16.03.2022<br>Bid Opening Date: 17.03.2022 | Revised Dates<br>Bid Submission End Date:01.04.2022<br>Bid Opening Date: 02.04.2022 |

(The Tender inviting authority reserves the right to modify the terms and conditions without assigning any reason thereof. The Terms and conditions of Agreement will supersede the T&C of DTCN )

The details can be seen in the website : www.tendersodisha.gov.in.

Sd./- Divisional Forest Officer, Balasore Wildlife Division, Balasore
OIPR-08036/11/0011/2122

**ODISHA HYDRO POWER CORPORATION LTD**
(A Gold Rated State PSU)
O/O Sr. GENERAL MANAGER, Rengali Hydro Electric Project,
P.O: RENGALI DAM SITE, PIN: 759105, DIST: ANGUL (ODISHA)
TEL: 06760-277214, FAX: 06760 - 277324, e-mail: sgmel500@gmail.com

No. RHEP/C & P/PUR-III-98/2152 Date:25.03.2022

**NOTICE-INVITING TENDER NO. RHEP-62/2021-22**

**No.CAD-3302:**Sealed tenders are invited in Two part basis for the following works as mentioned below in sealed envelopes from reputed firm / Agency / Contractor.

| Sl. No. | Description of services | Cost of tender paper (non-refundable) in Rs. | EMD | Period of availability of tender at OHPC website | Last date &Time of receipt of tender | Date & Time of Opening of Techno Commercial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | “DEVELOPMENT OF PARK AT ELECTRICAL COLONY NEAR QUARTERS NO. E-19 OF RHEP, RENGALI” | Rs.4720/- (Rs.4000/- +GST @ 18% | In lieu of EMD, Bid Security Declaration Form to be submitted | From dtd. 29.03.22 to dtd. 07.04.22 upto 04.00 P.M. | Dtd. 07.04.22 upto 4.30 P.M. | Dt.08.04.22 at 12.00 Noon |

For details and further correspondence/corrigendum, please visit our website **www.ohpcltd.com**

Sd./- C & P Head, RHEP, Rengali
OIPR-04022/11/0028/2122

**ତହସିଲଦାରଙ୍କ କାର୍ଯ୍ୟାଳୟ, ଟିଟିଲାଗଡ଼**
**ଲଘୁ ଖଣିଜ ଲିଜ୍ ନିମନ୍ତେ**
ସଂଖ୍ୟା 691, ତା.28.3.22 ରିଖ

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତ ଉତ୍ସଗୁଡିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।
ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବସାଇଟ "http://balangir.nic.in." ସୈରାତ ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସଂପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

ସ୍ୱା./– ତହସିଲଦାର, ଟିଟିଲାଗଡ

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ଉପ–ସାଧାରଣ ପରିଚାଳକ (ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ**
**ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ**

**ଘୋଷଣା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡର ଯୋଜନା ଅନୁଯାୟୀ, ନିର୍ମାଣାଧୀନ ୧୩୨ କେ.ଭି. ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଲିଲୋ ଲାଇନ ୧୩୨ କେ.ଭି. ଆଇ.ସି.ସି.ଏଲ୍. – ସାଲେପୁର ଲାଇନରୁ ବାହାରି ପ୍ରସ୍ତାବିତ ୧୩୨/୩୩ କେ.ଭି. ଗ୍ରୀଡ ସବ୍‌ଷ୍ଟେସନ ବହୁଗ୍ରାମ (ଆତୋଡ଼ା) ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ଲାଇନ୍ କଟକ ଜିଲ୍ଲାର ସାଲେପୁର ତହସିଲ ଅଧୀନ ଭାତପଡ଼ା, ବହୁଗ୍ରାମ, ସିଂଗମାପୁର ଓ ଆତୋଡ଼ା ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନରେ ଆସନ୍ତା ତା୨୯।୦୩।୨୦୨୨ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲଟ୍ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।
ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୭୯, ୮୦ ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋଡ଼ିବା, ଉଚ୍ଚ ଖମ୍ବଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁ, ଗାଈ, ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।
ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାରି କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ ଉତ୍ତରଦାୟୀ ହେବେ ନାହିଁ।

(ସ୍ୱାକ୍ଷର – ଅଶୋକ କୁମାର ମହାନ୍ତି)
ଉପ–ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ଉପ–ସାଧାରଣ ପରିଚାଳକ (ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ**
**ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ**

**ଘୋଷଣା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡର ଯୋଜନା ଅନୁଯାୟୀ, ୨୨୦/୧୩୨/୩୩ କେ.ଭି. ପାରାଦୀପ ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ବାହାରି ପ୍ରସ୍ତାବିତ ୧୩୨/୨୫ କେ.ଭି. ଆର୍.ଟି.ଏସ୍.ଏସ୍. ଗ୍ରୀଡ ସବଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେ.ଭି. (୨-ଫେଜ୍) ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ନୂତନ ଲାଇନ୍ ଜଗତ୍‌ସିଂହପୁର ଜିଲ୍ଲାର କୁଜଙ୍ଗ ତହସିଲ ଅଧୀନ ଚୂନବେଲାରି, କଟିକୁଲା, କାଠଅଡ଼ା, ପୀତାମ୍ବରପୁର ଓ ସିକୁ ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନରେ ଆସନ୍ତା ତା୨୯।୦୩।୨୦୨୨ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲଟ୍ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।
ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୭୯, ୮୦ ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋଡ଼ିବା, ଉଚ୍ଚ ଖମ୍ବଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁ, ଗାଈ, ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।
ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାରି କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ ଉତ୍ତରଦାୟୀ ହେବେ ନାହିଁ।

(ସ୍ୱାକ୍ଷର – ଅଶୋକ କୁମାର ମହାନ୍ତି)
ଉପ–ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ

**OFFICE OF THE EXECUTIVE ENGINEER RWS&S DIVISION, BALASORE**
**Tel: 06782-262249, Fax: 262931**
**email: eerwss_bls@nic.in, eerwssbls@gmail.com.**
**NATIONAL COMPETITIVE BIDDING THROUGH e-Tendering**
***Identification No. 59 Dt. 25-03-2022***

**No.O-1879:**The Executive Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

1. Nos. of Work : 39 Nos RPWS schemes in Balasore district (Clubbed-up).
2. Estimated cost : Rs. 239.71 lakhs to Rs. 502.06 lakhs
3. Period of completion : 330 days
4. Availability of bid document in Portal : Dt. 07.04.2022 at 16.00 hours to 21.04.2022 upto 17.00 hours through online.
5. Seeking of Clarification : Dt.07.04.2022 at 10.00 hours to Dt.18.04.2022 upto 15.00 hours
6. Date of opening of Bid : Dt. 22.04.2022 at 11.00 hours in the O/o.EE, RWSS Division, Balasore.
7. Name and address of the Officer Inviting Tender :Executive Engineer, RWS&S Division, Balasore. Bid Cost & Bid Security will be receipt through electronic payment by/NEFT / RTGS. Further details can be seen from the e-Procurement Portal: **http://tendersodisha.gov.in.**

Sd./- Executive Engineer
RWS&S Division, Balasore
OIPR-25013/11/0022/2122

**ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିଃ.**
**ODISHA PISCICULTURE DEVELOPMENT CORPORATION LIMITED**
(A Government of Odisha undertaking)

EoI No. Date: 28.03.2022

**Request for Expression of Interest for Empanelment of Manufacturers/Suppliers of FRP/Wooden Boats for Balimela Fishermen**

No. CAD-3305: OPDCL invites sealed bids under two-bid system invited from the registered manufacturers/builders/ suppliers of Odisha having valid GST and PAN for manufacture & supply of wooden/FRP boats in designated places of OPDC in Malkangiri district for fishermen of Balimela reservoir of Malkangiri district of Odisha. The details of the bidding process are as follows: Bidders fulfilling the prescribed eligibility criteria of the tender can access and download the complete Tender Document and other details from **www.fishfedodisha.in**.
The bid calendars under the end to end process are:

| Sl. | List of Key Events | Critical Dates |
|---|---|---|
| 1 | Date of Issue of EoI | 28th March 2022 |
| 2 | Last date for submission of Bid | 06th April 2022, 2 P.M. |
| 3 | Date of Opening of Technical & Financial Bid | 06th April 2022, 3 P.M. |

The bid complete in all respects must reach the undersigned by **Speed Post/ Registered Post/Drop in the Tender Box** only latest by **06th April 2022, 2 P.M.** in a sealed envelope clearly mentioning on the top of it “Expression of Interest for Empanelment of Manufacturers/ Suppliers of FRP/ wooden Boats for Balimela fishermen”.
The cost of bid document Rs. 1000/- + GST 18% = Rs. 1,180/- in shape of Banker’s Cheque / DD in favour of MD OPDC Ltd drawn in any scheduled commercial; bank payable at Bhubaneswar.
The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.

OIPR-06020/11/0013/2122 Sd./- Managing Director

See Career Appointment on every Wednesday & Saturday

# ବୀରଭୂମ୍ ହିଂସାକୁ ନେଇ ତୁମ୍ବିତୋଫାନ

**କୋଲକାତା,୨୮।୩**



## ପଶ୍ଚିମବଙ୍ଗ ବିଧାନସଭା
### ଶୁଭେନ୍ଦୁଙ୍କ ସମେତ ୫ ଭାଜପା ବିଧାୟକ ନିଲମ୍ବିତ

ବୀରଭୂମ ହିଂସା ଘଟଣାକୁ ନେଇ ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ତୁମ୍ବିତୋଫାନ ହୋଇଛି। ହିଂସା ଘଟଣାକୁ ନେଇ ବିରୋଧୀ ଦଳ ଭାଜପା ସଦସ୍ୟ ଗୃହ ମଧ୍ୟଭାଗରେ ହୋହଲ୍ଲା କରୁଥିବାବେଳେ ଶାସକ ଟିଏମ୍‌ସି ବିଧାୟକମାନଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ବିଶୃଙ୍ଖଳିତ ଆଚରଣ ପାଇଁ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ସମେତ ୫ ଭାଜପା ବିଧାୟକଙ୍କୁ ଗୃହରୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ହୋଇଥିବା ଅନ୍ୟ ବିଧାୟକମାନେ ହେଲେ ମନୋଜ ଟିଗା, ଶଙ୍କର ଘୋଷ, ନରହରି ମାହାତୋ ଏବଂ ଦୀପକ ବର୍ମନ। ନିଲମ୍ବନ ପ୍ରତିବାଦରେ ଭାଜପା ବିଧାୟକମାନେ ବିଧାନସଭା ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ମାର୍ଚ୍ଚ ୨୧ ରାତିରେ ବୀରଭୂମ ଜିଲାର ରାମପୁରହାଟଠାରେ ଦୁର୍ବୃତ୍ତମାନେ ଅନେକ ଘର ଜାଳିଦେଇଥିଲେ। ଏଥିରେ ୨ ଶିଶୁଙ୍କ ସମେତ ୮ ଜଣ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଗୁରୁତର ଥିବା ଅନ୍ୟଜଣେ ମହିଳାଙ୍କର ସୋମବାର ମୃତ୍ୟୁ ଘଟିଛି। ସ୍ଥାନୀୟ ତୃଣମୂଳ କଂଗ୍ରେସ ନେତା ହତ୍ୟା ଘଟଣାକୁ କେନ୍ଦ୍ର କରି ଏଭଳି ହିଂସାକାଣ୍ଡ ଘଟିଥିବା କୁହାଯାଉଛି। ହିଂସାକାଣ୍ଡର ତଦନ୍ତ ଲାଗି ରାଜ୍ୟ ସରକାର ଏସ୍‌ଆଇଟି ଗଠନ କରିଥିବାବେଳେ କାଲକାଟା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ତଦନ୍ତ ଭାର ଗ୍ରହଣ କରିଛି।

ସୋମବାର ବିଧାନସଭା ଅଧିବେଶନ ଆରମ୍ଭ ହେବା କ୍ଷଣି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ି ପଡ଼ିଥିବାରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ଉପରେ ବିବୃତି ରଖିବାକୁ ଭାଜପା ବିଧାୟକମାନେ ଦାବି କରିଥିଲେ। ଏହାକୁ ନେଇ ଭାଜପା ଏବଂ ଟିଏମ୍‌ସି ବିଧାୟକମାନେ ପରସ୍ପରକୁ ଆକ୍ରମଣ କରିବାରୁ ଗୃହରେ ବିଶୃଙ୍ଖଳିତ ସ୍ଥିତି ସୃଷ୍ଟି ହୋଇଥିଲା। ଶାସକ ଦଳ ସଦସ୍ୟଙ୍କ ବିଶୃଙ୍ଖଳିତ ଆଚରଣ ପ୍ରତିବାଦରେ ବିରୋଧୀ ଦଳ ନେତା ଶୁଭେନ୍ଦୁଙ୍କ ନେତୃତ୍ୱରେ ୨୫ ଜଣ ଭାଜପା ବିଧାୟକ କକ୍ଷତ୍ୟାଗ କରିଥିଲେ। ଅନ୍ୟପକ୍ଷରେ ବିଧାନସଭାରେ ବିଶୃଙ୍ଖଳ ସୃଷ୍ଟି ଲାଗି ଭାଜପା ଡ୍ରାମାବାଜି କରୁଥିବା ଟିଏମ୍‌ସି ନେତା ତଥା ମନ୍ତ୍ରୀ ଫିରହାଦ ହାକିମ କହିଛନ୍ତି। ଧସ୍ତାଧସ୍ତି ବେଳେ କେତେଜଣ ଟିଏମ୍‌ସି ବିଧାୟକ ଆହତ ହୋଇଥିବା ସେ ଅଭିଯୋଗ କରିଛନ୍ତି।

# ଶପଥ ନେଲେ ପ୍ରମୋଦ ସାୱନ୍ତ



**ପଣଜୀ,୨୮।୩(ଆଇଏଏନ୍‌ଏସ୍)**

ଭାଜପା ନେତା ପ୍ରମୋଦ ସାୱନ୍ତ ସୋମବାର ଗୋଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସହ ତାଙ୍କର ଦ୍ୱିତୀୟ ଇନିଂଶ ଆରମ୍ଭ କରିଛନ୍ତି। ରାଜ୍ୟପାଳ ପି.ଏସ୍. ଶ୍ରୀଧରନ ପିଲାଇ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଷ୍ଟାଡିୟମରେ ଅନୁଷ୍ଠିତ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଦଳର ବହୁ କେନ୍ଦ୍ରୀୟ ନେତୃତ୍ୱ ଯୋଗ ଦେଇଥିଲେ। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭା ନିର୍ବାଚନରେ ଭାଜପା ୨୦ ଆସନ ଜିତିଥିବାବେଳେ ୩ ସ୍ୱାଧୀନ ବିଧାୟକ ଏବଂ ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି (ଏମ୍‌ଜିପି)ର ୨ ବିଧାୟକ ଏହାକୁ ସମର୍ଥନ ଜଣାଇଛନ୍ତି।

ପ୍ରମୋଦ ସାୱନ୍ତଙ୍କ ନୂଆ କ୍ୟାବିନେଟରେ କେତେକ ନୂଆ ମୁହଁଙ୍କୁ ସାମିଲ କରାଯାଇଥିବାବେଳେ ପୁରୁଣାଙ୍କୁ ବାଦ୍ ଦିଆଯାଇଛି। ପୂର୍ବ ମନ୍ତ୍ରିମଣ୍ଡଳରେ ସାମିଲ ଥିବା ଏକମାତ୍ର ମହିଳା ଜେନିଫର ମୋନସେରାଟେଙ୍କୁ ବାଦ୍ ଦିଆଯାଇଥିବାବେଳେ ତାଙ୍କ ସ୍ୱାମୀ ଆଟାନାସିଓ ମୋନସେରାଟେ ନୂଆ କ୍ୟାବିନେଟରେ ସ୍ଥାନ ପାଇଛନ୍ତି। ଅନ୍ୟ ନୂଆ ମୁହଁ ମଧ୍ୟରେ ଅଛନ୍ତି ରୋହନ ଖାଉନ୍ତେ, ରବି ନାଏକ ଏବଂ ସୁଭାଷ ଶିରୋଦକର।

# ବିଜେଡି ହାତରୁ ଖସିଲା ୩ ଏନ୍‌ଏସି

## ଛତ୍ରପୁର ନିର୍ବାଚନ ମଣ୍ଡଳୀ
### ଟିକେଟ ବଣ୍ଟାରେ ତ୍ରୁଟି ପରାଜୟର କାରଣ

**ଛତ୍ରପୁର,୨୮।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୩ ଏନ୍‌ଏସି ଛତ୍ରପୁର, ଗଞ୍ଜାମ ଓ ରମ୍ଭାରେ ବିଜେଡିର ପରାଜୟ ହୋଇଛି। ଏହି ୩ ଏନ୍‌ଏସି ଅଧ୍ୟକ୍ଷ ଆସନ ବିଜେଡି ହାତରୁ ଖସିଯାଇଛି। ଗତ ପୌର ନିର୍ବାଚନରେ ବିଜେଡି ଏହି ୩ ଗୋଟି ଏନ୍‌ଏସି ଦଖଲ କରିଥିଲା। ଦଳୀୟ ପ୍ରାର୍ଥୀ ଅଧ୍ୟକ୍ଷ ହୋଇଥିଲେ। ସେତେବେଳେ ଛତ୍ରପୁର ବିଧାୟକ ବି ବିଜେଡିର ନ ଥିଲେ। ହେଲେ ଚଳିତଥର ବିଜେଡି ଏସବୁ ଆସନ ହରାଇଛି। ଛତ୍ରପୁର ଓ ରମ୍ଭା ଏନ୍‌ଏସି ଅଧ୍ୟକ୍ଷା ଆସନ ଭାଜପା ଅକ୍ତିଆର କରିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଗଞ୍ଜାମ ଏନ୍‌ଏସି ଅଧ୍ୟକ୍ଷା ଆସନ ଦଖଲ କରିଛନ୍ତି। ଟିକେଟ ବଣ୍ଟନରେ ତ୍ରୁଟି ବିଜେଡି ପରାଜୟର ବଡ଼ କାରଣ କୁହାଯାଉଛି। ଏହା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଛତ୍ରପୁର ବିଧାୟକ ଓ ବ୍ରହ୍ମପୁର ଏମ୍‌ପିଙ୍କୁ ଝଟକା ବୋଲି ରାଜନୈତିକ ସମୀକ୍ଷାକମାନେ କହୁଛନ୍ତି।

ଛତ୍ରପୁର ଏନ୍‌ଏସିର ୧୪ ୱାଡରୁ ୧୦ଟିରେ ବିଜେଡିର କାଉନସିଲର ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୧,୨ ଓ ୧୪ ନମ୍ବର ୱାର୍ଡରେ ଭାଜପା ଏବଂ ୧୦ ନଂ. ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ବିଜେଡି ଏନ୍‌ଏସି ଅଧ୍ୟକ୍ଷା ପ୍ରାର୍ଥିନୀ ଟି. ଲକ୍ଷ୍ମୀ ୮୧୮ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଶର୍ମିଷ୍ଠା ପ୍ରଧାନଙ୍କଠାରୁ ପରାଜିତ ହୋଇଛନ୍ତି। ସୂଚନାଯୋଗ୍ୟ, ୨୦୦୮ ନିର୍ବାଚନରେ ଟି. ଲକ୍ଷ୍ମୀ କଂଗ୍ରେସରୁ ପ୍ରାର୍ଥୀ ହୋଇ ଏନ୍‌ଏସି ଅଧ୍ୟକ୍ଷା ନିର୍ବାଚିତ ହୋଇଥିଲେ। ଚଳିତଥର ସେ ବିଜେଡିରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଛନ୍ତି । ଭାଜପା ଜିତିଥିବା ୧,୨ ଓ ୧୪ ନମ୍ବର ୱାର୍ଡରୁ ଅଧ୍ୟକ୍ଷା ପ୍ରାର୍ଥୀଙ୍କୁ ବହୁ କମ୍ ଭୋଟ ମିଳିଛି। ବିଭିନ୍ନ ୱାର୍ଡରେ ବିଜେଡି ଏଥର ଦଳୀୟ ଲୋକଙ୍କ ବଦଳରେ ବାହାରୁ ଆସିଥିବା ଲୋକଙ୍କୁ ଟିକେଟ ଦେଇଥିଲା। କେତେଜଣ କାଉନ୍‌ସିଲର ୨ ଅଙ୍କ ଭୋଟ ବ୍ୟବଧାନରେ ଜିତିଛନ୍ତି। ସେହିପରି ଗଞ୍ଜାମ ଏନ୍‌ଏସିରେ ମଧ୍ୟ ଦଳୀୟ ଲୋକଙ୍କୁ ଟିକେଟ ନ ଦେଇ ଦଳୀୟ ନେତାଙ୍କ ସମ୍ପର୍କୀୟଙ୍କୁ ଟିକେଟ ଦିଆଯାଇଥିଲା। ଏଥିଯୋଗୁ ସେଠାରେ ସମୀକରଣ ବଦଳିଯାଇଥିଲା। ଜଣେ ସ୍ୱାଧୀନ ଅଧ୍ୟକ୍ଷା ପ୍ରାର୍ଥିନୀଙ୍କୁ ବିଭିନ୍ନ ବର୍ଗ ଓ ସଙ୍ଗଠନ ପକ୍ଷରୁ ସମର୍ଥନ ଦିଆଯିବା ସହ ପ୍ରଚାରରେ ସାମିଲ ହୋଇଥିଲେ । ଶେଷରେ ସେ ଅଧ୍ୟକ୍ଷା ଆସନରେ ବସିପାରିଛନ୍ତି । ଦଳୀୟ ଟିକେଟ ନେଇ ବିଜେଡିରେ ଅସନ୍ତୋଷ ଲାଗି ରହିଥିଲା। କେତେଜଣ ନେତା ନୀରବ ରହିଥିବା ବେଳେ ଆଉ କେତେଜଣଙ୍କୁ ବିଜେଡି ଗୁରୁତ୍ୱ ଦେଇ ନ ଥିଲା । ଏଥିଲାଗି ଗଞ୍ଜାମ ଏନ୍‌ଏସି ଫଳାଫଳରେ ମହଙ୍ଗା ପଡ଼ିଛି। ସେହିପରି ରମ୍ଭା ଏନ୍‌ଏସି ଫଳାଫଳ ବିଜେଡିକୁ ଶକ୍ତ ଧକ୍କା ଦେଇଛି । ଏଠାରେ ଭାଜପା ଅଧ୍ୟକ୍ଷା ଆସନ ଅକ୍ତିଆର କରିଥିବାବେଳେ ଦଳ ନିଜ ସ୍ଥିତିକୁ ସୁଦୃଢ଼ କରିପାରିଛି। ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷାଙ୍କ ସମ୍ପର୍କୀୟଙ୍କୁ ବିଜେଡି ପୁଣି ଅଧ୍ୟକ୍ଷା ପ୍ରାର୍ଥିନୀ କରିଥିବାରୁ ଦଳ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ତାହାର ପ୍ରଭାବରୁ ଏନ୍‌ଏସି ହାତରୁ ଖସିଛି।

# ବିରୋଧୀଙ୍କ ଟାର୍ଗେଟ୍‌ରେ ସରକାରୀ କର୍ମଚାରୀ

## ମୁଖ୍ୟମନ୍ତ୍ରୀଙ୍କୁ ଅଫିସରମାନେ ଧନ୍ୟବାଦ ଦେବା ପ୍ରସଙ୍ଗ

**ଭୁବନେଶ୍ୱର, ୨୮।୩(ବ୍ୟୁରୋ)**

ସମ୍ବିଧାନ ଅନୁସାରେ ଅମଲାତନ୍ତ୍ର ନିରପେକ୍ଷତାର ମୂର୍ତ୍ତିମନ୍ତ ପ୍ରତୀକ। ମାତ୍ର ପ୍ରଶାସନିକ ଅଧିକାରୀମାନେ ନିଜ ଦାୟିତ୍ୱବୋଧ, ଗରିମା ଭୁଲିଗଲେ। ସମ୍ବିଧାନ ଯେଉଁ ନୀତି ନିର୍ଦ୍ଧାରଣ କରିଛି ତାହାକୁ ଭୁଲିବା ଦୁର୍ଭାଗ୍ୟଜନକ। ପ୍ରଶାସନିକ ଅଧିକାରୀମାନେ ପଦ ମର୍ଯ୍ୟାଦାର ସବୁ ସୀମା ଟପିଗଲେ। ପ୍ରଶାସନିକ ଇତିହାସରେ ଏହା କଳଙ୍କର ଦାଗ। ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚପଦସ୍ଥ ଅଧିକାରୀମାନେ ଭେଟି ଅଭିନନ୍ଦନ ଜଣାଇବା ଘଟଣାକୁ ଭାଜପା କଡା ଭାଷାରେ ନିନ୍ଦା କରିଛି। ଏହି ପ୍ରସଙ୍ଗରେ ବିଧାନସଭାରେ ଉଭୟ ଭାଜପା ଏବଂ କଂଗ୍ରେସ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଅମଲାତନ୍ତ୍ରିକ ବ୍ୟବସ୍ଥାକୁ କବଳିତ କରି ବିଜେଡି ନିର୍ବାଚନ ଜିତୁଛି। ବିରୋଧୀ ଯେଉଁ ଅଭିଯୋଗ କରି ଆସୁଥିଲେ ତାହା ପ୍ରମାଣିତ ହୋଇଛି। ଏପରି ଘଟଣା ଭାରତରେ କେବେ ଘଟି ନ ଥିଲା। ଏପରି କରି ପ୍ରଶାସନିକ ଅଧିକାରୀମାନେ ଜନସାଧାରଣଙ୍କ ପାଖରେ ଗର୍ହିତ ଅପରାଧ କରିଛନ୍ତି। ଅମଲାତନ୍ତ୍ର ଉପରୁ ଲୋକଙ୍କ ଆସ୍ଥା, ବିଶ୍ୱାସ ତୁଟି ଯାଇଛି। ଜରୁରିକାଳୀନ ପରିସ୍ଥିତି ସମୟରେ ଏପରି ଅବସ୍ଥା ଦେଖିବାକୁ ମିଳିଥିବା ପୃଥ୍ୱୀରାଜ କହିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଆଇଏଏସ୍ ଏବଂ ଆଇପିଏସ୍‌ମାନଙ୍କ ଅବଦାନ ଯୋଗୁ ରାଜ୍ୟର ବିକାଶ ସହ ଆଇନଶୃଙ୍ଖଳା ପରିସ୍ଥିତି ସବୁକିଛିରେ ଉନ୍ନତି ଆସୁଛି। ଏହି ଅଫିସରମାନଙ୍କ ଜରିଆରେ ରାଜ୍ୟର ସବୁ କାମ କରାଯାଉଛି। ତେଣୁ ଅଫିସରମାନେ ନିର୍ବାଚନ ପରେ ଧନ୍ୟବାଦ ଦେବାକୁ ଯିବା କଥା ନୁହେଁ। ତେଣୁ ଏଭଳି କରିବା ଉଚିତ୍ ନୁହେଁ ବୋଲି ସୁରେଶ କହିଛନ୍ତି।

ଭାଜପାର ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତା ଭୂପିନ୍ଦର ସିଂ କହିଛନ୍ତି, ସୌଜନ୍ୟତା ଦୃଷ୍ଟିରୁ ପ୍ରଶାସନିକ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଅଫିସର୍‌ମାନେ ଅଭିନନ୍ଦନ ଜଣାଇବା ପାଇଁ ଯାଇଥିଲେ। ଏଭଳି ପରମ୍ପରା ରହିବା ଆବଶ୍ୟକ, ଭାଇଚାରା ରହିବା ମଧ୍ୟ ଦରକାର। ଭାଜପା ଯେଉଁ ରାଜ୍ୟରେ ଜିତୁଛି ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଅଫିସରମାନେ ଭେଟୁଛନ୍ତି। ଏଥିରେ କୌଣସି ଅସୁବିଧା ନାହିଁ ବୋଲି ଭୂପିନ୍ଦର କହିଛନ୍ତି।

## ଭାରତବନ୍ଦ ପ୍ରଭାବ




କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି, ରାଷ୍ଟ୍ରାୟତ୍ତ ସଂସ୍ଥାକୁ ବିକ୍ରି ଓ ଦରବୃଦ୍ଧିକୁ ବିରୋଧ ସହ ୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଏବଂ ସ୍ୱାଧୀନ ଫେଡେରେଶନଗୁଡ଼ିକ ପକ୍ଷରୁ ଦୁଇଦିନିଆ ଭାରତ ବନ୍ଦ୍‌ର ସୋମବାର ପ୍ରଥମ ଦିନରେ ଭୁବନେଶ୍ୱର ଜୟଦେବବିହାର ନିକଟ ୧୬ ନଂ. ଜାତୀୟ ରାଜପଥରେ ଗୋଡିମୋଟର ଅଟକାଇଯାଇଛି।



ବାଲେଶ୍ୱର ରେଳ ଷ୍ଟେଶନ




ବ୍ରହ୍ମପୁର ରେଳଷ୍ଟେଶନ



କେନ୍ଦୁଝର ଗାନ୍ଧୀଛକ




କଟକ ଖପୁରିଆ ଛକ



ପାରାଦୀପ ବନ୍ଦର ଗେଟ୍ ନଂ-୪



ଝାରସୁଗୁଡା ଜିଲାପାଳଙ୍କ ଅଫିସ ସମ୍ମୁଖ




ସମ୍ବଲପୁର କଚେରି ଛକ

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ଗାଈ ଜୀବନ୍ତ ଦଗ୍ଧ

**ଡେରାବିଶ,୨୮।୩(ସ୍ୱ.ପ୍ର.):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ କନ୍ଦରପୁର ଗାଁରେ ରବିବାର ରାତିରେ ନିଆଁ ଲାଗି ଗୁହାଳ ଓ ୧ ବଖରା ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଏଥିରେ ଥିବା ୬ ଗାଈ ମଧ୍ୟରୁ ୩ଟି ଜୀବନ୍ତଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ୩ଟି ଗାଈ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି। କନ୍ଦରପୁର ଗାଁର ନୃସିଂହ ସାମଲଙ୍କ ସ୍ତ୍ରୀ ପ୍ରମିଳା ରାତିରେ ତାଙ୍କ ଗୁହାଳ ଘରେ ୬ଟି ଗାଈ ବାନ୍ଧି ନିକଟରେ ଥିବା ଘରେ ଶୋଇ ଯାଇଥିଲେ। ରାତି ୧୧ଟା ପରେ ଗୁହାଳେ କୌଣସି କାରଣରୁ ନିଆଁ ଲାଗି ଚାଳ ଛପର ସହିତ ଘରେ ଥିବା ଜାଳେଣୀ ଏକ ସଙ୍ଗରେ ପୋଡ଼ିଯାଇଥିଲା। ୩ଟି ଗାଈ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଅନ୍ୟ ୩ଟି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଗୁହାଳ ବାହାରକୁ ପଳାଇ ଆସିବାକୁ ସମର୍ଥ ହୋଇଥିଲେ। ଖବରପାଇ ଡେରାବିଶ ଓ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗରୁ ଦୁଇଟି ଗାଡ଼ି ଆସି ନିଆଁକୁ ଲିଭାଇ ଥିଲେ। ସୋମବାର ପୂର୍ବାହ୍ନରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଜୟରାମ ବେହେରା ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ସରକାରୀ ସାହାଯ୍ୟ ପହଞ୍ଚାଇବାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

### ବିଦ୍ୟାଳୟସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା

**ରାଜନଗର,୨୮।୩ (ଡି.ଏନ.ଏ.):** ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରସ୍ତିରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ, ମହାକାଳୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥପୁର ଶାସନ ନୋଡାଲ ଶିକ୍ଷା ନିକେତନ, ଠାକୁର ବାସୁଦେବ ନୋଡାଲ ଉପ୍ରା ବିଦ୍ୟାଳୟ, ନୀଳକଣ୍ଠେଶ୍ୱର ନୋଡାଲ ଉପ୍ରା ବିଦ୍ୟାଳୟ, କଟକଣା ପ୍ରାଥମିକ ବିଦ୍ୟାଳୟ, ବାଲିକଣା ଯୁଜିୟୁପି ନିମ୍ନ ମୌଳିକ ବିଦ୍ୟାଳୟ, ବେଲପାଳ, ଭଗବାନପୁର ପ୍ରାଥମିକ ବିଦ୍ୟାଳୟ ଓ ମହିଁଶଗୋଠ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନର ଶିକ୍ଷକ, ପ୍ରଶିକ୍ଷକ ଶ୍ରଦ୍ଧାଞ୍ଜଳି ମାହୁନ୍ତ, ବିଆରସିସି ଅଜିତ ବାରିକ, ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନୀ ପ୍ରମୁଖ ବିଦ୍ୟାଳୟଗୁଡିକ ବୁଲି ଦେଖିଥିଲେ। ଶିକ୍ଷକ ପ୍ରମୋଦ କୁମାର ସେଠୀ, କଳ୍ପନା ଦାସ, ସୁବାଷ ଚନ୍ଦ୍ର ସାମଲ, ନିରାକାର ସେଠୀ, ସତ୍ୟ ନାରାୟଣ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାଶ, ଉର୍ମିଳା ପରିଡା ଓ ପଦ୍ମଲୋଚନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### ୨ ବର୍ଷ ପରେ ଅଙ୍ଗନୱାଡି କେନ୍ଦ୍ର ଖୋଲିଲା

**ରଘୁନାଥପୁର,୨୮।୩(ଡି.ଏନ୍.ଏ.):** କୋଭିଡ କଟକଣା ଯୋଗୁ ଗତ ୨ ବର୍ଷ ଧରି ବନ୍ଦ ରହିଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ସୋମବାର ଖୋଲାଯାଇଛି। ରଘୁନାଥପୁର ବ୍ଲକର ୧୪୫ କେନ୍ଦ୍ରରେ ଅଙ୍ଗନୱାଡି କର୍ମୀମାନେ କୋମଳମତି ଶିଶୁଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। କେନ୍ଦ୍ରରେ ଶିଶୁମାନଙ୍କୁ ସାମାଜିକ ଦୂରତା ଅନୁଯାୟୀ ବସାଯାଇଥିଲା। ଗ୍ରୀଷ୍ମପ୍ରବାହ ଯୋଗୁ ସକାଳ ୭ଟାରୁ ୯ଟା ୩୦ ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ଓ ସୁପରଭାଇଜରମାନେ ବିଭିନ୍ନ କେନ୍ଦ୍ରକୁ ଯାଇ ତଦାରଖ କରିଥିଲେ।

# କେନ୍ଦ୍ରାପଡ଼ା ପ୍ରଶାସନର ନୂଆ ପ୍ରୟାସ 'ପଲ୍ଲୀରେ ପ୍ରଶାସନ'

**କେନ୍ଦ୍ରାପଡ଼ା ଅଫିସ, ୨୮।୩**


ପ୍ରସନ୍ନ କୁମାର ରାଉତ, ପ୍ରଶାନ୍ତ କୁମାର ନାୟକ, ଭରତ ଦାସ, ଚୈତନ୍ୟ ମଲ୍ଲିକ, ଡା. ହେମଲତା ବାହାଲିଆ।

- ପଞ୍ଚାୟତରେ ଲୋକଙ୍କ ଅଭିଯୋଗ ଶୁଣିଲେ ପ୍ରଶାସନିକ ଅଧିକାରୀ
- ତୁରନ୍ତ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

କରୋନା କଟକଣା ଯୋଗୁ ଦୀର୍ଘଦିନ ହେବ ପ୍ରଶାସନିକ ଜନଶୁଣାଣି ବନ୍ଦ ରହିଛି। ଲୋକମାନେ ନିଜ ଅଭାବ ଅଭିଯୋଗକୁ କାହା ଆଗରେ କହିବାକୁ ସୁଯୋଗ ପାଇନାହାନ୍ତି। ପ୍ରଶାସନିକ ଅଧିକାରୀମାନେ ଅଧିକାଂଶ ସମୟ ଜିଲା ମୁଖ୍ୟାଳୟରେ ବ୍ୟସ୍ତ ରହୁଛନ୍ତି। ସେମାନେ ଲୋକଙ୍କ ସମସ୍ୟା ଶୁଣିବାକୁ ସମୟ ବି ପାଉନାହାନ୍ତି। ଫଳରେ ଲୋକମାନେ କେବଳ ସରକାରୀ ବ୍ୟବସ୍ଥାକୁ ମୁଣ୍ଡପାତି ସହି ଆସିଛନ୍ତି । ତେବେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଏପରି ସମସ୍ୟାର ସମାଧାନ ପାଇଁ ସୋମବାର ଅଣ୍ଟା ଭିଡ଼ିଛି । ପ୍ରତି ବ୍ଲକର ଗୋଟିଏ ପଞ୍ଚାୟତରେ ଅଭିଯୋଗ ଶୁଣାଣି ସହିତ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। 'ପଲ୍ଲୀରେ ପ୍ରଶାସନ' ନାମରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜିଲାପାଳ ଅମୃତ ଋତୁରାଜଙ୍କ ଏକ ଅଭିନବ ପ୍ରୟାସ ବୋଲି ଲୋକମାନେ ମତ ଦେଇଛନ୍ତି। ଏହାଦ୍ୱାରା ପ୍ରଶାସନିକ ଅଧିକାରୀମାନେ ସମ୍ପୃକ୍ତ ପଞ୍ଚାୟତରେ ପହଞ୍ଚି ଲୋକମାନଙ୍କ ଅଭାବ, ଅଭିଯୋଗ ଶୁଣିବେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ହେବେ। ସେଠାରେ ହିଁ ଲୋକମାନଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପରାମର୍ଶ ଦିଆଯାଇଛି। ହେଲେ ଏହି ବ୍ୟବସ୍ଥାରେ ପୋଲିସ ଅଧିକାରୀମାନଙ୍କୁ ସାମିଲ କରାଯାଉ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଉକ୍ତ ଶିବିର ଶେଷ ପରେ ଅଭିଯୋଗକାରୀଙ୍କ ଠିକଣା ସହ ଅଭିଯୋଗ ସମ୍ପର୍କରେ ସମ୍ୟକ ଲିଷ୍ଟ ବ୍ଲକରେ ଟଙ୍ଗାଯାଉ, ଏଥିରେ ଉପକୃତ ହେଉଥିବା ଲୋକଙ୍କ ନାମ ସେହି ଲିଷ୍ଟରେ ଉଲ୍ଲେଖ କରାଯାଉ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ସୋମବାର କେନ୍ଦ୍ରାପଡ଼ା ଜିଲା ଅଧୀନ କେନ୍ଦ୍ରାପଡ଼ା ବ୍ଲକ ଓସ୍ତପୁର, ଆଳିର ଅଟାଳ, ଡେରାବିଶର ବାରିମୂଳ, ଗରଦପୁରର ଗରଦପୁର, ମହାକାଳପଡ଼ାର ସୁନିତି, ମାର୍ଶାଘାଇର କୁହୁଡି, ପଟ୍ଟାମୁଣ୍ଡାଇର ପେଣ୍ଠପାଳ, ରାଜକନିକାର ଚରପଡ଼ା ଓ ରାଜନଗର ବ୍ଲକର ରଙ୍ଗଣୀ ପଞ୍ଚାୟତ କାର୍ଯ୍ୟାଳୟରେ 'ପଲ୍ଲୀରେ ପ୍ରଶାସନ' ଶିବିର ଅନୁଷ୍ଠିତ ହୋଇଛି। ତେବେ ପ୍ରଶାସନର ଏହି ନୂତନ ବ୍ୟବସ୍ଥାକୁ ନେଇ ଭିନ୍ନଭିନ୍ନ ମତ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଓସ୍ତପୁରର ଭରତ ଦାସ କୁହନ୍ତି, ମୋତେ ୬୫ ବର୍ଷ ବୟସ ହେଲାଣି। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ। ଏହି ବୟସରେ କାମକୁ ଯାଇ ହେଉନାହିଁ। ଗତ ୪ ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତା ଦରଖାସ୍ତ ଧରି ପଞ୍ଚାୟତରୁ ବ୍ଲକ, ଜିଲା ଅଫିସ ଧାଁଇଛି। ଏପରି କି ସରକାରଙ୍କ ଗତ 'ପିଠା' ଯୋଜନାରେ ଆବେଦନ ପତ୍ର ଦିଆଯାଇଛି। ହେଲେ କିଛି ଲାଭ ହୋଇନାହିଁ। ଏବେ ଅଧିକାରୀମାନେ ଆମ ପଞ୍ଚାୟତକୁ ଆସିଛନ୍ତି। ଅଭିଯୋଗ ପରେ କାମ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୁଁ ବି ଆଶାବାଦୀ ଅଛି। ଦେପୁରା ପଞ୍ଚାୟତର ଚୈତନ୍ୟ ମଲ୍ଲିକ କୁହନ୍ତି, ସୋମବାର ବିଡିଓ, ତହସିଲଦାରଙ୍କ ମାର୍ଫତରେ ଶୁଣାଣି ହେଉଛି। କୌଣସି ପୋଲିସ ଉଚ୍ଚପଦସ୍ଥ ଅଧିକାରୀ ଏହି ଶୁଣାଣିରେ ଉପସ୍ଥିତ ନ ଥିଲେ। ଗତ ୨ ମାସ ଧରି ପଡ଼ୋଶୀଙ୍କ ସହ ଏକ ଗଛକୁ ନେଇ ହୋଇଥିବା ମାରପିଟ୍ ଘଟଣା ସମ୍ପର୍କରେ ଅଭିଯୋଗ କରିବାକୁ ଆସିଥିଲି। ବିଡିଓ ଦରଖାସ୍ତ ନେଇଛନ୍ତି। ସଦର ପୋଲିସକୁ ଏହି ଅଭିଯୋଗପତ୍ର ଦେବେ ବୋଲି କହିଛନ୍ତି। ପୋଲିସ ଅଧିକାରୀମାନେ ଥିଲେ ମୋ ଅଭିଯୋଗର ତୁରନ୍ତ ସମାଧାନ ହୋଇଥାନ୍ତା ବୋଲି ସେ କହିଛନ୍ତି।

ଓସ୍ତପୁର ପଞ୍ଚାୟତର ସରପଞ୍ଚ ପ୍ରସନ୍ନ କୁମାର ରାଉତ କୁହନ୍ତି, ପଲ୍ଲୀରେ ପ୍ରଶାସନ ଜିଲାପାଳଙ୍କ ଏକ ଅଭିନବ ପ୍ରୟାସ। ଏହି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷିଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ହେଉଛି। ଲୋକମାନେ ଉକ୍ତ ଶିବିରରେ ମାଟି ପରୀକ୍ଷା କରିବା, ବ୍ୟାଙ୍କ, ଆଧାର, କୁପୋଷଣ ଆଦି ବିଭାଗୀୟ ଅଧିକାରୀଙ୍କଠାରୁ ସହଯୋଗ ପାଉଛନ୍ତି। ଜିଲାସ୍ତରୀୟ ଜନଶୁଣାଣିରେ ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତର ପର୍ଯ୍ୟନ୍ତ ଯିବାକୁ ପଡୁଥିବା ବେଳେ ପ୍ରତି ବ୍ଲକରେ ପ୍ରଶାସନିକ ଅଧିକାରୀ ଏଥିରେ ଯୋଗ ଦେଇଛନ୍ତି। କେନ୍ଦ୍ରାପଡ଼ାର ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଏହି ବ୍ୟବସ୍ଥାରେ ବିଭିନ୍ନ ବିଭାଗର ଅଧିକାରୀମାନେ ପଞ୍ଚାୟତରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ଏହା ଜିଲା ପାଇଁ ନୂତନ ପଦକ୍ଷେପ। ତେବେ ଲୋକଙ୍କ ଅଭିଯୋଗର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ ୫-ଟି (ଟିମ୍ ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟ୍ରାନ୍ସଫର୍ମେଶନ ଓ ଟାଇମ ଲିମିଟ୍)କୁ ଗୁରୁତ୍ୱ ଦେବା ଆବଶ୍ୟକ। ସଂଗୃହୀତ ଅଭିଯୋଗଗୁଡିକର ଏକ ସଂକ୍ଷିପ୍ତ ବିବରଣୀ ବ୍ଲକ ନୋଟିସ୍ ବୋର୍ଡରେ ଝୁଲାଯାଉ। ସେହିପରି ଏହି ସପ୍ତାହର କେତୋଟି ଅଭିଯୋଗ ସମାଧାନ ହେଲା ତା'ର ତାଲିକା ପ୍ରଦର୍ଶିତ ହେଲେ ଜିଲାପାଳଙ୍କ ପ୍ରୟାସ ସଫଳ ହୋଇପାରିବ। କେନ୍ଦ୍ରାପଡ଼ା ତହସିଲଦାର ଡ.ହେମଲତା ବାହାଲିଆ କୁହନ୍ତି, ଏହି ଶିବିରରେ ପ୍ରଶାସନିକ ବ୍ୟବସ୍ଥାର ବହୁ ବିଭାଗୀୟ ଅଧିକାରୀ ଭାଗ ନେଇଛନ୍ତି। ଫଳରେ ଅଭିଯୋଗଗୁଡିକ ତୁରନ୍ତ ସମାଧାନ କରାଯାଉଛି। କେତେକ ଅଭିଯୋଗ ସମୟକ୍ରମେ ସମାଧାନ ହେବ। ଏଥିପାଇଁ ସମୟ ନିଆଯାଉଛି। ଆଗାମୀ ଶିବିରଗୁଡିକରେ ଆଇନଶୃଙ୍ଖଳା ସମ୍ପର୍କରେ ଆସିଥିବା ଅଭିଯୋଗର ତୁରନ୍ତ ସମାଧାନ ପାଇଁ ପୋଲିସ ଅଧିକାରୀଙ୍କୁ ସାମିଲ ପାଇଁ ବ୍ୟବସ୍ଥା ହେବ। ଏବେ ଏହି ଅଭିଯୋଗ ପତ୍ରକୁ ଜିଲାପାଳଙ୍କ ମାଧ୍ୟମରେ ଏସ୍‌ପିଙ୍କ ନିକଟକୁ ପଠାଯାଉଛି।

### ବିଧବାଙ୍କୁ ନ୍ୟାୟ ନ ମିଳିବାରୁ ଥାନା ସମ୍ମୁଖରେ ଧାରଣା

**ନାଉଗାଁ,୨୮।୩(ସ୍ୱ.ପ୍ର.)**

ପୋଲିସ ପାଖରୁ ନ୍ୟାୟ ମିଳୁ ନ ଥିବା ଅଭିଯୋଗ କରି ନାଉଗାଁ ଥାନା ଅନ୍ତର୍ଗତ ମଠସାହି ଗ୍ରାମର ଜଣେ ଦଳିତ ବିଧବା ସୋମବାର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସେ ହେଲେ ବନି ଭୋଇ। ତାଙ୍କ ଅଭିଯୋଗ ମୁତାବକ, ପଡ଼ୋଶୀଙ୍କ ଫସଲ ତାଙ୍କ ଛେଳି ଖାଇଦେଇଥିଲେ। ଏନେଇ ପଡ଼ୋଶୀ ମହିଳା ଅଶ୍ଳୀଳ ଭାଷାରେ ବନିଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏସଂକ୍ରାନ୍ତରେ ୨୧ ମାର୍ଚ୍ଚ ୨୦୨୨ରେ ବନି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ତେଣୁ ନ୍ୟାୟ ପାଇଁ ବନି ଥାନା ସମ୍ମୁଖରେ ବସିଥିଲେ। ଘଟଣାସ୍ଥଳରେ ଥାନାଧିକାରୀ ଶୁଭ୍ରାଂଶୁ ଶେଖର ପରିଡା ପହଞ୍ଚି ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଯକ୍ଷ୍ମା ରୋଗ ସମ୍ପର୍କରେ ପାଲା ମାଧ୍ୟମରେ ସଚେତନତା

**ରାଜନଗର,୨୮।୩ (ଡି.ଏନ.ଏ.)**

ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲା ଗାୟକ ତଥା ରାଜନଗର ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଭାଗବତ ବେହେରା ଓ ସାଥୀ ବାୟକ ବିଜୟ କୁମାର ଦାସ, ଗୋପୀନାଥ ବାରିକ, ସୁରେନ୍ଦ୍ରନାଥ ରଥ, ଲଲାଟେନ୍ଦୁ ରବୀନ୍ଦ୍ର ଭାରତୀ ପ୍ରମୁଖ ଦ୍ୱାରା ସଚେତନତା ଧର୍ମୀ ପାଲା ପରିବେଶଣ କରାଯାଇଥିଲା। ଯକ୍ଷ୍ମା ରୋଗର କାରଣ, ନିରାକରଣ ବିଷୟରେ ବୁଝାଇବା ସହ ପୋଷଣ ଯୋଜନା ମାଧ୍ୟମରେ ସରକାର ଯକ୍ଷ୍ମା ରୋଗର ଚିକିତ୍ସା ଶେଷ ପର୍ଯ୍ୟନ୍ତ ପୁଷ୍ଟିକର ଖାଦ୍ୟ ଖାଇବା ପାଇଁ ରୋଗୀଙ୍କୁ ୫ଶହ ଟଙ୍କା ଲେଖାଏ ଆର୍ଥିକ ସାହାର୍ଯ୍ୟ ପ୍ରଦାନ କରୁଛନ୍ତି। ୨୦୨୫ ସୁଦ୍ଧା ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ମୁଳୋତ୍ପାଟନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ପାଲା ମାଧ୍ୟମରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ଆଶା, ଏଏନ୍‌ଏମ୍ କର୍ମଚାରୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଲୋକେ ଦେଖିଥିଲେ।

### ଏରେଡା ବାଲି ସୈରାତ ପାଇଁ ନିଲାମ ପ୍ରକ୍ରିୟା ଶେଷ

**ନାଉଗାଁ,୨୮।୩(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗଳଦାରୀ ପଞ୍ଚାୟତ ଦେଇ ପ୍ରବାହିତ ଦେବୀ ନଦୀର ଏରେଡା ବାଲି ସୈରାତ ପାଇଁ ସୋମବାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଏନେଇ ତହସିଲ ପକ୍ଷରୁ ଚିଠି ନଂ.୩୭୬/୨-୩ -୨୦୨୨ରେ ନିଲାମ ପାଇଁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୮ ମାର୍ଚ୍ଚ ଅପରାହ୍ନ ୧ଟା ସୁଦ୍ଧା ୫ଟି ଟେଣ୍ଡର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଏହାପରେ ଅପରାହ୍ନ ୩ଟା ବେଳେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜେ.କଳ୍ପନା, ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରାଙ୍କ ସମେତ ନିଲାମଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ଗୁଡିକୁ ଖୋଲାଯାଇଥିଲା। ବାଲି ସିଏମ ପ୍ରତି ୧ ହଜାର ୭୦ଟଙ୍କାରେ ସର୍ବୋଚ୍ଚ ନିଲାମଧାରୀ ଭାବେ ମନୋଜ ଅଗ୍ରୱାଲ ଏହି ନିଲାମ ପାଇଥିଲେ।

# ତିନିମୁହାଣୀରେ ରାସ୍ତାରୋକୋ


ରାସ୍ତାରୋକୋରେ ସାମିଲ ହୋଇଥିବା ଶ୍ରମିକ ସଂଗଠନର ସଦସ୍ୟମାନେ।

**କେନ୍ଦ୍ରାପଡ଼ା ଅଫିସ, ୨୮।୩**

ସଂଯୁକ୍ତ କିଷାନ ମୋର୍ଚ୍ଚାର ଦେଶବ୍ୟାପୀ ଭାରତ ବନ୍ଦର ପ୍ରଭାବ କେନ୍ଦ୍ରାପଡ଼ା ଜିଲାରେ ସୋମବାର ଦେଖିବାକୁ ମିଳିଛି। ଅଖିଳ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ଅନ୍ୟ ସଙ୍ଗଠନ ପକ୍ଷରୁ ସହରର ତିନିମୁହାଣୀଠାରେ ରାସ୍ତାରୋକୋ ହୋଇଥିଲା । ଫଳରେ ଗାଡିମଟର ଯାତାୟାତ ବନ୍ଦ ହୋଇଛି। ଏ ସମ୍ପର୍କରେ ସମନ୍ୱୟ ସମିତିର କେନ୍ଦ୍ରାପଡ଼ା ଜିଲା ଆବହକ ଗୟାଧର ଧଳ କହିଛନ୍ତି, କେନ୍ଦ୍ର ସରକାରଙ୍କ କିଷାନ ମୋର୍ଚ୍ଚାର ୬ ଦଫା ଦାବି ସହ ଦରଦାମ ବୃଦ୍ଧି କେତେକ ଆଇନର ସଂଶୋଧନ, ଶ୍ରମିକଙ୍କ ମୁରି ବୃଦ୍ଧି ଆଦିକୁ ବିରୋଧ କରି ଏହି ଦୁଇ ଦିନିଆ ବନ୍ଦ କରାଯାଉଛି। ଏହି ରାସ୍ତାରୋକୋରେ ଶ୍ରମିକ ନେତା ବାବାଜୀ ଧଳ, କଂଗ୍ରେସ ନେତା ଚିନ୍ମୟ ବେହୁରା, କୃସିପିଆଇ ନେତା ରମଣୀରଞ୍ଜନ ରାଉତରାୟ, ଜନଶକ୍ତି ପାର୍ଟି ଅଧ୍ୟକ୍ଷ ପ୍ରଦୀପ କୁମାର ଦାଶ, ପ୍ରକାଶ ଚନ୍ଦ୍ର ମଲିକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ, ଧାରଣା

**ବିରିଡି/ପାରାଦୀପ, କୁଜଙ୍ଗ/ ତିର୍ତ୍ତୋଲ,୨୮।୩(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦ୍ରୀୟ ଶ୍ରମିକ ସଂଗଠନର ଆହ୍ୱାନ କ୍ରମେ ୨ ଦିନିଆ ଭାରତ ବନ୍ଦ ଆନ୍ଦୋଳନରେ ବିରିଡି ବ୍ଲକ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ବିରିଡି ଶାଖା, କ୍ଷେତ ମଜଦୁର ୟୁନିୟନ ଓଡିଶା, ଫରେଷ୍ଟଉଡ, ଏଗ୍ରିକଲଚର ଏବଂ ବିଲ୍ଡିଂ କନଷ୍ଟ୍ରକ୍ସନ ୱାର୍କସ ୟୁନିୟନର ସଭ୍ୟାସଭ୍ୟମାନେ ୧୨ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧର୍ମଘଟ ଓ ପ୍ରତିବାଦ ସଭା କରିଥିଲେ । ଏଥିରେ ଓଡ଼ିଶା ଅଙ୍ଗନୱାଡି କର୍ମୀ ମହାସଂଘ ଉପ ସାଧାରଣ ସମ୍ପାଦିକା ବିଷ୍ଣୁପ୍ରିୟା ଜେନା ସଭାପତିତ୍ୱ କରିଥିଲେ। ପାରାଦୀପରେ ବନ୍ଦର ଶ୍ରମିକ ୟୁନିୟନ ସହ ୧୫ ବୃହତ୍ ଶିଳ୍ପରେ କାର୍ଯ୍ୟରତ ଶ୍ରମିକ ସଂଗଠନ ଏହି ଧର୍ମଘଟରେ ସାମିଲ ହୋଇଥିଲେ। ଫଳରେ ସମ୍ପୃକ୍ତ ସଂସ୍ଥାରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଆନ୍ଦୋଳନରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ସହବନ୍ଧିତ ୧୧ ଟି ୟୁନିୟନ ସାମିଲ ହୋଇଥିଲେ। ଏହାବାଦ ବସ ମାଲିକ ସଂଘ, ଟ୍ରକମାଲିକ ସଂଘ, ବ୍ୟବସାୟୀ ସଂଘ, ବ୍ୟାଙ୍କ ସଂଘର ସଦସ୍ୟମାନେ ଧର୍ମଘଟରେ ସାମିଲ ହୋଇଥିଲେ । ପାରାଦୀପ ବନ୍ଦରର ସମସ୍ତ ୫ ଟି ଗେଟ୍, ଅଠରବାଙ୍କି ମୁଖ୍ୟ ଫାଟକ ଓ ଅନ୍ୟ ଶିଳ୍ପ ଆଗରେ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୁଜଙ୍ଗରେ ଏହି ଆନ୍ଦୋଳନ ଆଂଶିକ ସଫଳ ହୋଇଛି। ସରକାରୀ କାର୍ଯ୍ୟାଳୟ ଓ ବଜାର ସ୍ୱାଭାବିକ ଥିବାବେଳେ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ କଟକ-ପାରାଦୀପ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ପ୍ରାୟ ୪ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ତିର୍ତ୍ତୋଲରେ ବାମପନ୍ଥୀ ସଙ୍ଗଠନ ସିଆଇଟିୟୁ ଏବଂ ଏଆଇଟିୟୁସି ସହବନ୍ଧିତ ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ ଓ ପ୍ରତିବାଦ ସଭା କରାଯାଇଥିଲା। ବ୍ଲକ ଛକ ନିକଟରେ କଟକ-ପାରାଦୀପ ରାଜ୍ୟରାଜପଥକୁ ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ଅବରୋଧ କରିଥିଲେ। ପରେ ଆନ୍ଦୋଳନକାରୀମାନେ ତିର୍ତ୍ତୋଲ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ନିକଟକୁ ଯାଇ ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ। ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା କର୍ମୀ ଓ ସହାୟିକା ସଂଘର ସଦସ୍ୟାମାନେ ଏଥିରେ ସାମିଲ ହୋଇଥିଲେ। ଏଆଇଟିୟୁଟି ଜିଲା ସମ୍ପାଦକ ସୁବାସ ମହାପାତ୍ର ଏହାର ନେତୃତ୍ୱ ନେଇଥିଲେ।


ବିରିଡ଼ି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ପ୍ରତିବାଦ ସଭା କରାଯାଉଛି।

# ବଜାରର ମୌଳିକ ସମସ୍ୟାର ସମାଧାନ ପାଇଁ ଦାବିପତ୍ର

**କୁଜଙ୍ଗ,୨୮।୩.(ଡି.ଏନ୍.ଏ.)**

କୁଜଙ୍ଗ ବଜାରର ତିନୋଟି ମୌଳିକ ସମାସ୍ୟାର ସମାଧାନ ପାଇଁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଦର ସରପଞ୍ଚଙ୍କ ନିକଟରେ ଦାବି କରାଯାଇଛି। ସେଗୁଡ଼ିକ ହେଲା ଜଳ ନିଷ୍କାସନ ନିମନ୍ତେ ଡ୍ରେନ୍ ନିର୍ମାଣ, ଆବର୍ଜନା ମୁକ୍ତ ନିମନ୍ତେ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର ନିର୍ମାଣ ଓ ସୁଲଭ ଶୌଚାଳୟ ନିର୍ମାଣ। ଏ ନେଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବାବୁରାମ ଚୌଧୁରୀ, ସମ୍ପାଦକ କାହ୍ନୁ ଚରଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ରଜନୀକାନ୍ତ ଦାସ ପ୍ରମୁଖ ନବ ନିର୍ବାଚିତ ସରପଞ୍ଚ ବନ୍ଦିତା ଦାସଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଏଥିରେ ଦର୍ଶାଇଛନ୍ତି ଯେ, ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଏକ ପ୍ରମୁଖ ବଜାର ହୋଇଥିବାବେଳେ ଏଠାରେ ବର୍ଷା ଦିନେ ପାଣି ଜମୁଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବଜାରରେ ୫୦ରୁ ଊର୍ଦ୍ଧ୍ୱ ସରକାରୀ କାର୍ଯ୍ୟାଳୟ ସମେତ ୧୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ କାର୍ଯ୍ୟ କରୁଛି। ଏଠାରେ ଅଦାଲତ ମଧ୍ୟ ରହିଛି। ଦୈନିକ ବହୁ ଲୋକେ ବିଭିନ୍ନ ସରକାରୀ ଓ ବେସରକାରୀ କାମରେ ଏହି ବଜାରକୁ ଆସିଥାନ୍ତି। ଏହାସତ୍ତ୍ୱେ ଏଠାରେ ଶୌଚାଳୟ ନ ଥିବାରୁ ଲୋକେ ସମସ୍ୟାରେ ପଡ଼ନ୍ତି। ଏସମ୍ପର୍କରେ ବିଡିଓ ଏବଂ ତହସିଲଦାରଙ୍କ ସହ ଆଲୋଚନା କରାଯାଇ ତ୍ୱରିତ ସମାଧାନ କରାଯିବ ବୋଲି ଦାସ ପ୍ରତିଶ୍ରୁତି ଦେଇଛନ୍ତି।

# ପୌରାଧ୍ୟକ୍ଷଙ୍କୁ ଭେଟିଲେ ୯ କାଉନ୍‌ସିଲର

**ପାରାଦୀପ ୨୮।୩(ସ୍ୱ.ପ୍ର.)**

ପାରାଦୀପର ପୌରାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବିଜେଡି ପ୍ରାର୍ଥୀ ବସନ୍ତ ବିଶ୍ୱାଳଙ୍କୁ ୯ ଜଣ କାଉନ୍‌ସିଲର ସୋମବାର ତାଙ୍କ ବାସଭବନରେ ଭେଟିସମ୍ବର୍ଦ୍ଧନା ଜଣାଇଛନ୍ତି। ଏ ସମସ୍ତ କାଉନ୍‌ସିଲର ଆମ ପାରାଦୀପ ଆମ ପ୍ରଗତି (ଏପିଏପି) ସଂଗଠନ ମୁଖିଆ ଅରିନ୍ଦମ ସର୍ଖେଲ(ବାପି)ଙ୍କ ନେତୃତ୍ୱରେ ପୌର ନିର୍ବାଚନରେ ବିଜୟୀ ହୋଇଛନ୍ତି। ପୌର ନିର୍ବାଚନ ଫଳାଫଳ ଅନୁଯାୟୀ ପାରାଦୀପର ୧୯ଟି ୱାର୍ଡ ମଧ୍ୟରୁ ବିଜେଡି ୭, ଭାଜପା ୩, ସର୍ଖେଲଙ୍କ ନେତୃତ୍ୱରେ କଂଗ୍ରେସରୁ ୧ ଓ ସ୍ୱାଧୀନରୁ ୮ ଜଣ କାଉନ୍‌ସିଲର ବିଜୟୀ ହୋଇଛନ୍ତି। ତେବେ ପୌର ଉପାଧ୍ୟକ୍ଷ ପଦ ହାସଲ କରିବା ପାଇଁ କୌଣସି ଦଳ ପାଖରେ ପୂର୍ଣ୍ଣ ବହୁମତ (୧୦ କାଉନସିଲର) ନାହିଁ। ଏପରିସ୍ଥିତିରେ ସର୍ଖେଲଙ୍କ କାଉନ୍‌ସିଲର ବସନ୍ତଙ୍କ ପାଖରେ ପହଞ୍ଚିବାକୁ ନେଇ ନୂତନ ରାଜନୈତିକ ସମୀକରଣ ସୃଷ୍ଟି ହେବା ନେଇ ଚର୍ଚ୍ଚା ହେଉଛି। ଏହାକୁ ସୌଜନ୍ୟମୂଳକ ସାକ୍ଷାତ୍‌କାର ବୋଲି ବିଶ୍ୱାଳ କହିଛନ୍ତି। ଏ ସମ୍ପର୍କରେ ସର୍ଖେଲ କୁହନ୍ତି, ପାରାଦୀପ ପୌରାଞ୍ଚଳରେ କିପରି ପ୍ରଗତି ହେବ ସେ ନେଇ ଆମ ନବନିର୍ବାଚିତ କାଉନ୍‌ସିଲରମାନେ ପୌରାଧ୍ୟକ୍ଷଙ୍କୁ ଭେଟିଛନ୍ତି। ସର୍ଖେଲ କଂଗ୍ରେସ ଛାଡି ବିଜେଡିରେ ମିଶିବା ନେଇ ବର୍ଷେ ହେବ ଚର୍ଚ୍ଚା ହେଉଛି।


ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ଭେଟିଥିବା କାଉନ୍‌ସିଲରମାନେ।

# ପଲ୍ଲୀରେ ଜନଶୁଣାଣି, ୧୫୯୯ ଅଭିଯୋଗ

**ରାଜନଗର/ମହାକାଳପଡ଼ା/ ଆଳି/ମାର୍ଶାଘାଇ,୨୮।୩(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। କରୋନା ମହାମାରୀ ଯୋଗୁ ବନ୍ଦ ରହିଥିବା ଜନଶୁଣାଣି ଶିବିର ବ୍ଲକ ହେଡକ୍ୱାର୍ଟର ପରିବର୍ତ୍ତେ ପଲ୍ଲୀରେ ପହଞ୍ଚି ପ୍ରଶାସନ ସୋମବାର ଲୋକଙ୍କ ଅଭିଯୋଗ ଶୁଣିଛି। ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବ୍ଲକରେ ଏହା କରାଯାଇଛି। ଏହିକ୍ରମରେ କେନ୍ଦ୍ରାପଡ଼ା ବ୍ଲକର ଓସ୍ତପୁରରେ ୭୨ଟି ଅଭିଯୋଗ ହୋଇଥିଲା। ରାଜନଗର ବ୍ଲକର ରଙ୍ଗଣୀ ପଞ୍ଚାୟତରେ ଜନଶୁଣାଣି ଶିବିରରେ ୪୧୪ ଅଭିଯୋଗର ଶୁଣାଣି କରାଯାଇଛି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟ କରିଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ୩୨ ନଂ. ଜୋନର ଜିଲା ପରିଷଦ ସଭ୍ୟ ଝୁନୁମିନା କୁଅଁର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ତହସିଲଦାର ଭୋଳାନାଥ ସେଠୀ, ରଙ୍ଗଣୀ ସରପଞ୍ଚ ଲୋପାମୁଦ୍ରା ଜେନା, ସମିତିସଭ୍ୟ ତପନ କୁମାର ସାହୁ, ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

ସେହିପରି ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତରେ ପଲ୍ଲୀରେ ଜନଶୁଣାଣି ହୋଇଥିଲା। ଏଥିରେ ୩୦୦ ଅଭିଯୋଗ ଆସିଥିଲା। କେତେକ ଅଭିଯୋଗର ସମାଧାନ କରାଯାଇଥିବା ବେଳେ ଅନ୍ୟଗୁଡିକର ସାମାଧାନ କରାଯିବ ବୋଲି ଶିବିରରେ ଯୋଗ ଦେଇଥିବା କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା, ବିଡିଓ ଦେବାଶିଷ ରାଉତ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ମନୋଜ କୁମାର ପଣ୍ଡା, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ସମେତ ୨୨ ନଂ. ଜିଲାପରିଷଦ ଜୋନ ସଭ୍ୟ ଅପୁ ପରିଡ଼ା, ସରପଞ୍ଚ ଭଗବତୀ ମଣ୍ଡଳ, ସମିତିସଭ୍ୟା ସବିତା ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଆଳି ବ୍ଲକ ଅଟାଳ ପଞ୍ଚାୟତରେ ଜନଶୁଣାଣି ହୋଇ ୩୯୩ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରକୁ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଅଚ୍ୟୁତାନନ୍ଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଡିଓ ଦ୍ୱିବେନ୍ଦୁ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ତହସିଲଦାର ତପନ ସେନାପତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରେଖା ମହାନ୍ତି ଓ ଜିଆରଏସ୍ ବିଶ୍ୱରଞ୍ଜନ ବଳ ଉପସ୍ଥିତ ଥିଲେ। ମାର୍ଶାଘାଇ ବ୍ଲକର କୁହୁଡି ପଞ୍ଚାୟତରେ ପଲ୍ଲୀରେ ଜନଶୁଣାଣିକୁ କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା ଓ ମାର୍ଶାଘାଇ ବିଡିଓ ଉମାଶଙ୍କର ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ସମସ୍ୟାକୁ ନେଇ ୪୨୦ଟି ଅଭିଯୋଗ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷ ଉର୍ମିଳା ମହାନ୍ତ, ଜିଲାପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ ବିଶ୍ୱାଳ, ସରପଞ୍ଚ ପ୍ରଭାତ ରଞ୍ଜନ ଦାସ, ସମିତିସଭ୍ୟା ଗୌରୀ ମହାରଣା ଓ ସମସ୍ତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।


ରାଜନଗର ଜନଶୁଣାଣିରେ ସାମିଲ ହୋଇଥିବା ଅଭିଯୋଗକାରୀମାନେ।

## ସଂକ୍ଷେପରେ

### ଯୁବ ଉଦ୍ୟମିତା ବିକାଶ କର୍ମଶାଳା

**ଖଣ୍ଡପଡ଼ା,୨୮।୩ (ସ୍ୱ.ପ୍ର.):** ଖଣ୍ଡପଡ଼ା ବିକାଶ ମଞ୍ଚ ପକ୍ଷରୁ କଣ୍ଟିଲୋ ନିକଟସ୍ଥ ମା' ନାରାୟଣୀଙ୍କ ପୀଠ ପରିସରରେ ଯୁବ ଉଦ୍ୟମିତା ବିକାଶ କାର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଅଭିଲାଷ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟଶାଳାରେ ଯୁବ ଉଦ୍ୟୋଗୀ ଷ୍ଟାଲିନ ନାୟକ, ମିଳିତ ଜାତିସଂଘ ୱାସ ପ୍ରକଳ୍ପର ମୁଖ୍ୟ ସ୍ମିତା ସ୍ୱାଇଁ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମ ନିର୍ଭର ଭାରତ ଆହ୍ୱାନର ଅଂଶ ବିଶେଷ ଏହି କାର୍ଯ୍ୟଶାଳାରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରୁ ୧୦୦ରୁ ଉର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ। ଯୁବକମାନେ ଉଦ୍ୟୋଗୀ ହେବା ପାଇଁ ଅତିଥିମାନେ ପ୍ରେରଣା ଦେବା ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ପରିପ୍ରେକ୍ଷୀରେ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ନାୟକ ଆଲୋକପାତ କରିଥିଲେ। ଏଥିରେ ଯୁବ ସଂଗଠକ ପରାଶର ମିଶ୍ର ପୌରୋହିତ୍ୟ କରିଥିବା ବେଳେ କର୍ମଶାଳା ପରିଚାଳନାରେ ସନୋଜ କୁମାର ଧଳ ଓ ଯୁବ ବନ୍ଧୁମାନେ ସକ୍ରିୟ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ବିଜ୍ଞାନମେଳା ପ୍ରସ୍ତୁତି ବୈଠକ

**ଧରାକୋଟ,୨୮।୩(ଡି.ଏନ୍.ଏ.):** ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ ଉଚ୍ଚ ପ୍ରାଥମିକ, ହାଇସ୍କୁଲ ପ୍ରଧାନ ଶିକ୍ଷକମାନଙ୍କର ଏକ ବୈଠକ ବିଇଓ କୋରେଶ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଇଓ ପ୍ରଦୀପ କୁମାର ହୋତା, ଉମାଚରଣ ପାଣିଗ୍ରାହୀ, ବୁଚି ରାଓ ଦୋରା ଉପସ୍ଥିତ ଥିଲେ। ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା କରିବା ଏବଂ ଆସନ୍ତା ୩୦ ତାରିଖ ମଧରେ ପ୍ରକଳ୍ପ ଚୟନ, ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା ତାଲିକା ଦେବାପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ପ୍ରତି ବିଦ୍ୟାଳୟରେ ଏସ୍ଏମ୍ସି ଓ ଏସ୍ଏମ୍ଡିସି ସଭ୍ୟ ମାନଙ୍କର ତାଲିମ କରାଯିବ ବୋଲି ବିଇଓ ସୂଚନା ଦେଇଥିଲେ।

### ରୁପା ଚୋରି ଘଟଣା, ୪ କୋର୍ଟ ଚାଲାଣ

**ପାତ୍ରପୁର,୨୮।୩(ଡି.ଏନ.ଏ):** ପାତ୍ରପୁରର ଏକ ସୁନା ଦୋକାନକୁ ଶନିବାର ଗ୍ରାହକ ବେଶରେ ଆସି ରୁପା ଚୋରି କରିଥିବା ୩ ମହିଳା ଓ ଜଣେ ପୁରୁଷଙ୍କୁ ବ୍ରହ୍ମପୁର ହରିଡାଖଣ୍ଡି ଛକଠାରୁ ଜରଡ଼ା ଥାନା ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁରର କୋରା ଗୌଡ, ଝୁନୁ ଦାସ, ସୁଶୀଳା ଦାସ ଓ ଝୁମୁରୀ ଦାସ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୁଇଦିନ ତଳେ ପାତ୍ରପୁର ସ୍ଥିତ ବାଣିଶ୍ରୀ ସୁନା ଦୋକାନକୁ ଏମାନେ ଗ୍ରାହକ ବେଶରେ ଆସି ରୁପା ଚୋରି କରି ନେଇଥିଲେ।

# ଜୱାଦ କ୍ଷତିଗ୍ରସ୍ତଙ୍କୁ ମିଳିନି ସହାୟତା

**ନୟାଗଡ଼ ଅଫିସ,୨୮।୩**



ନବ ନିର୍ମାଣ କୃଷକ ସଂଗଠନର ଚାଷୀମାନଙ୍କ ପକ୍ଷରୁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

- ମାର୍ଚ୍ଚ ୩୧ରେ ଶେଷ ହେବ ଧାନକିଣା
- ଟୋକନ ଲାପ୍ସ ପରେ ନାହିଁ ପଦକ୍ଷେପ
- କଟ୍ନି ଛଟ୍ନି ବନ୍ଦ ପାଇଁ ପ୍ରଶାସନ କଲାନି ବ୍ୟବସ୍ଥା
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଧାନକିଣା ଶେଷ ହେବ। ତେବେ ଧାନ କିଣା ବନ୍ଦ ହେବା ପୂର୍ବରୁ ଡିସେମ୍ବର ୪ ରେ ଜୱାଦ୍ ବାତ୍ୟା ପାଇଁ ଚାଷୀଙ୍କୁ କ୍ଷତିପୂରଣ ସରକାର ଦେଇପାରିନାହାନ୍ତି। ସେହିପରି ଟୋକନ ଲାପ୍ସ ପରେ ବି ଚାଷୀଙ୍କ ଧାନ କିଣିବାକୁ ପ୍ରଶାସନର ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷେ କଟ୍ନି ଛଟ୍ନି ବନ୍ଦ ପାଇଁ ଚାଷୀଙ୍କ ବାରମ୍ବାର ଆନ୍ଦୋଳନ ପରେ ବି ପ୍ରଶାସନ ବ୍ୟବସ୍ଥା କରିପାରିଲାନାହିଁ। ପ୍ରଶାସନ ଓ ସରକାର ଉପରେ ଅସନ୍ତୋଷ ବ୍ୟକ୍ତକରି ଚାଷୀ ଧାନ ବିକିବା, ଜୱାଦରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ତୁରନ୍ତ ଦେବା ଓ ଗଣିଆ, ଦଶପଲ୍ଲା ବ୍ଲକର ଚାଷୀଙ୍କୁ ସାମିଲ କରି ଜୱାଦ ବାତ୍ୟା କ୍ଷତିପୂରଣ ଦେବାର ବ୍ୟବସ୍ଥା ପାଇଁ ଆନ୍ଦୋଳନକୁ ନବନିର୍ମାଣ କୃଷକ ସଂଗଠନ ଓହ୍ଲାଇଛି। ସୋମବାରଠାରୁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ଓ ଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ସଂଗଠନ ପକ୍ଷରୁ ଧମକ ଦିଆଯାଇଛି।

ଚାଷୀଙ୍କ ଅଭିଯୋଗ ଅନୁସାରେ, ଧାନକିଣାରେ ଅବ୍ୟବସ୍ଥା ବଢ଼ି ଚାଲିଥିଲେ ମଧ ମିଲରଙ୍କୁ ଗିରଫ କରିବାକୁ ଯୋଗାଣ ମନ୍ତ୍ରୀ ପଦକ୍ଷେପ ନେଲେନାହିଁ। ନୟାଗଡ଼ ଜିଲାରେ ଭୁଶୁଡ଼ି ପଡିଛି ସରକାରୀ କଳ। ମିଲରଙ୍କ ଏଜେଣ୍ଟ ଚଳାଉଛନ୍ତି ଧାନମଣ୍ଡି। ଧାନ କିଣା ଶେଷ ପର୍ଯ୍ୟାୟରେ ବି ଧାନମଣ୍ଡିର ସୁବିଧା ଅସୁବିଧା ବୁଝିବା ପାଇଁ ଗଠିତ ସ୍କ୍ୱାଡ୍ର ଦେଖାନାହିଁ । ୧୨ଶହରୁ ୧୩ଶହ ଟଙ୍କାରେ ମିଲର ସିଧାସଳଖ ଚାଷୀଙ୍କଠାରୁ ଧାନ କିଣୁଛନ୍ତି। ମିଲରଙ୍କ ଷ୍ଟକ୍ ଚେକ୍ ହେଉନାହିଁ। ମିଲରଙ୍କ ଏଜେଣ୍ଟଙ୍କୁ ମଣ୍ଡିରୁ ବହିଷ୍କାର କରାଯାଉନାହିଁ। ଧାନ ମଣ୍ଡି ଓ ଧାନକିଣାରେ ଅବ୍ୟବସ୍ଥା ବଢ଼ି ଚାଲିଥିବାବେଳେ କୃଷି, ଯୋଗାଣ ଓ ସମବାୟ ବିଭାଗ ଚୁପ୍। ଫାଇଲିନ୍, ହୁଡ୍ହୁଡ୍, ୟାସ୍ ଓ ଜୱାଦ୍ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମିଲରମାନେ ଚାଷୀଙ୍କୁ ହଇରାଣ କରୁଛନ୍ତି। ନିର୍ବାଚନ ସମୟରେ ମିଲର ନିର୍ବାଚନୀ ଚାନ୍ଦା ଦେଇଥିବାରୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ କରିଛନ୍ତି ଚାଷୀ। ମିଲରମାନେ କହୁଛନ୍ତି, ଚାଷୀମାନେ ତଳେ ଧାନ ଓଯାଡି ଦିଅନ୍ତୁ। ଆମେ ଧାନ ଚୋଳି କରି ନେବୁ। ହେଲେ ମୁହଁବନ୍ଧା ଅଖାରେ ଧାନ ନେଉଥିବା ମିଲରମାନେ ଚାଷୀଙ୍କୁ ବସ୍ତା ଟଙ୍କା ଦେଉନାହାନ୍ତି। ଜରିଅଖା ପାଇଁ ୫ ଟଙ୍କା ଓ ଝୋଟ ଅଖା ପାଇଁ ୧୦ ଟଙ୍କା ଚାଷୀ ପାଇବାକୁ ନିୟମ ଥିବାବେଳେ ଅଧିକାଂଶ ସମବାୟ ସମିତି ସମ୍ପାଦକ ଚାଷୀଙ୍କୁ ଦେଉନାହାନ୍ତି। ପୁଣି କୁଇଣ୍ଟାଲ ଧାନରେ ୧୦ରୁ ୨୦ କେଜି ଧାନ କଟ୍ନି ଛଟ୍ନି ଚାଲିଛି। ଏଭଳିସ୍ଥଳେ ରଣପୁର ବ୍ଲକ ଗୌରାଙ୍ଗପୁର ପ୍ରାଥମିକ କୃଷି ସମବାୟ ସମିତିର ୮୩ ଚାଷୀଙ୍କ ଟୋକନ ଲାପ୍ସ ହେବା ଭଳି ଜିଲାର ବିଭିନ୍ନ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି। ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ଅପେକ୍ଷା କରି ରହିଛି। ହେଲେ ଚାଷୀର ଧାନ ନ କିଣି ସରକାର ଧାନ କିଣା ବନ୍ଦ କରିବାକୁ ଯାଉଥିବାରୁ କ୍ଷୋଭ ପ୍ରକାଶ ପାଇଛି। ଏ ନେଇ ନବନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ମହେଶ୍ୱର ଜେନା କୁହନ୍ତି, ଧାନକିଣାର ବିଭିନ୍ନ ଅବ୍ୟବସ୍ଥାର ପ୍ରତିବାଦରେ ଫେବୃୟାରୀ ୧୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଧାରଣା ଦେଲେ। ଜିଲାପାଳଙ୍କ ପରାମର୍ଶରେ ଜିଲା ଯୋଗାଣ ଅଧିକାରୀଙ୍କୁ ଦେଖାକରି ଧାନର ମାନ ପରୀକ୍ଷଣ କଲେ। ଧାନର ମାନ ଠିକ୍ ଅଛି ବୋଲି ଜିଲା ଯୋଗାଣ ଅଧିକାରୀ ସେ ସମୟରେ କହିଥିଲେ। ମଣ୍ଡିରେ ଧାନ କଟାଯିବା ଓ ଅନ୍ୟ ଅସୁବିଧା ନେଇ ବିଷୟରେ ଗତ ଫେବୃୟାରୀ ୧୪ ଅଥବା ୧୫ରେ ଜିଲାପାଳ, ଏଆରସିଏସ୍, ଯୋଗାଣ ଅଧିକାରୀଙ୍କ ସହ କୃଷକ ସଂଗଠନର ୧୦ ଜଣିଆ ପ୍ରତିନିଧି ଦଳଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେପରି କିଛି କରାଗଲା ନାହିଁ। ଏହାପରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ଜେନା କହିଛନ୍ତି।

### ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କୁ ଆଖୁରସ ଲାଗି

**ଖଣ୍ଡପଡା ୨୮।୩ (ସ୍ୱ.ପ୍ର.)**

ଖଣ୍ଡପଡା ସହରର ଆରାଧ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କୁ ସୋମବାର ଆଖୁରସ ଲାଗି କରାଯାଇଛି। ପ୍ରାତଃ ସମୟରେ ବିଗ୍ରହଙ୍କ ସମସ୍ତ ନୀତିକାନ୍ତି ଶେଷ ପରେ ସେବସୀମାନେ ଧୂପ, ଦୀପ ଓ ଭୋଗ ଲାଗି କରିଥିଲେ। ଏ ଅବସରରେ ଏକ ଗରା ଆଖୁରସ (ଦୋରୁଅ) ପ୍ରଭୁଙ୍କ ନିକଟରେ ଅର୍ପଣ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସମସ୍ତ ପୂଜାର୍ଚ୍ଚନା ଶେଷ ହୋଇଥିଲା। ବର୍ଷରେ ବିଭିନ୍ନ ସମୟରେ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ନିକଟରେ ରସଗୋଲା, ବିଭିନ୍ନ କିସମର ଫଳ ଲାଗି କରାଯାଇଥାଏ।

### ମା' ପୂର୍ଣ୍ଣମାସୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

**ଖଣ୍ଡପଡା, ୨୮।୩ (ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକର ବନମାଳୀପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପ୍ରସାଦ ଗାଁରେ ମା' ପୂର୍ଣ୍ଣମାସୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବାହାଡା ଗ୍ରାମର ଗୋପାଳ ସମାଜ ଓ ରାମଚନ୍ଦ୍ର ପ୍ରସାଦ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଶେଷ ହୋଇଥିଲା। ପୂର୍ଣ୍ଣାହୁତି ଉତ୍ସବରେ ଆଖାପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ନୟାଗଡ଼ରେ ଶ୍ରମିକ ଧର୍ମଘଟ

**ନୟାଗଡ଼ ଅଫିସ,୨୮।୩**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଆହ୍ୱାନକ୍ରମେ ୨ ଦିନିଆ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ସଦର ମହକୁମାରେ ପ୍ରଥମ ଦିବସରେ ସୋମବାର ବିକ୍ଷୋଭ ଓ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ସିଆଇଟିୟୁର ଜିଲା ସଭାପତି ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ସିଆଇଟିୟୁ ନେତା ପବିତ୍ର ଇନ୍ଦ୍ରଜିତ୍, ଏସ୍.ଏ. କରିମ୍, ଜ୍ୟୋତିପ୍ରଭା ସେନା, ଏଆଇଟିୟୁସି ନେତା ଅମୀୟ ପଟ୍ଟନାୟକ, ଆଇଏନଟିୟୁସି ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିମଳ ଦାଶ, ଯୁବ ସଂଗଠକ ଭୁବନ ହାତୀ ଓ ଆଲୋକ ପ୍ରଧାନ, ସଂଯୁକ୍ତ କିଶାନ ମୋର୍ଚ୍ଚା ନେତା ଗୋଲଖ ବିହାରୀ ମୁଦୁଲି, କ୍ଷେତ ମଜଦୁର ନେତା ବୁଦ୍ଧି ନାୟକ ପ୍ରମୁଖ ଯୋଇଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଶ୍ରମିକ ବିରୋଧୀ ଶ୍ରମ କୋର୍ଡକୁ ବାତିଲ କରିବା, ସର୍ବନିମ୍ନ ଦୈନିକ ମଜୁରୀ ୬ ଶହ ଟଙ୍କା ଘୋଷଣା କରିବା, ଠିକା ବଦଳରେ ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଶ୍ରମିକ କର୍ମଚାରୀଙ୍କ ଅବସରକାଳୀନ ଭତ୍ତା ସୁନିଶ୍ଚିତ କରିବା, ଘରୋଇକରଣ ବନ୍ଦ କରିବା, ବଜାର ଦରକୁ ନିୟନ୍ତ୍ରଣ କରିବା ପରି ୧୨ ଦଫା ଦାବି ନେଇ ଆନ୍ଦୋଳନ ହୋଇଥିବା ଏଥିରେ ବକ୍ତମାନେ ଟିପ୍ପଣି ଦେଇଥିଲେ। ପ୍ରକାଶ ଯେ, ଭାରତ ବନ୍ଦକୁ ନେଇ ନୟାଗଡ଼ରେ ଯାନବାହାନ ଚଳାଚଳ କରିବ କି ନାହିଁ ସାଧାରଣ ଲୋକ ଜାଣି ପାରି ନ ଥିଲେ। ଏପରି କି ଦୋକାନ ବଜାର ଖୋଲା ରହିବ କି ନାହିଁ ଜାଣି ନ ଥିଲେ। ତେବେ ଯାନବାହାନ ଚଳାଚଳ କରିଥିଲା। ଲୋକ ନ ହେବାରୁ ଅନେକ ଗାଡି ଯାଇ ନ ଥିଲା। ସେହିପରି କିଛି ଦୋକାନ ବନ୍ଦ ରହିଥିଲା।

## ଦାୟିତ୍ୱ ଗ୍ରହଣ କଲେ ଅଧକ୍ଷା, ସରପଞ୍ଚ

**ନୂଆଗାଁ, ୨୮।୩ (ଡି.ଏନ୍.ଏ.)**



ନୂଆଗାଁ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା।

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଅଧକ୍ଷଙ୍କ ସମେତ ଅନେକ ପଞ୍ଚାୟତର ସରପଞ୍ଚ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା ବ୍ଲକ କାର୍ଯ୍ୟାଳୟ ପରିସରରେ ନିଜ କୋଠରିରେ ହୋମ, ପୂଜାର୍ଚ୍ଚନା କରିଥିଲେ। ବ୍ଲକର ବହୁ ନବ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ଫୁଲତୋଡ଼ା ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଅନୁରୂପ ଭାବେ ଅଧକ୍ଷା ସମସ୍ତଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନୂଆଗାଁ ପଞ୍ଚାୟତ ସରପଞ୍ଚ ଅମିତା ପରିଡ଼ା, କୋରଡା ସରପଞ୍ଚ ନିରୁପମା ପାତ୍ର ଓ ପାରାଡିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ ମଧ ସମାନ ଢଙ୍ଗରେ ନିଜ ଆସନରେ ବସିଥିଲେ। ତେବେ ନବନିର୍ବାଚିତ ସମସ୍ତ ଲୋକ ପ୍ରତିନିଧି ନୂତନ ଭାବେ ନିର୍ବାଚିତ ହୋଇଥିବାରୁ ସମସ୍ତଙ୍କ ମନରେ ଅନେକ ଉତ୍ସାହ ଦେଖାଦେଇଥିଲା। ଜନସାଧାରଣ ସେମାନଙ୍କଠାରୁ ଅନେକ ଉନ୍ନତିମୂଳକ କାର୍ଯ୍ୟ ଆଶା ରଖିଥିବା ଜଣାପଡ଼ିଛି।

## ଆମ ଗାଁ ଆମ ବିକାଶ ନାଁରେ ୪ ଲକ୍ଷ ଆତ୍ମସାତ୍

### ବିଡିଓଙ୍କୁ ଫେରାଦ ହେଲେ ୪ ୱାର୍ଡ ବାସିନ୍ଦା

**ନୟାଗଡ଼ ଅଫିସ, ୨୮।୩**

ଆମ ଗାଁ ଆମ ବିକାଶ ଯୋଜନା ନାଁରେ ୪ ଲକ୍ଷ ଆତ୍ମସାତ୍ ହୋଇଛି। ଏପରି ଅଭିଯୋଗ ବିଜିପୁର ଗାଁର ୭, ୮, ୯ ଓ ୧୦ ନଂ. ୱାର୍ଡର ବାସିନ୍ଦା ଆଣି ଭାପୁର ବ୍ଲକ ବିଡିଓଙ୍କୁ ସୋମବାର ଫେରାଦ୍ ହୋଇଛନ୍ତି। ଅଭିଯୋଗ ଅନୁସାରେ, ୨୦୧୮-୧୯ ଆର୍ଥିକ ବର୍ଷରେ ବିଜିପୁର ଗାଁର ଆରାଧ ଠାକୁରାଣୀ ମା' ସଞ୍ଜାଇ ଦେବୀଙ୍କ ପ୍ରାଙ୍ଗଣରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିମନ୍ତେ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ମଞ୍ଜୁର କରିଥିଲେ। ଏଥିରେ ୨ଟି କମ୍ୟୁନିଟ ସେଣ୍ଟର ହୋଇଥାନ୍ତା। ହେଲେ ଗୋଟିଏ ବଖରା ଘର କରି ସରକାରୀ ଅନୁଦାନକୁ ହଡପ କରାଯାଇଛି। ଏହା ଜଣାପଡିବା ପରେ ଗାଁରେ ଉତ୍ତେଜନା ଦେଖା ଦେଇଥିଲା। ଗାଁ ଲୋକ ମେଳି ହୋଇ ଏହାର ପ୍ରତିବାଦ କରିଛନ୍ତି।



ଭାପୁର ବ୍ଲକ ସମ୍ମୁଖରେ ଲୋକଙ୍କ ଧାରଣା।

### ଖଣ୍ଡପଡ଼ା ବ୍ଲକରେ ଅଧକ୍ଷା, ଉପାଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ଖଣ୍ଡପଡ଼ା ୨୮।୩ (ସ୍ୱ.ପ୍ର)**

ଖଣ୍ଡପଡ଼ା ପଞ୍ଚାୟତ ସମିତିର ଅଧକ୍ଷା ଭାବେ ଉପମା ବେହେରା ଓ ଉପାଧକ୍ଷ ଭାବେ ଶିଶିର କୁମାର ସାହୁ ନିର୍ବାଚିତ ହୋଇଥିଲେ। ନବନିର୍ବାଚିତ ଅଧକ୍ଷା ବେହେରା ଓ ଉପାଧକ୍ଷ ସାହୁ ସୋମବାର ବ୍ଲକ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ସେମାନେ ଆଲୋଚନା କରିଛନ୍ତି। ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ପ୍ରାଥମିକତା ଦେବେ ବୋଲି ଉଭୟେ ଲୋକ ପ୍ରତିନିଧି ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।

## ବିନା ନୋଟିସରେ ଜମି ଅଧିଗ୍ରହଣ

**ନୟାଗଡ଼ ଅଫିସ,୨୮।୩**

- ଚାଷ ଜମିରେ ଯାଉଛି ରେଳପଥ
- ଏଡିଏମ୍ଙ୍କୁ ଭେଟିଲେ ୫୦ ଆଦିବାସୀ ପରିବାର

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବୁଗୁଡା କଲୋନୀର ୫୦ ଆଦିବାସୀ ପରିବାରର ଜମିରେ ଯାଉଛି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ। ତେବେ ଜମି ଅଧିଗ୍ରହଣ ପାଇଁ ଦଶପଲ୍ଲା ତହସିଲ ପକ୍ଷରୁ କୌଣସି ନୋଟିସ୍ କରାଯାଇନାହିଁ। ଅନ୍ୟପକ୍ଷେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଛି। ଦୀର୍ଘ ୬୫ ବର୍ଷ ଧରି ଜାଷଜମିକୁ ଭୋଗ ଦଖଲ କରି ଆସୁଥିବାବେଳେ ଜମିରେ ରେଳପଥ ଯାଉଥିବାବେଳେ ସେମାନଙ୍କୁ ଅଣଦେଖା କରାଯିବା ଠିକ୍ ନୁହେଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଆଦିବାସୀ ପରିବାର ସେମାନଙ୍କର ସମସ୍ୟା ନେଇ ବିଭିନ୍ନ ସମୟରେ ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଯୋଗାଯୋଗ କରିବାକୁ ଆସିଛନ୍ତି। ହେଲେ ଭୂଅର୍ଜନ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇ ପାରୁ ନାହିଁ କି ଦେଖା ପାଉନାହାନ୍ତି । ବାରମ୍ବାର ଫେରିବାକୁ ପଡୁଛି। ଶେଶରେ ୫୦ ପରିବାର ସୋମବାର ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କୁ ଭେଟି ସେମାନଙ୍କର ଦୁଃଖ ଜଣାଇଛନ୍ତି। ସେମାନେ ରେଳପଥକୁ ବିରୋଧ କରୁନାହାନ୍ତି ତେବେ ଆଦିବାସୀଙ୍କ ଯେପରି ବଞ୍ଚିବାରେ ଅସୁବିଧା ନ ହେବ ସେଥିପ୍ରତି ବ୍ୟବସ୍ଥା କରିବାକୁ ଏଡିଏମ୍ଙ୍କୁ ନିବେଦନ କରିଛନ୍ତି।

## ବିଶ୍ୱ ନାଟ୍ୟ ଦିବସକୁ ନେଇ ଆଲୋଚନାଚକ୍ର

**ନୟାଗଡ଼ ଅଫିସ,୨୮।୩**

ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ନୟାଗଡ଼ ନାଟକର ଯଜ୍ଞଶାଳା 'ନାଟ୍ୟଧାରା' ପକ୍ଷରୁ ଏକ ଆଲୋଚନାଚକ୍ର ସହର ଉପକଣ୍ଠ ମୁକ୍ତାପୁର ନିକଟସ୍ଥ ଶୁଭମ ପାର୍କଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛ। ଅନୁଷ୍ଠାନର ସଭାପତି ସାମାଜିକ କର୍ମୀ ପ୍ରମୋଦ କୁମାର ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ନାଟ୍ୟଧାରା ପକ୍ଷରୁ ଚଳିତ ମାସ ୧ରୁ ୮ତାରିଖ ପର୍ଯ୍ୟନ୍ତ ନୟାଗଡ଼ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ଉତ୍ସବ ବେଶ ଲୋକପ୍ରିୟତା ହାସଲ କରିଥିବା ନେଇ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରଥିଲେ। ଏଥିସହ ଆଗାମୀ ଦିନରେ ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ସୁଚିନ୍ତିତ ମତାମତ ଉପସ୍ଥାପିତ କରିଥିଲେ। ନାଟ୍ୟଧାରାର ନିର୍ଦ୍ଦେଶକ ନାଟ୍ୟଭୂଷଣ ବିଜୟ କୁମାର ଚୌଧୁରୀ ନାଟକ ଉତ୍ସବର ଆୟବ୍ୟୟ ସମୀକ୍ଷା କରିବା ସହ ନାଟକ ଉତ୍ସବର ସଫଳତା ଏବଂ ଲୋକପ୍ରିୟତା ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ନାଟ୍ୟଧାରା ଉପସଭାପତି ତଥା ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ରଙ୍କ ସମେତ ସଦସ୍ୟ ଦୁର୍ଯ୍ୟୋଧନ ସାହୁ, ସୁରେନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ସାହୁ, ଶେଖ ଅବଦୁଲ ଖାଲିକ, ପ୍ରଦୀପ ଡାକୁଆ, ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହିଥିଲେ। ଚଳିତବର୍ଷ ନାଟକ ଉତ୍ସବର ସଫଳତା ପାଇଁ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟାସଦସ୍ୟମାନଙ୍କୁ ସଭାପତି ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିବା ସହ ଆଗାମୀ ବର୍ଷ ନାଟକ ଉତ୍ସବ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଘର ଥାଇ ସ୍କୁଲ ବାରଣ୍ଡାରେ ପଢ଼ିଲେ ଶିଶୁ

### ନୂଆଗାଁ ସମନ୍ୱିତ ମହିଳା ଓ ଶିଶୁ ପ୍ରକଳ୍ପରେ ଅବ୍ୟବସ୍ଥା

**ନୂଆଗାଁ, ୨୮।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ୨ବର୍ଷ ପରେ ସୋମବାର ଅଙ୍ଗନୱାଡି କେନ୍ଦ୍ର ଖୋଲିଥିଲେ ମଧ କୁସୁମଗାଡିଆ କେନ୍ଦ୍ରରେ କାହାରି ଦେଖା ମିଳି ନ ଥିଲା। ଆମ୍ବଝରୀ ଅଙ୍ଗନାୱାଡି କେନ୍ଦ୍ରର ଶିଶୁମାନେ ସ୍କୁଲ ବାରଣ୍ଡାରେ ଖରାରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଥିଲା।

ନୂଆଗାଁ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ୧୬୮ ଗୋଟିଅଙ୍ଗନାୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୦୪ ଗୋଟି କେନ୍ଦ୍ରର ନିଜସ୍ୱ ଗୃହ ରହିଛି। ୧୪ଗୋଟି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଛି। ୨୨ ଗୋଟି କେନ୍ଦ୍ର ପାଇଁ ଅନୁଦାନ ଦିଆଯାଇଥିଲେ ମଧ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ତେବେ ସରକାର ଅନୁଦାନ ଦେଇଥିଲେ ମଧ ଅଧିକାରୀମାନଙ୍କ ଅପାରଗତା କାରଣରୁ ନିର୍ମାଣ କାର୍ଯ୍ୟରେ ଶିଥିଳତା ଦେଖାଦେଇଥିବା ଅଭିଯୋଗ ହେଉଛି। ଆମ୍ବଝରୀ ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ବହୁଦିନ ଆଗରୁ ଶେଷ ହୋଇଥିଲେ ମଧ ସମ୍ପୃକ୍ତ ବିଭାଗକୁ ଗୃହ ହସ୍ତାନ୍ତର ହୋଇ ନାହିଁ। ଫଳରେ ଶିଶୁମାନେ ସ୍କୁଲ ବାରଣ୍ଡାରେ ବସି ପାଠ ପଢିବାକୁ ପଡୁଛି। ସେହିପରି କୁସୁମଗାଡିଆ ଅଙ୍ଗନାୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ କର୍ମୀ ନିଜ ଗୃହରେ ଶିଶୁମାନଙ୍କୁ ବସାଇ ପାଠ ପଢାନ୍ତି। କିନ୍ତୁ କରୋନା ମହାମାରୀ ଯୋଗୁ ଦୀର୍ଘ ଦୁଇବର୍ଷ ପରେ ଅଙ୍ଗନୱାଡି କେନ୍ଦ୍ର ଖୋଲିଥିଲେ ମଧ କୁସୁମଗାଡିଆରେ କର୍ମୀ, ସହାୟିକା କିମ୍ବା ଶିଶୁମାନଙ୍କର ଦେଖା ନ ଥିଲା। ଅଙ୍ଗନୱାଡି କର୍ମୀଙ୍କୁ କେନ୍ଦ୍ର ଖୋଲିବା ବାବଦରେ ସକାଳୁ ଜଣାଯାଇଥିବାରୁ ସେ କେନ୍ଦ୍ର ଖୋଲିପାରି ନ ଥିବା କଥା ତାଙ୍କ ସ୍ୱାମୀ କହିଥିଲେ। ଏ ସମ୍ପର୍କରେ ନୂଆଗାଁ ସିଡିପିଓ ଶୁଭ୍ରକେଶୀ ମଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏ ସମ୍ପର୍କରେ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ଅଙ୍ଗନୱାଡି କେନ୍ଦ୍ରର କୌଣସି କାର୍ଯ୍ୟ ପାଇଁ ସିଡିପିଓ ସହଯୋଗ କରୁ ନ ଥିବା ସେ କହିଛନ୍ତି।



ଆମ୍ବଝରୀ ସ୍କୁଲ ବାରଣ୍ଡାରେ ଅଙ୍ଗନୱାଡି ଶିଶୁ ।




ନିର୍ମିତ ଅଙ୍ଗନୱାଡି କେନ୍ଦ୍ରରେ ତାଲା।

## ସୁନା,ରୁପା ଦର ହ୍ରାସ

**ନୂଆଦିଲ୍ଲୀ:** ୟୁକ୍ରେନ ଓ ରୁଷିଆ ଯୁଦ୍ଧର ପ୍ରଭାବ ସାରା ବିଶ୍ୱରେ ଦେଖିବାକୁ ମିଳିଛି। ବିଶେଷ କରି ଉଭୟ ଦେଶର ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ଦରଦାମ ପରିବର୍ତ୍ତନ ଏକ ପ୍ରମୁଖ ବିଷୟ ପାଲଟିଛି। ଏହାରି ଭିତରେ ସୁନା ଓ ରୁପାର ଆମଦାନୀ ବୃଦ୍ଧି ସହ ଦର ମଧ ହ୍ରାସ ଘଟିଛି। ଫଳରେ ସୋମବାର ଭାରତରେ ସୁନା ପ୍ରତି ୧୦ ଗ୍ରାମରେ ପ୍ରାୟ ୩୦୦ ଟଙ୍କା ହ୍ରାସ ଖଟିଥିବାବେଳେ ରୂପା ୭୦୦ ଟଙ୍କା କମିଛି। ଭାରତୀୟ ଅଳଙ୍କାର ବଜାରରେ ଉଭୟ ସୁନା ଓ ରୁପା ଦର ହ୍ରାସ ପାଇ ପ୍ରତି ୧୦ଗ୍ରାମ ସୁନା ମୂଲ୍ୟ ୫୧,୫୭୦ ଟଙ୍କା ରହିଥିବା ବେଳେ ଏକ କିଲୋ ରୁପା ମୂଲ୍ୟ ୬୮,୧୩୦ ଟଙ୍କାରେ ପହଞ୍ଚିଛି।

## ସଂକ୍ଷେପରେ

### ସେନ୍‌ସେକ୍ସ ୨୩୦ ପଏଣ୍ଟ ବୃଦ୍ଧି

**ମୁମ୍ବାଇ,୨୮।୩:** ଗତ ସପ୍ତାହର ଶେୟାର ବଜାରରେ କ୍ରମାଗତ କ୍ଷତି ନିବେଶକମାନଙ୍କୁ ଚିନ୍ତାରେ ପକାଇ ଦେଇଥିବା ବେଳେ ଚଳିତ ସପ୍ତାହର ପ୍ରଥମ କାରବାର ଦିବସ ସେମାନଙ୍କ ମନରେ ପୁଣିଥରେ ଉତ୍ସାହ ଭରି ଦେଇଛି। ସାମାନ୍ୟ ରିକଭରି ସହିତ ଲାଲ୍ ସଙ୍କେତରୁ ଆରମ୍ଭ ହୋଇଥିବା ଶେୟାର ବଜାର ସୋମବାର ସବୁଜ ଇନ୍‌ଡେକ୍ସରେ ବନ୍ଦ ହେବାରେ ସକ୍ଷମ ରହିଛି। କାରବାର ଶେଷ ବେଳକୁ ସେନ୍‌ସେକ୍ସ ୨୩୧.୨୯ ପଏଣ୍ଟ ଅର୍ଥାତ୍ ୦.୪୦% ବୃଦ୍ଧି ପାଇ ୫୭,୫୯୩.୪୯ ଇନ୍‌ଡେକ୍ସରେ ବନ୍ଦ ହୋଇଛି। ଏଥିସହିତ ନିଫ୍ଟିରେ ୬୯ଅଙ୍କ ବୃଦ୍ଧି ଘଟିଛି। ଦିନରେ ୧୧୬୭ ଶେୟାରରେ କ୍ରୟ ଦେଖିବାକୁ ମିଳିଥିଲା। ଜିଏନ୍‌ଏଫ୍‌ସି, ଗେଲ୍, ଜେକେ ଟାୟାର୍ ଏବଂ ଗୁଜରାଟ ଆଲ୍‌କାଲାଇଜ୍ ଦିନର ଟପ୍ ଗେନର୍ସ ଥିବା ବେଳେ ଭାରତୀ ଏୟାରଟେଲ୍, କୋଲ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ୍ ଏବଂ ଆଇଟିସି ଟପ୍ ଲୁଜର୍ସ ତାଲିକାରେ ରହିଛନ୍ତି।

### ଭାରତକୁ ଅତିରିକ୍ତ ସହଯୋଗ ମାଗିଲା ଶ୍ରୀଲଙ୍କା

**ନୂଆଦିଲ୍ଲୀ,୨୮।୩:** ଗତ ଦଶନ୍ଧି ମଧ୍ୟରେ ସବୁଠାରୁ ଖରାପ ଅର୍ଥନୈତିକ ସ୍ଥିତି ଦେଇ ଗତି କରୁଥିବା ପଡ଼ୋଶୀ ଶ୍ରୀଲଙ୍କା ଦେଶ ପାଇଁ ଆବଶ୍ୟକ ଜିନିଷ କିଣିବା ପାଇଁ ଭାରତକୁ ୧ ବିଲିୟନ ଡଲାରର ଅତିରିକ୍ତ ଋଣ ମାଗିଛି। ଏ ସମ୍ପର୍କରେ ଭାରତ ବୈଦେଶିକ ମନ୍ତ୍ରୀ ଶ୍ରୀଲଙ୍କା ସହିତ ଆଲୋଚନା ଆରମ୍ଭ କରିଥିବା ଜଣାଯାଇଛି। ୨୦୨୦ ଜାନୁୟାରୀଠାରୁ ବୈଦେଶିକ ମୁଦ୍ରା ଭଣ୍ଡାରରେ ୭୦% ହ୍ରାସ ପରେ ଶ୍ରୀଲଙ୍କା ଖାଦ୍ୟ ଏବଂ ଇନ୍ଧନ ଭଳି ଆବଶ୍ୟକ ଜିନିଷ କ୍ରୟ କରିବା ପାଇଁ ମଧ ସଂଘର୍ଷ କରୁଛି। ଭାରତର ଆର୍ଥିକ ସହଯୋଗ ଦ୍ୱାରା ଶ୍ରୀଲଙ୍କା ଅଟା, ଚାଉଳ, ଡାଲି, ଚିନି, ମେଡିସିନ୍ ଭଳି ଆବଶ୍ୟକ ଜିନିଷ ଇମ୍ପୋର୍ଟ କରିବ। ସୂଚନାଯୋଗ୍ୟ, ପୂର୍ବରୁ ଭାରତ ମହାସାଗର ଦ୍ୱାରା ଆବଶ୍ୟକ ଜିନିଷ ଇମ୍ପୋର୍ଟ ପାଇଁ ଅର୍ଥ ପୈଠ କରିବାକୁ ଭାରତ ସହିତ ୧ ବିଲିୟନ୍ ଡଲାରର କ୍ରେଡିଟ୍ ଲାଇନ୍ ସ୍ୱାକ୍ଷରିତ ହୋଇଥିଲା। ଶ୍ରୀଲଙ୍କା ଅର୍ଥମନ୍ତ୍ରୀ ବାସିଲ୍ ରାଜପାକ୍ସେ ନୂଆଦିଲ୍ଲୀଠାରେ ଏହି କ୍ରେଡିଟ୍‌ଲାଇନ୍‌ରେ ସ୍ୱାକ୍ଷର କରିଥିଲେ।

# ଜିଏସ୍‌ଟି ଫାଙ୍କୁଛନ୍ତି କ୍ରିପ୍ଟୋ ଏକ୍ସଚେଞ୍ଜ

- ୧୧ଟି ଏକ୍ସଚେଞ୍ଜ ଦେଇନଥିଲେ ୮୨କୋଟି ଟଙ୍କା
- ସୁଧ ସହ ୯୬ କୋଟି ଆଦାୟ

**ନୂଆଦିଲ୍ଲୀ,୨୮।୩**

ଭାରତରେ ଡିଜିଟାଲ କରେନ୍ସି ଓ କ୍ରିପ୍ଟୋକୁ ନେଇ ଅନେକ ଚର୍ଚ୍ଚା ଲାଗି ରହିଛି। କେବେ ଏହାର ପ୍ରଚଳନ ନିଷିଦ୍ଧକୁ ନେଇ ତ ଆଉ କେତେବେଳେ କ୍ରିପ୍ଟୋ ସମ୍ପର୍କରେ ସଂସଦରେ ବିଲ୍ ଆଣିବାକୁ ନେଇ। ଗତ ୨ ବର୍ଷ ମଧ୍ୟରେ ଡିଜିଟାଲ ମୁଦ୍ରାଗୁଡିକ ବାବଦରେ ସରକାର କଣ ସବୁ ପଦକ୍ଷେପ ନେଇଛନ୍ତି। ବିଶେଷ କରି ଏହି ମୁଦ୍ରା କାରବାର ସହ ଜଡିତ ଥିବା ସଂସ୍ଥାଗୁଡିକଠାରୁ ସରକାର ଟିକସ (ଜିଏସଟି) ଆକାରରେ କେତେ ପରିମାଣର ଅର୍ଥ ଏକାଠି କରିଛନ୍ତି ସେ ନେଇ ସଂସଦରେ ସରକାର ମତ ରଖନ୍ତୁ ବୋଲି ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ଇଚ୍ଛା ପ୍ରକାଶ କରିଥିଲେ।




ଏ ନେଇ ମଧ ସରକାରଠାରୁ ହସ୍ତଗତ ହୋଇଥିବା ସୂଚନାକୁ ସୋମବାର ସଂସଦ ଦ୍ୱାରା ପ୍ରକାଶିତ କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର ପ୍ରାୟ ୧୧ଟି କ୍ରିପ୍ଟୋ ଏକ୍ସଚେଞ୍ଜରୁ ସାମଗ୍ରୀ ଏବଂ ସେବା ଟିକସ (ଜିଏସଟି) ଆକାରରେ ପ୍ରାୟ ୯୬ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛନ୍ତି। ବିଶେଷ କରି ଜିଏସଟି ପକ୍ଷରୁ ତନାଘନା କରିବା ସହ ଏହାର ଏକ ତଦନ୍ତ ୟୁନିଟ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡିକ ଉପରେ ଚଢ଼ାଉ କରିବା ଫଳରେ ମୋଟ ୮୨ (୮୧.୫୪) କୋଟି ଟଙ୍କାର ଟିକସ ଓ ଜରିମାନା ବାବଦକୁ ଅର୍ଥ ଦେଇନଥିବା ଜଣାପଡିଥିଲା। ଜିଏସଟିର ତଦନ୍ତକାରୀ ୟୁନିଟ ପକ୍ଷରୁ ଚିହ୍ନଟ କରାଯାଇଥିବା ସଂସ୍ଥା ମଧ୍ୟରେ ୱାଜିରକ୍ସ, ମୁଦ୍ରା ଡିସିଏକ୍ସ ଏବଂ କଏନ୍ ସ୍ୱିଚ୍ କୁବେର ଭଳି ପ୍ରମୁଖ ଏକ୍ସଚେଞ୍ଜ ପଏଣ୍ଟ ଅନ୍ତର୍ଭୁକ୍ତ ରହିଛି ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏଭଳି କିଛି ସୂଚନା ପ୍ରଦାନ କରିଛନ୍ତି। ସେହିଭଳି ଜିଏସଟି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟକୁ ଆଧାର କରି ମନ୍ତ୍ରୀ କହିଛନ୍ତି ଯେ ୱାଜିରକ୍ସ ବ୍ରାଣ୍ଡ ଭାବରେ କାର୍ଯ୍ୟ କରୁଥିବା ଜାନମାଇ ଲାବ ୪୦.୫ କୋଟି ଟଙ୍କା ପାଙ୍କିଥିବା ବେଳେ ୱାଜିରକ୍ସ ଏକ୍ସଚେଞ୍ଜ ଜାନମାଇ ଲାବ ଦ୍ୱାରା ପରିଚାଳିତ ଏବଂ କ୍ରିପ୍ଟୋକରେନ୍ସି ଡବ୍ଲୁଆରଏକ୍ସ ବିନାନ୍ସ ଇନଭେଷ୍ଟମେଣ୍ଟ କୋ ଲିମିଟେଡ୍, ସେଚେଲସ୍ ବିନିମୟରୁ ମୋଟ ଉପରେ ୫୦ କୋଟି ଟଙ୍କା ଟିକସ ଆକାରରେ ପୁନରୁଦ୍ଧାର କରାଯାଇଥିଲା, ଯେଉଁଥିରେ ସୁଧ ଏବଂ ଜରିମାନା ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ବିଭାଗ ଅଭିଯୋଗ କରିଛି ଯେ ଅନୁସନ୍ଧାନ ବେଳେ ଟିକସଦାତା ଆୟକରରୁ ବାଣିଜ୍ୟ ଶୁଳ୍କ, ଜମା ଶୁଳ୍କ ଏବଂ ପ୍ରତ୍ୟାହାର ଶୁଳ୍କ ସଂଗ୍ରହ କରୁଥିବା ବେଳେ ଉକ୍ତ ଘଟଣା ଅଧିକାରୀଙ୍କ ନଜରକୁ ଆସିଥିଲା।

## ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସ ପକ୍ଷରୁ 'ସୱାଲିଆ' ଅଭିଯାନ

JSW PAINTS

**ନୂଆଦିଲ୍ଲୀ,୨୮।୩**

ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ସହଯୋଗୀ କମ୍ପାନୀ ଜେଏସଡବ୍ଲ୍ୟୁ ପେଣ୍ଟ୍ସ ପକ୍ଷରୁ ଏକ ଭିନ୍ନ ଧରଣର ମାର୍କେଟିଂ କ୍ୟାମ୍ପେନ ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସହ 'ସୱାଲିଆ'କୁ ୨୦୨୨ ଆଇପିଏଲ୍ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ସୱାଲିଆ ହେଉଛି ପ୍ରାସଙ୍ଗିକ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ମାର୍କେଟିଂ ଅଭିଯାନ। ସାଧାରଣତଃ ସାରା ଭାରତରେ ଅନ୍ୟ ପେଣ୍ଟ କମ୍ପାନୀଗୁଡ଼ିକ ଭିନ୍ନ ଭିନ୍ନ କଲର ପାଇଁ ଅତିରିକ୍ତ ମୂଲ୍ୟ ଚାର୍ଜ କରିଥାନ୍ତି। କଲର ଯେତେ ଗାଢ଼ ହେବ ମୂଲ୍ୟ ସେତେ ଅଧିକ ହୋଇଥାଏ। ଏ ସମ୍ପର୍କରେ ଜେଏସଡବ୍ଲ୍ୟୁ ପେଣ୍ଟସର ସିଏମଓ ଅନୁରାଧା ବୋଷ କହିଛନ୍ତି, ଜେଏସଡବ୍ଲ୍ୟୁ ପେଣ୍ଟସ ଏହାର ଗ୍ରାହକମାନଙ୍କୁ ନିଜର ପ୍ରିୟ କଲରକୁ ବାଛିବାର ସ୍ୱାଧୀନତା ପ୍ରଦାନ କରୁଛି ଏବଂ ଏହା ଯେକୌଣସି କଲରକୁ ଗୋଟିଏ ମୂଲ୍ୟରେ ପ୍ରଦାନ କରୁଛି। ଆମର ନୂତନ ମାର୍କେଟିଂ କ୍ୟାମ୍ପେନରେ ସୱାଲିଆ ହେଉଛି ଆଲିଆ ଭଟ୍ଟଙ୍କର ଆଉ ଏକ ରୂପ ଯିଏକି ଲୋକଙ୍କୁ ଠିକ୍ ପ୍ରଶ୍ନ ପଚାରିବା ପାଇଁ ପ୍ରୋତ୍ସାହିତ କରୁଛି। ଏହି ଫିଲ୍ମରେ ଦର୍ଶାଯାଇଛି ଯେ ଆଲିଆ କଣ୍ଟ୍ରାକ୍ଟରଙ୍କୁ ତାଙ୍କର ପସନ୍ଦର ଗାଢ଼ ରଙ୍ଗ ପେଣ୍ଟ କରିବାକୁ କହୁଛନ୍ତି ଓ ଅଧିକ ପ୍ରଦାନ କରିବା ପାଇଁ ରାଜି ମଧ ହୋଇ ଯାଉଛନ୍ତି।

# ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ସୁରେନ୍ଦ୍ରନାଥ

**କଟକ,୨୮।୩**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜାଦ କୀ ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମଏସଏମଇ) ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ଦିନିକିଆ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏମଏମଏମଇଗୁଡିକ କିଭଳି ଶକ୍ତିଶାଳୀ ହୋଇପାରିବେ ସେ ସଂକ୍ରାନ୍ତୀୟ ଏକ କର୍ମଶାଳା ଏମଏସଏମଇ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ କଟକ ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ମଧ୍ୟମ ବର୍ଗର ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଭାରତ ମସଲାର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏକ ଅଣୁ ଶିଳ୍ପରୁ ସୃଷ୍ଟି ହୋଇଥିବା ଭାରତ ମସଲା ଦୁଇଟି ସୋପାନ ଅତିକ୍ରମ କରି ମଧ୍ୟମ ବର୍ଗର ଶିଳ୍ପରେ ନିଜର ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ଭୂୟସୀ ପ୍ରଶଂସା କରିଥିଲେ। ଏମଏସଏମଇର ଯୁଗ୍ମ ନିର୍ଦ୍ଦେଶକ ପି.କେ.ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବି.କେ. ପଟ୍ଟନାୟକ, ଏମଏସଏମଇର ପୂର୍ବତନ ସଚିବ ପଞ୍ଚାନନ ଦାସ, ଶିଳ୍ପ ନିର୍ଦ୍ଦେଶକ ଏମଡି ମହମ୍ମଦ ସାଦିକ୍ ଆଲମ ପ୍ରମୁଖ ଯୋଗ ଦେଇ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକ କିଭଳି ଶକ୍ତିଶାଳୀ ହୋଇପାରିବେ ସେ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଡି.ସି.ମିଶ୍ର ଉକ୍ତ କର୍ମଶାଳାକୁ ସଂଯୋଜନା କରିଥିଲେ।




## ଭାରତୀୟ ମୁଦ୍ରା ବିନିମୟରେ ତୈଳ କ୍ରୟ ହେବନି: ରାଷ୍ଟ୍ରମନ୍ତ୍ରୀ

**ନୂଆଦିଲ୍ଲୀ,୨୮।୩**

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପରେ ଅନେକ ପଶ୍ଚିମ ଦେଶ ରୁଷିଆ ଉପରେ ପ୍ରତିବନ୍ଧନ ଲଗାଇଛନ୍ତି। ତେବେ ଏହି ପ୍ରତିବନ୍ଧକ ପରେ ଭାରତ ନିଜସ୍ୱ ମୁଦ୍ରା ବିନିମୟରେ ରୁଷିଆଠାରୁ ତୈଳ କ୍ରୟ କରିବା ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ନେଇନାହିଁ ବୋଲି ରାଷ୍ଟ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ରାମେଶ୍ୱର ତେଲି ସୋମବାର ରାଜ୍ୟ ସଭାରେ ସେ ନେଇ ଲିଖିତ ଜବାବ ଦେଇଛନ୍ତି। ପାର୍ଲାମେଣ୍ଟରେ ଦେଇଥିବା ଲିଖିତ ଜବାବରେ ସେ କହିଛନ୍ତି ଯେ, ରୁଷିଆ କିମ୍ବା ଅନ୍ୟ କୌଣସି ଦେଶଠାରୁ ଭାରତୀୟ ମୁଦ୍ରା ବିନିମୟରେ ଅଶୋଧିତ ତୈଳ କ୍ରୟ କରିବାକୁ ସରକାରୀ କ୍ଷେତ୍ରର କୌଣସି କମ୍ପାନୀର ବର୍ତ୍ତମାନ ସୁଦ୍ଧା ଚୁକ୍ତି ହୋଇନାହିଁ। ଡଲାର ବିନିମୟରେ ରୁଷିଆର ଗାଜପ୍ରୋମ୍‌ର ଇମ୍ପୋର୍ଟ କରୁଥିବା ଏଲ୍‌ଏନ୍‌ଜି ପାଇଁ ଦେୟ ଜାରି ରଖିଥିବା ଗେଲ୍ ଇଣ୍ଡିଆ ପକ୍ଷରୁ ରବିବାର ସୂଚନା ଦିଆଯାଇଥିଲା।

# କୋଇଲା ଯୋଗାଣରେ ସରକାର ହସ୍ତକ୍ଷେପ କରନ୍ତୁ: ୟୁସିସିଆଇ

**ନୂଆଦିଲ୍ଲୀ,୨୮।୩**

ଅଣ ଶକ୍ତି ଉତ୍ପାଦନକାରୀ କ୍ଷେତ୍ରକୁ ଉଭୟ ରେଳ ଓ ସଡ଼କ ପଥରେ କୋଇଲା ଯୋଗାଣ ହ୍ରାସ କରିବାକୁ କୋଲ ଇଣ୍ଡିଆ ନୋଟିସ ଜାରି କରିବାର ସପ୍ତାହକ ପରେ ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ (ୟୁସିସିଆଇ) ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ୟୁସିସିଆଇ କହିବା କଥା ଯେ ଓଡ଼ିଶାରେ ଶିଳ୍ପ ସଂଗଠନଗୁଡିକ ଲାଗି ରହିଥିବା କୋଇଲା ସଙ୍କଟର ସମାଧାନ ଏବଂ ଅତ୍ୟଧିକ ଶକ୍ତି ବିନିଯୋଗ କରୁଥିବା ଶିଳ୍ପଗୁଡିକ ତିଷ୍ଠି ରହିବା ନିମନ୍ତେ ଆବଶ୍ୟକ କୋଇଲା ଯୋଗାଣ ପୁନଃଆରମ୍ଭ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ହସ୍ତକ୍ଷେପ ଲୋଡିଛନ୍ତି। ନିଜସ୍ୱ ତାପଜ ଶକ୍ତି କେନ୍ଦ୍ର ଥିବା (ସିପିପି) ଶିଳ୍ପଗୁଡିକ ଉପରେ ଏହାର ବ୍ୟାପକ ପ୍ରଭାବ ପଡୁଥିବା ନେଇ ୟୁସିସିଆଇ ଚିନ୍ତା ପ୍ରକଟ କରିଛି। ସେହିଭଳି କୋଇଲା ଯୋଗାଣ କାଟଛାଣ୍ଟ କରିବାକୁ କୋଲ ଇଣ୍ଡିଆର ନୋଟିସ ଅଣ ଶକ୍ତି କ୍ଷେତ୍ରଗୁଡିକ ପାଇଁ ଅତିମାତ୍ରାରେ ପରିପନ୍ଥୀ ହେବାକୁ ଯାଉଛି। ଆଗୁଆ କୌଣସି ସୂଚନା ନଦେଇ ନିଆଯାଇଥିବା ଏଭଳି ନୂଆ ଅସ୍ଥାୟୀ ନିଷ୍ପତ୍ତି ଶିଳ୍ପକୁ ବସ୍ତୁତଃ ଅଚଳ କରି ଦେଇଛି, ଯାହା ପାଖରେ ନିରନ୍ତର ଶିଳ୍ପ କାର୍ଯ୍ୟକଳାପ ଜାରି ରଖିବା ଦିଗରେ କୌଣସି ସମାଧାନକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ସମୟ ନାହିଁ ବୋଲି ୟୁସିସିଆଇର ଅଧ୍ୟକ୍ଷ ବ୍ରହ୍ମା ମିଶ୍ର କହିଛନ୍ତି। ଶକ୍ତି ଉତ୍ପାଦନ କ୍ଷେତ୍ରକୁ ଅଗ୍ରାଧିକାର କୋଇଲା ଯୋଗାଣ ଭିତ୍ତିରେ ଅଧିକାଂଶ ଉପଲବ୍ଧ ରେଳ ଯୋଗାଣ ଦ୍ୱାରା ସେହି ପ୍ରକଳ୍ପଗୁଡିକରେ ୯ରୁ ୧୦ ଦିନର କୋଇଲା ମହଜୁଦ ରହିଥିବା ଏବଂ ଶକ୍ତି ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଆସିଥିବା ସେ କହିଛନ୍ତି।

## ଫୁର୍‌ସତ୍

# ବିଶ୍ୱର ସବୁଠୁ ଦାମୀ ଓଟ

**ନୂଆଦିଲ୍ଲୀ**

ଓଟର ଦାମ୍ ୧୪ କୋଟି ଟଙ୍କାରୁ ଅଧିକ। ଏକଥା ଶୁଣି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବେ। କିନ୍ତୁ ଏମିତି ଏକ ବିଶେଷ ଧରଣର ଓଟକୁ ଏକାଧିକ କୋଟି ମୂଲ୍ୟରେ ନିଲାମ କରାଯାଇଛି, ଯାହାକୁ ବିଶ୍ୱର ଦୁର୍ଲଭ ଓଟ ବୋଲି କୁହାଯାଉଛି। ସାଉଦି ଆରବରେ ଏକ ଓଟକୁ ନିଲାମ କରାଯାଇଛି ୧୪ କୋଟି ୨୩ ଲକ୍ଷ ଟଙ୍କାରେ। ସେଠାକାର ଏକ ଖବରକାଗଜ ରିପୋର୍ଟ ଅନୁସାରେ ସାଉଦି ଆରବରେ ଏକ ସାର୍ବଜନିକ ସ୍ଥାନରେ ନିଲାମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଓଟ ପାଇଁ ପ୍ରଥମେ ୫ ମିଲିୟନ୍ ସାଉଦି ରିୟାଲ ଅର୍ଥାତ୍ ୧୦ କୋଟି ୧୬ ଲକ୍ଷ ଟଙ୍କାର ନିଲାମ ଡକା ଆରମ୍ଭ ହୋଇଥିଲା। ଏହାପରେ ଏହି ନିଲାମ ମୂଲ୍ୟ ବୃଦ୍ଧି ପାଇ ୭ ମିଲିୟନ ସାଉଦି ରିୟାଲ ଅର୍ଥାତ୍ ୧୪ କୋଟି ୨୩ ଲକ୍ଷ ଟଙ୍କାରେ ସ୍ଥିର ହୋଇଥିଲା। ନିଲାମ ଧରିଥିବା ବ୍ୟକ୍ତିଙ୍କ ନାଁ ଓ ଠିକଣା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ। କିନ୍ତୁ ଏହି ଓଟଟି ଏକ ବିଶେଷ ପ୍ରଜାତିର ଓ ସୁନ୍ଦର ହୋଇଥିବାରୁ ପ୍ରାୟ ସବୁଆଡ଼େ ଏହାକୁ ନେଇ ଚର୍ଚ୍ଚା ହେଉଥିଲା। ତେଣୁ ବିଶ୍ୱର ଏକ ଦୁର୍ଲଭ ଓଟ ଭାବେ ଏହାକୁ ନିଆଯାଏ। ସାରା ବିଶ୍ୱରେ ଏହି ପ୍ରଜାତିର ଓଟ ଖୁବ୍ କମ୍ ଦେଖିବାକୁ ମିଳନ୍ତି। ଏହି ଦୃଷ୍ଟିରୁ ଓଟର ଦାମ୍ ଏତେ ଅଧିକ ହୋଇଥିବା ଜଣାପଡ଼ିଛି। ଏହାବ୍ୟତୀତ ସାଉଦି ଆରବରେ ଲୋକଙ୍କ ଜୀବନଶୈଳୀରେ ଓଟର ଏକ ସ୍ୱତନ୍ତ୍ରତା ବି ରହିଛି। ଇଦ୍ ଅବସରରେ ଏଠାରେ ଓଟର ନିଲାମୀ ଡକାଯାଏ। ସେଥିପାଇଁ ବିଶ୍ୱର ସବୁଠୁ ବଡ଼ ଓଟମେଳା ମଧ ସାଉଦି ଆରବରେ ଅନୁଷ୍ଠିତ ହୋଇଥାଏ।



# ଦୀପିକାଙ୍କୁ ଟାଇମ୍ ୧୦୦ ଇମ୍ପାକ୍ଟ ଆୱାର୍ଡ



ଦୀପିକା ପାଦୁକୋନ

**ମୁମ୍ବାଇ:** ବଲିଉଡ୍ ନାୟିକା ଦୀପିକା ପାଦୁକୋନ ତାଙ୍କ ଅଭିନୟ ଦୁନିଆରେ ସଫଳ ଅଭିନେତ୍ରୀ ଭାବେ ସମସ୍ତଙ୍କ ହୃଦୟ ଜିତିପାରିଛନ୍ତି। ତେବେ ଦୀପିକାଙ୍କ ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ଟାଇମ୍୧୦୦ ଇମ୍ପାକ୍ଟ ଆୱାର୍ଡର ନିଜ ନାମରେ କରିନେଇଛନ୍ତି। ଏନେଇ ନିଜେ ଦୀପିକା ସୋସିଆଲ ମିଡିଆ ଜରିଆରେ ସମସ୍ତଙ୍କୁ ଜଣାଇଛନ୍ତି। ଏହି ଆୱାର୍ଡରେ ଦୀପିକାଙ୍କ ସମେତ ୧୦୦ ବ୍ୟକ୍ତି ସାମିଲ ଅଛନ୍ତି। ଏହି ପୁରସ୍କାର ତାଙ୍କୁ ଦୁବାଇର ଫ୍ୟୁଚର୍ ମ୍ୟୁଜିୟମରେ ପ୍ରଦାନ କରାଯାଇଛି। ଦୀପିକା ତାଙ୍କ ପୋଷ୍ଟ ଶେୟାର କରି ଲେଖିଛନ୍ତି, 'ସୋମବାର ସକାଳ ପାଇଁ ଏହା ଅତ୍ୟନ୍ତ ଆନନ୍ଦଦାୟକ'। ପୂର୍ବରୁ ୨୦୧୪ରେ ଦୀପିକା ମାନସିକ ରୋଗରେ ପୀଡ଼ିତ ହୋଇଥିଲେ। ସେଥିପାଇଁ ସେ ମାନସିକ ସ୍ୱାସ୍ଥ୍ୟ ଉପରେ କାମ କରିବାକୁ ଆରମ୍ଭ କରିଥିଲେ। ଏନେଇ ଦୀପିକା କହିଛନ୍ତି, 'ମାନସିକ ରୋଗ ସହିତ ମୋର ଗଭୀର ଅନୁଭୂତି ରହିଛି'। ଦୀପିକାଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ କିଛି ମାତ୍ରାରେ ଆହ୍ୱାନ ପାଲଟିଥିଲା। ସେ ୨୦୧୫ରେ 'ଲାଇଭ ଲଭ୍ ଲାଫ୍' ଫାଉଣ୍ଡେସନ ଆରମ୍ଭ କରିଥିଲେ, ଯାହା ମାନସିକ ସ୍ୱାସ୍ଥ୍ୟର ଅବହେଳା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସାହାଯ୍ୟ କରିଥିଲା। ଏହି ଫାଉଣ୍ଡେସନ କର୍ନାଟକ, ଓଡିଶା ଏବଂ ତାମିଲନାଡୁର ୪ଟି ଗ୍ରାମାଞ୍ଚଳର ୧୮ଶହ ବ୍ୟକ୍ତିଙ୍କୁ ମାଗଣା ମାନସିକ ରୋଗ ସହାୟତା, ସରକାରୀ ସହାୟତା ଯୋଗାଉଛି। ଦୀପିକା କହିଛନ୍ତି, ତାଙ୍କ ଓକିଲାତି କାର୍ଯ୍ୟ ତାଙ୍କୁ ଜୀବନରେ ସନ୍ତୁଳନ ଖୋଜିବାରେ ସାହାଯ୍ୟ କରିଛି, ଯାହା ତାଙ୍କ ପାଇଁ ସଫଳତାର ନୂତନ ସଂଜ୍ଞା। ଶେଷ ଥର ପାଇଁ ଦୀପିକାଙ୍କୁ ଫିଲ୍ମ ଗେହେରିୟାରେ ଦେଖିବାକୁ ମିଳିଥିଲା।

# ସ୍ୱାସ୍ଥ୍ୟ ଅନୁପଯୋଗୀ ବେଡ୍ ଲାଇଟ୍

**ନୂଆଦିଲ୍ଲୀ:** ରାତିରେ ଲାଇଟ୍ ଜାଳି ଶୋଇବାର ଅଭ୍ୟାସ ଅଛି କି! ଯଦି ଏପରି ଅଭ୍ୟାସ ଅଛି ତେବେ ସାବଧାନ ହୋଇଯାଆନ୍ତୁ। କାହିଁକିନା ରାତିରେ ଲାଇଟ୍ ଲଗାଇ ଶୋଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମେରିକାର ଫିନ୍‌ବର୍ଗ ସ୍କୁଲ ଅଫ୍ ମେଡିସିନ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାପଡିଛି ଯେ ରାତିରେ ଶୋଇବା ସମୟରେ ଲାଇଟ୍ ଜଳାଇଲେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ବିଶେଷଜ୍ଞଙ୍କ କହିବା ଅନୁସାରେ ଶୋଇବା ସମୟରେ ବି ଆଖି ମଧ୍ୟଦେଇ ଶରୀରକୁ ଯାଉଥିବା ଆଲୋକ ଫଳରେ ହାର୍ଟ ରେଟ୍ ଓ ବ୍ଲଡ୍ ସୁଗାର ଲେଭଲ ବୃଦ୍ଧି ପାଇଥାଏ। ଏହାଫଳରେ ହୃଦ୍ ସମସ୍ୟା ଦେଖାଦେବା ସହିତ ଟାଇପ୍ -୨ ଡାଇବେଟିସ୍ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ। ଏହାର କାରଣ ହେଉଛି ଦିନବେଳେ ସାଧାରଣତଃ ହାର୍ଟ ରେଟ୍ ଅଧିକ ରହିଥାଏ, କିନ୍ତୁ ରାତିରେ ଶୋଇବା ସମୟରେ ତାହା କମ୍ ହୋଇଯାଏ। କାରଣ ରାତିରେ ଶୋଇବା ସମୟରେ ମସ୍ତିଷ୍କ ଶରୀରର ବିଭିନ୍ନ ଅଂଶର ମରାମତି କରିଥାଏ। ସେଥିପାଇଁ ରାତିରେ ହାର୍ଟ ରେଟ୍ କମ୍ ହୋଇଥାଏ। କିନ୍ତୁ ରାତିରେ ଲାଇଟ୍ ଲଗାଇବା ଫଳରେ ହାର୍ଟ ରେଟ୍ ଆପେ ଆପେ ବଢିଥାଏ, ଯାହା ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଫଳରେ ଭବିଷ୍ୟତରେ ଶୀଘ୍ର ମୃତ୍ୟୁର ଆଶଙ୍କା ବି ସୃଷ୍ଟି ହୋଇଥାଏ। ରାତିରେ ଲାଇଟ୍ ଲଗାଇ ଶୋଉଥିବା କିଛି ବ୍ୟକ୍ତିଙ୍କୁ ନେଇ ବୈଜ୍ଞାନିକମାନେ ରିସର୍ଚ୍ଚ କରିବା ପରେ ଏହି ତଥ୍ୟ ଦେଇଛନ୍ତି। ଏହା ପୂର୍ବରୁ ଏକ ରିସର୍ଚ୍ଚରୁ ଜଣାପଡିଥିଲା ଯେ ଶୋଇବା ସମୟରେ କୃତ୍ରିମ ଲାଇଟ୍ ଲଗାଇଲେ ଓଜନ ବୃଦ୍ଧିର ବି ଆଶଙ୍କା ରହିଥାଏ। ତେଣୁ ଲାଇଟ୍ ଜଳାଇ ଶୋଇବାର ଅଭ୍ୟାସ ଥିଲେ ହାଲୁକା ନୀଳ କିମ୍ବା ଧଳା ରଙ୍ଗର ଲାଇଟ୍ ବ୍ୟବହାର କରନ୍ତୁ, ଯାହା ଆଖି ଉପରେ କମ୍ ପ୍ରଭାବ ପକାଇଥାଏ। ଯଦି ବାହାର ଲାଇଟ୍ ନିୟନ୍ତ୍ରଣ କରି ପାରୁ ନ ଥିବେ ତେବେ ଆଖିରେ ମାସ୍କ ଲଗାଇ ଶୁଅନ୍ତୁ।



## ଗୁଗଲରେ ମା'ଙ୍କୁ ସର୍ଚ୍ଚ କଲେ ପୁଅ

**ଲଣ୍ଡନ:** ବ୍ରିଟେନର ଲିଡ୍ସରେ ରହୁଥିବା ୩୦ ବର୍ଷୀୟ ରିସ ମ୍ୟାଡିକ ନିଜ ମା'ଙ୍କ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ଗୁଗଲ ଜରିଆରେ ନିଜ ମା'ଙ୍କ ବାବଦରେ ସର୍ଚ୍ଚ କରିବା ଆରମ୍ଭ କରିଦେଲେ। ସର୍ଚ୍ଚ ପରେ ସେ ଜାଣିବାକୁ ପାଇଲେ ଯେ, ତାଙ୍କ ମା' ଲିଣ୍ଡାଙ୍କର ୨୦୧୮ରେ ମୃତ୍ୟୁ ହୋଇଯାଇଛି। କେହି ଜଣେ ତାଙ୍କୁ ହତ୍ୟା କରିଛନ୍ତି। ତାଙ୍କ ମା' ନିଶା ସେବନ କରୁଥିଲାବେଳେ ଡ୍ରଗ୍ସ କାରବାରରେ ଜଣେ ବ୍ୟକ୍ତି ତାଙ୍କୁ ହତ୍ୟା କରିଥିଲେ। ହତ୍ୟାକାରୀଙ୍କ ନାମ ଇୟାନ କର ବୋଲି ପରବର୍ତ୍ତୀ ସମୟରେ ରିସ ଜାଣିବାକୁ ପାଇଲେ। ଯିଏକି ୧୭ ବର୍ଷ ପାଇଁ ବନ୍ଦୀ ଜୀବନ ବିତାଉଛନ୍ତି। ଯେତେବେଳେ ରାଇକଙ୍କୁ ୧୬ ବର୍ଷ ହୋଇଥିଲା, ସେତେବେଳେ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କ ମା' ଡ୍ରଗ୍ସ ବ୍ୟବହାର କରୁଥିଲେ, ତେଣୁ ସେ ତାଙ୍କ ମା'ଙ୍କଠାରୁ ଦୂରତା ରକ୍ଷା କରିଥିଲେ।

# ୨.୬ ଲକ୍ଷର ଟଙ୍କିକିଆ କଏନ୍ ଦେଇ କିଣିଲେ ବାଇକ୍

## ୩ ବର୍ଷ ଧରି କରିଥିଲେ ସଞ୍ଚୟ

**ଚେନ୍ନାଇ:** ତେଲଙ୍ଗାନା ସାଲେମର ୨୯ ବର୍ଷୀୟ ଭି ବୋବାଥି ବାଇକ୍ କିଣିବାକୁ ଦେଖିଥିଲେ ସ୍ୱପ୍ନ ଯାହା ପୂରଣ ହୋଇଛି। ସେ ୨.୬ ଲକ୍ଷ ଟଙ୍କାର ଟଙ୍କିକିଆ ମୁଦ୍ରା ଦେଇ ଏହି ବାଇକ୍ କିଣିଛନ୍ତି। ବାଇକ୍ ଶୋ'ରୁମର କର୍ମଚାରୀଙ୍କୁ ଉକ୍ତ ଟଙ୍କିକିଆ କଏନ୍ ଗଣିବାକୁ ୧୦ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଥିଲା। ବୋବାଥି ୩ ବର୍ଷ ପୂର୍ବେ ବଜାଜ୍ ଡୋମିନାର କିଣିବାକୁ ସ୍ଥିର କରିଥିଲେ। କିନ୍ତୁ ସେତେବେଳେ ତାଙ୍କ ପାଖରେ ଟଙ୍କା ନ ଥିଲା। ତେଣୁ ସେ ସ୍ଥିର କଲେ ଯେ, ସେ ଟଙ୍କିକିଆ କଏନ୍ ସଞ୍ଚୟ କରିବେ। ୩ ବର୍ଷ ପରେ ସେ ଜମା କଏନ୍ ନେଇ ଶୋ'ରୁମ୍‌ରୁ ବାଇକ୍ କିଣିଥିଲେ। ବୋବାଥି ଏକ ପ୍ରାଇଭେଟ କମ୍ପାନୀରେ କମ୍ପ୍ୟୁଟର ଅପରେଟର ଭାବେ କାମ କରିବା ସହ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ରହିଛି।



**ଟ୍ରକ୍ ଧକ୍କାରେ ୨ ଗୁରୁତର**

କଳିଙ୍ଗନଗର,(ଡି.ଏନ୍.ଏ.):ଦାନଗଦି ଫାଣ୍ଡି ଅଧୀନ ବ୍ଲକ ଛକରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍‌କୁ ଏକ ୧୪ ଚକିଆ ଟ୍ରକ ଧକ୍କା ଦେବାରୁ କ୍ଷୀରୋଦ ଖଟୁଆ ଓ ଚିନ୍ମୟ ଆହତ ହୋଇଛନ୍ତି। ସେମାନଙ୍କୁ ଦାନଗଦି ଡ଼ାକ୍ତରଖାନାରେ ଭର୍ତ୍ତି କରଯାଇଥିଲା । ଚିନ୍ମୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ସଂକ୍ଷେପରେ

### ବିଧବାଙ୍କୁ ଅସଦାଚରଣ ଅଭିଯୋଗ, ଜଣେ ଗିରଫ

**ଧର୍ମଶାଳା/ଜେନାପୁର,୨୮।୩ (ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତର ଜଣେ ବିଧବା ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅଞ୍ଜିରାଗଡ଼ ଗ୍ରାମର ବିପିନ ଧିର (୪୬) । ରବିବାର ରାତିରେ ସମ୍ପୃକ୍ତା ମହିଳାଙ୍କୁ ବିପିନ ଅସଦାଚରଣ କରିଥିଲେ ବୋଲି ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୮୧/୨୨) ରୁଜୁ କରି ଉଭୟଙ୍କ ଡାକ୍ତରୀ ମାଇନା କରିଛି। ବିପିନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

### ରାସ୍ତାକଡ଼ରେ ପିଟି ହେଲା ବାଇକ୍, ଚାଳକ ମୃତ

**ପାଣିକୋଇଲି,୨୮।୩(ଡି.ଏନ.ଏ.):** ପାଣିକୋଇଲି ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ମକୁନ୍ଦବିନ୍ଧା ନିକଟରେ ସୋମବାର ପୂର୍ବାହ୍ନରେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ପିଟି ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିଚୟ ମିଳିନାହିଁ । ମୃତଦେହକୁ ପୋଲିସ ଡାକ୍ତରଖାନାରେ ସଂରକ୍ଷିତ ରଖିଛି । ସୂଚନା ଅନୁଯାୟୀ, ପାଣିକୋଇଲି ପଟୁ ଏକ ବାଇକ୍ (ନଂ.ଓଆର୦୬ଜେ୯୦୫୫)ରେ ଜଣେ ଯୁବକ ଦ୍ରୁତଗତିରେ ଆସୁଥିବା ବେଳେ ମକୁନ୍ଦବିନ୍ଧା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ୱାଲରେ ପିଟି ହୋଇଯାଇଥିଲା । ଏଥିରେ ଚାଳକ ଗୁରୁତର ହୋଇଥିଲା । ସେହିବାଟ ଦେଇ ଯାଉଥିବା ଡିଏସ୍‌ପି ମମତା ସାହୁ ସ୍ଥାନୀୟ ସାମାଜିକ କର୍ମୀଙ୍କ ସହାୟତାରେ ଆହତ ଯୁବକଙ୍କୁ ପାଣିକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଯାଜପୁର ସଦର ମହକୁମା ଚିକିତ୍ସାଳୟ ପଠାଯାଇଛି । ଏନେଇ ଏକ ମାମଲା (ନଂ.୭୦/୭୨) ରୁଜୁ ହୋଇଛି ।

### ଆଇଏନ୍‌ଟିୟୁସି ପକ୍ଷରୁ ହରତାଳ

**କଳିଙ୍ଗନଗର,୨୮।୩(ଡି.ଏନ୍.ଏ.):**କେନ୍ଦ୍ର ସରକାରଙ୍କ ଶ୍ରମିକ,କୃଷକ,ଜନବିରୋଧୀ ନୀତି ପ୍ରତିବାଦରେ ମିଳିତ ଟ୍ରେଡ ୟୁନିୟନର ଆହ୍ୱାନରେ ସୋମବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିଲା । ଏହାକୁ ସମର୍ଥନ କରି ଯାଜପୁର ଜିଲାର ଟ୍ରେଡ ୟୁନିୟନ ଆଇଏନଟିୟୁସି ଜିଲାର ବିଭିନ୍ନ ସ୍ଥାନରେ ହରତାଳ ପାଳନ ସହ ପ୍ରତିବାଦ ସଭା ଆୟୋଜନ କରିଥିଲା । ବ୍ୟାସନଗର ସହରର ମଧ୍ୟମସ୍ଥଳ ଗୋପବନ୍ଧୁ ଛକ ଏବଂ ଯାଜପୁର ରୋଡ ରେଳଷ୍ଟେଶନ ସମ୍ମୁଖରେ ଆଇଏନଟିୟୁସି ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁର ଜିଲାସଭାପତି ପ୍ରଫୁଲ୍ଲ ନାୟକ, ନିର୍ମଳ ରଥ,ଗଣେଶ ପ୍ରସାଦ ସାହୁ,ଦିଲ୍ଲୀପ କୁମାର ଦାସ,ଗୟାଧର ବେହେରା,ଏସ.କେ କରିମ, ଆଇଏନଟିୟୁସି ଜିଲା ସଭାପତି ରଘୁନାଥ ମାଝି, ଜିଲା ସମ୍ପାଦକ ନୃସିଂହ ଚରଣ ପହି,ଉପସଭାପତି ନିରଞ୍ଜନ ପରିଡା,ନାରାୟଣ ଚନ୍ଦ୍ର ନାୟକ,ଅଣ-ସଙ୍ଗଠିତ ଶ୍ରମିକ କଂଗ୍ରେସର ଅଧ୍ୟକ୍ଷ ପଦ୍ମନାଭ ନାୟକ,ରବିନ୍ଦ୍ର ଥାନଦାର,ବିଦ୍ୟାଧର ଜେନା ପ୍ରମୁଖ ସାମିଲ ହୋଇଥିଲେ ।

# ବାରୁଣୀ ସ୍ନାନ ଉପରେ ପୁଣି ରୋକ୍ ଲାଗିଲା

**ଯାଜପୁର ଅଫିସ,୨୮।୩**

- ୧୪୪ ଧାରା ଜାରି
- ଭକ୍ତଙ୍କ ଭାବାବେଗକୁ କୁଠାରାଘାତ
- ବ୍ୟାରେଜ କାମ ଠିକାଦାରଙ୍କ ସ୍ୱାର୍ଥକୁ ଗୁରୁତ୍ୱ

ଗତ ୩ ବର୍ଷ ହେଲା ବୈତରଣୀ ନଦୀକୂଳରେ ପୌରାଣିକ ପ୍ରସିଦ୍ଧ ବାରୁଣୀ ସ୍ନାନ ହୋଇ ପାରିନାହିଁ। କରୋନା ମହାମାରୀ ଯୋଗୁ ପ୍ରଥମ ୨ ବର୍ଷ ଏହା ବନ୍ଦ ରହିଥିବାବେଳେ ଚଳିତ ବର୍ଷ ବୈତରଣୀରେ ବ୍ୟାରେଜ ନିର୍ମାଣାଧୀନ ରହିଥିବାରୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଛି। ଫଳରେ ଆସନ୍ତା ୨୯ ଓ ୩୦ ତାରିଖ ଦୁଇ ଦିନ ଧରି ହେବାକୁ ଥିବା ଏହି ବାରୁଣୀ ସ୍ନାନ ଉପରେ ପୁଣି ରୋକ୍ ଲାଗିଛି। ଏଭଳିସ୍ଥିତିରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଭକ୍ତଙ୍କ ବାରୁଣୀ ସ୍ନାନ ଆଶା ମଉଳି ଯାଇଛି। ଏପରି କି ଭକ୍ତଙ୍କ ଭାବାବେଗକୁ କୁଠାରାଘାତ କରାଯାଇଛି ବୋଲି କ୍ଷୋଭ ପ୍ରକାଶ ପାଇଛି।

ଉପଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର ୧୪୪ ଧାରା ଜାରି ନିମନ୍ତେ ଦେଇଥିବା ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ରିପୋର୍ଟ ଆଧାରରେ ବୈତରଣୀ ନଦୀର ସପ୍ତମାତୃକା ମନ୍ଦିର ନିକଟରେ ବ୍ୟାରେଜ ନିର୍ମାଣ ଚାଲିଛି। ସନ୍ନିକଟ ନଦୀରେ ଗଭୀର ଜଳ ରହିଛି, ଯେଉଁଥିରେ ସ୍ନାନ ବେଳେ ଜୀବନ ବିପଦସଙ୍କୁଳ ହୋଇପାରେ। ସେହି ଆଧାରରେ ଜନ ଜୀବନ ସୁରକ୍ଷା ପାଇଁ ବୈତରଣୀ ନଦୀ ସପ୍ତ ମାତୃକା, ବାରୁଣୀ ଘାଟ, ଦଶାଶ୍ୱମେଧ ଘାଟ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଚଳିତ ମାସ ୨୯ ଓ ୩୦ରେ ବାରୁଣୀ ମେଳା ସ୍ନାନ ପାଇଁ ୧୪୪ ଧାରା ଜାରି ହୋଇଛି। ବିକାଶମୂଳକ କାମ ଆଳରେ ଧାର୍ମିକ ତଥା ପୌରାଣିକ ବାରୁଣୀ ସ୍ନାନକୁ ବାଧାଦେବା ଠିକ୍ ନୁହେଁ ବୋଲି ବିରଜା ମନ୍ଦିର ମୁକ୍ତିମଣ୍ଡପ ସେବାୟତ ପରିଷଦ ସଭାପତି ଦେବୀ ପ୍ରସାଦ ପାଣି କହିଛନ୍ତି।

ଯାଜପୁର ଜିଲା ଦେଇ ପ୍ରବାହିତ ହେଉଛି ବୈତରଣୀ ନଦୀ। କିମ୍ବଦନ୍ତୀ ଅନୁସାରେ ବ୍ରହ୍ମଦେବ ଯଜ୍ଞ ଶାନ୍ତି ନିମନ୍ତେ ପତିତପାବନୀ ଗଙ୍ଗା ମାତାଙ୍କୁ ଆବାହନ କରିବାରୁ ଗୋନାସିକା ପର୍ବତର ଦୁଇ ପ୍ରସ୍ତର ଗହ୍ୱର ମଧ୍ୟରୁ ଗଙ୍ଗା ଦେବୀ ଜଳାଧାର ହୋଇ ବୈତରଣୀ ନାମ ଧାରଣ କରିଥିଲେ। ବୈଦିକ କାଳରୁ ଏହି ବୈତରଣୀ ତଟରେ ଯାଗ ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଯାଜପୁର ସହରର ସପ୍ତମାତୃକା ସଂଲଗ୍ନ ବୈତରଣୀ ତଟରେ ଉତ୍କଳର ସୋମବଂଶୀ ମହାରାଜା ମହାଶିବ ଗୁପ୍ତ ଯଯାତି ଦଶାଶ୍ୱମେଧ ଯଜ୍ଞ ସମ୍ପନ୍ନ କରି ଏହି କ୍ଷେତ୍ରର ପ୍ରସିଦ୍ଧି ବୃଦ୍ଧି ଘଟାଇଥିଲେ। ତେଣୁ ଏହା ଦଶାଶ୍ୱମେଧ ଘାଟ ଭାବେ ବିଖ୍ୟାତ। ବିରଜାକ୍ଷେତ୍ରର ବୈତରଣୀ ନଦୀ ମୁକ୍ତି ପ୍ରଦାୟିନୀ ଗଙ୍ଗାଦେବୀ ଭାବେ ଧାର୍ମିକ ବିଶ୍ୱାସ ରହିଛି। ଭାରତବର୍ଷର ଅଗଣିତ ତୀର୍ଥଯାତ୍ରୀ ଏଠାକୁ ଆସି ବୁଡ ପକାଇ ଥାଆନ୍ତି। ଚୈତ୍ର କୃଷ୍ଣ ଦ୍ୱାଦଶୀରେ ଏଠାରେ ପ୍ରସିଦ୍ଧ ବାରୁଣୀ ସ୍ନାନ ହୋଇଥାଏ। ପୁରାଣ ଶାସ୍ତ୍ର ଅନୁସାରେ ୩ ପ୍ରକାର ବୈତରଣୀର ଉଲ୍ଲେଖ ରହିଛି। ତାହାହେଲା ତପ୍ତ, ହୈମବତୀ ଓ ଗଙ୍ଗା ବୈତରଣୀ। ପ୍ରଥମ ବୈତରଣୀ ଯମ ଦ୍ୱାରରେ ଅବସ୍ଥିତ। ୨ୟ ବୈତରଣୀ ହିମାଳୟ ପାଦଦେଶରେ ଅବସ୍ଥିତ। ୩ୟ ବୈତରଣୀ ବିରଜା କ୍ଷେତ୍ର ଯାଜପୁରରେ ପ୍ରବାହିତ ହୋଇ ଏହି ଅଞ୍ଚଳକୁ ପବିତ୍ର କରିଛି ବୋଲି ବିଶ୍ୱାସ ରହିଛି। ଯାଜପୁରର ସୁଦୀପ୍ତ ପଣ୍ଡା କୁହନ୍ତି, ବୈତରଣୀ ସ୍ନାନ ପରମ୍ପରାକୁ ନଷ୍ଟ କରି ଦିଆଯାଉଛି। ଠିକାଦାରମାନଙ୍କ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ବାରୁଣୀ ସ୍ନାନକୁ ବନ୍ଦ କରାଯାଇଛି।



ବୈତରଣୀର ସପ୍ତମାତୃକା ବାରୁଣୀ ସ୍ନାନ ଘାଟ।

### କାର୍ଯ୍ୟରେ ଯୋଗଦେଲେ ବରୀ ବ୍ଲକ୍ ଅଧ୍ୟକ୍ଷ

**ବରୀ,୨୮।୩ (ଡି.ଏନ.ଏ.)**

ବରୀ ବ୍ଲକ୍‌ର ଅଧ୍ୟକ୍ଷ ଅଶୋକ କୁମାର ଗେଡି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବରୀର ବିକାଶ ଓ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, କୃଷି ଓ ଗମନାଗମନକୁ ଅଧିକ ଗୁରୁତ୍ୱ ଦେବେ ବୋଲି ଏହି ଅବସରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଶୋକ ଅଧ୍ୟକ୍ଷ ଦାୟିତ୍ୱ ନେବା ସମୟରେ ୧୨ ସମିତିସଭ୍ୟା/ସଭ୍ୟ ଯୋଗଦେଇଥିବା ବେଳେ ଉପାଧ୍ୟକ୍ଷ ନିର୍ବାଚନରେ ବିଧାୟିକାଙ୍କ ସମର୍ଥୀତ ପ୍ରାର୍ଥିନୀଙ୍କୁ ସମର୍ଥନ ଦେଇଥିବା ୧୫ ସମିତିସଭ୍ୟା/ସଭ୍ୟ ଅନୁପସ୍ଥିତ ଥିଲେ। ଅପରପକ୍ଷେ ଅନ୍ୟ ଦୁଇଜଣ ସଭ୍ୟା/ସଭ୍ୟଙ୍କ ମଧ ଦେଖା ମିଳି ନ ଥିଲା। ସୂଚନାଯୋଗ୍ୟ, ବରୀ ଅଧ୍ୟକ୍ଷ ନିର୍ବାଚନ ସମୟରେ ୧୬ ଖଣ୍ଡ ଭୋଟ୍ ପାଇ ଅଶୋକ ନିର୍ବାଚିତ ହୋଇଥିଲେ। ନିର୍ବାଚନ ସମୟରେ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ତଥା ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା ୬ ସମିତିସଭ୍ୟା/ସଭ୍ୟଙ୍କ ଭୋଟ୍‌କୁ ନିଜେ ଦେବା ଘଟଣା ବିବାଦ ସୃଷ୍ଟି କରିଥିଲା।

### ଫାଇନାଲରେ ପ୍ରତାପ କ୍ଲବ

**ଧର୍ମଶାଳା,୨୮।୩(ଡି.ଏନ.ଏ.)**

ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୪ତମ ଡିଫା କପ୍ ଓ ଚତୁର୍ଥ ରଞ୍ଜିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ୟୁନାଇଟେଡ କ୍ଲବ୍ ଭଦ୍ରକକୁ ୪-୨ ଗୋଲରେ ପରାସ୍ତ କରି ଭୁବନେଶ୍ୱର ପ୍ରତାପ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। ଧର୍ମଶାଳା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଅୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମାର୍ଦ୍ଧରେ ଭୁବନେଶ୍ୱର ଟିମ୍ ୩ଟି ଗୋଲ ଦେଇଥିବା ବେଳେ ଭଦ୍ରକ ଟିମ୍ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ଫଳରେ ଭୁବନେଶ୍ୱର ଟିମ୍ ୪-୨ ଗୋଲରେ ବିଜୟୀ ହୋଇଥିଲା । ଭୁବନେଶ୍ୱର ଟିମ୍‌ର ବବୁଲ ରାଉତ ୩ଟି ଓ ରାକେଶ ଜେନା ଗୋଟିଏ ଗୋଲ ଦେଇଥିଲେ । ଭଦ୍ରକ ଟିମ୍ ପକ୍ଷରୁ ବିଜୟ କିସ୍କୁ ଓ ଅପୁ ବେଶ୍ରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆଜିର ମ୍ୟାଚକୁ ସଲିମ ଅହମ୍ମଦ ଓ ଶୈଳେଶ ପାଣି ପରିଚାଳନା କରିଥିବା ବେଳେ ସେକ୍ ଆସିଫ୍ ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହାୟତା କରିଥିଲେ । ଆଜିର ମ୍ୟାଚରେ କ୍ରୀଡ଼ା ଶିକ୍ଷକ ସଚ୍ଚିଦାନନ୍ଦ ବେହେରା ଓ କ୍ରୀଡ଼ାବିତ ଅଶୋକ କୁମାର ନନ୍ଦ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌ର ବବୁଲ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

## ଧର୍ମଶାଳା ଏସ୍‌ୟୁସିଆଇ ପକ୍ଷରୁ ଶୋଭାଯାତ୍ରା




ଭାରତ ବନ୍ଦକୁ ସମର୍ଥନ ଜଣାଇ ଧର୍ମଶାଳା ଏସ୍‌ୟୁସିଆଇ ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା ।

**ଧର୍ମଶାଳା,୨୮।୩(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, ଛାତ୍ର, ଯୁବକ ବିରୋଧି ନୀତି ଓ ଦରଦାମ ବୃଦ୍ଧି ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଦିଆଯାଇଥିବା ଧର୍ମଘଟ ଡାକରାକୁ ସମର୍ଥନ କରି ଧର୍ମଶାଳା ଏସ୍‌ୟୁସିଆଇ ପକ୍ଷରୁ ଜାରକାଠାରେ ଶୋଭାଯାତ୍ରା ଓ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ଅକ୍ଷୟ ଦାସ, ମଧୁମିତା ସାହୁ, ପ୍ରଭାତି ମଲ୍ଲିକ, ପ୍ରଶାନ୍ତ ସ୍ୱାଇଁ, ବିଚିତ୍ର ଦାସ, ସସ୍ମିତା ବେହେରା, କବି ସେଠୀ, ଶରତ ମଲ୍ଲିକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନ ବିରୋଧି ନୀତିକୁ ସମାଲୋଚନା କରିଥିଲେ। ଆରମ୍ଭରେ ଆନ୍ଦୋଳନକାରୀମାନେ ଜାରକା ବଜାର ପରିକ୍ରମା କରି ବିଭିନ୍ନ ସରକାରୀ, ବେସରକାରୀ ଓ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ପିକେଟିଂ କରିଥିଲେ। ତେବେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ରହିଥିବା ଦେଖିବାକୁ ମିଳିଥିଲା।

## ବାଲେଶ୍ୱର ଆଲଏଜ ଖଣି ଦେବାଳିଆ

### ଇ-ଅକ୍ସନ ନୋଟିସ ଜାରି

**କାଳିଆପାଣି,୨୮।୩(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ବାଲେଶ୍ୱର ଆଲଏଜ ଖଣି ଦେବାଳିଆ ହୋଇଯାଇଛି । ବ୍ୟାଙ୍କ କମ୍ପାନୀର ଆକାଉଣ୍ଟ ଜବତ କରି ୧୮୬ କୋଟି ୧୦ ଲକ୍ଷ ଟଙ୍କା ମୂଲ୍ୟ ନିର୍ଦ୍ଧାରଣ କରିବା ପରେ ନିଲାମ ଡାକିଛି । ସୂଚନା ଅନୁଯାୟୀ, ଗତ ୪ ବର୍ଷ ତଳେ ବ୍ୟାଙ୍କ ଋଣ ଭାର ବଢ଼ିବା ସହ କର୍ମଚାରୀମାନଙ୍କୁ ଏହି କମ୍ପାନୀ କର୍ତ୍ତୃପକ୍ଷ ଦରମା ଦେଇ ପାରି ନ ଥିଲେ । ଫଳରେ ଖଣିରୁ ଧିରେ ଧିରେ ଉତ୍ପାଦନ ବନ୍ଦ ହୋଇଥିଲା । କର୍ମଚାରୀମାନେ ୧ ବର୍ଷ ଧରି ଦରମା ନ ପାଇ କାମ ଛାଡ଼ି ଚାଲିଯାଇଥିଲେ । ସେଦିନଠାରୁ ଖଣି ବନ୍ଦ ରହିଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଖଣିରୁ ଉତ୍ପାଦନ କମ୍ପାନୀ ଆରମ୍ଭ କରିଥିଲା । ଏଥିପାଇଁ କେତେଜଣ କର୍ମଚାରୀଙ୍କୁ ନିଯୁକ୍ତି ମିଳିଥିଲା । ତେବେ ବ୍ୟାଙ୍କ ଋଣ ଭାର ବଢ଼ି ଚାଲିଥିଲା । ଏହାକୁ ଆଖି ଆଗରେ ରଖି ବ୍ୟାଙ୍କ କର୍ତ୍ତୃପକ୍ଷ କମ୍ପାନୀକୁ ବାରମ୍ବାର ନୋଟିସ ଜାରି କରିଥିଲେ । ବ୍ୟାଙ୍କ ନୋଟିସ ପରେ ମଧ କମ୍ପାନୀ ଋଣ ପରିଶୋଧ ନ କରିବାରୁ ଏସ୍‌ବିଆଇ (ମୁମ୍ବାଇ ମୁଖ୍ୟ ଶାଖା) ପକ୍ଷରୁ ଇ-ଅକ୍ସନ ନୋଟିସ ଜାରି କରାଯାଇଛି। ଫଳରେ ରାଜ୍ୟ ଓ ରାଜ୍ୟ ବାହାର ଏକାଧିକ ଶିଳ୍ପସଂସ୍ଥାର ପଦାଧିକାରୀ ଖଣି ପରିଦର୍ଶନରେ ସୋମବାର ଆସିଥିଲେ। କମ୍ପାନୀର ଖଣି ସୁରକ୍ଷା କର୍ମଚାରୀମାନେ ସଂପୃକ୍ତ ସଂସ୍ଥା ଅଧିକାରୀମାନଙ୍କୁ ଖଣି ଭିତରକୁ ଛାଡି ନ ଥିଲେ । ଫଳରେ ସେମାନଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ତେବେ ବ୍ୟାଙ୍କ ଇ-ଅକ୍ସନ ଅନୁଯାୟୀ ୨୯।୩।୨୦୨୨ ଶେଷ ତାରିଖ ରହିଛି।

## ଏସ୍‌ୟୁସିଆଇ ପକ୍ଷରୁ ଧର୍ମଘଟ, ପ୍ରତିବାଦ ସଭା

**ଯାଜପୁର ଟାଉନ,୨୮।୩(ଡି.ଏନ.ଏ.)**

୧୦ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଆହୁତ ସର୍ବଭାରତୀୟ ଧର୍ମଘଟକୁ ସମର୍ଥନ ଜଣାଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁରରେ ଶୋଭାଯାତ୍ରା ଓ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ବିରୋଧି ନୂତନ ଶ୍ରମନୀତି ବାତିଲ, ରାଷ୍ଟ୍ରୀୟ ଉଦ୍ୟୋଗଗୁଡ଼ିକର ଘରୋଇକରଣ ବନ୍ଦ କରିବା, ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୧ ବାତିଲ କରିବା, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦରବୃଦ୍ଧି ବନ୍ଦ କରିବା ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧି ନୀତି ପ୍ରତ୍ୟାହାର କରିବା ଦାବିରେ ଏହି ଶୋଭାଯାତ୍ରା ବାହାରିଥିଲା। ଏସ୍‌ୟୁସିଆଇ (ସି) ରାଜ୍ୟ ସଭ୍ୟ ସଦାଶିବ ଦାସ, ଜିଲା ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନ, ଜିଲା କମିଟି ସଭ୍ୟ ସୁବାସ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ସୁଲୋଚନା ପ୍ରଧାନ, ତରଙ୍ଗିନୀ ଦାସ, ଜଗବନ୍ଧୁ ମଲ୍ଲିକ, ଅକ୍ଷୟ ପଣ୍ଡା ଏବଂ ବିଶିଷ୍ଟ ସଙ୍ଗଠକ ପ୍ରମୋଦ ମଲ୍ଲିକ, ଘନଶ୍ୟାମ ପରିଡ଼ା, ସସ୍ମିତା ଜେନା, ମମତା ସେଠୀ, କୀର୍ତ୍ତନ ଜେନା, କାଳନ୍ଦୀ ନାଥ, ଅଜୟ ଦାସ, ଅଭିମନ୍ୟୁ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସମର୍ଥକ ମେଡ଼ିକାଲ ଛକରୁ ବାହାରି ଗାନ୍ଧୀଛକ, ବସଷ୍ଟାଣ୍ଡ, ବଡ଼ ବଜାର ଛକ, ଗରିଆପୁର ଛକ ଦେଇ ସହର ପରିକ୍ରମା କରିଥିଲେ।

## କରଦା ମେଳଣ ଉଦ୍‌ଯାପିତ



ମେଳଣକୁ ଆସିଥିବା ଠାକୁରଙ୍କ ବିମାନ ।

**ପାଣିକୋଇଲି/ଚଢ଼େଇଧରା, ୨୮।୩ (ଡି.ଏନ.ଏ.)**

କୋରାଇ ବ୍ଲକ କରଦା ପଞ୍ଚାୟତ ଅଧୀନ କରଦା ହରିହାଟଠାରେ ୧୪ ତମ ମେଳଣ ସୋମବାର ଶେଷ ହୋଇଛି । ଥାନପତି ମଦନ ମୋହନ ଜୀଉ ଓ ଦଧିବାମନ ଜୀଉଙ୍କ ସମେତ ଗୋପାଳପୁରର ଗୋପୀନାଥ ଜୀଉ ଓ ରାଧାକାନ୍ତ ଜୀଉ, ଭୋଟକାର ମଦନ ମୋହନ ଜୀଉ ୫ ବିମାନରେ ଆସି ଏହି ମେଳଣରେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଭଦ୍ରକ ଭଣ୍ଡାରୀ ପୋଖରୀର ଯୁବତୀଙ୍କ ସଂକୀର୍ତ୍ତନ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଘୋଡ଼ାନାଚ, ବାଡ଼ି ଖେଳ ଦେଖିବାକୁ ଓ ଦୋକାନ ବଜାରରେ ଲୋକମାନଙ୍କ ଭିଡ଼ ଜମିଥିଲା । ବିଭିନ୍ନ ସ୍ଥାନରୁ ବିମାନ ଆସି ହରିହାଟ ପାଖରେ ପହଞ୍ଚିବା ପରେ ଦଧିବାମନ ଜୀଉ ମେଳଣ କମିଟି ଦ୍ୱାରା ସେମାନଙ୍କୁ ଭୋଗ ବିଦାକି ଦିଆଯାଇଥିଲା । ଆଇନଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

## ମୈଥାନ କାରଖାନାରୁ ଚୋରି, ୩ ସୁରକ୍ଷା କର୍ମୀ ଗିରଫ

**କଳିଙ୍ଗନଗର,୨୮।୩(ଡି.ଏନ୍.ଏ.)**

ଯଖପୁରା ଥାନା ଅନ୍ତର୍ଗତ ମୈଥାନ କାରଖାନାର ୩ ସୁରକ୍ଷା କର୍ମୀ କାରଖାନା ପରିସରରେ ମହଜୁଦ ଥିବା ଦାମୀ ଷ୍ଟିଲ ଆଙ୍ଗଲକୁ ଚୋରି କରୁଥିବା ବେଳେ ଧରାପଡ଼ିଛନ୍ତି। ସେମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ରାଜୁ ଗିରି , ଜଗନ୍ନାଥ ମଲ୍ଲିକ ଓ ପ୍ରଫୁଲ୍ଲ କୁମାର ନାୟକ । ଏହି ସୁରକ୍ଷା କର୍ମୀମାନେ ଡ୍ୟୁଟିରେ ଥାଇ ଚୋରମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରି କାରଖାନାରୁ ବିଭିନ୍ନ ସାମଗ୍ରୀକୁ ଲୁଟ୍ କରୁଥିଲେ । ପୂର୍ବରୁ ସେମାନଙ୍କ ଉପରେ କାରଖାନାର ସୁରକ୍ଷା ଅଧିକାରୀ ସୂଚୀକାନ୍ତ ମହାପାତ୍ର ନଜର ରଖିଥିଲେ। ରବିବାର ଅପରାହ୍ନରେ ଲକ୍ଷାଧିକ ଟଙ୍କାର ଷ୍ଟିଲ ଆଙ୍ଗଲ ଚୋରି କରୁଥିବା ବେଳେ ସେମାନଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ। ସୋମବାର କୋର୍ଟ ଚାଲାଣ କରାଯାଇଛି ।

### ମଦ ଦୋକାନ ସିଲ୍, ୪ ଗିରଫ

**ଚଣ୍ଡିଖୋଲ,୨୮।୩(ଡ଼ି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ତାଲୁଆ ବାଲିକୁଦାଠାରେ ଥିବା ସରକାରୀ ସ୍ୱୀକୃତୀ ପ୍ରାପ୍ତ ବିଦେଶୀ ମଦଦୋକାନରେ ରବିବାର ରାତିରେ ଅବକାରୀ ବିଭାଗ ଫ୍ଲାଇସ୍କ୍ୱାର୍ଡ଼ ଚଢ଼ାଉ କରି ୬୦୦ବୋତଲ ନକଲି ମଦ ଜବତ କରିଥିଲା। ମଦ ଜବତ ପରେ ସେହି ବିଦେଶୀ ମଦ ଦୋକାନରେ ବିକ୍ରି କରୁଥିବା ୪ କର୍ମଚାରୀଙ୍କୁ ବିଭାଗ ତରଫରୁ ଗିରଫ କରାଯାଇଛି। ସହ ମଦ ଦୋକାନକୁ ସିଲ କରାଯାଇଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ଏକ ମାମଲା (ନଂ -୨୯୬/୨୨) ରୁଜୁ କରିଛି। ଦୋକାନର କର୍ମଚାରୀ ସୁଶାନ୍ତ କୁମାର ବିଶ୍ୱାଳ, ବନମାଳୀ ବେହେରା, ସୁବାସ ଚନ୍ଦ୍ର ଭୋଇ ଓ ଜିତେନ୍ଦ୍ର ବିଶ୍ୱାଳଙ୍କୁ ଅବକାରୀ ଆଇନ ୫୨ ଧାରାରେ ଗିରଫ କରାଯାଇ ସୋମବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି।

## ମିନିଟ୍ରକ୍ ଜଳିଗଲା

**ପାଣିକୋଇଲି,୨୮।୩(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥରେ ସାହାପୁର ବ୍ରିଜ ନିକଟରେ ସୋମବାର ମଧ୍ୟାହ୍ନରେ ଏକ ଚଳନ୍ତା ୪୦୭ ମିନିଟ୍ରକରେ ନିଆଁ ଲାଗି ଜଳି ଯାଇଛି। କୁଆଖିଆ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରାମପୁର ଗ୍ରାମର ଅଶ୍ୱିନୀ କୁମାର ସାମଲଙ୍କ ଏହି ମିନିଟ୍ରକ (ନଂ.ଓଆର୦୪ ୧ବି ୬୯୨୫) ବରୀ ବ୍ଲକର ଜଣେ କର୍ମଚାରୀଙ୍କ ଆସବାସପତ୍ର ନେଇ ଦାନଗଦି ବ୍ଲକକୁ ଆସୁଥିବା ବେଳେ ହଠାତ୍ ଗାଡ଼ିରେ ନିଆଁ ଲାଗି ଯାଇଥିଲା । ଗାଡ଼ିରେ ନିଆଁ ଜଳୁଥିବା ବେଳେ ଚାଳକ ଜାଣି ପାରି ନ ଥିଲେ । ଫଳରେ ସେ ଦ୍ରୁତଗତିରେ ଗାଡ଼ି ଚଳାଇ ଚାଲିଥିଲେ । ଏହା ଦେଖି ବାଇକ୍ ଆରୋହୀ ଡ୍ରାଇଭରଙ୍କୁ ସଙ୍କେତ ଦେବା ପରେ ଚାଳକ ଗାଡ଼ି ଅଟକାଇଥିଲେ । ଚାଳକ ଓ ସହଯାତ୍ରୀ ଗାଡ଼ିରୁ ଓହ୍ଲାଇ ପଡିବା ପରେ ନିଆଁ ଚାରିପଟକୁ ଘେରି ଯାଇଥିଲା ।



ରାସ୍ତା ଉପରେ ମିନି ଟ୍ରକ୍ ଜଳୁଛି ।

## 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶାକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଯାଜପୁର ଟାଉନ,୨୮।୩(ଡି.ଏନ.ଏ.)**

ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମାବେଶ ସ୍ଥାନୀୟ ଗଣେଶ ପ୍ୟାଲେସ, ଯାଜପୁରଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶରେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ବିଭାଗରେ ଆଶାକର୍ମୀମାନଙ୍କ ଉପସ୍ଥିତି ଏକ ଭଲ ପଦକ୍ଷେପ ବୋଲି କହିଥିଲେ । କୋଭିଡ୍ ମହାମାରୀ ସମୟରେ ସେମାନେ ଯେପରି ପରାକାଷ୍ଠା ଦେଖାଇଛନ୍ତି, ତାହା ପ୍ରଶଂସନୀୟ । ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଆଶା, ଅଙ୍ଗନୱାଡି ଓ ଏଏନ୍‌ଏମଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଞ୍ଚି ନାରାୟଣ ବାରିକ ଏଥିରେ ଅଧ୍ୟକ୍ଷତା କରି ଯାଜପୁର ଜିଲା ସ୍ୱାସ୍ଥ୍ୟକ୍ଷେତ୍ରରେ ୯୫ ପ୍ରତିଶତ ସଫଳତା ହାସଲ କରିଛି, ଏହା ଆଶା କର୍ମୀମାନଙ୍କ ଯୋଗୁ ସଫଳ ହୋଇପାରିଛି ବୋଲି କହିଥିଲେ ।

ପ୍ରାରମ୍ଭରେ ଏଡିଏମ୍‌ଓ ଡା. ଶିବାଶିଷ ମହାରଣା ଏହି ସମାବେଶର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଜିଲାରେ ୧୮୮୩ ଜଣ ଆଶା କର୍ମୀ କାର୍ଯ୍ୟରତ ଅଛନ୍ତି । ୧୫୩୭ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି, ସହରାଞ୍ଚଳରେ ୧୭ ମହିଳା ଆରୋଗ୍ୟ ସମିତି କାର୍ଯ୍ୟ କରୁଛି ବୋଲି ସୂଚନା ଦେଇଥିଲେ । ଚଳିତ ବର୍ଷ ଶ୍ରେଷ୍ଠ କାର୍ଯ୍ୟ ସମ୍ପାଦନ କରିଥିବା ଆଶାକର୍ମୀମାନଙ୍କୁ ଉଭୟ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ପୁରସ୍କାର ପାଇଁ ମନୋନୀତ କରାଯାଇଛି ବୋଲି ଏଡିଏମ୍‌ଓ କହିଥିଲେ । ଏହି ସମାବେଶରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୪ ସୁସ୍ଥ ପଞ୍ଚାୟତ ପୁରସ୍କୃତ ହୋଇଥିଲେ। ୧୦ ସୁସ୍ଥ ଗାଁ ପୁରସ୍କାର, ଜିଲାସ୍ତରୀୟ ଶ୍ରେଷ୍ଠ ଆଶା ପୁରସ୍କାର ଏବଂ ବ୍ଲକସ୍ତରୀୟ ଶ୍ରେଷ୍ଠ ଆଶା ପୁରସ୍କାର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏଥିରେ ଏଡିଏମ୍‌ଓ. ଡା. ସୁଧାଂଶୁ ଶେଖର ବଳ, ଏବଂ ଜିଲା ପ୍ରୋଗ୍ରାମ ପରିଚାଳକ ଡା. ଚିନ୍ମୟ ବରାଳ, ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଶାର ସହକାରୀ ମାନେଜର ନେତ୍ରାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।




ସମାବେଶରେ ଯୋଗଦେଇଥିବା ଅତିଥିବୃନ୍ଦ ।

**ସଂକ୍ଷେପରେ**

## ଅସହାୟ ଦୃଷ୍ଟିବାଧିତା ମହିଳା ଉଦ୍ଧାର

ଚିକିଟି,୨୮।୩(ଡି.ଏନ୍.ଏ.)ବ୍ରହ୍ମପୁର ପୋଲିସ୍ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଲୋକନାଥପୁର ଗ୍ରାମରେ ସୋମବାର ଏକ ଅସହାୟ ଦୃଷ୍ଟିବାଧିତା ମହିଳା ଓ ଝିଅଙ୍କୁ ଚିକିଟି ମହିଳା ଓ ଶିଶୁକଲ୍ୟାଣ ପ୍ରକଳ୍ପ ଅଧିକାରୀ ଉଦ୍ଧାର କରିଛନ୍ତି । ସେ ହେଉଛନ୍ତି ଲୋକନାଥପୁର ଗ୍ରାମର ସୁପ୍ରଭା ପାଢ଼ୀ ଓ ତାଙ୍କର ୧୩ ବର୍ଷ ଝିଅ। ସୂଚନାଯୋଗ୍ୟ, ୨୦୦୯ରେ ଜରଡ଼ା ଥାନା ଅନ୍ତର୍ଗତ ଗୁଣ୍ଡୁରା ଗ୍ରାମର କୃଷ୍ଣଚନ୍ଦ୍ର ପାଢ଼ୀଙ୍କ ଝିଅ ସୁପ୍ରଭାଙ୍କୁ ଲୋକନାଥପୁର ଗ୍ରାମର ଆଶିଷ କୁମାର ପାଢ଼ୀ ବିବାହ କରିଥିଲେ । ଜନ୍ମରୁ ସୁପ୍ରଭାଙ୍କ ଦୃଷ୍ଟଶକ୍ତି କମ୍ ଥିଲା । ସୁପ୍ରଭାଙ୍କୁ ବାପାଙ୍କ ଘରୁ ଅଧିକ ଯୌତୁକ ଆଣିବା ନେଇ ଆଶିଷ ମାରପିଟ୍ କରୁଥିଲେ । ପ୍ରାୟ ଅଧିକାଂଶ ଦିନ ସୁପ୍ରଭା ବାପଘରେ ରହୁଥିଲେ। ଏନେଇ ସୁପ୍ରଭା ୨୦୧୭ରେ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ ମଧ ପୋଲିସ ତା'ର କୌଣସି ସମାଧାନ କରି ନ ଥିଲା। ବାଧ ହୋଇ ଶେଷରେ ସୁପ୍ରଭା ତାଙ୍କର ୧୩ ବର୍ଷୀୟା ଝିଅଙ୍କୁ ଧରି ଗତ ୨୩ ତାରିଖରୁ ଗ୍ରାମର ଏକ ପରିତ୍ୟକ୍ତ ଘରକୁ ଚାଲିଯାଇ ଭୋକ ଉପାସରେ ଦିନ କାଟୁଥିଲେ । ଏନେଇ ୨୪ ତାରିଖରେ ସୁପ୍ରଭା କେ.ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସହଯୋଗ କରାଯାଇନଥିବା କହିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ ଗୀତାଞ୍ଜଳି ପାଣିଗ୍ରାହୀ ପହଞ୍ଚି ଅସହାୟ ଅବସ୍ଥାରେ ଥିବା ସୁପ୍ରଭା ଏବଂ ତାଙ୍କ ଝିଅଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲର ୱାନଷ୍ଟପ୍ ସେଣ୍ଟରରେ ଛଡାଯାଇଥିବା କହିଛନ୍ତି ।

## ଦିବ୍ୟ ଚେତନା ରଥକୁ ସମ୍ବର୍ଦ୍ଧନା

ରମ୍ଭା,୨୮।୩-ବାଲେଶ୍ୱର ଜିଲାର ଚନ୍ଦନେଶ୍ୱର ଠାରୁ ବାହାରି ଥିବା ଦିବ୍ୟଚେତନା ରଥର ସାଧୁ ସନ୍ଥ ମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ୯ ତାରିଖ ଠାରୁ ଆସନ୍ତା ୩୦ ପର୍ଯ୍ୟନ୍ତ ଯାତ୍ରାର ଉଦ୍ଦେଶ୍ୟ, ଲକ୍ଷ୍ୟ, ଯୋଜନା ସ୍ଥାନେ ସ୍ଥାନେ ଧର୍ମ ପ୍ରଚାର ପ୍ରସାର ବାସିନ୍ଦାଙ୍କ ହୃଦୟରେ ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଜନତାମାନଙ୍କୁ ସଚେତନ କରାଯାଉଛି। ସନ୍ଥମାନେ ସତସଙ୍ଗ ମାଧମରେ ଆଧାତ୍ମିକ କେନ୍ଦ୍ର ତଥା ମଠ ମନ୍ଦିର, ଆଧାତ୍ମିକ ଗ୍ରନ୍ଥ ତଥା ଭାଗବତ ଟୁଙ୍ଗି ଧର୍ମ ସଂସ୍କୃତିକୁ ହିନ୍ଦୁ ସମାଜରେ ବଞ୍ଚାଇ ରଖିବାକୁ କହୁଛନ୍ତି। ଅଖିଳ ଭାରତ ସନ୍ଥ ସମିତି ଓଡ଼ିଶା ସ୍ୱାମୀ ଶଙ୍କରାନନ୍ଦ ଗିରି (ଅନ୍ତରାଷ୍ଟ୍ରୀୟ କ୍ରିୟା ଯୋଗୀ) ଓ ମହାମନ୍ତ୍ରୀ ସ୍ୱାମୀ ସତ୍ୟାନନ୍ଦ ଗିରି ଏହାର ପ୍ରଚାର ପ୍ରସାର ଦାୟିତ୍ୱ ସ୍ଥାନେ ସ୍ଥାନେ ସଭା ସମିତି ମାଧମରେ ଚଳାଇଛନ୍ତି।

# ସ୍କୁଲ କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ଅଣଦେଖା

ନୂଆଗାଁ ୨୮।୩ (ଡି.ଏନ.ଏ.)

ନୂଆଗାଁ ବ୍ଲକ ହରିପୁର ପଞ୍ଚାୟତ ସୋମନାଥ ଦେବ ବିଦ୍ୟାପୀଠରେ ୨୫ବର୍ଷ ପୂର୍ତ୍ତି ଅବସରରେ ରବିବାର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ ହୋଇ ସୋମବାର ଶେଷ ହୋଇଛି। ବିଦ୍ୟାଳୟ ଉତ୍ତମ ମଣିଷ ତିଆରି କାରଖାନା ବୋଲି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଶଣ କରାଯାଇଥିଲା। ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ କରୁଥିବା ବେଳେ ନିମନ୍ତ୍ରିତ ହୋଇଥିବା ଜିଲା ଓ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟକ୍ରମକୁ ଅଣଦେଖା କରି ଯୋଗ ଦେଇ ନ ଥିଲେ। ସେମାନେ ଯୋଗ ନ ଦେବାରୁ ଆୟୋଜକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ନୂଆଗାଁ ବ୍ଲକ ହରିପୁର ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ୧୯୯୬ରେ ସ୍ଥାନୀୟ ବୁଦ୍ଧିଜୀବୀମାନେ ସୋମନାଥ ଦେବ



ରୌପ୍ୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ବିଦ୍ୟାପୀଠ ନିର୍ମାଣ କରିଥିଲେ। ତେବେ ଏହି ବିଦ୍ୟାଳୟଟି ପଞ୍ଚାୟତର ଏକମାତ୍ର ହାଇସ୍କୁଲ। ପ୍ରଥମେ ୧୫ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ଏହି ବିଦ୍ୟାଳୟ ନିର୍ମାଣ ହେବା ପୂର୍ବରୁ ହାତୀଆଶିଳା, ହରିପୁର, ଜାମୁଝୋଲା ଆଦି ମଫସଲ ଅଞ୍ଚଳରୁ ବହୁତ କମ ସଂଖ୍ୟକ ଛାତ୍ରୀଛାତ୍ର ବାହାଡାଝୋଲାକୁ ପାଠ ପଢ଼ିବାକୁ ଯାଉଥିଲେ। ଦୂର ବାଟ ହେଉଥିବା ଯୋଗୁ ପ୍ରାୟ ପିଲା ବିଦ୍ୟାଳୟକୁ ଯାଇ ନ ପାରି ପାଠ ପଢାରୁ ବଞ୍ଚିତ ହେଉଥିଲେ। ତେବେ ଯେତେବେଳେ ଏହି ବିଦ୍ୟାଳୟଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିଲା ସେତେବେଳେ ସୁନାମୁହିଁ ପଞ୍ଚାୟତ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ମିଶ୍ର ଦୀର୍ଘ ୧୦ବର୍ଷ ଧରି ବିନା ବେତନରେ ନିଃସ୍ୱାର୍ଥ ଶିକ୍ଷାଦାନ କରି ବିଦ୍ୟାଳୟର ନବକଳେବର କରିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଭିଭାଷଣ ମାଧ୍ୟମରେ କହିଥିଲେ। ଏମିତିକି ଏହି ବିଦ୍ୟାଳୟର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି, ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି, ଏନ୍‌ଟିଏସ୍, ଏନ୍‌ଆରଟିଏସ୍ ସହ ୨୦୧୮, ୨୦୨୦, ୨୦୨୧ ମସିହା ପାଇଁ ତିନି ତିନିଥର ସର୍ବଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ପାଇବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ

### ସୋମନାଥ ଦେବ ବିଦ୍ୟାପୀଠ ରୌପ୍ୟ ଜୟନ୍ତୀ

ମୁଖ୍ୟ ଅତିଥି ଭାବେ ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ମୁଖ୍ୟବକ୍ତା ଭାବେ ବିଡିଓ ନାୟକ, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଅତିରିକ୍ତ ତହସିଲଦାର, ହରିପୁର ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର ଖଟୁଆ, ସମିତିସଭ୍ୟ ପ୍ରତାପ କୁମାର ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ଜୋସ୍ନା ମଞ୍ଜରୀ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରୌପ୍ୟ ଜୟନ୍ତୀ ସ୍ମରଣିକା 'ସୁହାଗିନୀ'ର ଶୁଭ ଉନ୍ମୋଚନ ସହ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ତତସହିତ ଏହି ବିଦ୍ୟାଳୟର ଶିକ୍ଷକ ପରମେଶ୍ୱର ମହାପାତ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଜାନକୀ ବିହୁନେ ଝୁରେ ଅଯୋଧ୍ୟା' ନାଟକ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶଣ କରାଯାଇଥିଲା।

## ଛାତ୍ରୀ ନିବାସରେ ପିଇବା ପାଣି ମିଳୁନି

ପାରଳାଖେମୁଣ୍ଡି,୨୮।୩ (ଡି.ଏନ୍.ଏ.)

ଗ୍ରୀଷ୍ମଋତୁ ଆରମ୍ଭ ନ ହେଉଣୁ ମୋହନା ବ୍ଲକର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଲାଣି । ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ନିବାସରେ ପିଇବା ପାଣିର ଘୋର ଅଭାବ ଦେଖାଦେଇଛି । ଆଗରୁ ଅନେକ ଥର ଏଠାରେ ପାନୀୟ ଜଳ ଅଭାବ ଯୋଗୁ ଛାତ୍ରୀମାନେ ରାସ୍ତା କଡରୁ ପାଣି ବୋହିନେଇ ବ୍ୟବହାର କରୁଥିବାର ନଜିର ରହିଛି। ଏପରିକି ସ୍ନାନଶୌଚ ପାଇଁ ନଦୀକୁ ମଧ ଯିବାକୁ ପଡୁଥିଲା। ସେ ସମୟରେ ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇଥିଲେ ସୁଦ୍ଧା ଏ ଯାଏ ସମସ୍ୟାର ସମାଧାନ ହୋଇପାରିନି । ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତ୍ୟେକ ଦିନ ୧୧ଶହ ଟଙ୍କା ଦେଇ ବାହାରୁ ପାଣି ଟାଙ୍କି କିଣି ଆଣି ଯୋଗାଇଥାନ୍ତି । ଯାହାହି ସମୁଦ୍ରକୁ ଶଙ୍ଖେ। ପାନୀୟ ଜଳର ଅଭାବ ଯୋଗୁଁ ପ୍ରତ୍ୟେକ ଦିନ ଛାତ୍ରୀମାନଙ୍କୁ ବାହାରୁ ପାଣି ବୋତଲ କିଣିବାକୁ ପଡୁଥିବା ସେମାନେ କହିଛନ୍ତି । ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ନୂତନ ନଳକୂପ ଖନନ ସହ ଘରୋଇ ପାଇପ୍ ଲାଇନ ସଂଯୋଗ କରିବାକୁ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅବଗତ କରିଛନ୍ତି।

## ବିଭିନ୍ନ ଦାବି ନେଇ ଆଶା କର୍ମୀଙ୍କ ଧାରଣା

ଖଣ୍ଡପଡ଼ା ୨୮।୩ (ସ୍ୱ.ପ୍ର.)

କେନ୍ଦ୍ର ସରକାର ବିରୋଧରେ ସ୍ୱର ଉତ୍ତୋଳନ କରି କଣ୍ଟିଲୋ ଜୋନର ସମସ୍ତ ଆଶା କର୍ମୀ ସୋମବାର କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ସକାଳଠାରୁ ଅପରାହ୍ନ ୨ ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ। ଏହା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ ବୋଲି ସଭାନେତ୍ରୀ ସନ୍ତୋଷିନୀ ସାହୁ ଓ ସମ୍ପାଦିକା ବାସନ୍ତୀ ବେହେରା କହିଥିଲେ। ଓଡ଼ିଶା ଆଶା କର୍ମୀ ଆସୋସିଏଶନ, ସିଆଇଟିୟୁ ରାଜ୍ୟ କମିଟିର ଆହ୍ୱାନକ୍ରମେ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟକୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମିକାନ୍ତ ମିଶ୍ରଙ୍କ ଜରିଆରେ ପଠାଯାଇଛି। ସିଆଇଟିୟୁ ସମେତ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା, ମାସିକ ସର୍ବନିମ୍ନ ପାରିଶ୍ରମିକ ୨୬ ହଜାର ଟଙ୍କା, ପେନସନ ଓ ସାମାଜିକ ସୁରକ୍ଷା ସହ ଅନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି। ଏଥିରେ ୩୭ ଜଣ ଆଶାକର୍ମୀ ଯୋଗ ଦେଇଥିଲେ।


କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଶାକର୍ମୀଙ୍କ ଧାରଣା।

## ଦଶପଲ୍ଲାରେ ରାସ୍ତାରୋକୋ


ଶ୍ରମିକ ସଂଗଠନ ପକ୍ଷରୁ ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ।

ଦଶପଲ୍ଲା ୨୮।୩ (ଡି.ଏନ.ଏ.)

ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଆହ୍ୱାନ କ୍ରମେ ସୋମବାର ଦଶପଲ୍ଲାରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖସ୍ଥ ରାସ୍ତାରେ ଆନ୍ଦୋଳନକାରୀମାନେ ବସି ରହି ରାସ୍ତାରୋକୋ ଆନ୍ଦୋଳନ କରିବା ଦ୍ୱାରା ଯାନବାହାନ ଅଟକି ରହିଥିଲା। ଆନ୍ଦୋଳନ କାରୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡିକୁ ମଧ ବନ୍ଦ କରି ଦେଇଥିଲେ। ଶ୍ରମିକ ନେତା ଶରତ ବେହେରା, କୃଷକ ନେତା ଗଣେଶ୍ୱର ନାୟକ, ନାରୀନେତ୍ରୀ ଜୟନ୍ତୀ ଦାଶ, ବ୍ରଜବନ୍ଧୁ ପ୍ରଧାନ, ବିରଞ୍ଚି ନାୟକଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।

## କୈବର୍ତ୍ତ ସମାଜର ୩୫ତମ ବୈଠକ

ନୟାଗଡ଼ ଅଫିସ,୨୮।୩

ନୟାଗଡ଼ ଜିଲା ଭାପୁର ବ୍ଲକ ବାଇଗୁଣିଆ ତନ୍ତୁବାୟ ସହଯୋଗ ଉଚ୍ଚ ବିଦ୍ୟାଳୟ ପଡିଆରେ କୈବର୍ତ୍ତ ସମାଜର ୩୫ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କୈବର୍ତ୍ତ ସମାଜର ସଭାପତି ଭଜମନ ନିଶଙ୍କଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଉପମା ବେହେରା, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଅଭିଳାଷ ପଣ୍ଡା ଯୋଗ ଦେଇଥିଲେ। ସଦର ବେହେରା, ଉପସଭାପତି ବୃନ୍ଦାବନ ଦାସ, ସମ୍ପାଦକ ନବକିଶୋର ବେହେରା, ସହସମ୍ପାଦକ ଶରତ କୁମାର ଦାସ, କୋଷାଧ୍ୟକ୍ଷ ରବୀନ୍ଦ୍ର ବେହେରା, ଶିକ୍ଷା କମିଟି ଅଧ୍ୟକ୍ଷ ଜଗମୋହନ ବେହେରା, ବନମାଳିପୁର ସରପଞ୍ଚ ବାସନ୍ତୀ ବେହେରା ଓ ଖଳସାହି ସରପଞ୍ଚ ଫକୀରମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖଣ୍ଡପଡା ଓ ଭାପୁର ଅଞ୍ଚଳର ସମସ୍ତ ସଦସ୍ୟଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୈବର୍ତ୍ତ ସମାଜର ବିଭିନ୍ନ ସମସ୍ୟା ସହ କର୍ମକର୍ତ୍ତା ଚୟନ ହୋଇଥିଲା।


କୈବର୍ତ୍ତ ସମାଜର ବୈଠକରେ ମଞ୍ଚାସୀନ ଅତିଥି।

## ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଲାଗି ପ୍ରତିଯୋଗିତା

ଛତ୍ରପୁର,୨୮।୩(ଡି.ଏନ.ଏ.)

ଗଞ୍ଜାମ ଜିଲାସ୍ତରୀୟ ଉତ୍କଳ ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀ ଭାବରେ ଜିତେନ ପରିଡ଼ା ଜିଲା ସଂସ୍କୃତି ଅଧିକାରୀ, ସୁରଚିତା ପଟ୍ଟନାୟକ, ସହକାରୀ ପ୍ରଫେସର, ଛତ୍ରପୁର ବିଜ୍ଞାନ କଲେଜ ଏବଂ ଲକ୍ଷ୍ମଣ ପଣ୍ଡା, ଅବସରପ୍ରାପ୍ତ ସିଆଇ ଅଫ ସ୍କୁଲ୍ସ ଓ ଓଡ଼ିଆ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତାର ବିଶ୍ୱନାଥ ପଲେଇ, ବଟକୃଷ୍ଣ ତ୍ରିପାଠୀ, ଛତ୍ରପୁର ଏବଂ ପ୍ରଫୁଲ୍ଲ ମହାପାତ୍ର ଯୋଗଦେଇଥିଲେ। ସେହିପରି ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା ମଧ ଆୟୋଜିତହୋଇଥିଲା। ଜିଲାସ୍ତରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇବେ। କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା।

## ନିଶାମୁକ୍ତ ଲାଗି ସଚେତନତା

ପୋଲସରା,୨୮।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକ କେନ୍ଦୁବାଡି ପଞ୍ଚାୟତରେ ସୋମବାର ନିଶାମୁକ୍ତ ପଞ୍ଚାୟତ ଗଠନ ଲାଗି କେନ୍ଦୁବାଡିରେ ନବନିର୍ବାଚିତ ମହିଳା ସରପଞ୍ଚ ରମା ସ୍ୱାଇଁଙ୍କ ନେତୃତ୍ୱରେ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ନିଶା କାରବାରକୁ ନିଷିଦ୍ଧ କରାଇ ସୁସ୍ଥ ଓ ଆଦର୍ଶ ପଞ୍ଚାୟତ ଗଠନ ସହ ଯୁବ ଗୋଷ୍ଠୀଙ୍କୁ ଉତ୍ସାହିତ କରି ଏକ ସୁସ୍ଥ ବାତାବରଣ ମଧ୍ୟରେ ପଞ୍ଚାୟତକୁ ଗଢ଼ି ତୋଳିବା ଆମର ଲକ୍ଷ୍ୟ ବୋଲି ସରପଞ୍ଚ ସ୍ୱାଇଁ କହିଥିଲେ।

### ଅଲିଭ୍ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ଜାରି

## ଦ୍ୱିତୀୟ ପର୍ଯ୍ୟାୟରେ ୧,୧୪,୩୦୫ ଅଣ୍ଡା ଦେଲେ

ଗଞ୍ଜାମ,୨୮।୩ (ଡି.ଏନ୍.ଏ.)

ଚଳିତ ବର୍ଷ ବିଳମ୍ବରେ ହେଲେ ମଧ ଅଲିଭ୍ ରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ୫୩୩ ଅଣ୍ଡାଦାନ କରିଥିବା ବେଳେ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ୧ ଲକ୍ଷ ୧୪ ହଜାର ୩୦୫ ଅଣ୍ଡା ଦେଇଥିବା ଡିଏଫ୍‌ଓ ଅମ୍ଳାନ କୁମାର ନାୟକ ସୂଚନା ଦେଇଛନ୍ତି। ଅଣ୍ଡାଗୁଡିକ ଯେପରି ନଷ୍ଟ ନ ହେବ ଓ ବିଲୁଆ, କୁକୁର ଅଣ୍ଡା ଥିବା ସ୍ଥାନରେ ପହଞ୍ଚି ନ ପାରିବେ ସେଥିପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରି ସ୍ୱତନ୍ତ୍ର ବ୍ୟାରିକେଡ୍ ନିର୍ମାଣ ହୋଇଛି। ସେଠାରେ କୋଷ୍ଟ ଗାର୍ଡ ନିୟୋଜିତ ହୋଇଛନ୍ତି। ଏହି ସାମୁଦ୍ରିକ କଇଁଛ ସମୁଦ୍ରର ନୀଳ ଜଳରାଶି ମଧ୍ୟକୁ ଉଠି ଆସି ସମୁଦ୍ର ବେଳାଭୂମିର ବାଲୁକା ରାଶି ମଧ୍ୟରେ ଗଣ ଅଣ୍ଡାଦାନ କରିଥାନ୍ତି। ଗତବର୍ଷ ଗଣ ଅଣ୍ଡାଦାନ ପର୍ବ ହୋଇ ନ ଥିବା ବେଳେ ଚଳିତ ବର୍ଷ ଗଣ ଅଣ୍ଡାଦାନ ପର୍ବ ଆରମ୍ଭ ହୋଇଯାଇଥିବାରୁ ପରିବେଶବିତ୍, ପର୍ଯ୍ୟଟକ, ବନ ବିଭାଗ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଶନିବାର ବିଳମ୍ବିତ ରାତ୍ରିରୁ ରବିବାର ସକାଳ ୮ଟା ମଧ୍ୟରେ ଗୋଖରକୁଦା ଗ୍ରାମଠାରୁ ପୋଡ଼ମପେଟା ଗ୍ରାମ ଋଷିକୁଲ୍ୟା ନଦୀ ଓ ସମୁଦ୍ର ମଧ୍ୟରେ ସୃଷ୍ଟି ହୋଇଥିବା ଆଇଲାଣ୍ଡ ମଧ୍ୟରେ ଗଣ ଅଣ୍ଡାଦାନ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗଣତି ଓ ସୁରକ୍ଷା ଦୃଷ୍ଟିରୁ ସମୁଦ୍ର ବେଳାଭୂମିରେ ୫୦ ସେଗ୍‌ମେଣ୍ଟ କରାଯାଇଛି। ଗୋଟିଏ ସେଗ୍‌ମେଣ୍ଟରେ ଦୁଇ ଜଣ ଲେଖାଏ ଏପରିକି ୧୦୦ ଜଣ ବ୍ୟକ୍ତିଙ୍କୁ ମୁତୟନ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଜଗନ୍ନାଥପ୍ରସାଦ,୨୮।୩ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା ଭାବେ ଜୟଶ୍ରୀ ସାହୁ ଓ ଉପାଧ୍ୟକ୍ଷ ରଞ୍ଜିତ ପାତ୍ର ସୋମବାର ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଥମେ ଜଗନ୍ନାଥପ୍ରସାଦ ଗ୍ରାମ ଦେବତୀ ମା' କରଞ୍ଜେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ସମର୍ଥକଙ୍କ ସହ ଏକ ବାଇକ ରାଲିରେ ବାହାରି ବ୍ଲକ ପରିସରରେ ପହଞ୍ଚିଥିଲେ। ପ୍ରଥମେ ବିଡିଓ ଅନୁପ ପଣ୍ଡାଙ୍କ ସହ ସାକ୍ଷାତ ଏବଂ ନିଜ କାର୍ଯ୍ୟାଳୟରେ ପହଞ୍ଚି ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଦାୟିତ୍ୱ ନେଇଥିଲେ। ବ୍ଲକର ସମସ୍ତ ଅଧିକାରୀ, ରାଜନେତା ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅଧ୍ୟକ୍ଷା ସାହୁ ସମସ୍ତଙ୍କ ସହଯୋଗରେ ବ୍ଲକର ବିକାଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।


ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ।

ଦାୟିତ୍ୱ ଗ୍ରହଣ ଉତ୍ସବରେ ସମସ୍ତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ବିଜେଡିର ବରିଷ୍ଠ ନେତା ସୁରେଶ ପଟ୍ଟନାୟକ, ଯୁଗଳ କିଶୋର ବେହେରା, ସୂର୍ଯ୍ୟନାରାୟଣ ନାୟକ, ପ୍ରଦୀପ୍ତ କୁମାର ଭୂୟାଁ, ଏମ୍‌ପି ପ୍ରତିନିଧି ବିପ୍ରଚରଣ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## 'ଲୋକଙ୍କ ଆଶା, ଭରସାକୁ ପ୍ରାଥମିକତା ଦେବୁ'

ଖଣ୍ଡପଡା,୨୮।୩ (ସ୍ୱ.ପ୍ର.)

କଣ୍ଟିଲୋର ରାମଲୀଳାସ୍ଥଳରେ ରବିବାର ନବ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ନେଇ ସଭା ହୋଇଥିଲା। କଣ୍ଟିଲୋର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ନିର୍ବାଚିତ ଲୋକ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ। ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ଏକ ରାଜସ୍ୱ ଗ୍ରାମ ଭାବେ ପରିଚିତ। ପଞ୍ଚାୟତରେ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା। ଏହି ଗ୍ରାମ ଓଡ଼ିଶାର ଦ୍ୱିତୀୟ ଜନ ବହୁଳ ପଞ୍ଚାୟତ ଭାବେ ପରିଚିତ। ଏକଦା ଶ୍ରୀନୀଳମାଧବ ଜୀଉ ଓ କଂସା ପିତଳ ବାସନ ଶିଳ୍ପ ପାଇଁ ଏହି ଗ୍ରାମ ରାଜ୍ୟ ତଥା ବାହାରେ ପ୍ରସିଦ୍ଧି ଲାଭ କରିଥିଲା। ମାତ୍ର ଅଞ୍ଚଳର ଗୋଷ୍ଠୀ କଳହ ସହ ରାଜନେତାଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହି ପର୍ଯ୍ୟଟନ ପୀଠର ବିକାଶ ଦିଗରେ ବାଧକ ସୃଷ୍ଟି ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ କ୍ଷେତ୍ରରେ ଏ ଅଞ୍ଚଳ ଅବହେଳିତ। ବିଶେଷକରି ଦୀର୍ଘବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ଠାକୁରଙ୍କ ଚନ୍ଦନ ପୋଖରୀ ପଡିରହିଛି। ଫଳରେ ପାରମ୍ପରିକ ଚନ୍ଦନ ଯାତ୍ରା ୫ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଛି। ଯାହାକି ନୀଳମାଧବ ପ୍ରେମୀ ଶ୍ରଦ୍ଧାଳୁଙ୍କ ମନରେ କୁଠାରାଘାତ କରିଛି। ପଞ୍ଚାୟତ ନିର୍ବାଚନରେ ଅଞ୍ଚଳବାସୀ ସରପଞ୍ଚ ଭାବେ ଶ୍ରୀୟାରାଣୀ ବେହେରା, ସମିତିସଭ୍ୟା ଶିଖା ବେହେରା ଓ ଜିଲା ପରିଷଦ ସଭ୍ୟ ଭାବେ ଉଜ୍ଜ୍ୱଳ ମହାରଣାଙ୍କୁ ନିର୍ବାଚିତ କରିଛନ୍ତି। ଏମାନେ ଲୋକଙ୍କ ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।


ସରପଞ୍ଚ ଶ୍ରୀୟାରାଣୀ ବେହେରା।


ସମିତି ସଭ୍ୟା ଶିଖା ବେହେରା।


ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା।

ସରପଞ୍ଚ ବେହେରା କୁହନ୍ତି, ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉ କ୍ଷେତ୍ରର ସ୍ୱତନ୍ତ୍ରତା ରହିଛି। ଏହି ଗ୍ରାମର ଝିଅ ଓ ବୋହୂ। ଦୀର୍ଘବର୍ଷରୁ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇ ପଡିଥିବା ଅଞ୍ଚଳର ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଦେବାକୁ ସଂକଳ୍ପ ନେଉଛନ୍ତି। ସେହିପରି ସମିତିସଭ୍ୟା ବେହେରା କୁହନ୍ତି, ବହୁ ଆଶା ନେଇ ଅଞ୍ଚଳବାସୀ ନିର୍ବାଚିତ କରିଛନ୍ତି। ସେଥିପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ବିଧବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଡ୍ରେନେଜ୍ ବ୍ୟବସ୍ଥାର ଆଧୁନିକକରଣ, ଭାଗବତ ଟୁଙ୍ଗିର ପୁନରୁଦ୍ଧାର, ଚାପ ପୋଖରୀର ପୁନରୁଦ୍ଧାର ସହିତ କଂସା ପିତଳ କାରିଗରଙ୍କ ବୃତ୍ତିଗତ ଉନ୍ନତି କରିବାକୁ ପ୍ରୟାସ କରିବି ବୋଲି କହିଛନ୍ତି। ୬ ନଂ. ଜିଲା ପରିଷଦ ସଭ୍ୟା ମହାରଣା କୁହନ୍ତି, କଣ୍ଟିଲୋ, ବାଣପୁର, ସିଧାମୂଳା, ବେଣାଗାଡିଆ ଓ ବୋଦସା ପଞ୍ଚାୟତବାସୀ ଆସ୍ଥା ପ୍ରକଟ କରି ଭୋଟ ଦେଇ ନିର୍ବାଚିତ କରିଛନ୍ତି। ଶ୍ରୀନୀଳମାଧବ ଜୀଉଙ୍କ ବୁଡି ଯାଉଥିବା ପରମ୍ପରା, ଚନ୍ଦନ ଯାତ୍ରା ସହିତ ଜୋନ ମଧ୍ୟରେ ଥିବା ସମସ୍ତ କୃଷି କ୍ଷେତ୍ରକୁ ଜଳସେଚନର ସୁବିଧା କରିବା, ସରକାର ବିଧି ବ୍ୟବସ୍ଥାରେ ରାଶନକାର୍ଡ ପାଇବାରୁ ବଞ୍ଚିତ ହିତାଧିକାରୀମାନଙ୍କୁ ଏସବୁ ସୁବିଧା ପ୍ରଦାନ ପାଇଁ ପ୍ରୟାସ ଜାରି ରଖିବି। ମହାନଦୀ କୁଳରେ ଥାଇ ମଧ ଅଞ୍ଚଳବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ନିୟମିତ ଜଳ ଯୋଗାଣ ପାଇଁ ଉଦ୍ୟମ ଜାରି ରଖିବି। ବିଶେଷ କରି କଣ୍ଟିଲୋକୁ ଆଗାମୀଦିନରେ ଏନ୍‌ଏସିର ମାନ୍ୟତା ପ୍ରଦାନ ଦିଗରେ ପ୍ରୟାସ ଜାରି ରହିବ। ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରୁଥିବା କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ବ୍ୟବସ୍ଥା କରିବି। ଏ ଦିଗରେ ସମସ୍ତ ଅଞ୍ଚଳବାସୀଙ୍କ ସହଯୋଗ କାମନା କରୁଛି।

# ଅଦିନିଆ ବନଯାଗ ଯାତ୍ରା, ନବକଳେବରକୁ ବିରୋଧ

■ ପରମ୍ପରା ବିରୋଧୀ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ହେଉ: ଦଇତାପତି ନିଯୋଗ

■ ଅଦିନିଆ ପରମ୍ପରା, ରୀତିନୀତି ରୋକିବାକୁ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରନ୍ତୁ

■ ଶ୍ରୀମନ୍ଦିର ପ୍ରଶାସନକୁ ରିପୋର୍ଟ ମାଗିଲେ ଜିଲାପାଳ



ଦଇତାପତି ନିଯୋଗ ପକ୍ଷରୁ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଉଛି।

ପୁରୀ ଅଫିସ,୨୮।୩

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ଅଧୀନ ଏକଘରିଆ ଗ୍ରାମର ଶରଣଶ୍ରୀକ୍ଷେତ୍ରରେ ଅଦିନିଆ ବନଯାଗ ଯାତ୍ରା ଓ ନବକଳେବର ପରମ୍ପରାକୁ ନେଇ ଦଇତାପତି ନିଯୋଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସୋମବାର ଦଇତାପତି ନିଯୋଗ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ଉକ୍ତ କାର୍ଯ୍ୟକଳାପକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓ ଶାସ୍ତ୍ରୀୟ ରୀତିନୀତିର ବିରୋଧୀ ବୋଲି କୁହାଯାଇଛି। ଏଥିସହ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ମୁଖ୍ୟ ଶାସନ ସଚିବ, ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ସେହିପରି ଅଦିନରେ ହେଉଥିବା ରଥଯାତ୍ରା, ବନଯାଗ ଯାତ୍ରା ଓ ନବକଳେବର ଭଳି ପରମ୍ପରା ରୋକିବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରନ୍ତୁ ବୋଲି ଦଇତାପତି ନିଯୋଗ ଦାବି କରିଛି।

ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ମୂର୍ତ୍ତି ନିର୍ମାଣରେ କୌଣସି ଆପତ୍ତି ନାହିଁ। ମାତ୍ର ବନଯାଗ ଯାତ୍ରା ଭଳି ଗୁପ୍ତନୀତି କେବଳ ଦଇତାପତିମାନେ କରନ୍ତି। ଏଭଳି ଯାତ୍ରା ନବକଳେବର ସମୟରେ କରାଯାଇଥାଏ। ଯେକେହି ନିଜ ମନଇଚ୍ଛା ନବକଳେବର ରୀତିନୀତି କରିପାରିବେନାହିଁ। ଚିଣ୍ଟୁବାବା ନାମକ ବ୍ୟକ୍ତି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅନେକ ଥର ତୁଳସୀ ଓ ଧୂପକାଠି ଧରି ଆସିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଏକ ମନ୍ଦିର ନିର୍ମାଣ କରି ମନଇଚ୍ଛା ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନ କରୁଛନ୍ତି ଯାହା ଆଦୌ ଗ୍ରହଣୀୟ ନୁହେଁ। ସେହିପରି ଦଇତାପତି ବିନାୟକ ଦାସମହାପାତ୍ର କହିଛନ୍ତି, ଏଭଳି ଧର୍ମ ବିରୋଧୀ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଯିବା ସହ ଚିଣ୍ଟୁବାବାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ବନଯାଗ ଯାତ୍ରା ସହ ଦାରୁଚୟନ, ଯଜ୍ଞ, ପୂର୍ଣ୍ଣାହୁତି, ଦାରୁବୃକ୍ଷ ଛେଦନ ଓ ମନ୍ଦିରକୁ ଦାରୁ ଆଗମନ କାର୍ଯ୍ୟକ୍ରମ ରଖାଯାଇଛି। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଘୁରିବୁଲୁଛି। ଭିଡିଓରେ ଏକଘରିଆ ଗ୍ରାମର ବାବାଜୀ ଚିଣ୍ଟୁବାବା ଓ ଶ୍ରୀକ୍ଷେତ୍ରର କେତେଜଣ ସେବାୟତଙ୍କୁ ଦେଖିବାକୁ ମିଳିଛି। ପୁରୀର କେତେଜଣ ସେବାୟତ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦାସମହାପାତ୍ର ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଦାବିପତ୍ର ଗ୍ରହଣକରି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଦଇତାପତି ନିଯୋଗ ଆଣିଥିବା ଅଭିଯୋଗ ସମ୍ପର୍କରେ ତୁରନ୍ତ ଢେଙ୍କାନାଳ ଜିଲା ପ୍ରଶାସନ ସହ ଆଲୋଚନା କରାଯିବ। ଏହି ପ୍ରସଙ୍ଗରେ ଏକ ବିସ୍ତୃତ ରିପୋର୍ଟ ଦେବାକୁ ଶ୍ରୀମନ୍ଦିର ପ୍ରଶାସନକୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ଢେଙ୍କାନାଳ ପ୍ରଶାସନଠାରୁ ତଥ୍ୟ ସଂଗ୍ରହ କରାଯିବ। ପରମ୍ପରା ଭଙ୍ଗ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିଭଳି ସନ୍ଧ୍ୟାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ତାଙ୍କ ମ୍ୟାନେଜରଙ୍କୁ ଦାବିପତ୍ର ଦିଆଯାଇଛି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ଶରଣଶ୍ରୀକ୍ଷେତ୍ରରେ ଚାଲିଥିବା ଏଭଳି କାର୍ଯ୍ୟକଳାପକୁ ନାପସନ୍ଦ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ସମେତ ରାମଚନ୍ଦ୍ର ଦାସମହାପାତ୍ର, ଅନାଥ ଦାସମହାପାତ୍ର, ଜଗଦୀଶ ଦାସମହାପାତ୍ର, ବିଜୟକୃଷ୍ଣ ଦାସମହାପାତ୍ର, ଗୁଣଧର ଦାସମହାପାତ୍ର, ବିନାୟକ ଦାସମହାପାତ୍ର, ଦୁର୍ଗାପ୍ରସାଦ ଦାସମହାପାତ୍ର ଏବଂ ରାଜା ସ୍ୱାଇଁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶରଣଶ୍ରୀକ୍ଷେତ୍ରରେ ଦାରୁଦିଅଁ ସ୍ଥାପନରେ ତତ୍ତ୍ୱାବଧାରକ ଭାବେ ଯୋଗଦେଇଥିବା ସେବାୟତମାନେ ଦଇତାପତି ନିଯୋଗ ସହ ଯୋଗାଯୋଗ କରି କ୍ଷମା ପ୍ରାର୍ଥନା ପାଇଁ ଚେଷ୍ଟା କରୁଥିବା ସୂଚନା ମିଳିଛି।

## ଶରଣଶ୍ରୀକ୍ଷେତ୍ରରେ ବନଯାଗ ଯାତ୍ରା ବନ୍ଦ

■ ଭୁଲ ସ୍ୱୀକାର କରି କ୍ଷମା ମାଗିଲେ ଚିଣ୍ଟୁ ବାବା

■ ପୁରୀର ଅନୁମତି ଅନୁଯାୟୀ କାର୍ଯ୍ୟ କରାଯିବ

ଢେଙ୍କାନାଳ ଅଫିସ,୨୮।୩

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମ ଶରଣଶ୍ରୀକ୍ଷେତ୍ରରେ ଦାରୁଦିଅଁ ସ୍ଥାପନ ନେଇ ବିବାଦ ଦେଖାଦେବା ପରେ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବନଯାଗ ଯାତ୍ରାକୁ ସୋମବାର ବନ୍ଦ କରିଦିଆଯାଇଛି। ଏଥିସହିତ ଶରଣ ଶ୍ରୀକ୍ଷେତ୍ରର ମୁଖ୍ୟ ଚିଣ୍ଟୁ ବାବା ଭୁଲ ସ୍ୱୀକାର କରିଛନ୍ତି। ନିୟମ ବିଷୟରେ ଜାଣି ନ ଥିବାରୁ ଏପରି ଭୁଲ ହୋଇଥିବା କହି ପୀଠ ପରିସରରେ ସେ କ୍ଷମା ମାଗିଥିଲେ। ବାବା କହିଥିଲେ, ଅଞ୍ଚଳବାସୀ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମନ୍ଦିର ହୋଇଛି। ଯେତେବେଳେ ଜାଣିଲୁ ଏପରି କରାଯିବା ଭୁଲ, ତାହା ପରଠାରୁ ସମସ୍ତ ପୂଜାକାର୍ଯ୍ୟ ବନ୍ଦ କରାଯାଇଛି। ସେହିପରି ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ସଭାପତି ଜୟନ୍ତ ପରିଡା କହିଥିଲେ, ଯାହାକିଛି ହୋଇଛି ଭୁଲ ହୋଇଛି। ସମସ୍ତଙ୍କ ପାଖରେ କ୍ଷମାପ୍ରାର୍ଥନା କରୁଛୁ। ପୁରୀରୁ ଅନୁମତି ନ ମିଳିବା ପର୍ଯ୍ୟନ୍ତ ଆଉ କୌଣସି କାର୍ଯ୍ୟ କରାଯିବ ନାହିଁ। ପୁରୀ ନିର୍ଦ୍ଦେଶ ଅନୁଯାୟୀ ଏଣିକି ଯାହା କିଛି କରାଯିବ।



ଶରଣଶ୍ରୀକ୍ଷେତ୍ରରେ ଚିଣ୍ଟୁ ବାବା ଓ ବିକାଶ ପରିଷଦ କର୍ମକର୍ତ୍ତା କ୍ଷମା ପ୍ରାର୍ଥନା କରୁଛନ୍ତି।

## ପରିତ୍ୟକ୍ତ ସ୍ଥାନରେ ଫୁଟିଲା ବୋମା



ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ନାବାଳିକା।

**୩ ନାବାଳିକା ଗୁରୁତର**

■ ୨ ଅଫୁଟା ବୋମା ଜବତ

ଭଦ୍ରକ ଅଫିସ/ ବନ୍ତ, ୨୮।୩ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଟିଲୋ ତ୍ରିକୋଣା ଛକସ୍ଥିତ ଇଟା ଫ୍ୟାକ୍ଟ୍ରି ନିକଟରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ସୋମବାର ଅପରାହ୍ଣରେ ବୋମା ଫୁଟି ୩ ନାବାଳିକା ଗୁରୁତର ହୋଇଛନ୍ତି। ସେମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ୩ ନାବାଳିକାଙ୍କ ମଧ୍ୟରେ ଦୁଇଭଉଣୀ ଅଛନ୍ତି। ସେମାନେ ହେଲେ ଦେବତାଗଡ଼ିଆ ଗ୍ରାମର ଦୁଇ ଭଉଣୀ ଦୁର୍ଗା ହାଁସଦା(୧୨), ବାସନ୍ତୀ ହାଁସଦା(୮) ଓ ସବିତା ମୁର୍ମୁ(୯)। ନିର୍ବାଚନ ସମୟରେ ହିଂସାକାଣ୍ଡ ଭିଆଇବା ଉଦ୍ଦେଶ୍ୟରେ କେହି ଏହି ବୋମା ବ୍ୟାଗ୍‌ରେ ରଖିଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବନ୍ତ ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

୩ ନାବାଳିକା ତ୍ରିକୋଣା ଇଟାଭାଟି ନିକଟକୁ ଖେଳିବାକୁ ଯାଇଥିବା ବେଳେ ପୋଖରୀ ସ୍ଥିତ ବୁଦାମୂଳେ ଏକ ବ୍ୟାଗ୍ ପଡିଥିବା ଦେଖିବାକୁ ପାଇଥିଲେ। ପିଲାମାନେ ଉତ୍ସୁକତାର ସହ ବ୍ୟାଗ୍ ଖୋଲିବାରୁ ସେଥିରେ ଥିବା ୩ଟି ବୋମା ମଧ୍ୟରୁ ଗୋଟିଏ ବୋମା ଫୁଟିଥିଲା। ଖବର ପାଇ ସ୍ଥାନୀୟ ଲୋକେ ଓ ପୋଲିସ ପହଞ୍ଚି ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳରୁ ଆଉ ୨ ଅଫୁଟା ବୋମାକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା, ୨ ଗିରଫ

**ଫୁଲବାଣୀ ଅଫିସ/ଚକାପାଦ,୨୮।୩:** କନ୍ଧମାଳ ଜିଲା ଚକାପାଦ ଥାନା ପସରା ପଞ୍ଚାୟତରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ହତ୍ୟା ପରେ ମୃତଦେହକୁ ମାଟି ତଳେ ପୋତିଦିଆଯାଇଛି। ସୋମବାର ଏହି ଘଟଣା ଜଣାପଡ଼ିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ୪ ଜଣଙ୍କୁ ଅଟକ ରଖି ହତ୍ୟାକାଣ୍ଡ ସମ୍ପର୍କରେ ଅଧିକ ପଚରାଉଚୁରା କରୁଛି। ମୃତକ ହେଲେ ଜୁଇଖୋଲ ଗ୍ରାମର ରଇବାରିଆ କହଁର(୬୫)। ଗିରଫ ୨ ଅଭିଯୁକ୍ତ ଟଣଙ୍ଗପଦର ଗ୍ରାମର ଶିବ ବେହେରା ଓ ଜୁଇଖୋଲର ଗୁଡୁ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ରଇବାରିଆ ତାଙ୍କ ଗାଁରେ ଝଡ଼ାଫୁଙ୍କା କରନ୍ତି। ପ୍ରାୟ ୧୦/୧୨ବର୍ଷ ପୂର୍ବେ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସେ ହାଣି ଦେଇଥିଲେ। ଏହି ଘଟଣାରେ ତାଙ୍କୁ ଜେଲ ଯିବାକୁ ପଡ଼ିଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହୁଥିଲା। ରଇବାରିଆଙ୍କ ପରିବାର ଗୋଟିଏ ପଟେ ଓ ଗାଁ ଲୋକେ ଗୋଟିଏ ପଟରେ ଥିଲେ। ଗତ ୨୨ ତାରିଖରେ ରଇବାରିଆ ଗ୍ରାମରୁ ସାଇକେଲରେ କାଠ ଧରି ପସରା ଗ୍ରାମକୁ ବିକ୍ରି କରିବାକୁ ଯାଇଥିଲେ। ଫେରିବା ବେଳେ ଟଣକିପଦର ନିକଟ ଜଙ୍ଗଲରେ ପୂର୍ବରୁ ଛପି ରହିଥିବା ଶିବ ଓ ଗୁଡୁ କାଠଫାଳିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତଦ୍ୱୟ ମୃତଦେହକୁ ୨୦୦ ମିଟର ଦୂରକୁ ନେଇ ପୋତିଦେଇଥିଲେ। ସାଇକେଲକୁ କିଛି ଦୂରରେ ଥିବା ଝିକ ଗୁମ୍ଫାରେ ଫୋପାଡ଼ି ଚାଲିଯାଇଥିଲେ। ସେପଟେ ରଇବାରିଆ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ତାଙ୍କର ଖୋଜ ଖବର ନ ମିଳବାରୁ ପୁଅ ମୁନା ଗତ ୨୬ ତାରିଖରେ ପସରା ଫାଣ୍ଡିରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଚକାପାଦ ଥାନାଧିକାରୀ ଅମ୍ବିକାପ୍ରସାଦ ପଟ୍ଟନାୟକ ଏକ ଟିମ୍ ଗଠନକରି ଘଟଣାର ତଦନ୍ତ କରିଥିଲେ। ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ଆଣି ପଚରାଉଚୁରା କରିବାରୁ ଘଟଣା ଜଣାପଡ଼ିଥିଲା। ରଇବାରିଆଙ୍କୁ ଗୁଡୁ ଏବଂ ଶିବ ମାରିଥିବା ସ୍ୱୀକାର କରିଥିଲେ। ଏ ନେଇ ଥାନାରେ ନଂ.୧୫/୨୨ରେ ମାମଲା ରୁଜୁ ହୋଇଛି।

## କୋର୍ଟ ଚାଲାଣ ପୂର୍ବରୁ ୩ ଅଭିଯୁକ୍ତ ଚମ୍ପଟ୍

**ଡିସିଓ, ସେଣ୍ଟ୍ରିଙ୍କୁ ନିଲମ୍ବନ କଲେ ଏସ୍‌ପି**

ସମ୍ବଲପୁର,୨୮।୩(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନାରୁ ସୋମବାର ୩ ଅଭିଯୁକ୍ତ କୋର୍ଟ ଚାଲାଣ ପୂର୍ବରୁ ଚମ୍ପଟ୍ ମାରିଛନ୍ତି। ସେମାନେ ହେଲେ ଝାକି କୁମାର, ସମୀର ଚୌଧୁରୀ ଓ ମହମ୍ମଦ ସକିଲ। କାର୍ଯ୍ୟରେ ଅବହେଳା ପାଇଁ ଦାୟିତ୍ୱରେ ଥିବା ଡାଇରି ଚାର୍ଜ ଅଫିସର (ଡିସିଓ) ନିରଞ୍ଜନ ପ୍ରଧାନ ଓ ସେଣ୍ଟ୍ରି ଏସ୍.ଏନ୍. ନାୟକଙ୍କୁ ନିଲମ୍ବନ କରାଯାଇଥିବା ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି।

ଡିଜେଲ ଚୋରି ମାମଲାରେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସକାଳ ପ୍ରାୟ ସାଢ଼େ ୭ଟା ସମୟରେ ସଫେଇ କର୍ମଚାରୀ ପଙ୍କଜିନୀ ସିନ୍ଦରିଆ ଝାଡୁ ମାରିବା ସମୟରେ ଏହି ଘଟଣା ଘଟିଥିଲା। ତେଣୁ ପଙ୍କଜିନୀଙ୍କୁ ପୋଲିସ ଅଟକ ରଖି ତଦନ୍ତ କରିଥିଲା। ଏହା ଜାଣିବା ପରେ ଧନୁପାଲି ଥାନାରେ ଶତାଧିକ ମହିଳା ପୁରୁଷ ପହଞ୍ଚିଥିଲେ। ସେମାନେ ପୋଲିସର ଅବହେଳାକୁ ଦାୟୀ କରିବା ସହ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ପାଇଁ ସଫେଇ କର୍ମଚାରୀଙ୍କ ଉପରେ ଦୋଷ ଲଦୁଥିବା ଅଭିଯୋଗ କରିଥିଲେ। ଅନ୍ୟପଟେ ପଙ୍କଜିନୀ କହିଛନ୍ତି, ବହୁବର୍ଷ ହେଲା ଥାନାରେ ସଫେଇ କାମ କରିଆସୁଛି। କେବେହେଲେ ମୋ ନାମରେ ଏଭଳି ଅଭିଯୋଗ ଆସି ନାହିଁ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ମୋର ସମ୍ପର୍କୀୟ ଥିବାରୁ ପୋଲିସ ମୋତେ ସନ୍ଦେହ କରି ଅଟକ ରଖିଥିଲା। ଝାଡୁ ମାରିବା ସମୟରେ ଅଭିଯୁକ୍ତମାନଙ୍କ ଅନୁପସ୍ଥିତି ନେଇ ପ୍ରଥମେ ମୁଁ ପୋଲିସକୁ ଜଣାଇଥିଲି ବୋଲି କହିଥିଲେ। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି, ସର୍ଲକାନୀ ଅଞ୍ଚଳରେ ଡିଜେଲ ଚୋରି ହେଉଥିବା ନେଇ ଟ୍ରକ୍ ମାଲିକମାନେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ କେସ୍ ନଂ.୧୬/୨୨ରେ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ କରି ପୋଲିସ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୋମବାର ସକାଳ ୭ରୁ ୭ଟା୧୫ ଭିତରେ ରିଫ୍ରେସମେଣ୍ଟ ସମୟରେ ଅଭିଯୁକ୍ତମାନେ ଖସି ପଳାଇଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରିବାର ଥିଲା। ପୋଲିସ ଟିମ୍ ଗଠନ କରି ଚଢ଼ାଉ ଜାରି ରହିଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ କରାଯାଉଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ବୁର୍ଲା ଓ ସଦର ଥାନାରୁ ଗିରଫ ଅଭିଯୁକ୍ତମାନେ ଏହିଭଳି ଫେରାର ହୋଇଯାଇଥିଲେ। ପରେ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା।

## ନବନିର୍ବାଚିତ ସରପଞ୍ଚଙ୍କ ସମେତ ୪ ଗିରଫ

■ ପିଏଲ୍‌ଏଫ୍‌ଆଇ ସଦସ୍ୟ କହି ୧ଲକ୍ଷ ଟଙ୍କା ଦାବି କରିଥିଲେ

■ ପିସ୍ତଲ, ୯ ରାଉଣ୍ଡ ଗୁଳି, ମାଗାଜିନ, ମୋବାଇଲ ଜବତ



ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଅଭିଯୁକ୍ତମାନେ।

ଦେବଗଡ଼,୨୮।୩(ଡି.ଏନ୍.ଏ.)

ନିଜକୁ ପିଏଲ୍‌ଏଫ୍‌ଆଇ (ପିପୁଲ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ) ସଦସ୍ୟ ବୋଲି କହି ପିସ୍ତଲ ଦେଖାଇ ଭୟଭୀତ କରି ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ଜଣେ ମହିଳାଙ୍କଠାରୁ ୧ଲକ୍ଷ ଟଙ୍କା ଦାବି କରୁଥିବା ଘଟଣାରେ ସୋମବାର ପୋଲିସ ଜଣେ ନବନିର୍ବାଚିତ ସରପଞ୍ଚଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅଞ୍ଚଳର ରାକେଶ ସାହୁ (୨୫), ଅନିଲ ପାତ୍ର (୨୩) ଏବଂ ବାରକୋଟ ଥାନା ଅଞ୍ଚଳର ଲକ୍ଷ୍ମଣ କିଷାନ (୫୦) ଓ ଲକ୍ଷ୍ମଣ ମହନ୍ତ(୨୨)। ସେମାନଙ୍କ ନିକଟରୁ ୯ ଏମ୍‌ଏମ୍ ପିସ୍ତଲ, ୯ ରାଉଣ୍ଡ ଅଫୁଟା ଗୁଳି, ମାଗାଜିନ, ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ଦେବଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ପାଇକରାୟ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ଗତ ୧୨ ତାରିଖ ସକାଳେ ବାରକୋଟ ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରକୁ ରାକେଶ ଓ ଅନିଲ ଯାଇଥିଲେ। ସେମାନେ ନିଜକୁ ପିଏଲ୍‌ଏଫ୍‌ଆଇ ସଦସ୍ୟ ବୋଲି ପରିଚୟ ଦେଇଥିଲେ। ଜେଲରେ ଥିବା ମହିଳାଙ୍କ ସ୍ୱାମୀଙ୍କୁ ମୁକୁଳାଇ ଦେବା ପାଇଁ ୧ ଲକ୍ଷ ଟଙ୍କା ମାଗିଥିଲେ। ନ ଦେଲେ ଜୀବନରୁ ମାରିଦେବା ପାଇଁ ପିସ୍ତଲ ଦେଖାଇ ଧମକ ଦେଇଥିଲେ। ଭୟରେ ମହିଳା ଜଣକ ଆଗୁଆ ୧୦ ହଜାର ଟଙ୍କା ଦେଇଥିଲେ। ଏ ସମ୍ପର୍କରେ ବାରକୋଟ ଥାନାରେ ରବିବାର ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇ ରାକେଶ ଓ ଅନିଲଙ୍କୁ ଗିରଫ କରିଥିଲେ। ରାକେଶ ଧରିଥିବା ପିସ୍ତଲକୁ ଲକ୍ଷ୍ମଣ ମହାନ୍ତଙ୍କ ମାଧ୍ୟମରେ ଝରାକଣ୍ଡଲ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମଣ କିଷାନଙ୍କୁ ଦେଇଥିବା ତଦନ୍ତରୁ ଜଣାପଡ଼ିଥିଲା। ପୋଲିସ ଲକ୍ଷ୍ମଣ କିଷାନଙ୍କ ଘରେ ଚଢ଼ାଉ କରି ପିସ୍ତଲ ଓ ଗୁଳି ଜବତ କରିଥିଲା। ସମସ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ପାଇକରାୟ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର, ଡିଆଇବି ଡିଏସ୍‌ପି ପ୍ରଦୀପ କୁମାର କେରକେଟ୍ଟା, ବାରକୋଟ ଥାନା ଅଧିକାରୀ କନକ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

CLASSIFIED DISPLAY
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଇକୋ ଟୁରିଜିମ୍ ପ୍ରକଳ୍ପରେ ବରିଷ୍ଠ ପୋଲିସଙ୍କ ମେଳି



ଭଞ୍ଜନଗର,୨୮।୩(ଡି.ଏନ.ଏ)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଆଇଆଇସି ଦେବ କୁମାର ଗମାଙ୍ଗଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ଆସିଥିବା କେତେଜଣ ପୋଲିସ ଅଧିକାରୀ ରବିବାର ରାତିରେ ଶାଲୁଆପଲ୍ଲୀ ଇକୋ ଟୁରିଜିମ୍ ପ୍ରକଳ୍ପ ପରିସରରେ ଏକାଠି ହୋଇଥିଲେ। ସେଠାରେ ସେମାନେ ଥାନା ଅଧିକାରୀଙ୍କ ମୃତ୍ୟୁକୁ ନେଇ କିଛି ଆଲୋଚନା କରିଥିବା ଚର୍ଚ୍ଚା ଚାଲିଛି। ପ୍ରକାଶ ଯେ, ରବିବାର ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ କେତେଜଣ ଅଧିକାରୀ ଗାଙ୍ଗପୁର ଥାନାକୁ ଆଇଆଇସି ଗମାଙ୍ଗଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ଯାଇଥିଲେ। ଏହାପରେ ସମସ୍ତେ ଶାଲୁଆପଲ୍ଲୀ ଇକୋ ଟୁରିଜିମ୍ ପ୍ରକଳ୍ପକୁ ରାତି ପ୍ରାୟ ୮ଟାରେ ଖାଇବାକୁ ଯାଇଥିଲେ। ସମସ୍ତଙ୍କ ପାଇଁ ବାହାରୁ ଖାଦ୍ୟ ଆସିଥିଲା। ଖାଇବା ପରେ ସମସ୍ତେ ରାତି ପ୍ରାୟ ସାଢ଼େ ୧୦ଟାରେ ଫେରି ଯାଇଥିଲେ। ତେବେ ଜଣେ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ଆସିଥିବା ଅଧିକାରୀମାନେ ରାତ୍ରିଭୋଜନ ପାଇଁ ବଣରେ ଏକାଠି ହେବାକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ପୋଲିସ ଅଧିକାରୀମାନେ ମଝିରେ ମଝିରେ ଏଠାକୁ ଖାଇବାକୁ ଆସିଥାନ୍ତି ବୋଲି ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି।

### ଗାଙ୍ଗପୁର ଥାନା ଅଧିକାରୀଙ୍କ ମୃତ୍ୟୁ ଘଟଣା

## ଭଉଣୀଙ୍କ ଫୋନ୍ ଅଡିଓ ଭାଇରାଲ

■ ଭାଇଙ୍କ ମୃତ୍ୟୁ ପୂର୍ବରୁ ଏସ୍‌ଡିପିଓଙ୍କୁ ଫୋନ୍ କରିଥିବା ଚର୍ଚ୍ଚା

ଜୟପୁର,୨୮।୩(ନି.ପ୍ର.)

ସର୍ଭିସ୍ ରିଭଲଭରରୁ ଗୁଳିଫୁଟି ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଧିକାରୀ ଦେବ୍ ଗମାଙ୍ଗଙ୍କ ମୃତ୍ୟୁ ଘଟଣାରେ ଆଉ ଏକ ତଥ୍ୟ ସାମ୍ନାକୁ ଆସିଛି। କୋରାପୁଟ ଜିଲା ଜୟପୁରରେ ରହୁଥିବା ମୃତ ଆଇଆଇସିଙ୍କ ଭଉଣୀଙ୍କ ଏକ ଫୋନ୍ ଅଡିଓ ସୋମବାର ଭାଇରାଲ ହେଉଛି। ଏଥିରେ ଭଉଣୀ ଭଞ୍ଜନଗର ଏସ୍‌ଡିପିଓଙ୍କ ସହ କଥା ହେଉଥିବା ଶୁଣିବାକୁ ମିଳିଛି। ଭାଇ ଦେବ୍ କିଛିଦିନ ହେଲା ମାନସିକ ଚାପରେ ଅଛନ୍ତି। ଆତ୍ମହତ୍ୟା କରିବି ବୋଲି ସେ ମା'ଙ୍କୁ ବାରମ୍ବାର କହୁଛନ୍ତି। ତାଙ୍କ ନିକଟରେ ରିଭଲଭର ମଧ୍ୟ ଅଛି। ତେଣୁ ରିଭଲଭରଟିକୁ ତାଙ୍କ ନିକଟରୁ ଜବତ କରି ସୁରକ୍ଷା କରିବାକୁ ଭଉଣୀ ଏସ୍‌ଡିପିଓଙ୍କୁ ଅନୁରୋଧ କରୁଥିବା ଶୁଣିବାକୁ ମିଳିଛି। ଏ ନେଇ ଦେବ୍‌ଙ୍କ ଭଉଣୀଙ୍କ ପ୍ରତିକ୍ରିୟା ନେବାକୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ତେଣୁ ଅଡିଓର ସତ୍ୟତା ନେଇ ସ୍ପଷ୍ଟ ହୋଇପାରିନି। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଧିକାରୀ ଦେବ୍ ଗମାଙ୍ଗ ନିଜ ସର୍ଭିସ୍ ରିଭଲଭରରୁ ଗୁଳି ଫୁଟାଇବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ଲ୍ୟାଣ୍ଡମାଇନ ବିସ୍ଫୋରଣ, ଜଣେ ଗୁରୁତର

ଫୁଲବାଣୀ ଅଫିସ, ୨୮।୩

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା କିଆମୁଣ୍ଡା ଅଞ୍ଚଳରେ ସୋମବାର ପୁଣି ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଛି। ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସାଡିଙ୍ଗିଆ ପଞ୍ଚାୟତ ବାନ୍ଦାକାନା ଗ୍ରାମର ଇନ୍ଦ୍ର କହଁର। ତାଙ୍କୁ ଉଦ୍ଧାର କରାଯାଇ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ମଧ୍ୟାହ୍ନରେ ଇନ୍ଦ୍ର ତାଙ୍କ ସାଙ୍ଗ ବିଶେକ କହଁରଙ୍କ ସହ ମିଶି ଏକ ବାଇକରେ ସାଡିଙ୍ଗିଆ ବଜାରକୁ ଯାଉଥିଲେ। ଗ୍ରାମଠାରୁ କିଛି ଦୂରରେ ରାସ୍ତା ଖରାପ ଥିବାରୁ ଇନ୍ଦ୍ର ଗାଡିରୁ ଓହ୍ଲାଇ ଚାଲି ଚାଲି ଯାଉଥିବା ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଫଳରେ ସେ ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅଟୋରେ ଡିମିରିଗୁଡା ଛକକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ଫିରିଙ୍ଗିଆ ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଗତମାସ ୮ ତାରିଖରେ କିଆମୁଣ୍ଡାଠାରେ ମାଓବାଦୀମାନେ ଜଣେ ଠିକାଦାରଙ୍କ ଜେସିବି ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ଦେଇଥିଲେ।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ
୨୯।୦୩।୨୦୨୨ (ମଙ୍ଗଳବାର)



ସ୍ୱର୍ଗତ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥ
ବାନାବଗିଚା, ଶେଖବଜାର, କଟକ
ଆବିର୍ଭାବ: ୨୧।୦୩।୧୯୪୯
ତିରୋଧାନ: ୦୧।୦୪।୨୦୧୯
ଆପଣଙ୍କ ସରଳ ହୃଦୟର ତ୍ୟାଗ, ନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପତ୍ନୀ: ପୁଷ୍ପାଞ୍ଜଳି, ପୁତ୍ର: ଶିଳାଦିତ୍ୟ, ଝିଅ: ଅନୁରୂପା, ଅନୁରାଧା, ନାତି: ଅୟସ୍କାନ୍ତ, ବିଶ୍ୱାସରଞ୍ଜନ, ରୂପେଶ, ନିଖିଲେଶ୍ ଓ ପରିବାରବର୍ଗ।
ଧ-୨୩୫୦୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



୰ଶୁକମଣି ସେଠୀ
ନରସିଂହପୁର, ସୋହରିଆ ପଞ୍ଚାୟତ, ଭୋଗରାଇବ୍ଲକ୍, ବାଲେଶ୍ୱର
ଆବିର୍ଭାବ: ୦୧।୦୧।୧୯୩୯
ତିରୋଧାନ: ୧୯।୦୩।୨୦୨୨
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।"
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟପରାୟଣତା ଆମପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ: ସ୍ୱାମୀ: ଭଜହରି, ପୁଅ: ବିଷ୍ଣୁପଦ, ବୋହୂ: ବୈଶାଳୀ, ଝିଅ: ଗିରିବାଳା ଏବଂ ଶକୁନ୍ତଳା, ନାତୁଣୀ: ଲିବି, ନାତି: ଅଲେଖ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୨୩୫୦୪

ଧରିତ୍ରୀ
DHARITRI
ମଙ୍ଗଳବାର, ୨୯ ମାର୍ଚ୍ଚ, ୨୦୨୨



# ଭଲ ନୁହେଁ ବେଶି ଲାଜ



କଥାରେ ଅଛି ଲାଜ ନାରୀର ଭୂଷଣ। ଲାଜ କେତେବେଳେ ପ୍ରେମ ତ କେତେବେଳେ ଶ୍ରଦ୍ଧା ଆଉ ସମ୍ମାନ। ଲାଜ ପୁଣି ବେଳେବେଳେ ପାଲଟେ ଅନୁଶାସନ। ନାରୀ ପାଇଁ ଏହା ଏକ ସୁନ୍ଦର ବିଭବ, କିନ୍ତୁ ବେଳେବେଳେ ଅତ୍ୟଧିକ ଲାଜ ନିଜ ପାଇଁ ହୁଏ କ୍ଷତିକାରକ...

ବିଭିନ୍ନ ସ୍ୱଭାବର ନାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ମନ ଖୋଲି ନିଜ ଭାବ ଅତି ସହଜରେ ପ୍ରକାଶ କରିପାରନ୍ତି ତ ଆଉ କେତେକେ ଲଜ୍ଜା ଭାବରୁ ଅନେକ କଥା କହି ନ ପାରି ଚୁପ୍ ରୁହନ୍ତି। କିନ୍ତୁ ଏଭଳି ଲାଜୁଆ ସ୍ୱଭାବ ଅନେକ ସମୟରେ ସେମାନଙ୍କ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇଥାଏ ଏବଂ କେତେକ କ୍ଷେତ୍ରରେ ନିଜ ଅଧିକାରରୁ ବଞ୍ଚିତ କରାଇଥାଏ। ତେଣୁ ଏଭଳି ସ୍ୱଭାବ ଥିବା ନାରୀମାନେ ସବୁ କ୍ଷେତ୍ରରେ ସଚେତନ ରହିବା ଉଚିତ। ବ୍ୟକ୍ତିତ୍ୱ ବୃଦ୍ଧି କରିବା ପାଇଁ ସେମାନେ ଲାଜର ଗହଣା ପିନ୍ଧିବା ଭଲ, ମାତ୍ର ଏତେ ବେଶି ଲାଜ କରି ନିଜ ପ୍ରତି ଅବହେଳା କରିବା ଆଦୌ ଠିକ୍ ନୁହେଁ।

**ନିଜ ପ୍ରତି ଅବହେଳା:** ଲାଜ ସ୍ୱଭାବ ପାଇଁ ନାରୀମାନେ ସାଧାରଣତଃ ନିଜ ପ୍ରତି ଅନେକ କ୍ଷେତ୍ରରେ ଅବହେଳା କରିଥାନ୍ତି। ଯେହେତୁ ସେମାନେ ମନଖୋଲି





ନିଜ ମନକଥା କହିପାରନ୍ତି ନାହିଁ, ସେଥିପାଇଁ ନିଜର ସବୁ ଆବଶ୍ୟକତା ସମ୍ପର୍କରେ କହିବାକୁ ବି ସଙ୍କୋଚ ଅନୁଭବ କରିଥାନ୍ତି। ଶାଶୁ ଘରେ କାଳେ କେହି ଖରାପ ଭାବିବେ ଏଇ କଥା ଚିନ୍ତାକରି ସେମାନେ ବହୁ କିଛି କଥା ଲୁଚାଇଥାନ୍ତି।

**ଶାରୀରିକ ଅସୁସ୍ଥତା:** ଅନେକ ସମୟରେ ନାରୀମାନେ ସେମାନଙ୍କର ଲାଜକୁଳି ସ୍ୱଭାବ ପାଇଁ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିଥାନ୍ତି। ଶରୀରକୁ ଆବଶ୍ୟକ ସମୟରେ ବିଶ୍ରାମ ଦେଇପାରନ୍ତି ନାହିଁ କି ଅଧିକାଂଶ ସମୟରେ ଉତ୍ତମ ପୋଷଣଯୁକ୍ତ ଖାଦ୍ୟ ବି ଖାଆନ୍ତି ନାହିଁ। ଏମିତିକି କେତେକ କ୍ଷେତ୍ରରେ ଅନ୍ୟମାନଙ୍କୁ କହି ନ ପାରି ସ୍ୱାସ୍ଥ୍ୟ ସମସ୍ୟାକୁ ଲୁଚାଇ ଠିକ୍ ସମୟରେ ଚିକିତ୍ସା ବି କରାଇ ନ ଥାନ୍ତି। ତେଣୁ ଛୋଟ ଶାରୀରିକ ସମସ୍ୟା ହୁଏତ ଭବିଷ୍ୟତରେ ଏକ ଭୟଙ୍କର ରୋଗର କାରଣ ହୋଇଥାଏ। ତେଣୁ ଏଭଳି କ୍ଷେତ୍ରରେ ଲାଜକୁଳି ସ୍ୱଭାବ ଆଦୌ ଭଲ ନୁହେଁ।

**ମନଖୋଲା ଖୁସି:** କଥାରେ ଅଛି ମନ ଖୁସି ରହିଲେ ଶରୀର ସୁସ୍ଥ ରହିବା ସହିତ ପରିବେଶ ବି ଠିକ୍ ରହେ। ତେଣୁ ମନକୁ ଖୁସି କରିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିବା ଉଚିତ ନୁହେଁ। ହେଲେ ପରିବାର ଭିତରେ ନାରୀଟିଏ ଅନେକ ସମୟରେ ସଙ୍କୋଚଭାବ ପାଇଁ ନିଜ ଖୁସିକୁ ଉପଭୋଗ କରିପାରି ନ ଥାଏ। ଏଥିପାଇଁ ସେ ବାହାରକୁ ଯାଇପାରେ ନାହିଁ କିମ୍ବା ନିଜ ଇଚ୍ଛାରେ କିଛି କରିବା ପାଇଁ ସାହସ କରି ନ ଥାଏ। ଏସବୁ ଭାବନା ବିଶେଷ ଭାବରେ ନାରୀମାନଙ୍କ କ୍ଷେତ୍ରରେ ହିଁ ଅଧିକ ଘଟିଥାଏ। କିନ୍ତୁ ପରିବାରରେ କାହାର କୌଣସି କ୍ଷତି ହେଉ ନ ଥିବା ଭଳି କାମ କରି ଯଦି ଖୁସି ହେବାର ସୁଯୋଗ ମିଳୁଛି ତେବେ ସେସବୁକୁ କେବେ ବି ନିଜ ଜୀବନରୁ ବାଦ୍ ଦେବା ଉଚିତ ନୁହେଁ।

**ଅଧିକାରରୁ ବାଦ୍:** ଲଜ୍ଜା ଭାବନା ପାଇଁ ନାରୀମାନେ ଅନେକ ସମୟରେ ନିଜ ଅଧିକାରକୁ ବି ଜୋର କରି ଦାବି କରିପାରନ୍ତି ନାହିଁ। ଗୁରୁଜନଙ୍କ ଆଗରେ କହିଲେ କେହି କାଳେ ଖରାପ ଭାବିବେ ଅବା ଘରେ ବିଶୃଙ୍ଖଳା ସୃଷ୍ଟି ହେବ ଭାବି ସେମାନେ ନିଜର ଅଧିକାରକୁ ବି ଭୁଲିଯାନ୍ତି। ତେଣୁ ସବୁକ୍ଷେତ୍ରରେ ସେମାନେ ସବୁ ସହିଯିବାକୁ ହିଁ ଶ୍ରେୟ ମନେକରନ୍ତି।

ଅବଶ୍ୟ ଲଜ୍ଜାଭାବରୁ ନାରୀମାନେ ଗୁରୁଜନମାନଙ୍କୁ ଶାଳୀନ ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ସେମାନଙ୍କର ଏହି ଭାବନା ଘରେ ଏକ ଶୃଙ୍ଖଳା ବି ସୃଷ୍ଟି କରି ରଖିଥାଏ। ତେଣୁ ନାରୀମାନଙ୍କର ଏଭଳି ବ୍ୟବହାର ଘରେ ଅନ୍ୟମାନଙ୍କୁ ପ୍ରଭାବିତ କରିବା ସହିତ ଭଲ ବ୍ୟବହାର ପାଇଁ ପ୍ରେରଣା ବି ମିଳିଥାଏ।

## ଏମାନେ ଯାହା କହନ୍ତି



ସାଗରିକା



ସସ୍ମିତା



କସ୍ତୁରୀ

**ଆବଶ୍ୟକ ପୂର୍ବରୁ ଆଣନ୍ତି–** ଶାଶୁଘରେ ମୁଁ କେବେ ବି ମୋ ପାଇଁ କିଛି ଆଣିବା ପାଇଁ କହେନି। ନିଜ ପାଇଁ କିଛି ଆଣିବାର ଥିଲେ ମତେ କହିବାକୁ ଭଲ ଲାଗେନି। ଅବଶ୍ୟ ମୋର ଆବଶ୍ୟକତା ଅନୁସାରେ ସବୁ ଜିନିଷ ଘରକୁ ଆଗୁଆ ଆସିଥାଏ। ତା' ଛଡ଼ା ମୋର କ'ଣ ସବୁ ଦରକାର ସେନେଇ ମୋ ସ୍ୱାମୀ ପ୍ରାୟ ସବୁବେଳେ ଧ୍ୟାନ ଦେଇଥାନ୍ତି। ଏମିତିକି ସେ ଅଧିକ ଖର୍ଚ୍ଚ କରିଦିଅନ୍ତି ବୋଲି ମୁଁ ଓଲଟା ତାଙ୍କ ଉପରେ ବିରକ୍ତ ହୋଇଥାଏ।

*–ସସ୍ମିତା ପାଢୀଯୋଶୀ*
*ଗୃହିଣୀ, ବେଙ୍ଗାଲୁରୁ*

**ସବୁବେଳେ ଖୁସିରେ ରହେ–** ମୋ ମତରେ ମହିଳାମାନଙ୍କ କ୍ଷେତ୍ରରେ ଲାଜକରିବା ହୁଏତ କେତେକାଂଶରେ ଠିକ୍। ଫଳରେ ସେମାନେ ଏକ ଶୃଙ୍ଖଳିତ ବ୍ୟବହାର କରିପାରିବେ, ଗୁରୁଜନଙ୍କୁ ଭଲ ବ୍ୟବହାର ଦେଖାଇପାରିବେ। ଆଉ ଏସବୁ ଫଳରେ ପରିବାରରେ ଶାନ୍ତି ରକ୍ଷା ହୋଇପାରିବ। ମୋ ଶାଶୁଘରେ ମୁଁ କେବେ କାହାକୁ ଖରାପ ବ୍ୟବହାର କରିନି ବୋଲି ମୋର ସମସ୍ତ ଆବଶ୍ୟକତା ପାଇଁ ପରିବାରର ସବୁ ଲୋକ ବ୍ୟସ୍ତ ହୋଇପଡ଼ନ୍ତି। ତେଣୁ ମୁଁ ବେଶ୍ ଖୁସିରେ ରହିଥାଏ।

*–କସ୍ତୁରୀ ମିଶ୍ର*
*ଗୃହିଣୀ, ଝିରପାଣି, ରାଉରକେଲା*

**ମନ ଖୋଲି କହେ–** ମୋ ପରିବାରରେ ସମସ୍ତେ ଏତେ ଖୋଲାମନର ଯେ ମୁଁ କାହାପାଖରେ କେବେ ସଙ୍କୋଚ କରେ ନାହିଁ। ମୋର ଯେତେବେଳେ ଯାହା ଦରକାର ମୁଁ ମନଖୋଲି ସମସ୍ତଙ୍କୁ କହିପାରେ। ଏମିତିକି ମୋ ଶାଶୁ ଶ୍ୱଶୁର ବି ମୋ ଖୁସି ପାଇଁ ମତେ ସବୁ ସ୍ୱାଧୀନତା ଦେଇଛନ୍ତି। ମୁଁ ବି ସେମାନଙ୍କ ମନକୁ ଆଘାତ ଦେବାଭଳି କିଛି କାମ କରେନି। ସେଥିପାଇଁ ପରିବାରରେ ସମସ୍ତଙ୍କର ଶାନ୍ତିରେ ସମୟ କଟିଯାଏ।

*–ସାଗରିକା ମହାପାତ୍ର*
*ଶିକ୍ଷୟିତ୍ରୀ, ଦୃଷ୍ଟିହୀନ ମହାବିଦ୍ୟାଳୟ, କୋରାପୁଟ*

# ପିଲାଙ୍କ ପାଇଁ ...

କରୋନା ପାଇଁ ଦୁଇବର୍ଷ ପରେ ସ୍କୁଲ ଖୋଲିଥିବାରୁ ପିଲାମାନେ ବେଶ୍ ଉତ୍ସାହିତ ଅଛନ୍ତି। ଛୋଟ ପିଲାମାନଙ୍କୁ ସ୍କୁଲ ପଠାଇବା ପାଇଁ ସକାଳୁ ଶୀଘ୍ର ନିଦରୁ ଉଠାଇବା ମା'ମାନଙ୍କର ନିଶ୍ଚିତଭାବେ ଏକ କଷ୍ଟକର କାମ। କିନ୍ତୁ ପିଲାଙ୍କୁ ଶୀଘ୍ର ଉଠାଇବା ପାଇଁ ଜାଣିରଖନ୍ତୁ କିଛି ସହଜ ଉପାୟ।

- ଅପରାହ୍ନରେ କ୍ରିକେଟ୍, କବାଡ଼ି ଆଦି ବିଭିନ୍ନ ପ୍ରକାର ଆଉଟ୍‌ଡୋର ଗେମ୍ ଖେଳିବା ପାଇଁ ପିଲାଙ୍କୁ ବାହାରକୁ ପଠାନ୍ତୁ। ଫଳରେ ସେମାନେ ଶାରୀରିକ ପରିଶ୍ରମ କରି ରାତିରେ ଶୀଘ୍ର ଶୋଇପାରିବେ।
- ପିଲାଙ୍କୁ ଦ୍ୱିପ୍ରହର ସମୟରେ ଶୋଇବାକୁ ଦିଅନ୍ତୁ ନାହିଁ। କାରଣ ଦ୍ୱିପ୍ରହରରେ ଶୋଇଲେ ସେମାନଙ୍କୁ ରାତିରେ ଠିକ୍ ନିଦ ହୁଏ ନାହିଁ।
- ରାତିରେ ପିଲାଙ୍କୁ ଶୋଇବା ସମୟର ଅଧଘଣ୍ଟା ପୂର୍ବରୁ ଖାଇବାକୁ ଦିଅନ୍ତୁ। ଶୋଇବା ପୂର୍ବରୁ ଅତିକମ୍‌ରେ ୨୦ ମିନିଟ୍ ପର୍ଯ୍ୟନ୍ତ କିଛି ବହି ପଢ଼ିବାକୁ ଦିଅନ୍ତୁ।
- ଶୋଇବା ଘରେ ଲାଇଟ୍ ବନ୍ଦ କରିବା ସହ ଟିଭି କିମ୍ବା ମୋବାଇଲ ରଖନ୍ତୁ ନାହିଁ।



- ପିଲାଙ୍କ ପାଇଁ ଏକ ରୁଟିନ୍ ତିଆରି କରନ୍ତୁ। ତେଣୁ ଛୁଟିଦିନରେ ବି ଏକ ନିର୍ଦ୍ଦିଷ୍ଟ ସମୟରେ ପିଲାଙ୍କୁ ଉଠାନ୍ତୁ। ଅଭ୍ୟାସ ହେଲେ ପିଲାମାନେ ଆପେ ଆପେ ସକାଳୁ ଉଠିଯିବେ।
- ଛୋଟ ପିଲାମାନେ ଦିନକୁ ୮ ରୁ ୯ ଘଣ୍ଟା ଶୋଇବା ନିହାତି ଜରୁରୀ। ତେଣୁ ସେମାନଙ୍କୁ ରାତିରେ ଶୀଘ୍ର ଶୁଆନ୍ତୁ।
- ଗୋଡ଼ ହାତ ଧୋଇ ପିଲାଙ୍କୁ ଶୋଇବାକୁ ଯିବାର ଅଭ୍ୟାସ କରନ୍ତୁ।
- ଆବଶ୍ୟକ ଥିଲେ ପିଲାଙ୍କ ଗୋଡ଼ ମାଲିସ୍ କରନ୍ତୁ।
- ଶୋଇବାବେଳେ ପିଲାଙ୍କୁ ସଫା ଏବଂ ଆରାମଦାୟକ ପୋଷାକ ପିନ୍ଧାନ୍ତୁ।
- ଖାଇବା, ଶୋଇବା, ଖେଳିବା ସବୁ ଠିକ୍ ସମୟରେ ହେଲେ ପିଲାମାନେ ଆପେ ଆପେ ସକାଳୁ ଉଠି ସ୍କୁଲ ଯିବା ପାଇଁ ପ୍ରସ୍ତୁତ ହୋଇଯିବେ।



# ରହିବନି ବ୍ୟାକ୍‌ପେନ୍

ଏକ ନିର୍ଦ୍ଦିଷ୍ଟ ପୋଜିସନରେ ବହୁ ସମୟ ଧରି କାମ କରିବା ଫଳରେ ମାଂସପେଶୀ ଟାଇଟ୍ ହୋଏ ବ୍ୟାକ୍‌ପେନ୍ ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇଁ



ଏକ୍ସରସାଇଜ୍ କରିବା ନିହାତି ଆବଶ୍ୟକ। ଏକ୍ସରସାଇଜ୍ ପାଇଁ ଯଦି ସମୟ ନାହିଁ ତେବେ ପଶ୍ଚିମ ନମସ୍କାର ଆସନ ନିଶ୍ଚିତ କରନ୍ତୁ।

- ପଶ୍ଚିମ ନମସ୍କାରକୁ ଆପଣ ଛିଡ଼ାହୋଇ କିମ୍ବା ବସିକରି କରିପାରିବେ। ଏହି ଆସନରେ ଦୁଇ ହାତକୁ ପଛପଟକୁ ନେଇ ନମସ୍କାର ମୁଦ୍ରା କରିବାକୁ ପଡ଼େ। ଏଥିପାଇଁ ପ୍ରଥମେ କାନ୍ଧକୁ ଢିଲା ରଖି ହାତକୁ ଟିକେ ବୁଲାନ୍ତୁ। ଏହାପରେ ଦୁଇ ହାତକୁ ପଛପଟକୁ ନେଇଯାଆନ୍ତୁ।
- ଏହାପରେ ପଛପଟରେ ହାତ ରଖି ଦୁଇ ପାପୁଲିକୁ ଏକାଠି କରି ନମସ୍କାର ମୁଦ୍ରା କରନ୍ତୁ। ଏହାପରେ ହାତକୁ ନମସ୍କାର ମୁଦ୍ରାରେ ଉପରକୁ ଉଠାନ୍ତୁ। ଏହି ଆସନ ମୁଦ୍ରାରେ ରହି କିଛି ସମୟ ନିଃଶ୍ୱାସ ନିଅନ୍ତୁ। ନିଃଶ୍ୱାସ ଛାଡ଼ିବା ଅବସ୍ଥାରେ ଧୀରେ ଧୀରେ ହାତକୁ ତଳକୁ ଆଣନ୍ତୁ। ଏହାପରେ ହାତକୁ ସାମାନ୍ୟ ଅବସ୍ଥାରେ ରଖନ୍ତୁ।
- ନିୟମିତ ଏହି ଆସନ କଲେ ପେଟ ସମସ୍ୟା ସହ ପିଠି ଦରଜ ମଧ୍ୟ କମିଯାଏ। କାନ୍ଧ ଏବଂ ଛାତି ମାଂସପେଶୀକୁ ବି ଆରାମ ଲାଗିଥାଏ।

## ଘରୋଇ ଉପାୟରେ

# ରୁହନ୍ତୁ ଫ୍ରେଶ୍

ଖରାଦିନେ ସାଧାରଣତଃ ଝାଳ ବୋହି ଶରୀରରୁ ଦୁର୍ଗନ୍ଧ ବାହାରିଥାଏ। ଏଥିପାଇଁ ମହିଳାମାନଙ୍କ ସୌନ୍ଦର୍ଯ୍ୟ ମଧ୍ୟ ଫିକା ଲାଗିଥାଏ। ତେବେ ବିଭିନ୍ନ ଘରୋଇ ଉପାୟରେ ଝାଳର ଗନ୍ଧ ଦୂରକରି କିଭଳି ଫ୍ରେଶ୍ ଅନୁଭବ କରିବେ ଜାଣିରଖନ୍ତୁ....



ସୌନ୍ଦର୍ଯ୍ୟ



- ଆଳୁକୁ ପତଳା ପତଳା କରି କାଟି କିଛି ସମୟ ପର୍ଯ୍ୟନ୍ତ ଅଣ୍ଡରଆର୍ମ କିମ୍ବା ଅଧିକ ଝାଳ ହେଉଥିବା ସ୍ଥାନରେ ଘଷନ୍ତୁ। ଏହାପରେ ଧୋଇ ଦିଅନ୍ତୁ। ଝାଳର ଗନ୍ଧ କମ୍ ହୋଇଯିବ।
- ଟମାଟୋ ରସରେ କିଛି ଲେମ୍ବୁରସ ମିଶାଇ ଝାଳ ହେଉଥିବା ସ୍ଥାନରେ ଲଗାଇଲେ ଗନ୍ଧ ଦୂର ହୋଇଥାଏ।
- ନଡ଼ିଆତେଲକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଭଲଭାବେ ମସାଜ୍ କରନ୍ତୁ। ଏହାପରେ ପାଣିରେ ଧୋଇଦିଅନ୍ତୁ।
- ଝାଳର ଗନ୍ଧ ଦୂରକରିବା ପାଇଁ ଆଲୋ ଭେରା ଜେଲ୍ ବେଶ୍ ଫଳପ୍ରଦ। ଆଲୋ ଭେରା ଜେଲ୍‌କୁ ଅଣ୍ଡରଆର୍ମ ସହିତ ଝାଳ ହେଉଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଧୋଇଦିଅନ୍ତୁ।
- ବେକିଂ ସୋଡ଼ାରେ ଲେମ୍ବୁରସ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ଲଗାଇ ୧୦ ମିନିଟ୍ ଛାଡ଼ିଦିଅନ୍ତୁ। ଝାଳ ଗନ୍ଧ ଦୂର ହୋଇଯିବ।
- ଆପଲ ସାଇଡର ଭିନେଗାରକୁ ପାଣିରେ ମିଶାଇ ଲଗାଇ କିଛି ସମୟ ପରେ ଧୋଇଦେଲେ ଗନ୍ଧ ଦୂର ହୋଇଥାଏ।
- ଦିନକୁ ୨ ଥର ଆଣ୍ଟିବ୍ୟାକ୍ଟେରିଆଲ ସାବୁନ ଲଗାଇ ସ୍ନାନ କରନ୍ତୁ। ତ୍ୱଚାରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇ ଝାଳ ଗନ୍ଧ କମ୍ ହୋଇଥାଏ।
- ଖରାଦିନେ ସୂତା ଭଳି ନରମ କପଡ଼ାର ପୋଷାକ ପିନ୍ଧନ୍ତୁ। ଫଳରେ ଝାଳ କପଡ଼ାରେ ଲାଗି ଶୀଘ୍ର ଶୁଖିଯିବ ଏବଂ ଗନ୍ଧ କମ୍ ହେବ।
- ଖରାଦିନେ ମସଲାଯୁକ୍ତ ଖାଦ୍ୟ, ଚିନି, ଆଲ୍‌କହଲ କିମ୍ବା ସିଗାରେଟ୍ ନିଅନ୍ତୁ ନାହିଁ। ଏସବୁ ଖାଦ୍ୟ ଶରୀରରେ ଦୁର୍ଗନ୍ଧ ସୃଷ୍ଟି କରିଥାଏ।
- ତୁଳସୀ ଓ ନିମ୍ବପତ୍ରକୁ ବାଟି ସେଥିରେ ପେଷ୍ଟ ତିଆରି କରନ୍ତୁ। ଖରାଦିନେ ଏହି ପେଷ୍ଟକୁ ସ୍ନାନ ପୂର୍ବରୁ ଲଗାଇ ଶୁଖିବା ପରେ ସ୍ନାନ କରନ୍ତୁ।

## ଖାଦ୍ୟରୁଚି: ପୁଦିନା ଜିରା ମଠରୀ

**ଆବଶ୍ୟକ ସାମଗ୍ରୀ–** ମଇଦା– ୫୦୦ ଗ୍ରାମ୍, ସୁଜି– ୨୦୦ ଗ୍ରାମ୍, ଜିରା– ୪ ବଡ଼ ଚାମଚ, ଜୁଆଣି– ୧ ଛୋଟ ଚାମଚ, ଘିଅ– ୧୨୫ ଗ୍ରାମ୍, ପୁଦିନା– ୫୦୦ ଗ୍ରାମ୍, କ୍ଷୀର– ୧ ବଡ଼ ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଓ ଛାଣିବା ପାଇଁ ଘିଅ ବା ତେଲ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ପୁଦିନା ପତ୍ରକୁ ଭଲଭାବେ ଧୋଇ କାଟି ରଖନ୍ତୁ। ଏକ ବଡ଼ ପାତ୍ର ଆଣି ସେଥିରେ ମଇଦା ସୁଜି, ଜିରା, ପୁଦିନା, ଜୁଆଣି, ଲୁଣ ଓ ୨ ଚାମଚ ଘିଅ ପକାଇ ଭଲଭାବେ ମିଶାନ୍ତୁ। ସେଥିରେ ପାଣି ଦେଇ ଅଟା ଚକଟିବା ପରି ଭଲଭାବେ ଚକଟି ଦିଅନ୍ତୁ ଏବଂ ୨୦ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଅଟାକୁ ଛୋଟ ଛୋଟ ଗୁଳା କରି ମଠରୀ ବା ପୁରି ଆକାରରେ ବେଲି ଦିଅନ୍ତୁ। ତେବେ ଏହାକୁ ଟିକେ ମୋଟା କରି ବେଲନ୍ତୁ। ଆପଣ ଚାହିଁଲେ ଏହାକୁ ବିସ୍କୁଟ ଭଳି ଛୋଟ ଛୋଟ କିମ୍ବା ଯେକୌଣସି ଆକାରର ତିଆରି କରିପାରିବେ। ଏବେ କଡ଼େଇରେ ଘିଅ ଗରମ କରି ଏହାକୁ ଛାଣି ଦିଅନ୍ତୁ। ତେବେ କମ୍ ଜାଳରେ ଏହାକୁ ଛାଣନ୍ତୁ, ନଚେତ୍ ମଠରୀର ଭିତର କଞ୍ଚା ରହିଯିବ। ବାଦାମୀ ହୋଇଗଲା ପରେ ବାହାରକୁ ବାହାର କରିଦିଅନ୍ତୁ। ଏହା ବିସ୍କୁଟ ଓ ନିମ୍‌କି ଭଳି କ୍ରିସ୍ପି ଲାଗିବ। ତେଣୁ ଚା କିମ୍ବା କଫି ସହିତ ଏହାକୁ ଖାଇଲେ ବହୁତ ଭଲ ଲାଗିବ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୯/୨୦୨୨ Bhubaneswar, Tuesday, March 29/ 2022




ଭୁବନେଶ୍ୱରରେ ସୋମବାର ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ।




ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଓଡ଼ିଶା ପ୍ରତିନିଧି ଦଳ।

# ଦୁଇ ପୂର୍ବତନ ଚାମ୍ପିୟନଙ୍କ ମଧ୍ୟରେ ମୁକାବିଲା

**ପୁଣେ, ୨୮।୩ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣରେ ମଙ୍ଗଳବାର ଦୁଇ ପୂର୍ବତନ ଚାମ୍ପିୟନ ରାଜସ୍ଥାନ ରୟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ। ଏକାଧିକ ମ୍ୟାଚ ବିଜେତା ଥିବାରୁ ଏହି ମ୍ୟାଚରେ ହେଭିୱେଟ ରାଜସ୍ଥାନର ପଲା ଭାରି ରହିବା ଅନୁମାନ କରାଯାଉଛି। ପ୍ରତିଭା ସମ୍ପନ୍ନ ଅଧିନାୟକ ସଞ୍ଜୁ ସାମସନ ରୟାଲ୍ସ ବ୍ୟାଟିଂ ବିଭାଗର କର୍ଣ୍ଣଧାର ରହିବେ। ଗତ ସିଜନ ଗୁଡ଼ିକରେ ପ୍ରଦର୍ଶନରେ ସ୍ଥିରତା ଅଭାବରୁ ଦଳ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ। ତେଣୁ ଏଥିରେ ସୁଧାର ଆଣି ଏହି ଦଳ ୨୦୦୮ ପରେ ପ୍ରଥମଥରପାଇଁ ଟାଇଟଲ ବିଜୟ ଲକ୍ଷ୍ୟରେ ଖେଳିବ।

ପ୍ରତି ବର୍ଷ ସାମସନ ଗୋଟିଏ କିମ୍ବା ୨ଟି ଚିତ୍ତାକର୍ଷକ ଇନିଂସ ଖେଳିଥାନ୍ତି। ମାତ୍ର ଏହାପରେ ତାହା ଦେଖିବାକୁ ମିଳେନାହିଁ। ତେଣୁ ଦଳକୁ ଦ୍ୱିତୀୟ ଟାଇଟଲ ହାସଲ କରିବାକୁ ହେଲେ ଅଧିନାୟକଙ୍କୁ ସ୍ଥିର ପ୍ରଦର୍ଶନ ଦେବାକୁ ପଡ଼ିବ। ଚଳିତବର୍ଷ ଶେଷଭାଗରେ ଆଇସିସି ଟି୨୦ ବିଶ୍ୱକପ ଅଛି। ତେଣୁ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରିପାରିଲେ ସାମସନ ଭାରତୀୟ ଦଳରେ ମଧ୍ୟ ସ୍ଥାନ ପକ୍କା କରିପାରିବେ। ଜୟପୁର ଭିତ୍ତିକ ଏହି ଦଳ ଜୋସ୍ ବଟଲର ଓ ଦେବଦତ୍ତ ପଡିକାଲଙ୍କୁ ନେଇ ଇନିଂସ ଓପନ କରିବା ସମ୍ଭାବନା ଅଛି। ବଟଲର ଯେ କୌଣସି ବୋଲିଂ ଆକ୍ରମଣକୁ ଧ୍ୱସ୍ତ କରିବାର ଦକ୍ଷତା ରଖିଛନ୍ତି। ଯଦି ପଡିକାଲ ଭଲ ଆରମ୍ଭ କରିପାରିବେ ତେବେ ରାଜସ୍ଥାନ ଫାଇଦାରେ ରହିବ। ଏହି ଦଳରେ ସାମସନଙ୍କ ବ୍ୟତୀତ ପାୱାର ହିଟର ସିମରନ ହେଟମେର, ରସି ଭାନ୍ ଡର ଡୁସେନ, ଜିମି ନିଶାମ ଓ ରିୟାନ ପରାଗଙ୍କ ପରି ଖେଳାଳି ମିଡିଲ ଅର୍ଡର ସମ୍ଭାଳିବାକୁ ଅଛନ୍ତି। ଏଥର ରୟାଲ୍ସର ବୋଲିଂ ୟୁନିଟ ମଧ୍ୟ ବେଶ୍ ଶକ୍ତିଶାଳୀ। ବିଶେଷ କରି ଦୁଇ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଯୁଜବେନ୍ଦ୍ର ଚହଲ ଚୂଡ଼ାନ୍ତ ଏକାଦଶରେ ଖେଳିବା ଏକପ୍ରକାର ନିଶ୍ଚିତ। କାରଣ ଏହି ଦୁଇ ବୋଲରଙ୍କ ୮ ଓଭର ପ୍ରତିପକ୍ଷ ଦଳପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସରୁ ଖେଳି ଆସୁଥିବା ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କୁ ଏଥର ରୟାଲ୍ସ ବୋଲିଂ ଆକ୍ରମଣର ନେତୃତ୍ୱ ନେଉଥିବା ଦେଖିବାକୁ ମିଳିବ। ପ୍ରସିଦ୍ଧ କ୍ରିଷ୍ଣା ଓ ନବଦୀପ ସଇନୀ ତାଙ୍କୁ ସହାୟତା କରିବେ।

ସନ୍‌ରାଇଜର୍ସ ପାଇଁ ଅଧିନାୟକ କେନ୍ ୱିଲିୟମସନ ସବୁଠାରୁ ଶ୍ରେଷ୍ଠ ବ୍ୟାଟର। ଅଧିନାୟକତ୍ୱ ସହ ତାଙ୍କ ବ୍ୟାଟିଂ ଉପରେ ଦଳ ଅନେକ ପରିମାଣରେ ନିର୍ଭର କରିବ। ୱିଲିୟମସନଙ୍କ ସାଥି ଖେଳାଳି ଗ୍ଲେନ୍ ଫିଲିପ୍ସଙ୍କ ସହିତ ହାର୍ଡ ହିଟିଂ ୱେଷ୍ଟଇଣ୍ଡିଆନ ନିକୋଲସ ପୁରନ ଦଳ ପକ୍ଷରୁ ଇନିଂସ ଓପନ କରିପାରନ୍ତି। ପ୍ରିୟମ ଗର୍ଗ, ରାହୁଲ ତ୍ରିପାଠୀ ମିଡିଲ ଅର୍ଡର ଦାୟିତ୍ୱରେ ରହିବେ। ପୂର୍ବରୁ ତ୍ରିପାଠୀ ଆଇପିଏଲ୍‌ରେ ଭଲ ଖେଳିଛନ୍ତି, ମାତ୍ର ଏଥର ତାଙ୍କୁ ପ୍ରଦର୍ଶନରେ ସ୍ଥିରତା ରଖିବାକୁ ହେବ। ରବିକୁମାର ସମର୍ଥ ଓ ଅବଦୁଲ ସମଦ ମଧ୍ୟ ଅନ୍ୟ ବ୍ୟାଟିଂ ଓପନିଂ ବିକଳ୍ପଭାବେ ରହିଛନ୍ତି। ଭୁବନେଶ୍ୱର କୁମାର ବୋଲିଂ ଆକ୍ରମଣର ନେତୃତ୍ୱ ନେବେ। ପେସ୍ ସେନ୍‌ସେଶନ ଉମ୍ରାନ ମଲିକଙ୍କ ଉପରେ ମଧ୍ୟ ନଜର ରହିବ। ବାମହାତୀ ଦ୍ରୁତବୋଲର ଟି. ନଟରାଜନ ଓ ଟି୨୦ ସ୍ପେଶାଲିଷ୍ଟ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କ ଭୂମିକା ଭଧ ଗୁରୁତ୍ୱପୂର୍ଣ୍ଣ ରହିବ। ଶ୍ରେୟାସ ଗୋପାଳ ଓ ଜଗଦୀଶ ସୁଚିଥଙ୍କୁ ମଧ୍ୟ ସୁଯୋଗ ମିଳିବ।

| |
|---|
| **ଆଇପିଏଲ୍-୧୫** |
| **ଆଜିର ମ୍ୟାଚ** |
| **ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ରାଜସ୍ଥାନ ରୟାଲ୍ସ** |
| **ସ୍ଥାନ: ପୁଣେ** |
| **ସମୟ: ରାତି ୭ଟା ୩୦** |
| **ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ** |

## ଭର୍ଷ୍ଟାପେନ ଜିତିଲେ ସାଉଦି ଗ୍ରାଁ ପ୍ରି

**ଜିଦାହ, ୨୮।୩:** ରେଡ୍‌ବୁଲ୍ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ ସାଉଦି ଆରବିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂ ଚାମ୍ପିୟନ ହୋଇଛନ୍ତି। ଗତବର୍ଷର ବିଶ୍ୱ ବିଜେତା ଭର୍ଷ୍ଟାପେନ୍ ଏଠାରେ ୧:୨୪:୧୯.୨୯୩ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସିଜନ ଆରମ୍ଭ ବାହାରିନ୍ ଗ୍ରାଁ ପ୍ରି ଜିତିଥିବା ଫେରାରୀ ଚାଳକ ଚାର୍ଲ୍ସ ଲେକ୍‌ରେକ୍ ଦ୍ୱିତୀୟ ଏବଂ ତାଙ୍କ ଟିମ୍‌ମେଟ୍ କାର୍ଲୋସ ସିଞ୍ଜ୍ ଜୁନିୟର ତୃତୀୟ ସ୍ଥାନ ହାସଲ କରିଛନ୍ତି।



ଅନ୍ୟମାନଙ୍କ ମଧ୍ୟରେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ, ମର୍ସିଡିଜ୍‌ର ଜର୍ଜ ରସେଲ, ଆଲ୍‌ପିନେର ଏଷ୍ଟେବାନ ଓକନ, ମ୍ୟାକଲରେନର ଲାନ୍‌ଡୋ ନୋରିସ, ଆଲ୍ଫା ଟୌରୀର ପିଏରୀ ଗାସ୍‌ଲେ, ହାସ୍‌ର କେଭିନ ମାଗ୍ନୁସେନ ଓ ମର୍ସିଡିଜ୍‌ର ଲୁଇସ ହାମିଲଟନ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନରେ ରହିଛନ୍ତି। ବାହାରିନ୍ ଗ୍ରାଁ ପ୍ରିରେ ଭର୍ଷ୍ଟାପେନ ରେସ୍ ଶେଷକରିପାରି ନ ଥିଲେ। ଫଳରେ ସିଜନର ୨ଟି ରେସ୍ ପରେ ଫେରାରୀର ଲେକ୍‌ରେକ୍ ମୋଟ ୪୫ ପଏଣ୍ଟ ସହିତ ଡ୍ରାଇଭର୍ସ ଷ୍ଟାଣ୍ଡିଂର ଶୀର୍ଷରେ ଅଛନ୍ତି।

# ଗୁଜରାଟର ପ୍ରଥମ ବିଜୟ

**ମୁମ୍ବାଇ, ୨୮।୩**

ନୂଆ ଦଳ ଗୁଜରାଟ ଟାଇଟାନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଥମ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଅନ୍ୟତମ ନୂତନ ଦଳ ଲକ୍ଷ୍ନୌ ସୁପର ଜିଆଣ୍ଟସ୍‌କୁ ୫ ଉଇକେଟରେ ହରାଇ ଦେଇଛି। ଲକ୍ଷ୍ନୌ ୨୦ ଓଭରରେ ୬ ଉଇକେଟ ହରାଇ ୧୫୮ ରନ କରିଥିଲା। ଗୁଜରାଟ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରି ନେଇଥିଲା।

ଟସ୍ ଜିତି ଗୁଜରାଟ ଟାଇଟାନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ମହମ୍ମଦ ଶାମି ଓ ବରୁଣ ଆରୋନ ମାତ୍ର ୨୯ ରନ ମଧ୍ୟରେ ଲକ୍ଷ୍ନୌର ୪ଟି ଉଇକେଟ ନେଇ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ଶାମି ଘାତକ ବୋଲିଂକରି ପ୍ରତିପକ୍ଷ ଦଳର ଅଧିନାୟକ ଲୋକେଶ ରାହୁଲ (୦) କ୍ୱିଣ୍ଟନ ଡି'କକ୍ (୭) ଓ ମନୀଷ ପାଣ୍ଡେ (୬)ଙ୍କୁ ଆଉଟ କରିଥିଲେ। ଇଭିନ ଲିୱିସ (୧୦)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ ଆରୋନ। ତେବେ ଦୀପକ ହୁଡା ଓ ଯୁବ ଖେଳାଳି ଆୟୁଷ ବାଦୋନୀ ୫ମ ଉଇକେଟରେ ୬୮ ବଲ୍‌ରୁ ୮୭ ରନକରି ଇନିଂସ ସମ୍ଭାଳିଥିଲେ। ୪୧ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୫୫ ରନ କରିଥିବା ହୁଡାଙ୍କୁ ଆଉଟ କରି ଗୁଜରାଟକୁ ବ୍ରେକ୍‌ଥ୍ରୁ ଦେଇଥିଲେ ତାରକା ସ୍ପିନର ରଶିଦ ଖାଁ। ସେଟ୍ ବ୍ୟାଟର ବୋଦାନୀ ନିଜ ପ୍ରଥମ ଆଇପିଏଲ୍ ମ୍ୟାଚରେ ହାସଲ କରିଥିଲେ ଅର୍ଦ୍ଧଶତକ। ସେ ୪୧ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ୫୪ ରନକରି ଶେଷ ବଲ୍‌ରେ ଆଉଟ ହୋଇଥିଲେ। କୃନାଲ ପାଣ୍ଡ୍ୟା ୧୩ ବଲ୍‌ରୁ ୨୧ (୩ ଚୌକା) ରନରେ ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ସାମି ୩ଟି ବରୁଣ ଆରୋନ ୨ଟି ଓ ରଶିଦ ଖାଁ ଗୋଟିଏ ଉଇକେଟ ନେଇଥିଲେ।

ଗୁଜରାଟ ଟାଇଟାନ୍ସ ମାତ୍ର ୧୫ ରନରେ ୨ଟି ଉଇକେଟ ହରାଇଥିଲେ ହେଁ ମାଥ୍ୟୁ ୱାଡେ ୩୦ (୨୯ ବଲ, ୪ ଚୌକା), ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୩୩ (୨୮ ବଲ, ୫ ଚୌକା, ୧ ଛକା), ଡେଭିଡ ମିଲର ୩୦(୨୧ ବଲ, ୧ ଚୌକା, ୨ ଛକା) ରନ ସଂଗ୍ରହ କରି ଦଳକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ଶେଷ ଓଭରରୁ ଟାଇଟାନ୍ସ ବିଜୟ ପାଇଁ ୧୧ ରନ ଆବଶ୍ୟକ କରୁଥିଲା। ଆଭେଶ ଖାଁଙ୍କ ପ୍ରଥମ ଦୁଇ ବଲ୍‌କୁ ଚୌକାରେ ପରିଣତ କରି ଅଭିନବ ମନୋହର ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲେ। ୪ର୍ଥ ବଲ୍‌କୁ ରାହୁଲ ଟେୱାଟିଆ ଚୌକାରେ ପରିଣତ କରି ମ୍ୟାଚର ପରିସମାପ୍ତି ଘଟାଇଥିଲେ। ବିସ୍ଫୋରକ ଇନିଂସ ଖେଳିଥିବା ଟେୱାଟିଆ ୨୪ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୪୦ ଏବଂ ଅଭିନବ ମନୋହର ୭ ବଲ୍‌ରୁ ୩ ଚୌକା ସହ ୧୫ ରନରେ ଅପରାଜିତ ରହିଥିଲେ। ଲକ୍ଷ୍ନୌ ସୁପରଜିଆଣ୍ଟସ୍ ପକ୍ଷରୁ ଦୁଷ୍ମନ୍ତ ଚାମିରା ୨ଟି ଏବଂ ଆଭେଶ ଖାଁ, କୃନାଲ ପାଣ୍ଡ୍ୟା ଓ ଦୀପକ ହୁଡା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଲକ୍ଷ୍ନୌ ଇନିଂସ୍ ଅବସରରେ ଆୟୁଷ ବାଦୋନୀ ଓ ଦୀପକ ହୁଡା।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୫୮/୬ (ଦୀପକ ହୁଡା–୫୫, ଆୟୁଷ ବାଦୋନୀ–୫୪, କୃନାଲ ପାଣ୍ଡ୍ୟା–୨୧*, ମହମ୍ମଦ ଶାମି–୩/୨୫, ବରୁଣ ଆରୋନ–୨/୪୫, ରଶିଦ ଖାଁ–୧/୨୭)। ଗୁଜରାଟ ଟାଇଟାନ୍ସ ୧୯.୪ ଓଭରରେ ୧୬୧/୫ (ରାହୁଲ ଟେୱାଟିଆ–୪୦*, ହାର୍ଦ୍ଦିକ ପାଣ୍ଡ୍ୟା–୩୩, ଡେଭିଡ ମିଲର–୩୦, ମାଥ୍ୟୁ ୱାଡେ–୩୦, ଦୁଷ୍ମନ୍ତ ଚାମିରା–୨/୨୨, କୃନାଲ ପାଣ୍ଡ୍ୟା–୧/୧୭, ଦୀପକ ହୁଡା–୧/୩୧)।

# ଦିଲ୍ଲୀକୁ ୩–୧ରେ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୨୮।୩ (କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ଜୁନିୟର ମହିଳା ହକି**

ଆନ୍ଧ୍ର ପ୍ରଦେଶର କାକିନଡ଼ାଠାରେ ଚାଲିଥିବା ୧୨ତମ ଜାତୀୟ ଜୁନିୟର ମହିଳା ହକିର ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୩–୧ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ପୁଲ୍ 'ଇ'ର ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ସୁନୀତା ଖାଖା ୧୧ ଓ ୧୭ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ମୁନମୁନି ଦାସ ୮ମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଦିଲ୍ଲୀ ପକ୍ଷରୁ ଦିବ୍ୟା ୩ୟ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ଦଳ ଏହି ମୋମେଣ୍ଟମ୍‌କୁ ବଜାୟ ରଖିପାରି ନ ଥିଲା। ଅନ୍ୟ ୪ଟି ମ୍ୟାଚରେ ହରିୟାଣା ୨୦–୦ ଗୋଲରେ ଗୋଆ, ଝାଡ଼ଖଣ୍ଡ ୧୪–୦ ଗୋଲରେ ମଣିପୁର, ମହାରାଷ୍ଟ୍ର ୧୩–୦ ଗୋଲରେ ତେଲଙ୍ଗାନା ଓ ଚଣ୍ଡିଗଡ଼ ୧୨–୨ ଗୋଲରେ ତାମିଲନାଡୁକୁ ପରାସ୍ତ କରିଛି।



ଦିଲ୍ଲୀ ବିପକ୍ଷରେ ବିଜୟୀ ଓଡ଼ିଶା ଜୁନିୟର ମହିଳା ହକି ଦଳ।

## ଭାରତୀୟ ଆର୍ଚେରୀ ଦଳରୁ ଦୀପିକା ବାଦ୍

**ସୋନିପତ, ୨୮।୩ (ପି.ଟି.):** ବିଶ୍ୱର ନମ୍ବର ୨ ଦୀପିକା କୁମାରୀ ଆଗାମୀ ଏସିଆନ ଗେମ୍ସ ପାଇଁ ଭାରତୀୟ ଆର୍ଚେରୀ ଦଳରେ ସ୍ଥାନ ପାଇନାହାନ୍ତି। ୨୦୧୦ ପରେ ପ୍ରଥମଥରପାଇଁ ଦୀପିକା ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ରବିବାର ଏଠାରେ ସାଇ ସେଣ୍ଟରରେ ଅନୁଷ୍ଠିତ ୩ ରାଉଣ୍ଡ ରବିନ ମ୍ୟାଚ ମଧ୍ୟରୁ ୨ଟିରେ ପରାଜିତ ହୋଇଥିଲେ। ଶନିବାର ୨ ପର୍ଯ୍ୟାୟ ଏଲିମିନେଶନ ପର୍ଯ୍ୟାୟରେ ମଧ୍ୟ ସେ ନୈରାଶ୍ୟଜନକ ପ୍ରଦର୍ଶନ କରି ୫ମ ସ୍ଥାନରେ ରହିଥିଲେ। ଏସିଆନ ଗେମ୍ସ ହାଙ୍ଗଝୋଉଠାରେ ସେପ୍ଟେମ୍ବର ୧୦ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ପ୍ରମୋଦ ଭୁବନେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ ସଂଘର ଉପଦେଷ୍ଟା



ପ୍ରମୋଦଙ୍କ ସହ ଭୁବନେଶ୍ୱର ବ୍ୟାଡ୍‌ମିଣ୍ଟନ ସଂଘର କର୍ମକର୍ତ୍ତା।

**ଭୁବନେଶ୍ୱର, ୨୮।୩ (କ୍ରୀଡ଼ା ପ୍ରତିନିଧି):** ପାରା ବ୍ୟାଡ୍‌ମିଣ୍ଟନରେ ୩ଥର ବିଶ୍ୱ ଚାମ୍ପିୟନ, ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ତଥା ଅର୍ଜୁନ, ଖେଳରତ୍ନ ଏବଂ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ପ୍ରମୋଦ ଭଗତ ଭୁବନେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ ସଂଘର ନୂଆ ଉପଦେଷ୍ଟା ହୋଇଛନ୍ତି। ଏଥିପାଇଁ ପ୍ରମୋଦଙ୍କୁ ସଂଘର ସଭାପତି ଚଣ୍ଡୀ ପ୍ରସାଦ ଦାସ ଓ ସାଧାରଣ ସମ୍ପାଦକ ସନ୍ତୋଷ ଚୌଧୁରୀ କୃତଜ୍ଞତା ଜଣାଇଛନ୍ତି। ପ୍ରମୋଦଙ୍କ ଦିଗ୍‌ଦର୍ଶନ ବଳରେ ଯୁବ ପିଢ଼ି ଲାଭବାନ ହେବେ ବୋଲି ସଂଘର କର୍ମକର୍ତ୍ତା ତଥା ରାଜ୍ୟ ସ୍ତରରେ ୫ ଥର ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ବିଭାସ ପରିଡା ପ୍ରକାଶ କରିଛନ୍ତି।

# ମିଷ୍ଟର ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ପ୍ରତିଯୋଗୀ ମନୋନୟନ

**ଭୁବନେଶ୍ୱର, ୨୮।୩ (କ୍ରୀଡ଼ା ପ୍ରତିନିଧି)**

ଏପ୍ରିଲ ୨ ଓ ୩ ତାରିଖ ଦୁଇଦିନଧରି ବଲାଙ୍ଗୀରଠାରେ ୧୯ତମ ରାଜ୍ୟ ସିନିୟର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା 'ମିଷ୍ଟର ଓଡ଼ିଶା' ପାଇଁ ଭୁବନେଶ୍ୱର ଜିଲା ପ୍ରତିଯୋଗୀ ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ଭୁବନେଶ୍ୱରସ୍ଥିତ ବଉଳଗଡ଼ ଜିମ୍ନାସିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଭିନ୍ନ ଜିମ୍ନାସିୟମରୁ ପାଖାପାଖି ୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୭ ଜଣ ରାଜ୍ୟ ପ୍ରତିଯୋଗୀତା ପାଇଁ ଚୟନ ହୋଇଛନ୍ତି ବୋଲି ଭୁବନେଶ୍ୱର ଜିଲା ସୁନ୍ଦରସ୍ୱାସ୍ଥ୍ୟ ସଂଘର ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରକାଶ କରିଛନ୍ତି। ଚୟନ କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ସାହୁ, ଧୀରଜ ପଣ୍ଡା, ପ୍ରଫୁଲ୍ଲ ଗୁରୁ ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବିନୋଦ ମହାରଣା, ହେମନ୍ତ କୁମାର ପଣ୍ଡା, ଜୀତେନ୍ଦ୍ର ଜେନା ସେମାନଙ୍କୁ ସହାୟତା କରିଥିଲେ। ସଂଘର ଉପଦେଷ୍ଟା ମାନସ ରଞ୍ଜନ ମହାପାତ୍ର ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।




ମିଷ୍ଟର ଓଡ଼ିଶା' ପାଇଁ ଭୁବନେଶ୍ୱର ଦଳ ଚୟନ ଅବସରରେ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# ସ୍ୱର୍ଣ୍ଣ ପଦକ ସହ ପୁନମଙ୍କ ନୂଆ ରେକର୍ଡ

**ଭୁବନେଶ୍ୱର, ୨୮।୩ (କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଇନଡୋର ହଲରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପରେ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି ଆରଏସପିବିର ପୁନମ ଯାଦବ। ସୋମବାର ୭୬ କେଜି ସିନିୟର ମହିଳା ବର୍ଗରେ ପୁନମ ସ୍ନାଚରେ ୯୯କେଜି ଉତ୍ତୋଳନ କରି ପୂର୍ବରୁ ନିଜ ନାମରେ ଥିବା ୯୮କେଜିର ରେକର୍ଡକୁ ଭଙ୍ଗ କରିଛନ୍ତି। ସେ କ୍ଲିନ ଆଣ୍ଡ ଜର୍କରେ ୧୧୫ କେଜି ସହ ମୋଟ ୨୧୪ କେଜି ଉତ୍ତୋଳନକରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ତାମିଲନାଡୁର ଆର. ଆରୋଚକିୟା ଅଲିଶ ମୋଟ ୨୦୯ କେଜିସହିତ ରୌପ୍ୟ ଏବଂ ମଣିପୁରର ସରଜୁବାଳା ଦେବୀ ମୋଟ ୧୯୬ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଜୁନିୟର ମହିଳା ୭୬ ବର୍ଗରେ ହରିୟାଣାର ଜ୍ୟୋତି ଯାଦବ ମୋଟ ୧୮୪ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ମହାରାଷ୍ଟ୍ରର ପ୍ରତୀକ୍ଷା କାଦୁ ୭୨ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ଆନ୍ଧ୍ରପ୍ରଦେଶର ପି. ଧାତ୍ରୀ ମୋଟ ୧୭୧ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୭୬ କେଜି ମହିଳା ଯୁଥ ବର୍ଗରେ ହରିୟାଣାର ଶୀତଳ ମୋଟ ୧୪୯ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପଣ୍ଡିଚେରୀର ଭି. ଦେବୀ ୧୪୮ ଏବଂ ଉତ୍ତରପ୍ରଦେଶର ଜ୍ୟୋତି ଯାଦବ ମୋଟ ୧୩୯ କେଜି ଉତ୍ତୋଳନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୯୬ କେଜି ଯୁଥ ବାଳକ ବର୍ଗରେ ପଞ୍ଜାବର ଦିବଙ୍ଗ ସିଂ ସ୍ନାଚ ରେ ୧୨୫ କେଜି ଉତ୍ତୋଳନ କରି ରେକର୍ଡ କରିଛନ୍ତି। ଏଥି ସହିତ ସେ ଏହି ବର୍ଗରେ କ୍ଲିନ ଆଣ୍ଡ ଜର୍କରେ ୧୫୪ କେଜି ଏବଂ ପରେ ୧୫୮ କେଜି ଉତ୍ତୋଳନ କରି ଦୁଇଟି ରେକର୍ଡ କରିଥିଲେ। ମୋଟରେ ମଧ୍ୟ ସେ ୨୭୯ ଏବଂ ୨୮୩ ଉତ୍ତୋଳନ କରି ଆଉ ଦୁଇଟି ରେକର୍ଡ କରିଥିଲେ। ଜୁନିୟର ପୁରୁଷ ବର୍ଗରେ ହରିୟାଣାର ଅମନ କ୍ଲିନ ଆଣ୍ଡ ଜର୍କରେ ୧୭୬ କେଜି ଉତ୍ତୋଳନ କରି ଆଜି ଅନ୍ୟ ଖେଳାଳି ମାନେ କରିଥିବା ୪ଟି ନୂଆ ରେକର୍ଡକୁ ନିଜ ନାମରେ କରିଥିଲେ। ସେହିପରି ମୋଟରେ ଅମନ ୩୦୬ କେଜି ଉତ୍ତୋଳନ କରି ଆଜି ପ୍ରତିଷ୍ଠା ହୋଇଥିବା ତିନୋଟି ନୂଆ ରେକର୍ଡ କୁ ନିଜ ନାମରେ କରିଥିଲେ। ୯୬ କେଜି ସିନିୟର ପୁରୁଷ ବର୍ଗରେ ଅରୁଣାଚଳ ପ୍ରଦେଶର ସମ୍ଭୋ ଲାପୁଙ୍ଗ ମୋଟ ୩୩୬ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ଆରଏସପିଇବିର ଆର.ଭି. ରାହୁଲ ୩୩୫ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ଏସଏସସିବିର ଜଗଦୀଶ ୩୩୩ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି। ୯୬ କେଜି ଜୁନିୟର ପୁରୁଷ ବର୍ଗରେ ହରିୟାଣାର ଅମନ ସ୍ୱର୍ଣ୍ଣ ପଦକ, ମହାରାଷ୍ଟ୍ରର ତେଜସ ଲୋଖଣ୍ଡେ ରୌପ୍ୟ ଏବଂ ଉତ୍ତରପ୍ରଦେଶର ଅନୁକୂଶ କୁମାର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୯୬ କେଜି ଯୁଥ ପୁରୁଷ ବର୍ଗରେ ପଞ୍ଜାବର ଦୀଲବାଗ ସିଂ ସ୍ୱର୍ଣ୍ଣ, ଆନ୍ଧ୍ରର ଏନ. ନରସିଂହ ନାୟକ ରୌପ୍ୟ ଏବଂ ଦିଲ୍ଲୀର ଆୟୁଷ ଭରଦ୍ୱାଜ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

No. N-78

ଓଡ଼ିଶା ସରକାର

**ଉଚ୍ଚଶିକ୍ଷା ବିଭାଗ**

**ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ୧୫୦୦୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା**

୨୦୨୦-୨୧ ଶିକ୍ଷାବର୍ଷରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଦ୍ୱାରା ପରିଚାଳିତ Annual Higher Secondary Examination, 2021, Vocational Education Examination, 2021 ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଉପଶାସ୍ତ୍ରୀ ପରୀକ୍ଷା, ୨୦୨୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ୧୫୦୦୦ ଛାତ୍ରଛାତ୍ରୀଙ୍କୁ ବିଜୁ ଯୁବ ସଶକ୍ତିକରଣ ଯୋଜନାରେ ଲାପ୍‌ଟପ୍ କିଣିବା ନିମନ୍ତେ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ।

ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କର ଏକ ତାଲିକା ଏବଂ ନୂତନ ମାର୍ଗଦର୍ଶିକା ଉଚ୍ଚଶିକ୍ଷା ବିଭାଗର ୱେବ୍‌ସାଇଟ୍ www.dhe.odisha.gov.in ଓ www.scholarship.odisha.gov.inରେ ଉପଲବ୍ଧ କରାଯାଇଅଛି। ଉକ୍ତ ଛାତ୍ରଛାତ୍ରୀମାନେ www.scholarship.odisha.gov.inରେ ନିଜର ଆଧାର ନମ୍ବର ଓ ଆଧାର ସହିତ ସଂଯୋଗ ହୋଇଥିବା ମୋବାଇଲ୍ ନମ୍ବର ମାଧ୍ୟମରେ Registration କରି ନୂତନ ମାର୍ଗଦର୍ଶିକା ଅନୁଯାୟୀ ନିଜର ବିବରଣୀ ତା୧୦.୦୪.୨୦୨୨ରିଖ ମଧ୍ୟରେ ପ୍ରଦାନ କରିବାକୁ ଅନୁରୋଧ।

ସ୍ୱା/–
ସ୍ୱତନ୍ତ୍ର ଶାସନ ସଚିବ

OIPR-11001/11/0036/2122



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ